# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୨୦/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, January 20/2021 | ★★

୧୬ଶ ଭାଗ ୩୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-






ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଧାରା ୩୭୦ ଫେରସ୍ତ ଦାବିରେ କେନ୍ଦ୍ର ବିରୋଧରେ ଗଠିତ ଗୁପକାର ମେଣ୍ଟରୁ ଓହରି ଯାଇଛନ୍ତି ପିପୁଲ୍ସ କନଫରେନ୍ସ ମୁଖ୍ୟ ସଜାଦ ଲୋନ। ଏ ନେଇ ସେ ଗୁପକାର ମେଣ୍ଟ ମୁଖ୍ୟ ଫାରୁକ୍ ଅବଦୁଲ୍ଲାଙ୍କୁ ଚିଠି ଲେଖିଛନ୍ତି। ନିକଟରେ ହୋଇଥିବା ଡିଡିସି ନିର୍ବାଚନରେ ପିପୁଲ୍ସ କନଫରେନ୍ସ ପ୍ରାର୍ଥୀଙ୍କ ବିରୋଧରେ ମେଣ୍ଟର ଅନ୍ୟ ଦଳ ଲୁକ୍କାୟିତ ଭାବେ ପ୍ରାର୍ଥୀ ଛିଡ଼ା କରାଇଥିଲେ ବୋଲି ସଜାଦ ଅଭିଯୋଗ କରିଛନ୍ତି। ଏପରି ହୋଇଥିବା ସତ୍ତ୍ୱେ କିଛି ନ ଜାଣିଲା ପରି ମେଣ୍ଟରେ ରହିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

ଠିକ୍ ୪ ବର୍ଷ ତଳେ ଆମେରିକାରେ ଆରମ୍ଭ ହୋଇଥିଲା ଟ୍ରମ୍ପ ଯୁଗ। ୨୦୧୭ ଜାନୁୟାରୀ ୨୦ରେ କ୍ୟାପିଟୋଲ ହିଲ୍‌ରେ ଲକ୍ଷ ଲକ୍ଷ ଆମେରିକୀୟଙ୍କ ଗହଣରେ ଦେଶର ୪୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ରିପବ୍ଲିକାନ୍ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପ। ବୁଧବାର ଟ୍ରମ୍ପ ବିଦାୟ ନେବାକୁ ଥିବାବେଳେ ନୂଆ ରାଷ୍ଟ୍ରପତି ଭାବେ ୭୮ ବର୍ଷୀୟ ଜୋ ବାଇଡେନ୍ ଓ ଉପରାଷ୍ଟ୍ରପତି ରୂପେ ୫୬ ବର୍ଷୀୟା କମଲା ହାରିସ୍ ଶପଥ ନେବାକୁ ଯାଉଛନ୍ତି। ଏବେ କିନ୍ତୁ ପୂର୍ବ ସ୍ଥିତି ନାହିଁ। ସମସ୍ତଙ୍କୁ ଘାରିଛି ଏକ ଅଜଣା ଆତଙ୍କ। ସବୁକିଛି ବଦଳିଯାଇଛି ସେହି ଟ୍ରମ୍ପଙ୍କ ଯୋଗୁ। ଜାନୁୟାରୀ ୬ରେ କ୍ୟାପିଟୋଲ ବିଲ୍ଡିଂ ହିଂସା ପରେ ଆମେରିକାରେ ସୃଷ୍ଟି ହୋଇଛି ଦଙ୍ଗା ଭୟ। ଏହାକୁ ଦୃଷ୍ଟିରେ ରଖି ଶପଥଗ୍ରହଣ ଉତ୍ସବସ୍ଥଳରେ ମୁତୟନ କରାଯାଇଛି ୩୫ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀଙ୍କୁ। ମୋଟାମୋଟି ଭାବେ ୱାଶିଂଟନ ଡିସିର କ୍ୟାପିଟୋଲ ହିଲ୍ ପାଲଟିଯାଇଛି ସୁରକ୍ଷା ଛାଉଣୀ। ଏହା ଭିତରେ ଶକ୍ତିଶାଳୀ ଆମେରିକାରେ ବୁଧବାର ଆରମ୍ଭ ହେବାକୁ ଯାଉଛି ନୂଆ ଯୁଗ। ଜୋ ବାଇଡେନ୍‌ଙ୍କ ଯୁଗ।



## ଜାନୁୟାରୀ ୨୦ ଶପଥ ଦିନ

ପ୍ରତି ୪ ବର୍ଷରେ ଥରେ ଜାନୁୟାରୀ ୨୦ ଆମେରିକା ଇତିହାସରେ ଯୋଡ଼େ ନୂଆ ଦିନ। ନିୟମ ଅନୁଯାୟୀ ଆମେରିକାରେ ଉକ୍ତ ତାରିଖରେ ଶପଥ ନିଅନ୍ତି ନୂଆ ରାଷ୍ଟ୍ରପତି। ୧୯୩୭ ମସିହା ପରଠାରୁ ଏଠାରେ ଏହି ନିୟମ କାର୍ଯ୍ୟକାରୀ ହୋଇଆସୁଛି। ଏହା ପୂର୍ବରୁ ମାର୍ଚ୍ଚ ୪ ତାରିଖକୁ ଶପଥ ଗ୍ରହଣ ଦିନ ଭାବେ ପାଳନ କରାଯାଉଥିଲା। ନିର୍ବାଚନରେ ବିଜୟୀ ହେବା ପରଠାରୁ ନୂଆ ରାଷ୍ଟ୍ରପତିଙ୍କୁ ତାଙ୍କ ଟିମ୍ ଚୟନ ପାଇଁ ୪ରୁ ୫ ମାସ ସମୟ ଦିଆଯାଉଥିଲା। କିନ୍ତୁ ଏହାକୁ ନେଇ ସମସ୍ୟା ଦେଖାଯାଉଥିଲା। ବିଶେଷ କରି ସେହି ୪/୫ ମାସ ମଧ୍ୟରେ ଦେଶରେ ରାଷ୍ଟ୍ରପତି କେବଳ ନାମକୁମାତ୍ର ରହୁଥିଲେ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ଏ ସବୁକୁ ଦୃଷ୍ଟିରେ ରଖି ଆମେରିକା ସମ୍ବିଧାନରେ ୨୦ତମ ସଂଶୋଧନ ଅଣାଯାଇ ଜାନୁୟାରୀ ୨୦କୁ ଶପଥ ଦିନ ଭାବେ ବଛାଯାଇଥିଲା। ଯଦି ୨୦ ତାରିଖ ରବିବାର ପଡେ, ତେବେ ଏହାର ପରଦିନ ଅର୍ଥାତ୍ ୨୧ ତାରିଖରେ ଶପଥଗ୍ରହଣ ଉତ୍ସବ ପାଳନ କରାଯାଏ।

☛ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ସୁପ୍ରିମକୋର୍ଟ ବିଚାରପତି ସୋନିଆ ସୋଟେମେୟର ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଜୋ ବାଇଡେନ୍ କ୍ୟାପିଟୋଲ୍‌ର ୱେଷ୍ଟ ଫ୍ରଣ୍ଟରେ ରାଷ୍ଟ୍ରପତି ଭାବେ ଶପଥ ନେବେ। ତାଙ୍କୁ ଶପଥପାଠ କରାଇବେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜନ୍ ରୋବର୍ଟ୍ସ। ପରମ୍ପରା ଅନୁସାରେ ଶପଥ ନେବା ପରେ ରାଷ୍ଟ୍ରପତି ପ୍ରଥମ ଭାଷଣ ଦେବେ। ଏହା ପରେ ସେ ଇଷ୍ଟ୍ ଫ୍ରଣ୍ଟକୁ ଯାଇ ସାମରିକ ପରେଡ୍‌ର ଅଭିଭାଦନ ଗ୍ରହଣ କରିବେ। ଦୀର୍ଘ ସମୟ ଧରି ଚାଲିଆସିଥିବା ଏହି ପରମ୍ପରାକୁ 'ପାସ୍ ଇନ୍ ରିଭ୍ୟୁ' କୁହାଯାଏ।



☛ଶପଥଗ୍ରହଣ ଶେଷ ହେବା ପରେ ବାଇଡେନ୍-ହାରିସ୍‌ଙ୍କ ସମେତ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା, ଜର୍ଜ ଡବ୍ଲ୍ୟୁ. ବୁଶ୍ ଏବଂ ବିଲ୍ କ୍ଲିଣ୍ଟନଙ୍କ ସହ ସେମାନଙ୍କ ଧର୍ମପତ୍ନୀମାନେ ଆର୍ଲିଂଟନ ନ୍ୟାଶନାଲ ସିମେଟେରିକୁ ଯାଇ ଅଜ୍ଞାତ ସୈନ୍ୟମାନଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଦେବେ। ପରେ ବାଇଡେନ୍‌ଙ୍କୁ ୧୫ତମ ଷ୍ଟ୍ରିଟ୍‌ରୁ ମିଲିଟାରି ଏସ୍କର୍ଟ ଦିଆଯାଇ ହ୍ୱାଇଟ୍ ହାଉସ୍‌କୁ ନିଆଯିବ। ଉତ୍ସବ ଶେଷ ହେବା ପରେ ୯୦ ମିନିଟର ଏକ ବୋନସ୍ ସେଲିବ୍ରେଶନ କରାଯିବ। ଏହା 'ସେଲିବ୍ରେଟିଂ ଆମେରିକା' ନାମରେ ପରିଚିତ।

# ଆଜିଠୁ ବାଇଡେନ୍ ଯୁଗ

**ୱାଶିଂଟନ,୧୯।୧**

୨୦୨୦ ନଭେମ୍ବର ୩। ଏହି ଦିନ ଆମେରିକାବାସୀ ବାଛିଥିଲେ ଦେଶର ନୂଆ ନେତା। କେବଳ ନୂଆ ନେତାଙ୍କୁ ବାଛି ନ ଥିଲେ, ବରଂ ସ୍ଥିର କରିଥିଲେ କରୋନା ମହାମାରୀ ସମେତ ନାନା ଗମ୍ଭୀର ସମସ୍ୟାକୁ ସାମ୍ନା କରି ଥକିପଡ଼ିଥିବା ନିଜ ଶକ୍ତିଶାଳୀ ଦେଶ ପାଇଁ ପରବର୍ତ୍ତୀ ୪ ବର୍ଷର ଭାଗ୍ୟକୁ। ମତଦାନର ୪ ଦିନ ପରେ ସ୍ପଷ୍ଟ ଜନାଦେଶ ସୂଚାଇଦେଇଥିଲା ଯେ, ଆମେରିକାରେ ଆଉ ଡୋନାଲ୍ଡ ଟ୍ରମ୍ପଙ୍କ ଏକନାୟକବାଦୀ ଓ ଉଗ୍ର ଜାତୀୟତାବାଦୀ ଶାସନ ଚାଲିବ ନାହିଁ। ଏଣିକି ତାଙ୍କୁ ଗାଦି ଛାଡ଼ିବାକୁ ପଡ଼ିବ। କିନ୍ତୁ ନଛୋଡ଼ବନ୍ଦା ଟ୍ରମ୍ପ ନିଜ ପରାଜୟକୁ ସ୍ୱୀକାର କରିପାରି ନ ଥିଲେ। ସେ ଆଇନକୁ ଢାଲ କରି ତାଙ୍କ ଡେମୋକ୍ରାଟିକ୍ ଚ୍ୟାଲେଞ୍ଜର ଜୋ ବାଇଡେନ୍‌ଙ୍କ ବିଜୟକୁ ରୋକିବାକୁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ହେଲେ ଶେଷରେ ତାଙ୍କର ସବୁ ଚାଲ୍ ଫେଲ୍ ମାରିଥିଲା। ୫୩୮ ଇଲେକ୍ଟୋରାଲ କଲେଜ ଭୋଟ ମଧ୍ୟରୁ ବାଇଡେନ୍‌ଙ୍କ ସପକ୍ଷରେ ୩୦୬ ଖଣ୍ଡ ପଡ଼ିଥିବାବେଳେ ଟ୍ରମ୍ପ ମାତ୍ର ୨୩୨ ଭୋଟରେ ସୀମିତ

## ସେନା ଛାଉଣୀରେ ଶପଥ ନେବେ ବାଇଡେନ୍-ହାରିସ୍



ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ଓ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଶପଥଗ୍ରହଣର ଅବ୍ୟବହିତ ପୂର୍ବରୁ ଉଭୟଙ୍କ ଚିତ୍ରକୁ ଶେଷସ୍ପର୍ଶ ଦେଉଛନ୍ତି ଅମୃତସରର ଚିତ୍ରଶିଳ୍ପୀ ଜଗଜୋତ୍ ସିଂ ରୁବାଲ। ଶିଳ୍ପୀ ରୁବାଲ ଏହି ଚିତ୍ରକୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ନିକଟକୁ ଉପହାର ଭାବେ ପଠାଇବାକୁ ଚାହାନ୍ତି।

ରହିଯାଇଥିଲେ। ୨୦୨୧ ଜାନୁୟାରୀ ୬ରେ ଏହି ପରିଣାମ ଉପରେ ଆମେରିକା କଂଗ୍ରେସ ମୋହର ଦେବାକୁ ଯାଉଥିବାବେଳେ କ୍ୟାପିଟୋଲ ବିଲ୍ଡିଂ ଉପରେ ହୋଇଥିଲା ସଶସ୍ତ୍ର ଆକ୍ରମଣ। ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆହତ ହୋଇଥିଲେ ଅନେକେ। ଏହି ବିଦ୍ରୋହର ନେପଥ୍ୟ ନାୟକ ସାଜିଥିଲେ ଖୋଦ୍ ଟ୍ରମ୍ପ। ଏବେ ବାଇଡେନ୍ ଓ ତାଙ୍କ ରନିଂ ମେଟ୍ କମଲା ହାରିସ୍ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଥିବାବେଳେ ସେମାନଙ୍କ ଶପଥ ଗ୍ରହଣ ଉତ୍ସବରୁ ଅନୁପସ୍ଥିତ ରହିବାକୁ ନିଷ୍ପତ୍ତି ନେଇଛନ୍ତି ମହାଭିଯୋଗରେ ଏକପ୍ରକାର ଦୋଷୀ ସାବ୍ୟସ୍ତ ହେବାକୁ ଯାଉଥିବା ୭୪ ବର୍ଷୀୟ ବିଦାୟୀ ରାଷ୍ଟ୍ରପତି ଟ୍ରମ୍ପ।

ଆମେରିକାରେ ନିର୍ବାଚିତ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବ ଜାନୁୟାରୀ ୨୦ରେ କରାଯିବା ନେଇ ପରମ୍ପରା ରହିଆସିଛି। ଏହି ପରମ୍ପରା ଅନୁସାରେ ବାଇଡେନ୍ ଦେଶର ୪୬ତମ ରାଷ୍ଟ୍ରପତି ଭାବେ ବୁଧବାର ଶପଥ ନେବାକୁ ଯାଉଛନ୍ତି। ତାଙ୍କ ସହ ପ୍ରଥମ କୃଷ୍ଣକାୟ, ଭାରତୀୟ ବଂଶୋଦ୍ଭବ ଓ ମହିଳା ଉପରାଷ୍ଟ୍ରପତି ଭାବେ ଶପଥ ନେବେ କାଲିଫର୍ନିଆ ସିନେଟର କମଲା ହାରିସ୍। ଏଥିସକାଶେ ୫୯ତମ ପ୍ରେସିଡେନ୍ସିଆଲ୍ ସେରିମନିର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏଥର ଥିମ୍ ବା ବିଷୟବସ୍ତୁ ରଖାଯାଇଛି 'ଆମେରିକା ୟୁନାଇଟେଡ୍'। ଏହି ଇଭେଣ୍ଟ ଉପରେ ସାରା ବିଶ୍ୱର ନଜର ରହିଥିଲେ ହେଁ ପୂର୍ବ ଶପଥଗ୍ରହଣ ଉତ୍ସବଗୁଡ଼ିକଠାରୁ ଏହା ଭିନ୍ନ ହେବ। କରୋନା ଭାଇରସ୍ ମହାମାରୀ ଓ କ୍ୟାପିଟୋଲ ହିଲ୍ ଦଙ୍ଗାକୁ ଦୃଷ୍ଟିରେ ରଖି ଅଧିକ ଜନ ସମାଗମକୁ ବାରଣ କରାଯାଇଛି। ମାତ୍ର ୧,୦୦୦ ଲୋକ ଏଥିରେ ଉପସ୍ଥିତ ରହିବେ। ସେମାନଙ୍କ ମଧ୍ୟରୁ ଅଧିକାଂଶ କଂଗ୍ରେସ ସଦସ୍ୟ ଓ ସେମାନଙ୍କ ଅତିଥି। ସେପଟେ ବିଦାୟୀ ରାଷ୍ଟ୍ରପତି ଇନାଗୁରାଲ ସେରିମନିରେ ଉପସ୍ଥିତ ରହିବା ପରମ୍ପରା ଥିଲେ ମଧ୍ୟ ଟ୍ରମ୍ପ ଭୋରରୁ ସହର ଛାଡ଼ି ଫ୍ଲୋରିଡା ବାସଭବନ 'ମାର-ଏ-ଲାଗୋ'କୁ ଚାଲିଯିବେ। ଭାରତୀୟ ସମୟ ରାତି ପ୍ରାୟ ୧୦ଟାରେ ହେବାକୁ ଥିବା ଶପଥ ଗ୍ରହଣର ସିଧା ପ୍ରସାରଣ ଅନେକ ଟିଭି ଚ୍ୟାନେଲରେ କରାଯିବ। ଏନେଇ ପ୍ରେସିଡେନ୍ସିଆଲ ଇନାଗୁରାଲ କମିଟି (ପିଆଇସି) ପକ୍ଷରୁ ସୂଚନା ଦିଆଯାଇଛି।

## ୫ ଲକ୍ଷ ଭାରତୀୟଙ୍କୁ ମିଳିପାରେ ଆମେରିକା ନାଗରିକତ୍ୱ

ଆମେରିକାରେ ବେଆଇନ ଭାବେ ବାସ କରୁଥିବା ୫ ଲକ୍ଷ ଭାରତୀୟଙ୍କ ପାଇଁ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ବାଇଡେନ୍ ପ୍ରଶାସନର ପ୍ରଥମ ଦିନରେ ଇମିଗ୍ରେଶନ ବିଲ୍ ଆଗତ କରାଯିବାର ଯୋଜନା ରହିଛି। ଏହା ଦ୍ୱାରା ଆମେରିକାରେ ରହୁଥିବା ପ୍ରାୟ ୧ କୋଟି ୧୦ ଲକ୍ଷ ଲୋକଙ୍କୁ ନାଗରିକତ୍ୱ ପ୍ରଦାନ କରିବାକୁ ବ୍ୟବସ୍ଥା କରାଯିବ। ସେମାନଙ୍କ ମଧ୍ୟରେ ପ୍ରାୟ ୫ ଲକ୍ଷ ଭାରତୀୟ ରହିଛନ୍ତି। ଏହି ବିଲ୍ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଠୋର ଇମିଗ୍ରେସନ ନୀତିର ବିପରୀତ ହେବ। ଟ୍ରମ୍ପଙ୍କ ଇମିଗ୍ରେସନ ନୀତି ଆମେରିକାର ମୂଲ୍ୟବୋଧ ଉପରେ ଏକ କଠୋର ଆକ୍ରମଣ ବୋଲି ବାଇଡେନ୍ ପୂର୍ବରୁ କହିଥିଲେ। ବିନା କୌଣସି ଆଇନଗତ ଉପାୟରେ ଜାନୁୟାରୀ ୨୧ ପର୍ଯ୍ୟନ୍ତ ଆମେରିକାରେ ରହୁଥିବା ଲୋକଙ୍କ ପୃଷ୍ଠଭୂମି ଯାଞ୍ଚ କରାଯିବ। ଯଦି ସେମାନେ ଟିକସ ଭରିବା ସହ ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ପୂରଣ କରିବେ, ତେବେ ସେମାନଙ୍କୁ ୫ ବର୍ଷର ଅସ୍ଥାୟୀ ରହଣି ପକ୍କା କରାଯିବା ସହ ଗ୍ରୀନ କାର୍ଡ ପ୍ରଦାନ କରାଯିବ। ଏହା ପରେ ସେମାନେ ଆଉ ୩ ବର୍ଷ ପାଇଁ ନାଗରିକତ୍ୱ ପାଇପାରିବେ ବୋଲି ବିଧେୟକ ଅଣାଯିବ। ଏଥିସହ ଭିସା ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଅଣାଯିବ ବୋଲି ବାଇଡେନ୍ ପ୍ରତିଶ୍ରୁତି ଦେଇଥିଲେ।

# ମହଙ୍ଗା ହେବ ଏମ୍‌ପିଙ୍କ ଖାଦ୍ୟ

**ନୂଆଦିଲ୍ଲୀ,୧୯।୧**

ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ଆଉ ସବ୍‌ସିଡି ଖାଦ୍ୟ ମିଳିବ ନାହିଁ। ଜାନୁୟାରୀ ୨୯ରେ ଆରମ୍ଭ ହେବାକୁ ଥିବା ଅଧିବେଶନରୁ ଏହାକୁ ବନ୍ଦ କରାଯିବ। କ୍ୟାଣ୍ଟିନକୁ ନର୍ଦ୍ଧର୍ନ ରେଲୱେଜ୍ ପରିବର୍ତ୍ତେ ଇଣ୍ଡିଆ ଭାରତ ପର୍ଯ୍ୟଟନ ବିକାଶ ନିଗମ (ଆଇଟିଡିସି) ପରିଚାଳନା କରିବ ବୋଲି ମଙ୍ଗଳବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୂଚନା ଦେଇଛନ୍ତି।

### ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ସବ୍‌ସିଡି ବନ୍ଦ

ବିର୍ଲା କହିଛନ୍ତି, ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ଗୁଡ଼ିକରେ ଏମ୍‌ପି ଓ ଅନ୍ୟମାନଙ୍କୁ ଖାଦ୍ୟରେ ମିଳୁଥିବା ରିହାତିକୁ ବନ୍ଦ କରିଦିଆଯାଇଥିବାରୁ ଏଣିକି ତାହା ମହଙ୍ଗା ହେବ। ଏହାଦ୍ୱାରା ଲୋକ ସଭା ସେକ୍ରେଟାରିଏଟ୍‌ର ବର୍ଷକୁ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଞ୍ଚିଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ବଜେଟ ଅଧିବେଶନ ପୂର୍ବରୁ ସମସ୍ତ ଏମ୍‌ପିମାନଙ୍କ ବାସଭବନ ନିକଟରେ ଆର୍‌ଟିପିସିଆର୍ ଟେଷ୍ଟ ପାଇଁ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୭-୨୮ରେ ପାର୍ଲାମେଣ୍ଟ ପରିସରରେ ମଧ୍ୟ ଏହି ପରୀକ୍ଷା କରାଯିବ। ରାଜ୍ୟ ସଭା ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଲୋକ ସଭା ଅପରାହ୍ନ ୪ଟାରୁ ରାତି ୮ଟା ଯାଏ ଚାଲିବ। ଅଧିବେଶନରେ ପୂର୍ବ ନିର୍ଦ୍ଧାରିତ ୧ ଘଣ୍ଟା ପାଇଁ ପ୍ରଶ୍ନକାଳ ଚାଲିବ ବୋଲି ବିର୍ଲା ପ୍ରକାଶ କରିଛନ୍ତି।

# ୦.୧୮%ଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା

**ନୂଆଦିଲ୍ଲୀ, ୧୯।୧**

ଭାରତରେ ଦିଆଯାଉଥିବା କରୋନା ଟିକା ସୁରକ୍ଷିତ। ଏବେ ସୁଦ୍ଧା ସାଢ଼େ ୪ ଲକ୍ଷରୁ ଅଧିକ ଲୋକଙ୍କୁ ଭାକ୍ସିନ ଦିଆଯାଇସାରିଛି। ସେମାନଙ୍କ ମଧ୍ୟରୁ ମାତ୍ର ୦.୧୮ ପ୍ରତିଶତଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ପରିଲକ୍ଷିତ ହୋଇଛି ଏବଂ ୦.୦୦୨ ପ୍ରତିଶତ ଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି। ସାରା ବିଶ୍ୱରେ ଟିକା ନେଇ ଅସୁସ୍ଥ ହୋଇଥିବା ଲୋକଙ୍କ ତୁଳନାରେ ଏହି ସଂଖ୍ୟା ବହୁତ କମ୍। ତେଣୁ ଭାରତରେ ଦିଆଯାଉଥିବା ଟିକା ସୁରକ୍ଷିତ ବୋଲି ସେ କହିଛନ୍ତି।

### ୬ ଦେଶକୁ ରପ୍ତାନୀ

ଭାରତ ବୁଧବାରଠାରୁ ୬ ପଡ଼ୋଶୀ ଓ ସହଯୋଗୀ ରାଷ୍ଟ୍ରକୁ କରୋନା ଭାକ୍ସିନ ଯୋଗାଇବ। ଭୁଟାନ, ମାଳଦ୍ୱୀପ, ବାଂଲାଦେଶ, ନେପାଳ, ମ୍ୟାନମାର ଓ ସେଚେଲ୍ସ ଆବଶ୍ୟକତା ଅନୁସାରେ ପର୍ଯ୍ୟାୟକ୍ରମେ ଟିକା ପାଇବେ ବୋଲି ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।




# ରାଜତନ୍ତ୍ର ବିରୋଧୀଙ୍କୁ ୪୩ ବର୍ଷ ଜେଲ

**ବ୍ୟାଙ୍କକକ୍, ୧୯।୧**

ରାଜତନ୍ତ୍ର ଓ ରାଜ ପରିବାରକୁ ଅପମାନିତ କରିଥିବା ଥାଇଲାଣ୍ଡର ଜଣେ ମହିଳାଙ୍କୁ ମଙ୍ଗଳବାର ୪୩ ବର୍ଷ ଜେଲଦଣ୍ଡ ହୋଇଛି। ଦେଶର ଲେଜି ମାଜେଷ୍ଟି ଆଇନ ବଳରେ କାହାକୁ ଏପରି କଠୋର ଦଣ୍ଡାଦେଶ ପ୍ରଥମ ଘଟଣା ବୋଲି କୁହାଯାଉଛି। ୬୦ ବର୍ଷୀୟା ସରକାରୀ କର୍ମଚାରୀ ଆଞ୍ଚନ ରାଜତନ୍ତ୍ର ବିରୋଧରେ ମନ୍ତବ୍ୟ ରଖି ଅଡିଓ କ୍ଲିପ ଫେସବୁକ୍ ଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ କରିଥିବା ଅଭିଯୋଗ ରହିଛି। ଏହି ଘଟଣାରେ ୨୦୧୫ରେ ତାଙ୍କୁ ଗିରଫ କରାଯାଇଥିଲା। ଜାମିନରେ ମୁକ୍ତ ହେବା ପୂର୍ବରୁ ତାଙ୍କୁ ପ୍ରଥମେ ତିନି ବର୍ଷ ପାଇଁ ପ୍ରି-ଟ୍ରାଏଲରେ ରଖାଯାଇଥିଲା। ପ୍ରଥମେ ତାଙ୍କୁ ୮୭ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା। ପରବର୍ତ୍ତୀ ଶୁଣାଣିବେଳେ ଆଞ୍ଚନ ତାଙ୍କ ଦୋଷ ମାନିଯିବାରୁ ଏହି ଦଣ୍ଡ ଅବଧି ଅଧା କରିଦିଆଯାଇଛି।



### ସୋସିଆଲ ମିଡିଆରେ ଛାଡ଼ିଥିଲେ ଅଡିଓ କ୍ଲିପ୍

ଥାଇଲାଣ୍ଡ ରାଜତନ୍ତ୍ରରେ ସଂସ୍କାର ପାଇଁ ବିକ୍ଷୋଭ ଚଳାଇଥିବା ଗଣତନ୍ତ୍ର ସମର୍ଥକ ବିରୋଧରେ ଏହି ବିବାଦୀୟ ଆଇନକୁ ବ୍ୟବହାର କରାଯାଇଛି। ୨୦୧୭ରେ ଉକ୍ତ ନିୟମ ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ୩୭ ବର୍ଷ ଜେଲଦଣ୍ଡ ହୋଇଥିଲା।

# 'ନିରପେକ୍ଷ ରହିବୁ ସବୁ ସଦସ୍ୟ'

**ନୂଆଦିଲ୍ଲୀ,୧୯।୧(ପି.ଟି.)**

କେନ୍ଦ୍ରର କୃଷି ଆଇନ ଉପରେ ସମୀକ୍ଷା କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟି ସଦସ୍ୟମାନେ ନିରପେକ୍ଷ ରହିବେ ଓ ନିଜ ବ୍ୟକ୍ତିଗତ ମତ ଉପସ୍ଥାପନ କରିବେ ନାହିଁ। ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ବେଳେ ସେମାନଙ୍କ ମତାମତକୁ ପ୍ରତିବନ୍ଧକ ସାଜିବାକୁ ଦେବେ ନାହିଁ ବୋଲି କମିଟି ସଦସ୍ୟ ଅନିଲ ଘନ୍‌ୱତ୍ ସ୍ପଷ୍ଟ କରିଛନ୍ତି। ମଙ୍ଗଳବାର ବିଶେଷଜ୍ଞ କମିଟିର ପ୍ରଥମ ବୈଠକ ବସିବା ପରେ ସେ ଏହା କହିଛନ୍ତି।

ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟ କୃଷି ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିବା ସହ ୪ ଜଣିଆ ବିଶେଷଜ୍ଞ କମିଟି ଗଠନ



ଅନିଲ ଘନ୍‌ୱତ୍

କରିଥିଲେ। ଏଥିରେ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ତଥା ଅଲ୍ ଇଣ୍ଡିଆ କିଷାନ କୋଅର୍ଡିନେଶନ କମିଟି (ଏଆଇକେସିସି) ଚେୟାରମ୍ୟାନ୍ ଏସ୍. ଭୂପିନ୍ଦର ସିଂ ମାନ୍‌ଙ୍କ ସମେତ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ଦକ୍ଷିଣ ଏସିଆ ଅନ୍ତର୍ଜାତୀୟ ଖାଦ୍ୟ

- ବିଶେଷଜ୍ଞ କମିଟିର ପ୍ରଥମ ବୈଠକ ବସିଲା
- ଆଲୋଚନା ପାଇଁ ଆସିବାକୁ ଅନୁରୋଧ କଲେ ଘନ୍‌ୱତ୍
- ଆମେ କେଉଁ ଦଳ କି ସରକାରଙ୍କ ପ୍ରତିନିଧି ନୋହୁଁ

ନୀତି ଗବେଷଣା ସଂସ୍ଥା ନିର୍ଦ୍ଦେଶ ଡକ୍ଟର ପ୍ରମୋଦ କୁମାର ଜୋଷୀ, ମହାରାଷ୍ଟ୍ରର ଶେତ୍‌କେରି ସଙ୍ଗଠନ ମୁଖ୍ୟ ଅନିଲ ଘନ୍‌ୱତ୍‌ଙ୍କୁ ରଖାଯାଇଥିଲା। ୪ ସଦସ୍ୟ କେନ୍ଦ୍ରର କୃଷି ଆଇନ ସପକ୍ଷବାଦୀ ବୋଲି ବିବାଦ ସୃଷ୍ଟି ହେବା ପରେ ଗତ ୧୪ ତାରିଖରେ ଉକ୍ତ କମିଟିରୁ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ରାଷ୍ଟ୍ରୀୟ ଅଧ୍ୟକ୍ଷ ଏସ୍. ଭୂପିନ୍ଦର ସିଂ ମାନ୍ ଓହରିଯାଇଥିଲେ। ଏହା ପରେ ଅନ୍ୟ ସଦସ୍ୟମାନଙ୍କୁ ଉକ୍ତ କମିଟିରୁ ବାହାର କରିବା ପାଇଁ ବିକେୟୁ ଲୋକ ଶକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ନୂଆଦିଲ୍ଲୀରେ ମଙ୍ଗଳବାର ଉକ୍ତ କମିଟିର ପ୍ରଥମ ବୈଠକ ବସିଛି। ବୈଠକ ପରେ ଘନ୍‌ୱତ୍ କହିଛନ୍ତି, କୃଷକ ଓ ଅନ୍ୟ ପକ୍ଷମାନଙ୍କ ସହ ଗୁରୁବାର ପ୍ରଥମ ପର୍ଯ୍ୟାୟ ଆଲୋଚନା ହେବ। କମିଟି ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଉଛି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଇ ଆଲୋଚନା ପାଇଁ ରାଜି କରାଇବା। ଏଥିଲାଗି ଆମେ ଯଥାସାଧ୍ୟ ଉଦ୍ୟମ କରିବୁ। କେନ୍ଦ୍ର ତଥା ରାଜ୍ୟ ସରକାରମାନଙ୍କ ସହ ଚାଷୀଙ୍କ ମତାମତ ଲୋଡ଼ିବୁ। ସୁପ୍ରିମକୋର୍ଟରେ ଦାଖଲ କରାଯିବାକୁ ଥିବା ରିପୋର୍ଟ ପ୍ରସ୍ତୁତ ବେଳେ କମିଟିର କୌଣସି ସଦସ୍ୟ କୃଷି ଆଇନ ଉପରେ ନିଜ ମତାମତକୁ ଏହା ଭିତରକୁ ଆଣିବେ ନାହିଁ। ଭୂପିନ୍ଦରଙ୍କ ସ୍ଥାନରେ କାହାକୁ ନିଯୁକ୍ତ କରାଯିବ ତାହା ସୁପ୍ରିମକୋର୍ଟଙ୍କ ଉପରେ ନିର୍ଭର କରେ। ଆମକୁ ଦିଆଯାଇଥିବା ଦାୟିତ୍ୱ ଆମେ ଭଲ ଭାବେ ତୁଲାଇବୁ। ଆମେ କୌଣସି ଦଳ ବା ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁନାହୁଁ। ତେଣୁ କୃଷକମାନେ କମିଟି ସହ ଆଲୋଚନା କରନ୍ତୁ ବୋଲି ଘନ୍‌ୱତ୍ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ମଙ୍ଗଳବାର କେନ୍ଦ୍ର ସରକାର ଓ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ହେବାକୁ ଥିବା ନବମ ପର୍ଯ୍ୟାୟ ଆଲୋଚନାକୁ ଗୁରୁବାର ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୨୦/୨୦୨୧ | Sambalpur, Wednesday, January 20/2021 | ପୃଷ୍ଠା-୧




### ଟେଷ୍ଟ ଦଳକୁ ଫେରିଲେ କୋହଲି
ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ମଙ୍ଗଳବାର ଘୋଷିତ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ବିରାଟ କୋହଲି। ୧୪

୧୨
### ଅଦିତିଙ୍କ ଡିଜିଟାଲ ଡେବ୍ୟୁ
ଟେଲିଭିଜନ ଅଭିନେତ୍ରୀ ଅଦିତି ଶର୍ମା ଖୁବ୍‌ଶୀଘ୍ର ଡିଜିଟାଲ ଡେବ୍ୟୁ କରିବାକୁ ଯାଉଛନ୍ତି ବୋଲି ଇନ୍‌ଷ୍ଟାରେ ଶେୟାର କରିଛନ୍ତି।





ଅଷ୍ଟ୍ରେଲିଆକୁ ମଙ୍ଗଳବାର ଟେଷ୍ଟ ସିରିଜରେ ୨-୧ରେ ହରାଇବାପରେ ବ୍ରିସ୍‌ବେନ୍‌ର ଗାବା ଗ୍ରାଉଣ୍ଡରେ ତ୍ରିରଙ୍ଗା ସହ ଭାରତୀୟ ଦଳ।

# ଭାରତର ମହାବିଜୟ

## ଗାବାରେ ଅଷ୍ଟ୍ରେଲିଆର ୩୨ ବର୍ଷ ଅପରାଜେୟରେ ବ୍ରେକ୍

**ଅଧଡଜନେରୁ ଅଧିକ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଅଷ୍ଟ୍ରେଲିଆ ମାଟିରେ ଦମ୍ ଦେଖାଇଛି ଭାରତ। ପ୍ରଥମ ଟେଷ୍ଟ ପରାଜୟଜନିତ ଚାପ ଥିଲେ ହେଁ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଯୁବ ଦଳ ୨-୧ରେ ସିରିଜ ଜିତି ଇତିହାସ ରଚିଛି। ବ୍ରିସ୍‌ବେନ୍‌ର ଗାବା ଗ୍ରାଉଣ୍ଡରେ ଦୀର୍ଘ ୩୨ ବର୍ଷ ଧରି ଅଷ୍ଟ୍ରେଲିଆ ଥିଲା ଅପରାଜେୟ। ମାତ୍ର ଏଥର ସେହି ଗାବା ଗଡ଼ରେ ଘରୋଇ ଦଳର ଅହଂକାର ଭାଙ୍ଗି ତ୍ରିରଙ୍ଗା ଉଡ଼ାଇଛି ଟିମ୍ ଇଣ୍ଡିଆ। ମଙ୍ଗଳବାର ଶେଷ ହୋଇଥିବା ଅନ୍ତିମ କ୍ରିକେଟ ଟେଷ୍ଟରେ ୩ ଉଇକେଟରେ ବିଜୟ ସହ ଭାରତ ବର୍ଡର- ଗାଭାସ୍କର ଟ୍ରଫି ବଜାୟ ରଖିଛି।**

- ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିଲା ଭାରତ
- ପନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ୍
- କ୍ରମିନ୍ସ ପ୍ଲେୟର ଅଫ୍ ଦି ସିରିଜ୍

ବ୍ରିସ୍‌ବେନ,୧୯।୧(ପି.ଟି.)

ଆହତ ସମସ୍ୟା ଯୋଗୁ ଅଧାରୁ ଅଧିକ ଖେଳାଳି ଏହି ନିର୍ଣ୍ଣାୟକ ଟେଷ୍ଟରୁ ବାଦ୍ ପଡିଥିଲେ। ଏହି ଟେଷ୍ଟ ଖେଳିଥିବା କେତେଜଣ ଖେଳାଳି ମଧ୍ୟ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ। ତେଣୁ ଭାରତ ଏକ ତୃତୀୟଶ୍ରେଣୀୟ ଦଳ ସହ ପଡିଆକୁ ଓହ୍ଲାଇଥିଲା ବୋଲି କୁହାଯାଉଥିଲା। ଏହା ସତ୍ତ୍ୱେ ଦୃଢ଼ ମନୋବଳ ଏବଂ ଏକାଗ୍ରତା ଦେଖାଇ ଅସମ୍ଭବକୁ ସମ୍ଭବରେ ପରିଣତ କଲା ଟିମ୍ ଇଣ୍ଡିଆ। ଅଷ୍ଟ୍ରେଲୀୟ ଖେଳାଳି ଓ ଦର୍ଶକଙ୍କ ଅସହିଷ୍ଣୁ ବ୍ୟବହାର ଭାରତୀୟ ଖେଳାଳିଙ୍କୁ ବିଚଳିତ କରିପାରି ନ ଥିଲା। ଅଦମ୍ୟ ସାହାସ, ଆତ୍ମବିଶ୍ୱାସ ଓ ନିର୍ଭୀକତା ଯୋଗୁ ଭାରତ ଅଷ୍ଟ୍ରେଲିଆ ମାଟିରେ କ୍ରମାଗତ ଦ୍ୱିତୀୟ ସିରିଜ ବିଜୟ ସ୍ୱାଦ ଚାଖିବା ସମ୍ଭବ ହେଲା। ଗାବାରେ ପୂର୍ବରୁ ୧୯୮୮ରେ ସାର୍ ଭିଭିଆନ ରିଚାର୍ଡ୍ସଙ୍କ ନେତୃତ୍ୱାଧୀନ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ଦଳ ଅଷ୍ଟ୍ରେଲିଆକୁ ହରାଇଥିଲା। ପରେ ଅଷ୍ଟ୍ରେଲିଆ ଏଠାରେ ଥିଲା ଅପରାଜେୟ। ମାତ୍ର ଭାରତ ଏଥର ଘରୋଇ ଦଳର ୩୧ ମ୍ୟାଚ ଅପରାଜେୟ ଧାରାରେ ପୂର୍ଣ୍ଣଚ୍ଛେଦ ପକାଇଛି। ଅଷ୍ଟ୍ରେଲିଆ ମାଟିରେ ଭାରତ ପ୍ରଥମ ଏସୀୟ ଓ ମୋଟ ଉପରେ ବିଶ୍ୱର ଚତୁର୍ଥ ଦଳ ଭାବେ କ୍ରମାଗତ ଦୁଇଟି ସିରିଜରେ ବିଜୟୀ ହେବାର ଗୌରବ ଅର୍ଜନ କରିଛି। ଅନ୍ୟପଟେ ପାକିସ୍ତାନ ଅଷ୍ଟ୍ରେଲିଆ ମାଟିରେ କ୍ରମାଗତ ୯ ଓ ଶ୍ରୀଲଙ୍କା କ୍ରମାଗତ ୭ଟି ସିରିଜରେ ପରାସ୍ତ ହୋଇଛି। ଏହାପୂର୍ବରୁ ଭାରତ ବିରାଟ କୋହଲିଙ୍କ ନେତୃତ୍ୱରେ ୨୦୧୮-୧୯ ଗସ୍ତରେ ଅଷ୍ଟ୍ରେଲିଆକୁ ଟେଷ୍ଟ ସିରିଜରେ ପରାସ୍ତ କରିଥିଲା। ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୩୬ ରନରେ ଅଲଆଉଟ ହୋଇ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିବା ବେଳେ ଚତୁର୍ଥ ଟେଷ୍ଟରେ ସବୁଠାରୁ ବଡ଼ ଟାର୍ଗେଟ ୩୨୮ ରନ ଚେଜ୍ କରିବାରେ ସଫଳ ହୋଇଛି।

ପ୍ରଥମ ଇନିଂସରେ ୩୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ☞ପୃଷ୍ଠା-୧୧

# ପ୍ରିଭେସି ଅପ୍‌ଡେଟ୍ ପ୍ରତ୍ୟାହାର କର

### ହ୍ୱାଟ୍ସଆପ୍‌କୁ ଭାରତ ସରକାରଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୯।୧

ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ପଲିସି ପରିବର୍ତ୍ତନକୁ ନେଇ ଗତ କିଛିଦିନ ହେବ ୟୁଜରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ମଙ୍ଗଳବାର ଏହି ଘଟଣାରେ ଏକ ନୂଆ ମୋଡ଼ ଦେଖିବାକୁ ମିଳିଛି। ବିବାଦୀୟ ପ୍ରିଭେସି ଅପ୍‌ଡେଟ୍ ପ୍ରତ୍ୟାହାର କରିବା ଲାଗି ଭାରତ ସରକାର ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ହ୍ୱାଟ୍ସଆପ୍ ଲାଗି ଏହା ଏକ ବଡ଼ ଝଟକା ବୋଲି କୁହାଯାଉଛି। କମ୍ପାନୀ ଘରୋଇ ବଜାର ଲାଗି ଏହି ଅପ୍‌ଡେଟ୍ ଘୋଷଣା କରିବା ପରେ ଏହାକୁ ନେଇ ଅନେକ ବିବାଦ ଲାଗି ରହିଛି। ଭାରତୀୟ ବ୍ୟବହାରକାରୀଙ୍କ ସୂଚନାର ଗୋପନୀୟତା ତଥା ଡାଟା ନିରାପତ୍ତାକୁ କମ୍ପାନୀ ସମ୍ମାନ ଦେଉ ବୋଲି ସରକାର ନିର୍ଦ୍ଦେଶରେ କହିଛନ୍ତି।

କେନ୍ଦ୍ର ସରକାର ହ୍ୱାଟ୍ସଆପ୍‌କୁ ପ୍ରଶ୍ନର ଏକ ଲମ୍ବା ତାଲିକା ପଠାଇଛନ୍ତି। ସରକାର କହିଛନ୍ତି, କମ୍ପାନୀ ୟୁରୋପ ବଜାର ଲାଗି କୋହଳ ନୀତି ଆପଣାଇଛି। ହେଲେ ଭାରତ ବଜାରରେ କାହିଁକି କଠୋର ପଲିସି ଗ୍ରହଣ କରାଯାଇଛି। ଏଭଳି କରିବା ଦ୍ୱାରା ଭାରତୀୟ ୟୁଜରଙ୍କ ଲାଗି ପକ୍ଷପାତିତା ହୋଇଛି। ଏହି ପ୍ରସଙ୍ଗକୁ ନେଇ ସରକାର ଅସନ୍ତୋଷ ପ୍ରକାଶ କରିଥିବା ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ଏକ ଜାତୀୟ ଗଣମାଧ୍ୟମକୁ କହିଛନ୍ତି। ଏହି ପ୍ରସଙ୍ଗରେ ଏକ ତ୍ୱରିତ ପଦକ୍ଷେପ ନେବାକୁ ଫେସ୍‌ବୁକ୍ ଅଧିକୃତ ଉକ୍ତ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସ୍ତାବିତ ସେବା ସଂକ୍ରାନ୍ତ ନୂଆ ସର୍ତ୍ତାବଳୀ ଏବଂ ପ୍ରିଭେସି ନୀତିକୁ ନେଇ ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ହ୍ୱାଟ୍ସଆପ୍ ସିଇଓଙ୍କୁ ଚିଠି ଲେଖାଯାଇଛି।

ଫେସ୍‌ବୁକ୍ ସହ ହ୍ୱାଟ୍ସଆପ୍ ଡାଟା ଶେୟାର ହେଲେ ☞ପୃଷ୍ଠା-୨






# ଆଜିଠୁ ପରିବର୍ତ୍ତନ

## ଶପଥ ନେବେ ବାଇଡେନ୍

ୱାଶିଂଟନ୍, ୧୯।୧

ଆମେରିକାର ୪୬ ତମ ରାଷ୍ଟ୍ରପତି ଭାବେ ବୁଧବାର ଶପଥ ଗ୍ରହଣ କରିବେ ଡେମୋକ୍ରାଟ ଜୋ ବାଇଡେନ। ତାଙ୍କ ସହ ଆମେରିକାର ପ୍ରଥମ ମହିଳା ଉପରାଷ୍ଟ୍ରପତି ଭାବେ ଭାରତୀୟ ବଂଶୋଦ୍ଭବ କମଳା ହାରିସ୍ ୪୯ ତମ ଉପରାଷ୍ଟ୍ରପତି ଭାବେ ଶପଥ ନେବେ। ଏହି ଶପଥଗ୍ରହଣ ଉତ୍ସବ ପରେ ଆମେରିକାରେ ପରିବର୍ତ୍ତନର ନୂଆ ଯୁଗ ଆରମ୍ଭ ହେବ ବୋଲି କୁହାଯାଉଛି।

ଶପଥଗ୍ରହଣ ସମାରୋହ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହାର ଥିମ ରହିଛି 'ଆମେରିକା ୟୁନାଇଟେଡ୍', ଯାହାକି ବାଇଡେନ-ହାରିସ୍ ନିର୍ବାଚନ ପ୍ରଚାରବେଳର ପ୍ରସଙ୍ଗ ଥିଲା। ଏହି କାର୍ଯ୍ୟକ୍ରମ ଉପରେ ସାରା ବିଶ୍ୱର ନଜର ରହିଛି। ଏଥିପାଇଁ କ୍ୟାପିଟୋଲ ବିଲ୍ଡିଂରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ☞ପୃଷ୍ଠା-୨

# ଚିନ୍ତା ବଢ଼ାଉଛି ତେଲ ଦର

## ପେଟ୍ରୋଲ ୨୫, ଡିଜେଲ ୨୭ ପଇସା ବଢ଼ିଲା

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୧

ଲଗାତର ଦ୍ୱିତୀୟ ଦିନ ଲାଗି ଘରୋଇ ବଜାରରେ ତେଲ ଦର ବୃଦ୍ଧି ପାଇଛି। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୫ ପଇସା ଏବଂ ଡିଜେଲ ୨୭ ପଇସା ବଢ଼ିଛି। ଫଳରେ ଏଠାରେ ଦର ଯଥାକ୍ରମେ ୮୫.୮୭ ଟଙ୍କା ଏବଂ ୮୨.୧୩ ଟଙ୍କା ରହିଛି। ଭୁବନେଶ୍ୱରର ତେଲ ଦର ଏବେ ଦିଲ୍ଲୀଠାରୁ ଉଚ୍ଚରେ ରହିଛି। ନୂଆଦିଲ୍ଲୀରେ ପ୍ରଥମଥର ଲାଗି ପେଟ୍ରୋଲ ୮୫ ଟଙ୍କା ସ୍ତର ଟପିଛି। ଏହା ସର୍ବକାଳୀନ ରେକର୍ଡ ସ୍ତର। ସେହିଭଳି ଡିଜେଲ ନୂଆ ରେକର୍ଡ ସ୍ତର ନିକଟବର୍ତ୍ତୀ ହୋଇଛି। ମଙ୍ଗଳବାର ଏଠାରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ୨୫ ପଇସା ଲେଖାଏ ବଢ଼ିଛି। ତୈଳ ବିପଣନ କମ୍ପାନୀଗୁଡିକର ସୂଚନା ମୁତାବକ, ଦିଲ୍ଲୀରେ ପେଟ୍ରୋଲ ୮୫.୨୦ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ୭୫.୩୮ ଟଙ୍କା ରହିଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୯୧.୮୦ ଟଙ୍କା ଏବଂ ଡିଜେଲ ସର୍ବକାଳୀନ ରେକର୍ଡ ୮୨.୧୩ ଟଙ୍କା ଛୁଇଁଛି। ଏଠାରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ରେକର୍ଡ ଉଚ୍ଚ ସ୍ତରରେ ରହିଛି। ସୋମବାର ମଧ୍ୟ ତେଲ ଦର ୨୫ ପଇସା ଲେଖାଏ ବଢିଥିଲା। ଜାନୁୟାରୀ ୬ ପରଠାରୁ ତେଲ ଦର ବଢି ଚାଲିଛି। ଏହା ପରଠାରୁ ପେଟ୍ରୋଲ ଲିଟର ପିଛା ଦର ୧.୪୯ ଟଙ୍କା ଏବଂ ☞ପୃଷ୍ଠା-୨






**ଆଜିର ସମ୍ପାଦକୀୟ**
ମହାନତା କ୍ଷୁଣ୍ଣ

# ଟ୍ରକ୍ ମାଡ଼ିଗଲା: ୧୫ ଶ୍ରମିକ ମୃତ



- ଫୁଟ୍‌ପାଥରେ ଶୋଇଥିଲେ ୧୮
- ୩ ଗୁରୁତର ହସ୍ପିଟାଲରେ ଭର୍ତ୍ତି

ସୁରଟ, ୧୯।୧

ଫୁଟ୍‌ପାଥରେ ଶୋଇଥିବାବେଳେ ଟ୍ରକ୍ ମାଡ଼ିଯିବାରୁ ୧୫ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗୁଜରାଟ ସୁରଟ ଜିଲାର କୋଶମ୍ବା ସହରରେ ମଙ୍ଗଳବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ସମସ୍ତ ଶ୍ରମିକ ରାଜସ୍ଥାନର ବୋଲି ଜଣାପଡିଛି। ଫୁଟ୍‌ପାଥ୍‌ରେ ୧୮ ଜଣ ବିଶ୍ରାମ ନେଉଥିବାବେଳେ ସେମାନଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଆଉ ୨ ଜଣ ପ୍ରାଣ ହରାଇଛନ୍ତି।

ସୂଚନା ଅନୁଯାୟୀ, ଏକ ଆଖୁ ବୋଝେଇ ଟ୍ରାକ୍ଟରକୁ ପ୍ରଥମେ ଟ୍ରକ୍‌ଟି ଧକ୍କା ଦେଇଥିଲା। ପରେ ନିୟନ୍ତ୍ରଣ ହରାଇ ଟ୍ରକ୍ ରାସ୍ତାକଡ଼କୁ ମାଡ଼ି ଯାଇଥିଲା। ଘଟଣାରେ ☞ପୃଷ୍ଠା-୨

# 'କୃଷିକୁ ଧ୍ୱଂସ କରିବ କେନ୍ଦ୍ରର ଆଇନ'

- କେନ୍ଦ୍ରକୁ ଘେରିଲା କଂଗ୍ରେସ
- ଜବାବ ରଖିଲେ ଭାଜପା ଅଧ୍ୟକ୍ଷ
- ରାହୁଲ ପଚାରିଲେ ନଡ୍ଡା କିଏ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ରଣଦୀପ ସୁର୍ଜେୱାଲା।

ନୂଆଦିଲ୍ଲୀ,୧୯।୧

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ଦେଶରେ କୃଷି କ୍ଷେତ୍ରକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ। ଏହାକୁ ପ୍ରତ୍ୟାହାର କରାଗଲେ ହିଁ କୃଷକମାନଙ୍କ ସମସ୍ୟାର ସମାଧାନ ହେବ ବୋଲି ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

୩ କୃଷି ଆଇନ ପରିପ୍ରେକ୍ଷୀରେ ଚାଷୀଙ୍କ ଦୁର୍ଦ୍ଦଶା ସମ୍ପର୍କିତ ଏକ ବୁକ୍‌ଲେଟ୍ ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଦଳ ପକ୍ଷରୁ ଉନ୍ମୋଚିତ ହୋଇଛି। ଖବରଦାତା ସମ୍ମିଳନୀରେ ଏହାକୁ ଉନ୍ମୋଚନ କରି ରାହୁଲ କହିଛନ୍ତି, କୃଷି ଆଇନ ଯୋଗୁ ସମଗ୍ର କୃଷି କ୍ଷେତ୍ର ୩ରୁ ୪ ପୁଞ୍ଜିପତିଙ୍କ ହାତକୁ ଚାଲିଯିବ। ଆନ୍ଦୋଳନରତ ଚାଷୀମାନେ ଆମ ପାଇଁ ଲଢ଼େଇ କରୁଥିବାରୁ ଭାରତର ପ୍ରତ୍ୟେକ ବ୍ୟକ୍ତି କୃଷକମାନଙ୍କୁ ସମର୍ଥନ କରିବା ଉଚିତ। କୃଷି ଆଇନ ପ୍ରତ୍ୟାହାରରେ ହିଁ ସମସ୍ୟାର ସମାଧାନ ସମ୍ଭବ। ଏହି ଅବସରରେ ରାହୁଲ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ତାଙ୍କ ☞ପୃଷ୍ଠା-୨

## ଅର୍ଣ୍ଣବଙ୍କ ପ୍ରସଙ୍ଗରେ ମୋଦି ନୀରବ କାହିଁକି

ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ ଏବଂ ଟେଲିଭିଜନ ରେଟିଂ ସଂସ୍ଥା ବ୍ରଡ୍‌କାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନ୍‌ସିଲ୍ (ବିଏଆର୍‌ସି)ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପାର୍ଥ ଦାସଗୁପ୍ତାଙ୍କ ହ୍ୱାଟ୍ସଆପ୍ ଚାଟିଂର ସ୍କ୍ରିନ୍‌ଶଟ୍ ସୋସିଆଲ ମିଡିଆରେ ଲିକ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇଛନ୍ତି। ରାହୁଲ କହିଛନ୍ତି, ଅଫିସିଆଲ୍ ସିକ୍ରେଟ୍ ଆକ୍ଟ (ଓଏସ୍ଏ) ଅଧୀନରେ ସୂଚନା ଶେୟାର କରିବା ଏକ ଆପରାଧିକ କାର୍ଯ୍ୟ। ଏପରି ସୂଚନା ପ୍ରଦାନକାରୀ ଓ ଗ୍ରହଣକାରୀଙ୍କୁ ଜେଲ୍‌କୁ ପଠାଯିବା ଉଚିତ। ପ୍ରକାଶ ଯେ, ବାଲାକୋଟ ଏୟାର ଷ୍ଟ୍ରାଇକ୍‌ର ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଭାଜପା ମାଓବାଦୀଙ୍କଠାରୁ ମଧ୍ୟ ବିପଜ୍ଜନକ। ଯେଉଁମାନେ ଏହି ଦଳରେ ଯୋଗଦେବାକୁ ଚାହୁଁଛନ୍ତି ସେମାନେ ଯାଆନ୍ତୁ।"

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ............................



ଶ୍ରୀଜିତ୍
ପରିବାରବର୍ଗ



ଶିବମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶ୍ରୀମନ୍ଦିର କର୍ପସ ପାଣ୍ଠିରେ ଟଙ୍କା ଜମା ପାଇଁ ୨୧ରେ ଟେଣ୍ଡର

**ପୁରୀ ଅଫିସ,୧୯।୧**



ଶ୍ରୀମନ୍ଦିର କର୍ପସ ପାଣ୍ଠିରେ ୧୧ କୋଟି ଟଙ୍କା ସ୍ଥାୟୀ ଜମା ରଖିବା ପାଇଁ ଟେଣ୍ଡର ଡକାଯିବ। ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବେ। ଆସନ୍ତା ୨୧ ତାରିଖରେ ଟେଣ୍ଡର ଡକାଯିବ। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ସୂଚନା ଦେଇଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ଅଧିକ ସୁଧ ହାର ଦେବା ପାଇଁ ରାଜି ଥିବା ବ୍ୟାଙ୍କକୁ ଟେଣ୍ଡର ଦେବ ବୋଲି ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷର କର୍ପସ ଫଣ୍ଡରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ନିର୍ମାଣ ପାଇଁ ଦିଆଯାଇଥିବା ଜମି ବାବଦକୁ ୨ କୋଟି ଟଙ୍କା ମିଳିଥିବା ସୂଚନା ରହିଛି। ପୂର୍ବରୁ ୟେସ୍ ବ୍ୟାଙ୍କରୁ ଆସିଥିବା ୫୯୨ କୋଟି ଟଙ୍କାରୁ ହୁଣ୍ଡି ଆଦାୟ ବାବଦକୁ ୧୦୨ କୋଟି ୧୭ ଲକ୍ଷ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ କର୍ପସ ପାଣ୍ଠି ବାବଦକୁ ୨୫୯ କୋଟି ୧୮ ଲକ୍ଷ ଟଙ୍କା ବ୍ୟାଙ୍କ ଅଫ୍ ବରୋଦା ଓ ୟୁନିୟନ ବ୍ୟାଙ୍କରେ ଜମା ରହିଛି। ସେହିପରି ଶ୍ରୀମନ୍ଦିର ପାଣ୍ଠି ବାବଦକୁ ବରୋଦା ଓ ୟୁନିୟନ ବ୍ୟାଙ୍କରେ ୨୩୧ କୋଟି ୩୧ ଲକ୍ଷ ଟଙ୍କା ମଧ୍ୟ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀଜଗନ୍ନାଥ ଜମି ବିକ୍ରି ବାବଦ ମିଳିଥିବା ସମସ୍ତ ଟଙ୍କା କର୍ପସ ପାଣ୍ଠିରେ ଜମା କରାଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାନ୍ଧଣା ବଡ଼ ଗଞ୍ଜଣା ,**
**ଧାନକଟା ବଡ଼ ଦୁଃଖ ;**
**ଯାଉଣୁ ଆସୁଣୁ ମୁହଁ ଚାହାଁଚାହିଁ ,**
**ପାଣି ଅଣା ବଡ଼ ସୁଖ।**

ରାନ୍ଧିବା ଏକ କଳା। ରାନ୍ଧିବା ବେଳେ ସଠିକ ଭାଗମାପ ନ ରହିଲେ ଖାଦ୍ୟ ଭଲ ପ୍ରସ୍ତୁତ ହୋଇପାରି ନ ଥାଏ, ତେଣୁ ରାନ୍ଧିଲା ବେଳେ ସତର୍କ ଦୃଷ୍ଟି ରଖିବାକୁ ପଡିଥାଏ। ସେହିପରି ଧାନ କାଟିବାରେ ଅନେକ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ, ଯାହାକି ପାଣି ବୋହିବାରେ ନ ଥାଏ। ସାଧାରଣତଃ ଝିଅ ବୋହୂମାନେ ପାଣି ବୋହିଲା ବେଳେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ବାଟ ଚାଲିଥାନ୍ତି। ଏପରି ମନର ଭାବ ଆଦାନ ପ୍ରଦାନ କରିବା ଭିତରେ ପାଣି ବୋହିବାର ଶ୍ରମ କିଛିଟା ଲାଘବ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ରୁଚୁ ନ ରୁଚୁ ଖାଇବ ପିଠା,**
**ବୁଝ୍ ବା ନ ବୁଝ୍ ଗାଇବ ଗୀତା।**

ପାଟିକୁ ଭଲ ଲାଗୁ କି ନ ଲାଗୁ ପିଠା ଖାଇବା ଉଚିତ। କାରଣ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ହୋଇଥାଏ। ସେହିପରି ଆତ୍ମାର ସଦଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ। ପିଠା ଏବଂ ଗୀତା ଦୁହେଁ ଶରୀର ଓ ମନ ପାଇଁ ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରିଭେସି ଅପ୍‌ଡେଟ୍...

ପ୍ରଥମ ପୃଷ୍ଠାରୁ...

ଭାରତୀୟ ୟୁଜରଙ୍କ ନିରାପତ୍ତା ବିପନ୍ନ ହେବ ବୋଲି ସରକାର ଚିଠିରେ ଉଲ୍ଲେଖ କରିଥିବା ଅଧିକାରୀ ଜଣକ କହିଛନ୍ତି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଅନାୟାସରେ ବିଭିନ୍ନ ସୂଚନା ଏହା ଦ୍ୱାରା ଶେୟାର ହୋଇପାରିବ। ସୂଚନାଯୋଗ୍ୟ, ହ୍ୱାଟ୍ସଆପ୍‌ର ନୂଆ ଅପ୍‌ଡେଟ ଗ୍ରହଣ କଲେ ଗ୍ରାହକ ସମ୍ପୂର୍ଣ୍ଣ ସେବା ଲାଭ କରିପାରିବେ। ନଚେତ୍ ତୁରନ୍ତ ପ୍ଲାଟଫର୍ମ ଛାଡିବାକୁ ପଡିବ ବୋଲି ହ୍ୱାଟ୍ସଆପ୍ ପକ୍ଷରୁ କୁହାଯାଇଛି। କମ୍ପାନୀର ଏଭଳି ପ୍ରସ୍ତାବକୁ ମଧ୍ୟ ସରକାର ନାପସନ୍ଦ କରିଛନ୍ତି। ଏଭଳି ଏକ ଅପ୍‌ଡେଟ ଭାରତୀୟ ଗ୍ରାହକଙ୍କଠାରୁ ପସନ୍ଦ କରିବା ବିକଳ୍ପକୁ ଛଡ଼ାଇ ନେଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। କମ୍ପାନୀ ୟୁରୋପ ଏବଂ ଭାରତ ବଜାର ଲାଗି ଭିନ୍ନ ନୀତି ଆପଣାଇଛି। ଏହାଦ୍ୱାରା ଭାରତୀୟ ନାଗରିକଙ୍କ ଅଧିକାର ଏବଂ ସ୍ୱାର୍ଥକୁ କମ୍ପାନୀ ସମ୍ମାନ ଜଣାଉ ନ ଥିବାରୁ ସରକାର ଚିନ୍ତା ପ୍ରକଟ କରୁଥିବା ଅଧିକାରୀ ଜଣକ କହିଛନ୍ତି।

## ଆଜିଠୁ...

କରୋନା ମହାମାରୀରେ ସର୍ବାଧିକ ପ୍ରଭାବିତ ସହ ନିକଟରେ କ୍ୟାପିଟୋଲ ହିଂସାକାଣ୍ଡ ଘଟଣାରେ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ଥିବା ଆମେରିକାରେ ଏହି ଉତ୍ସବ ନିଆରା ହେବାକୁ ଯାଉଛି। ସବୁଥର ଭଳି ଏଥର ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକେ ଯୋଗ ଦେବେନାହିଁ ବୋଲି ସ୍ଥିର ହୋଇଛି। କେବଳ କଂଗ୍ରେସ ସଦସ୍ୟ ଏବଂ କେତେଜଣ ଅତିଥିଙ୍କୁ ମିଶାଇ ପ୍ରାୟ ୧ ହଜାର ଲୋକ ଉପସ୍ଥିତ ରହିବେ। ସ୍ଥାନୀୟ ସମୟ ସକାଳ ୧୦ଟା (ଭାରତୀୟ ସମୟ ସନ୍ଧ୍ୟା ୮.୩୦)ରେ ରାଷ୍ଟ୍ରପତି ଉଦ୍‌ଘାଟନୀ କମିଟି (ପିଆଇସି) ପକ୍ଷରୁ ଉତ୍ସବରେ ଉପସ୍ଥାପନା ଆରମ୍ଭ ହେବ। ଶପଥଗ୍ରହଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ। ସ୍ଥାନୀୟ ସମୟ ପୂର୍ବାହ୍ନ ପ୍ରାୟ ୧୧ଟା ୩୦(ଭାରତ ସମୟ ରାତି ୧୦ଟା)ରେ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମ ଆରମ୍ଭ ହେବ। ନିର୍ବାଚିତ ଉପ-ରାଷ୍ଟ୍ରପତି ହାରିସ୍‌ଙ୍କୁ ସୁପ୍ରିମକୋର୍ଟର ଜଷ୍ଟିସ ସୋନିଆ ସୋଟୋମାୟୋର ଶପଥପାଠ କରାଇପାରନ୍ତି। ପରମ୍ପରା ଅନୁଯାୟୀ ପ୍ରଧାନ ବିଚାରପତି ଜନ୍ ରୋବର୍ଟଙ୍କ ଦ୍ୱାରା ବାଇଡେନ ଶପଥ ନେବେ। ଏହା ପରେ ବାଇଡେନ ତାଙ୍କ ବକ୍ତବ୍ୟ ରଖିବେ। ୨୦୨୦ ନଭେମ୍ବର ୩ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଇଡେନ ବିଦାୟୀ ରାଷ୍ଟ୍ରପତି ରିପବ୍ଲିକାନ ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇ ବିପୁଳ ବିଜୟ ଲାଭ କରିଥିଲେ।

## ଟ୍ରକ୍ ମାଡ଼ିଗଲା:...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରତି ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରାଯାଇଛି। ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ଗେହଲଟ୍ କହିଛନ୍ତି।

## ଚିନ୍ତା ବଢ଼ାଉଛି...

ଡିଜେଲ ୧.୫୧ ଟଙ୍କା ବଢ଼ିଛି। ଭାରତ ସମେତ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ କରୋନା ଭାକ୍ସିନ ଦିଆଯାଉଥିବା ବେଳେ ତେଲ ଚାହିଦା ପୁଣି ଥରେ ଫେରିବା ଆଶାରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଛି। ତେଲ ଉତ୍ପାଦନ କମିବା ଯୋଗୁ ବଜାରରେ ଚାହିଦା ଏବଂ ଯୋଗାଣ ମଧ୍ୟରେ ଅସମତୁଲତା ଦେଖାଯାଇଥିବା କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାରତ ଏହାର ମୋଟ ତୈଳ ଚାହିଦାର ୮୦% ବିଦେଶରୁ ଆମଦାନୀ କରୁଛି। ଏହା ସବୁଠାରୁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। କରୋନା ମହାମାରୀ ଯୋଗୁ ତେଲ ଉତ୍ପାଦନ କରୁଥିବା ଦେଶଗୁଡିକ ଉତ୍ପାଦନ ବନ୍ଦ କିମ୍ବା କମାଇଥିଲେ। ମାତ୍ର ବର୍ତ୍ତମାନ ଯୋଗାଣ ଏବଂ ଚାହିଦାରେ ଅସମତୁଲତା ଦେଖାଯାଇଥିବା ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨୦୨୦ ଅକ୍ଟୋବର ୪ରେ ତେଲ ଦର ରେକର୍ଡ ଉଚ୍ଚ ସ୍ତରରେ ରହିଥିଲା। ଏହା ପରେ ସରକାର ତେଲ ଉପରେ ୧.୫୦ ଟଙ୍କାର ଉତ୍ପାଦ ଟିକସ କମାଇଥିଲେ। ଫଳରେ ଖାଉଟିଙ୍କୁ ଏହା ଦ୍ୱାରା କିଛିଟା ଆଶ୍ୱସ୍ତି ମିଳିଥିଲା। ପରେ ପରେ ତୈଳ ବିପଣନ କମ୍ପାନୀ ମଧ୍ୟ ୧ ଟଙ୍କା ଦର କମାଇଥିଲେ। ମାତ୍ର ଏବେ ଖାଉଟିଙ୍କୁ ଆଶ୍ୱସ୍ତି ମିଳିବା ଭଳି ସ୍ଥିତି ଦେଖିବାକୁ ମିଳୁନାହିଁ। କାରଣ ସରକାର ଟିକସ କମାଇବା ଭଳି ସ୍ଥିତିରେ ନାହାନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଏବଂ ବିଦେଶୀ ବିନିମୟ ମୂଲ୍ୟକୁ ନେଇ କମ୍ପାନୀଗୁଡିକ ଇନ୍ଧନ ଦର ବଢ଼ାଉଛନ୍ତି। ଏହାବାଦ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ବୃହତ୍ ପରିମାଣର ଟିକସ ଯୋଗୁ ତେଲ ଦର ଖସୁନାହିଁ।

## 'କୃଷିକୁ ଧ୍ୱଂସ...

ଟୁଇଟ୍‌କୁ ନେଇ ଟାର୍ଗେଟ କରି କହିଥିଲେ, ଧ୍ୟାନ ହଟାଇବା ପାଇଁ ଏହା ଏକ ଉଦ୍ୟମ। କୃଷକମାନେ ଜାଣିଛନ୍ତି ଯେ ସେମାନଙ୍କ ସହ ଜମି ଅଧିଗ୍ରହଣ ପ୍ରସଙ୍ଗରେ ନଡ୍ଡା ନୁହନ୍ତି, ମୁଁ ରହିଥିଲି। ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କି ଆଉ କାହାକୁ ଭୟ କରୁନାହିଁ। ସେମାନେ ମୋତେ ଗୁଳି କରିପାରିବେ କିନ୍ତୁ ଛୁଇଁବା ସମ୍ଭବ ନୁହେଁ। ଏହି ଅବସରରେ ରାହୁଲ ଅରୁଣାଚଳ ପ୍ରଦେଶରେ ଚାଇନା ଏକ ଗାଁ ବସାଇବା ଓ କୋଭିଡ୍-୧୯ ମୁକାବିଲାରେ ସରକାରଙ୍କ ବିଫଳତା ସମେତ ଅନ୍ୟ କେତେକ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ମୁଁ ଦେଶକୁ ତଳକୁ ନଇଁବାକୁ ଦେବିନାହିଁ ବୋଲି ସେ ଟୁଇଟ୍ କରିବା ସହ ସେଥିରେ 'ଚାଇନା ଗ୍ରାମ' ସମ୍ପର୍କିତ ଏକ ରିପୋର୍ଟକୁ ସଂଲଗ୍ନ କରିଥିଲେ। ଏହାର ଜବାବରେ ନଡ୍ଡା କହିଥିଲେ, ବିଦେଶରେ ମାସିକିଆ ଛୁଟି କାଟି ଏବେ ଫେରିଥିବା ରାହୁଲଙ୍କ ସମେତ ତାଙ୍କ ପରିବାର ଓ କଂଗ୍ରେସ ଚାଇନା ଉପରେ ମିଛ କହିବା କେବେ ବନ୍ଦ କରିବ। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଚାଇନାକୁ ହଜାର ହଜାର କି.ମି. ଛାଡ଼ିଦେଇଥିଲେ। ଏକଥା କ'ଣ ସେମାନେ ଅସ୍ୱୀକାର କରିପାରିବେ? କଂଗ୍ରେସ ଅନେକ ଥର ଚାଇନା ଆଗରେ କାହିଁ ଆତ୍ମସମର୍ପଣ କରିଥିଲା ବୋଲି ନଡ୍ଡା ଟୁଇଟରରେ ପ୍ରଶ୍ନ କରିଛନ୍ତି। ଚାଷୀମାନେ କଂଗ୍ରେସ ସରକାର ଅମଳରେ ଦଶନ୍ଧି ଧରି କାହିଁକି ଗରିବ ହୋଇ ରହିଥିଲେ? ସେମାନେ କେବଳ ବିରୋଧୀ ଦଳରେ ରହିଲେ ଚାଷୀଙ୍କ ପ୍ରତି ସହାନୁଭୂତି ଦେଖାଉଛନ୍ତି। ଚାଇନା ସହ କଂଗ୍ରେସ ଦଳ ସ୍ୱାକ୍ଷର କରିଥିବା ଚୁକ୍ତିନାମାକୁ ରାହୁଲ ରଦ୍ଦ କରିବେ କି ବୋଲି ନଡ୍ଡା ପ୍ରଶ୍ନ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ନଡ୍ଡା କିଏ? ସେ ମୋ ପ୍ରଫେସର କି? ମୁଁ ତାଙ୍କ ପ୍ରଶ୍ନର ଉତ୍ତର କାହିଁକି ଦେବି?

## ଅର୍ଣ୍ଣବଙ୍କ ପ୍ରସଙ୍ଗରେ...

ଦୁଇତିନି ଦିନ ପୂର୍ବରୁ ଅର୍ଣ୍ଣବ ଓ ପାର୍ଥ ଦାସଗୁପ୍ତା ଏନେଇ ଚାଟିଂ କରିଥିଲେ ବୋଲି ଜଣାପଡ଼ିଛି। ସେହିପରି ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ମଧ୍ୟ ଚାଟିଂ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ପର୍କରେ ଏକାଧିକ ଥର ଉଲ୍ଲେଖ କରାଯାଇଥିବାରୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଟିଆର୍‌ପି ଦୁର୍ନୀତି ମାମଲାରେ ମୁମ୍ବାଇ ପୋଲିସ ଦାଖଲ କରିଥିବା ୩,୬୦୦ ପୃଷ୍ଠାର ଅତିରିକ୍ତ ଚାର୍ଜଶିଟ୍‌ରେ ହ୍ୱାଟ୍ସଆପ୍ ଚାଟିଂ ସମ୍ପର୍କରେ ଉଲ୍ଲେଖ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲ କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ ଓ ଛୋଟ ଦୋକାନ କାରବାରରୁ ଭଲ ଫଳ ମିଳି ନ ପାରେ। କିନ୍ତୁ ଆନୁଷ୍ଠାନିକ କାମରେ ଦୃଢ଼ ପଦକ୍ଷେପ ନେଇପାରନ୍ତି। ଅଫିସ୍‌ରେ ଆଲୋଚନା ପରିସରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବୃଷ** – ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରସ୍ପରିକ ଆଲୋଚନା କ୍ରମେ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ପରାମର୍ଶରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ** – ନିଜ ଲୋକଙ୍କ ସାହାଯ୍ୟରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ଗସ୍ତକାଳରେ ଅନ୍ୟମନସ୍କହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** – ପର କଥାରେ ଭୁଲ୍ ମାର୍ଗ ଅନୁସରଣ କରି ଅପଦସ୍ଥ ହେବେ। ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟା କରି କେତେକାଂଶରେ ଉପକୃତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହେବ।

**ସିଂହ** – ପାରିବାରିକ କ୍ଷେତ୍ରରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସଙ୍ଗକୁ ମତାନ୍ତର ଦେଖା ଦେଇପାରେ। ମିତ୍ର କେହି ଛଳନା କରି ଦୂରେଇ ଯାଇପାରନ୍ତି।

**କନ୍ୟା** – ଆଜି ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ ହେବା କାରଣରୁ ଖୁସି ରହିବେ। ବାଣିଜ୍ୟ, ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। କଠିନ ପରିଶ୍ରମଜନିତ ଆକସ୍ମିକ ଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଅସୁବିଧାଜନକ ସ୍ଥିତିରୁ ମଧ୍ୟ ମୁକୁଳିଯିବେ।

**ତୁଳା** – ଘରୋଇ ସମସ୍ୟା ସମାଧାନ ହୋଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଚାକିରି କ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସତ୍‌ସଙ୍ଗ କିମ୍ବା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିୟୋଜିତ ହୋଇ ଖୁସି ହେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ।

**ବିଛା** – ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅବସାଦ ଲାଗି ରହିପାରେ। ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଜ୍ୟେଷ୍ଠା ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନିର୍ଭିକତା ଓ ସତ୍ୟ ଭାଷଣରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ।

**ଧନୁ** – ଅଚାନକ ଭାବରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ; ଯାହା କି ଆପଣଙ୍କ କାମ ସୁବିଧାରେ ହୋଇଯିବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢିପାରେ।

**ମକର** – କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭ କରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ପରିଶ୍ରମର ପାରିଶ୍ରମିକ ପାଇବେ, ଏଥି ସକାଶେ କଳହ କରିବାକୁ ପଡିପାରେ। ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ଅନ୍ୟମନସ୍କ ରହିବା କାରଣରୁ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ** – ମାନସିକ ସ୍ଥିତି ଯାହା ଥାଉନା କାହିଁକି ଅନ୍ୟମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିର୍ମାଣ କାମ ଧିମେଇ ଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ବ୍ୟବସାୟିକ ସଫଳତା ଅବଶ୍ୟ ମିଳିବ ତଥାପି ସଂକଟଜନକ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରି ପାରିବ ନାହିଁ।

**ମୀନ** – ଆଜି ଦିନଟିରେ ଯାହା କହିବେ କିମ୍ବା କରିବେ ତାହା ଆପଣଙ୍କ ବିପକ୍ଷରେ ଯାଇପାରେ। ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଜଣେ କାମରେ ଅସହଯୋଗ କରିପାରେ। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ କିମ୍ବା ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ। ପରିବାରରେ ଛୋଟ କଥାରେ କଳହ ଲାଗିବାର ସମ୍ଭାବନା ରହିଛି।

ଆଜି ପୌଷ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ଜାନୁୟାରୀ ୨୦ ତାରିଖ, ଦଶମ ଶିଖ୍ ଗୁରୁ ଗୋବିନ୍ଦସିଂହଙ୍କ ଜୟନ୍ତୀ। ଦିବା ଘ.୧୨.୩୬ମି. ଗତେ ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଧନୁ ଓ ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର। ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୩୫ମି. ମଧ୍ୟେ, ଘ.୦୩.୧୬ମି. ଗତେ ଘ.୦୪.୪୪ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୧.୪୭ମି. ଗତେ ଘ.୦୩.୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୫୭ମି. ଗତେ ଘ.୦୩.୨୦ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302





**BRIDE WANTED**

Handsome boy 42 Agriculture, business, caste no bar. "SUHAG". 7978399083, 6370269381. D-69474

**Groom Karan 34yrs, 5'6", fair, Co.Secretary completed, now in job Bharat Electronics, Bangalore (Central Govt.), 12lakhs pa, matching bride required fair, height 5'3", Software, Banking, highly qualified preferred. Contact: 8895605671, 9938679679.** D-69470

36, 5'6" Brahmin BE Mechanical groom working as Deputy Manager in reputed automobile company require professional, beautiful bride. Contact: 9437560347/ 9861022788. D-19651

**GROOM WANTED**

କ୍ଷତ୍ରିୟ M.Sc. 32 year 5'3" ବୃଷ bank (PSU) Manager BBSR ଅବସ୍ଥାପିତ କନ୍ୟାଙ୍କ ପାଇଁ ସରକାରୀ ସମକକ୍ଷ ଚାକିରିଆ ପାତ୍ର ଆବଶ୍ୟକ। ଯୋଗାଯୋଗ: 9938384436. D-19612

Beautiful Bihari (Khetriya) girl 1983/ 5'4", B.Tech Software Engineer Bangalore, 18lakhs require professional, caste no bar. 7205309255, 7749883585. D-69366





**SALE**

Few plots available @99/ sqft.(Spot Registration and Possession ) at Trahiachuta Asram, 9km. from Balakati Bazar, 17km. from Bhubaneswar Railway Station (Blacktop Roadside Best Option for quick Return) WhatsApp- 9437622363. Call- 7653994600. D-69678

ରବିଟକିଜ ଛକରୁ 6 କିଲୋମିଟର ଦୂର ଶହୀଦନଗର ଥାନା ଅଧୀନ ବଙ୍କୁଆଳ ମୌଜାରେ ରାସ୍ତା, ଇଲେକ୍ଟ୍ରିକ ସୁବିଧାଥାଇ ଘରବାରି ପ୍ଲଟ୍ ପାଚେରି ସହ ବର୍ଗଫୁଟକୁ ମାତ୍ର 1300/- ଟଙ୍କା। ଯୋଗାଯୋଗ: 9438109040, 8144658008. D-19649

ଭୁବନେଶ୍ୱର New Rly Station ପାଖରେ 30ft road yellowzone plot sqft.- 500/- first possession/ registration. 6371406921. D-69363

**ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952.** D-70154

Developed ଘରବାରି ପ୍ଲଟ୍ କେସୁରା ଛକରୁ 3କି.ମି. ମଧ୍ୟରେ କିଣନ୍ତୁ। 7008492511. D-69365

ଭୁବନେଶ୍ୱର ସୁନ୍ଦରପଦା **Hi-Tech** ଛକ ପାଖରେ ଘରବାରି **boundary wall plot** ମିଳୁଅଛି। **8338932027.** D-70156

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338** D-19563

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70094

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA- 6371970725.** D-70162

**Bhubaneswar Chintamaniswar Station** ପାଖରେ **yellowzone** ଘରବାରି **plot** ବିକ୍ରିହେବ। **9861302460, 6370621085.** D-70159

ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା **30' road, electric** ସୁବିଧା ଥାଇ **@ 9,00,000** ମିଳୁଛି। **9777566675.** D-70149

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? **9040744989, 6371364640.** D-70160

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/- 9937166932. D-69364

ଘରବାରି ପାଚେରି **Scheduledcaste plot Trinath Bazar** ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅରୁଗୁଳ **station 2000sqft. 4,40,000/-, 9439006524, 9861281504.** D-69361

2BHK flat at Biribandha (Sundarpada Jatni main road) 6 Kms from Lingaraj Railway Station. Price: 25lakhs. Contact: 9861267810. D-19609





Only for 300 body massage ladies and gents therapist. 9583808247. D-19646

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

Ayurvedic full body massage by experienced (M/F) therapist. 7008773793, 8018656899. D-59976

Revitalize your self with our ayurvedic massage and refreshment, Call: 7381239385. D-70091

Newly open SPA offer @799/-, positively health benefits, Jaydev Bihar. 7846814019. D-59974

Experience full body massage with expert therapists. Call: 7377048581. D-70092

Refreshing your mind & body with best therapy at Lotus SPA. 8018234866. D-70411

Newly open full body massage ladies and gents. 9337349409. D-70412

**ନିରୁଦ୍ଦିଷ୍ଟ**



ଶଙ୍କର ବେହେରା (ରଙ୍ଗ- କଳା, ଉଚ୍ଚତା-୪'୨''), ଗଙ୍ଗାନଗର, ବ୍ରଜରାଜନଗର, ଗତ ୪ତାରିଖ ଅପରାହ୍ନ ୫ଟାରୁ କେଉଁଆଡେ ଚାଲିଯାଇଛି। ଯେ କେହି ସନ୍ଧାନ ପାହାନ୍ତି ନିମ୍ନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ୯୭୭୬୪୯୯୪୧୨, ୮୩୨୮୯୫୨୫୯୯. ଧ-୧୯୬୪୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୬୧,୬୩,୯୭୨ | ୨୦,୫୩,୨୮୬ | ୬,୮୮,୦୧,୮୩୨ |
| ଭାରତ | ୧,୦୫,୮୨,୬୪୭ | ୧,୫୨,୫୯୩ | ୧,୦୨,୨୮,୭୫୩ |
| ଓଡ଼ିଶା | ୩,୩୩,୫୬୬ | ୧୯୦୨(+୫୩) | ୩,୩୦,୦୫୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଗତିଶ୍ୱର କଲେଜରେ ଏସ୍‌ଆଇଟି

ନୟାଗଡ଼ ଅଫିସ,୧୯।୧: ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ୨ ସଦସ୍ୟ ତଥା କ୍ରାଇମବ୍ରାଞ୍ଚ ଏସ୍‌ପି ଆର.କେ.ଦାସ ଓ ଇନ୍ସପେକ୍ଟର ନରେନ୍ଦ୍ର ବେହେରା ମଙ୍ଗଳବାର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହିର ଗତିଶ୍ୱର ମହାବିଦ୍ୟାଳୟକୁ ଯାଇଥିଲେ। ସେମାନେ କଲେଜରେ ପହଞ୍ଚି ଗିରଫ

**ପରୀ ହତ୍ୟାକାଣ୍ଡ**

■ ଗିରଫ ଛାତ୍ରଙ୍କ ସାର୍ଟିଫିକେଟ୍ ଯାଞ୍ଚ

ଛାତ୍ରଙ୍କ ବିଭିନ୍ନ ସାର୍ଟିଫିକେଟ୍ ଯାଞ୍ଚ କରିଥିଲେ। ସମ୍ପୃକ୍ତ ଛାତ୍ର ଏବେ ବାଲେଶ୍ୱର ବାଳସୁଧାର ଗୃହରେ ଅଛନ୍ତି। ଛାତ୍ରଙ୍କ ବିଭିନ୍ନ ସାର୍ଟିଫିକେଟ୍ ନକଲ କି ନୁହେଁ ତାହା ଏହି ଟିମ୍ ଦେଖିଛି। କେତେକ ସାର୍ଟିଫିକେଟ୍‌ର ନକଲ ଧରି ଏହି ଟିମ୍ ଫେରିଛି। ସୂଚନାଯୋଗ୍ୟ, ବୁଧବାର ଜୁଭେନାଇଲ ବୋର୍ଡରେ କଲେଜ ଛାତ୍ରଙ୍କୁ ହାଜର କରିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ତାଙ୍କ ସ୍ୱରର ସ୍ତର ନିରୀକ୍ଷଣ (ଲୟାର ଭଏସ ଆନାଲିସିସ୍) ଏବଂ ରିମାଣ୍ଡ ସମୟରେ ସମ୍ପୃକ୍ତ ଛାତ୍ରଙ୍କୁ ମାଡ ଓ ନିର୍ଯାତନା ପ୍ରସଙ୍ଗରେ ଶୁଣାଣି ହେବ।

# ୨୦୨୨ ସୁଦ୍ଧା ସରିବ ହକି ଷ୍ଟାଡିୟମ



ରାଉରକେଲାରେ ହକି ଷ୍ଟାଡିୟମ କରାଯିବା ନେଇ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଅନ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

■ ରାଉରକେଲାରେ କ୍ଷେତ୍ର ପରିଦର୍ଶନ କଲେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ

■ ଅନ୍ତର୍ଜାତୀୟ ସ୍ତରର ବୃହତ୍ତମ ଷ୍ଟାଡିୟମ ୨୦ ହଜାର ଦର୍ଶକ ବସିବା କ୍ଷମତା ରହିବ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

୨୦୨୨ ମଧ୍ୟଭାଗ ସୁଦ୍ଧା ରାଉରକେଲା ହକି ଷ୍ଟାଡିୟମ ନିର୍ମାଣ ଶେଷ ହେବ। ରାଉରକେଲାରେ ଏକ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ଡିସେମ୍ବରରେ ଘୋଷଣା କରିଥିଲେ। ଏହି ନୂଆ ଷ୍ଟାଡିୟମରେ ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ ଆୟୋଜନ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ହେବ। ଏଥିରେ ଏକା ସାଙ୍ଗରେ ୨୦ ହଜାର ଦର୍ଶକ ବସି ଖେଳ ଉପଭୋଗ କରିପାରିବେ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲକ୍ରୀଷ୍ଣା ଏହି ପ୍ରସ୍ତାବିତ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ବିପିୟୁଟି ପରିସରରେ ହେବାକୁ ଥିବା ଏହି ପ୍ରସ୍ତାବିତ ଷ୍ଟାଡିୟମ ଉଭୟ ଖେଳାଳି ଓ ଦର୍ଶକଙ୍କୁ ଯେପରି ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିପାରିବ ତାକୁ ଦୃଷ୍ଟିରେ ରଖି ଏହାର ଡିଜାଇନ ପ୍ରସ୍ତୁତ କରାଯାଉଛି। ବିଶ୍ୱର ଅତ୍ୟାଧୁନିକ ଏବଂ ସମନ୍ୱିତ ହକି ଷ୍ଟାଡିୟମ ଭାବେ ଏହାକୁ ଗଢିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ମୁଖ୍ୟ ପିଚ୍ ସହିତ ଫ୍ଲଡ୍ ଲାଇଟ, ଅଭ୍ୟାସ ପିଚ୍, ଜିମ୍, ହାଇଡ୍ରୋଥେରାପି, ମିଡିଆ କେନ୍ଦ୍ର, ବେତାର କେନ୍ଦ୍ର ସହିତ ପାର୍କିଂ ଏବଂ ଦର୍ଶକଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବ୍ୟବସ୍ଥା ରହିବ। ସୁନ୍ଦରଗଡ଼ ଜିଲା ହକି ଖେଳାଳିଙ୍କ ପାଇଁ ପ୍ରସିଦ୍ଧ। ଭାରତୀୟ ହକିକୁ ସୁନ୍ଦରଗଡ଼ର ମହାନ୍ ଅବଦାନ ପ୍ରତି ସମ୍ମାନ ଜଣାଇ ରାଜ୍ୟ ସରକାର ଏହି ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ପଦକ୍ଷେପ ନେଇଛନ୍ତି। ଏହି ଷ୍ଟାଡିୟମ ରାଉରକେଲା ତଥା ସୁନ୍ଦରଗଡ଼ ଜିଲାର ଏକ ପ୍ରମୁଖ ସ୍ଥାନରେ ପରିଣତ ହେବ। ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ ଏହି ପ୍ରକଳ୍ପ ସମ୍ପର୍କରେ କ୍ରୀଡା ବିଭାଗର ସ୍ୱତନ୍ତ୍ର ସଚିବଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଉପସ୍ଥାପନ କରାଯିବ।






# ସ୍କୁଲ ବସ୍ତାନି ନିୟମ ଉଲ୍ଲଂଘନକୁ ବିରୋଧ

**ଏନ୍‌ସିପିସିଆର୍‌ରେ ଫେରାଦ ହେଲା ଅଭିଭାବକ ମହାସଂଘ**

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)**

ନିର୍ଦ୍ଧାରିତ ପାଠ୍ୟକ୍ରମ ଓ ସ୍କୁଲ ବସ୍ତାନି ନିୟମ ଉଲ୍ଲଂଘନ ବିରୋଧରେ ଓଡ଼ିଶା ଅଭିଭାବକ ମହାସଂଘ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍)ରେ ଫେରାଦ ହୋଇଛି। ମହାସଂଘର କହିବାନୁଯାୟୀ, ଶିକ୍ଷା ଅଧିକାର ଆଇନ ଧାରା ୨୯ ଅନୁଯାୟୀ ଗଣଶିକ୍ଷା ବିଭାଗର ସମସ୍ତ ଶିକ୍ଷାନୁଷ୍ଠାନ ଏନ୍‌ସିଇଆର୍‌ଟି ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସାରେ ପାଠ ପଢ଼ିବା ସହିତ ଶ୍ରେଣୀ ଅନୁସାରେ ଅନୁମୋଦିତ ପୁସ୍ତକ ମଧ୍ୟ ବ୍ୟବହାର କରିବେ। ପୁସ୍ତକଗୁଡ଼ିକର ସମସ୍ତ ବିବରଣୀ ସ୍କୁଲ ନୋଟିସ ବୋର୍ଡ, ପିଲାଙ୍କ ଡାଏରୀ ଓ ଅଭିଭାବକଙ୍କୁ ମେସେଜ, ହ୍ୱାଟ୍ସଆପ୍ ମାଧ୍ୟମରେ ତଥା ସ୍କୁଲ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବେ। ଯେଉଁ ଶିକ୍ଷାନୁଷ୍ଠାନ ନ ମାନିବେ ତାଙ୍କର ମାନ୍ୟତା ମଧ୍ୟ ପ୍ରତ୍ୟାହାର କରାଯିବାର ଆଇନରେ ପ୍ରାବଧାନ ରହିଛି। ଏନ୍‌ସିପିସିଆର ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ବହୁବାର ରାଜ୍ୟ ସରକାରଙ୍କୁ ଦେଇଥିବାବେଳେ ଗଣଶିକ୍ଷା ବିଭାଗ ସଚିବ ମଧ୍ୟ ଅନୁରୂପ ଭାବେ ସମସ୍ତ ଡିଇଓଙ୍କୁ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଛନ୍ତି। କିନ୍ତୁ ଘରୋଇ ସ୍କୁଲଗୁଡ଼ିକ ଏହି ନିର୍ଦ୍ଦେଶକୁ ନ ମାନି ଘରୋଇ ପ୍ରକାଶନର ବହି ବିକ୍ରି କରି ଅଭିଭାବକଙ୍କଠାରୁ ହଜାର ହଜାର ଟଙ୍କା ଲୁଟୁଛନ୍ତି। ଏଥିସହ କୋମଳମତି ପିଲାଙ୍କୁ ଅଧିକ ଓଜନର ବସ୍ତାନି ବୋଝ ବୁହାଇ ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଗାଡ଼ିବାରେ ଲାଗିଛନ୍ତି। ସେପଟେ ଉଚ୍ଚ ନ୍ୟାୟାଳୟ ମଧ୍ୟ ସ୍ଥିରୀକୃତ ଓଜନ ଅନୁଯାୟୀ ବସ୍ତାନି ସ୍କୁଲ ଆଣିବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ମାନବିକ ଅଧିକାର କମିଶନ ମଧ୍ୟ ଏହି ମର୍ମରେ ଗଣଶିକ୍ଷା ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସ୍କୁଲ ଏସବୁ ନିର୍ଦ୍ଦେଶ ନ ମାନିବେ ଶିକ୍ଷା ଆଇନ ଅନୁଯାୟୀ ସେମାନଙ୍କ ସିଓଆର ମଧ୍ୟ ସରକାର ରଦ୍ଦ କରିଦେଇପାରିବେ। ଏହିସବୁ ନିୟମକୁ ଠିକ କାର୍ଯ୍ୟକାରୀ କରିବା ପାଇଁ ବହୁଦିନ ଧରି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରି ଧାରଣା, ଧର୍ମଘଟ, ଅନଶନ, ଆମରଣ ଅନଶନ ଆଦି କରି ଆସିଛି।



ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ମଙ୍ଗଳବାର ପୋଲିସ କଟକ ବାଦାମବାଡ଼ିଠାରେ ସ୍କୁଟିରେ ଯାଉଥିବା ପିଲାଙ୍କୁ ହେଲ୍‌ମେଟ ପିନ୍ଧାଉଛନ୍ତି।

## ଘାଟିରେ ୨ ବାଇକ୍ ମୁହାଁମୁହିଁ: ୩ ମୃତ

**ମାଲକାନଗିରି, ୧୯।୧(ଡି.ଏନ.ଏ.)**

ସଡ଼କ ସୁରକ୍ଷା ମାସ ପାଳନର ଦ୍ୱିତୀୟ ଦିନରେ ମାଲକାନଗିରି ଜିଲାରେ ମଙ୍ଗଳବାର ରାତି ସାଢେ ୮ଟାରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମାଲକାନଗିରି ସଦର ବ୍ଲକ ବିଜା ଘାଟିରେ ଦୁଇଟି ବାଇକ୍ (ଓଡି ୩୦ଡି-୪୮୭୧ ଏବଂ ଓଡି୩୦-୯୭୧୯) ମୁହାଁମୁହିଁ ହୋଇ ଏପରି ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ଖବରପାଇ ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଉଦ୍ଧାର କରି ଡାକ୍ତରଖାନା ପଠାଇଛି।






# ଧାନ ସଂଗ୍ରହ ଅଗ୍ରିମ ସବ୍‌ସିଡି ୬୦୩୯ କୋଟି ଦିଅ

**କେନ୍ଦ୍ର ମନ୍ତ୍ରୀ ଗୋଏଲଙ୍କୁ ଚିଠି ଲେଖିଲେ ରଣେନ୍ଦ୍ର**

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ଜୋରସୋରରେ ଚାଲିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୨୨ ପ୍ରତିଶତ ଅଧିକ ଧାନ ଉତ୍ପାଦନ ହୋଇଛି। ରାଜ୍ୟ ସରକାର ନିଜର ଏଜେନ୍ସି ଜରିଆରେ ଧାନ ସଂଗ୍ରହ ଜାରି ରଖିଛନ୍ତି। ତେବେ କେନ୍ଦ୍ର ସରକାର ଧାନ ସବ୍‌ସିଡି ବାବଦ ଆଗୁଆ ଦେୟ ୬୦୩୯ କୋଟି ଟଙ୍କା ପ୍ରଦାନ କରିନାହାନ୍ତି। ଫଳରେ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ଚାପ ବଢିବାରେ ଲାଗିଛି। ତୁରନ୍ତ ଏହି ଅର୍ଥ ଯୋଗାଇ ଦେବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର କେନ୍ଦ୍ର ଖାଉଟି ସୁରକ୍ଷା, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏଥିସହିତ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଜରିଆରେ ବଳକା ଚାଉଳ ସଂଗ୍ରହ କରିବାକୁ ସେ ଦାବି କରିଛନ୍ତି। ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, କୋଭିଡ୍-୧୯ ମହାମାରୀ ପରେ ଦେଶରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି କ୍ଷେତ୍ରକୁ ଆର୍ଥିକ ଦୁର୍ଗତିରୁ ରକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। ଓଡ଼ିଶାରେ ଧାନ ସଂଗ୍ରହ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଲକ୍ଷ ଲକ୍ଷ ଚାଷୀ ସେମାନଙ୍କ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସପି) ଆଧାରରେ ସରକାରଙ୍କୁ ବିକ୍ରି କରି ଥାଆନ୍ତି। ରାଜ୍ୟରେ ଧାନ ସଂଗ୍ରହ ଦ୍ରୁତ ଗତିରେ ଚାଲିଛି। ରାଜ୍ୟ ସରକାର ଦୁର୍ଗମ ଅଞ୍ଚଳର ଚାଷୀଙ୍କୁ ଏମ୍‌ଏସପି ଦେଇ ଧାନ ସଂଗ୍ରହ କରୁଛନ୍ତି। ଏହା କୃଷି କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଛି। ଅନ୍ୟ କ୍ଷେତ୍ର ଅପେକ୍ଷା କୃଷିରେ ଅଧିକ ସଂଖ୍ୟକ ଲୋକ ନିୟୋଜିତ ଅଛନ୍ତି। ଚଳିତ ବର୍ଷ ଧାନ ସଂଗ୍ରହ କରିବାକୁ ଓଡ଼ିଶା ରାଜ୍ୟ ସିଭିଲ ସପ୍ଲାଏ କର୍ପୋରେଶନ(ଓଏସସିଏସସି) ୧୫ ହଜାର କୋଟି ଋଣ କରିଛି। ଧାନ ସଂଗ୍ରହ ପାଇଁ ଆଗୁଆ ସବ୍‌ସିଡି ବାବଦରେ କେନ୍ଦ୍ର ସରକାରଙ୍କ ଉପରେ ୬୦୩୯ କୋଟି ଟଙ୍କା ବକେୟା ରହିଛି। ଏହି ଅର୍ଥ ନ ମିଳିଲେ ଧାନ ସଂଗ୍ରହ ଗୁରୁତର ବାଧାପ୍ରାପ୍ତ ହେବ। ତୁରନ୍ତ ସବ୍‌ସିଡି ଅର୍ଥ ଯୋଗାଇ ଦେବାକୁ ରଣେନ୍ଦ୍ର ଦାବି କରିଛନ୍ତି। ଏହାଛଡା ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଚଳିତ ବର୍ଷ ୫୦%ରୁ ଅଧିକ ଉଷୁନା ଚାଉଳ ନ ଉଠାଇବାକୁ ମନା କରି ଦେଇଛି। ଓଡ଼ିଶା ୪ର୍ଥ ରାଜ୍ୟ ଭାବେ ସେଣ୍ଟ୍ରାଲ ପୁଲ୍‌କୁ ଖାଦ୍ୟ ଶସ୍ୟ ଯୋଗାଇ ଆସୁଛି। ଓଡ଼ିଶାର ଆବଶ୍ୟକତା ୨୪ ଲକ୍ଷ ମେଟ୍ରିକ ଟନ୍ ହୋଇଥିବା ବେଳେ ଆହୁରି ୩୦ ଲକ୍ଷ ମେଟ୍ରିକ ଟନ୍ ବଳକା ରହିବ। ଏହାକୁ ଏଫ୍‌ସିଆଇ ନେବାକୁ ସେ ଦାବି କରିଛନ୍ତି। ଉଭୟ ସମସ୍ୟାର ତୁରନ୍ତ ପ୍ରତିକାର ପାଇଁ ରଣେନ୍ଦ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।




ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ-ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। –ଶ୍ରୀଅରବିନ୍ଦ

# ମହାନତା କ୍ଷୁଣ୍ଣ

ନିଜ ପେସାରେ ବିଫଳ ହୋଇଥିବା ସିନେମା ତାରକା କଙ୍ଗନା ରାଣାଓ୍ୱତ ଗତ ୧୮ ଜାନୁୟାରୀରେ ଏକ ଟୁଇଟ୍ ମାଧ୍ୟମରେ କହିଛନ୍ତି ଯେ, 'ତାଣ୍ଡବ' ଓ୍ୱେବ୍‌ସିରିଜ୍‌ରେ କାର୍ଯ୍ୟ କରିଥିବା ସମସ୍ତଙ୍କ ମୁଣ୍ଡକାଟ ହେବା ଦରକାର। ପରବର୍ତ୍ତୀ ସମୟରେ ସେହି ଟୁଇଟ୍‌କୁ କଙ୍ଗନା ଲିଭାଇ ଦେଇଥିଲେ। ଏଭଳି ହିଂସାତ୍ମକ ମନ୍ତବ୍ୟ ଦେବାରେ କଙ୍ଗନାଙ୍କ ବ୍ୟତୀତ ଅନ୍ୟ କେତେକ କେନ୍ଦ୍ରରେ ଶାସକ ଦଳର ସମର୍ଥକ ମଧ୍ୟ ସମ୍ପୃକ୍ତ ଅଛନ୍ତି। ତେବେ ଆମାଜନ ପ୍ରାଇମ୍ ଚ୍ୟାନେଲରେ ଦେଖିବାକୁ ମିଳୁଥିବା ତାଣ୍ଡବ ସିରିୟଲର କାହାଣୀ କେଉଁ ପ୍ରକାର ତାହା ଜାଣିବା ଦରକାର। ଦର୍ଶକଙ୍କ କହିବା ଅନୁଯାୟୀ, ତାଣ୍ଡବ ଏକ ରାଜନୈତିକ ନାଟକ। ଏହାର କାହାଣୀରେ ଜଣେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ପୁତ୍ର ବିଷଦେଇ ହତ୍ୟା କରୁଛି। ଏହାପରେ କ୍ଷମତା କବଳରେ ଯେଉଁ ଟଣାଓଟରା ଆରମ୍ଭ ହେଉଛି, ସେଥିରେ କେତେକ ଅସୁବିଧାଜନକ ମନ୍ତବ୍ୟ ପ୍ରକାଶ ପାଉଛି। ଆଜିର ବିବାଦ ମୂଳରେ ରହିଛି କାହାଣୀର ଗୋଟିଏ ଭାଗ, ଯେଉଁଥିରେ ଏକ ନାଟକ ରଚାଯାଉଥିବାବେଳେ ଶିବଙ୍କ ଭୂମିକାରେ ଥିବା ଅଭିନେତାଙ୍କୁ ନାରଦ ମୁନି କହୁଛନ୍ତି ଯେ, ଶିବଙ୍କର ଲୋକପ୍ରିୟତା ହ୍ରାସ ପାଉଛି। ରାମଙ୍କ ଲୋକପ୍ରିୟତାରେ ବୃଦ୍ଧି ଘଟୁଛି। ସେଥିପାଇଁ ନାରଦ ମତ ଦେଇଛନ୍ତି ଯେ, ଶିବ ତାଙ୍କର ସୋସିଆଲ ମିଡିଆରେ ଉପସ୍ଥିତି ଉପରେ ଧ୍ୟାନ ଦିଅନ୍ତୁ। ଆଉ ପାଦେ ଆଗକୁ ଯାଇ ଶିବଙ୍କୁ କୁହାଯାଇଛି ଯେ, ଆପଣ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ତାଙ୍କର 'ଆଜାଦି' ଦାବିରେ ସମର୍ଥନ ଜଣାଇଲେ ଲୋକପ୍ରିୟତା ବୃଦ୍ଧି ପାଇବ। ଏଭଳି ମତ ଶୁଣିବା ପରେ ଶିବ ପ୍ରଶ୍ନ କରିଛନ୍ତି ଯେ, ଏହି ଆଜାଦିର ଅର୍ଥ କ'ଣ। ତାହାର ଉତ୍ତରରେ ନାରଦ ମୁନି କହିଛନ୍ତି, ଆଜାଦି ଦାବି କରୁଥିବା ଛାତ୍ରମାନେ ଦାରିଦ୍ର୍ୟ, ସାମନ୍ତବାଦ ଏବଂ ଜାତିପ୍ରଥାଠାରୁ ଆଜାଦି ବା ସ୍ୱାଧୀନତା ମାଗୁଛନ୍ତି। ଏମାନେ ଦେଶଠାରୁ ଭିନ୍ନ ହେବାକୁ ଚାହୁଁନାହାନ୍ତି।

ହିନ୍ଦୁ ଠାକୁରମାନଙ୍କୁ ଅସମ୍ମାନିତ କରାଯାଇଛି ବୋଲି କହି ଏହି ଓ୍ୱେବ୍ ସିରିୟଲ ବିରୋଧରେ ମତ ପ୍ରକାଶ ପାଉଛି। ଏଭଳି ପ୍ରଚ୍ଛଦପଟରେ ତାଣ୍ଡବର ନିର୍ମାତା ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିସାରିଲେଣି ଏବଂ ଆମାଜନ୍ ପ୍ରାଇମ୍ ଚ୍ୟାନେଲ ଏହି ବିବାଦରେ ପ୍ରବେଶ କରିବା ପାଇଁ ଅନିଚ୍ଛା ପ୍ରକାଶ କରିଛି। ଆମାଜନ୍‌ର ଆଭିମୁଖ୍ୟ ବୁଝିବା କଷ୍ଟକର ନୁହେଁ। ଆମାଜନ୍ ମାଲିକ ଜେଫ୍ ବେଜୋସ ପୃଥିବୀର ଅନ୍ୟତମ ଧନିକ ବ୍ୟକ୍ତି। ଏହାଛଡ଼ା ଭାରତ ପାଇଁ ତାଙ୍କ ବେଖାତିର ମନୋଭାବ ବୁଝିବା ସହଜ, କାରଣ ଭାରତର ସବୁଠାରୁ ବଡ଼ କମ୍ପାନୀରେ ତାଙ୍କର ପୁଞ୍ଜି ଲାଗିଛି। ସେହି କମ୍ପାନୀର ସମର୍ଥନ କେନ୍ଦ୍ରରେ ଭାଜପା ସରକାର ପାଇଁ ଅସରନ୍ତି ବୋଲି ଦେଶବାସୀ ଜାଣିଛନ୍ତି। ଏଠାରେ କେତୋଟି ବିନ୍ଦୁ ଧ୍ୟାନ ଦେବାକୁ ପଡ଼ିବ। ଏହି ନାଟକ ସିରିୟଲର ଆରମ୍ଭରେ କୃଷକଙ୍କ ପ୍ରତିବାଦ ସମ୍ପର୍କରେ ଦର୍ଶାଯାଇଛି। ଏହା ବ୍ୟତୀତ ଉକ୍ତ ନାଟକର ନିର୍ଦ୍ଦେଶକ ଏବଂ କେତେକ ଅଭିନେତା ହେଉଛନ୍ତି ମୁସଲମାନ ସମ୍ପ୍ରଦାୟର। ଏତଦ୍‌ବ୍ୟତୀତ ହିନ୍ଦୁ ଠାକୁରମାନଙ୍କୁ ଯେଉଁ ଭଳି ପୋଷାକ ପିନ୍ଧାଯାଇ ଦର୍ଶାଯାଇଛି, ସେଥିରେ ଅନେକଙ୍କର ବିରୋଧ ହେବା ଆଜିର ପରିସ୍ଥିତିରେ ସ୍ୱାଭାବିକ ମନେ ହୋଇପାରେ।

ଆଜିର ଭାରତରେ ମୁସଲମାନ ଶବ୍ଦ ଶୁଣିବା ମାତ୍ରକେ କେତେକ ଲୋକଙ୍କ ନାହି ଡେଉଁଛି। ଇଣ୍ଟରନେଟ୍‌ରେ ଦେଖାଯାଉଥିବା ଅନେକ ସିନେମା ଏବଂ ଡ୍ରାମାକୁ ଭାରତ ସରକାର ସେନ୍‌ସର କରିବାର କୌଣସି ବ୍ୟବସ୍ଥା ନାହିଁ। ସେଥିପାଇଁ ଏଭଳି ନିର୍ମାତାଙ୍କ ଉପରେ ଖପ୍ପା ହୋଇ ଆଜିର ଶାସକମାନେ ବମ୍ବେ ସିନେମା ଜଗତକୁ ଏକପ୍ରକାର ବଦନାମ କରିବାର ଚେଷ୍ଟା ଚଳାଇ ରଖିଛନ୍ତି। ଏହା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଘଟଣାଠାରୁ ସ୍ପଷ୍ଟ ଜଣାପଡ଼ିଲା। ଏହିସବୁ ସିରିୟଲ ବମ୍ବେରେ ନିର୍ମିତ ହେଉଥିବା ହେତୁ ଶାସକ ଗୋଷ୍ଠୀ ଏକ ସୁବିଧାଜନକ ପରିସ୍ଥିତିରେ ନିଜକୁ ଦେଖୁଛନ୍ତି। ହିନ୍ଦୁ ଧର୍ମ ଏବଂ ଦେଶର କ୍ଷତି ଘଟାଯାଉଛି ବୋଲି କହି ଯେକୌଣସି ବ୍ୟକ୍ତିବିଶେଷ କିମ୍ବା କାର୍ଯ୍ୟକୁ ବଦନାମ କରିବା ସହଜ ହୋଇଗଲାଣି। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଏହି ନିର୍ମାତା କିମ୍ବା ତାରକାମାନେ ମହମ୍ମଦ କିମ୍ବା ଆଲ୍ଲାଙ୍କ ଉପରେ ସମାନ ଭାବରେ ତାଚ୍ଛଲ୍ୟପୂର୍ଣ୍ଣ ନାଟକ ପ୍ରସ୍ତୁତ କରିବାରେ ସତ୍‌ସାହସ ଦେଖାଇପାରିବେ ନାହିଁ। ଅନ୍ୟପଟେ ସବୁ ବିଷୟକୁ ରାଜନୈତିକ ମୋଡ଼ ଦିଆଯାଉଥିବାରୁ ଏକମତ ସୃଷ୍ଟି କରିବା ସମ୍ଭବପର ହେଉନାହିଁ। ହିନ୍ଦୁ ଠାକୁରମାନଙ୍କୁ ଅସମ୍ମାନିତ କରିବା କେବେହେଲେ ଗ୍ରହଣୀୟ ନୁହେଁ। କିନ୍ତୁ ଏଥିରେ ଥିବା କୃଷକ ପ୍ରତିବାଦ ଏବଂ ଛାତ୍ର ଅଶାନ୍ତି ସମ୍ପର୍କରେ ରାଜନୈତିକ ମତକୁ ଅସ୍ୱୀକାର କରିହେବନାହିଁ।

ଗଣତନ୍ତ୍ରରେ ଭିନ୍ନମତର ସ୍ୱତନ୍ତ୍ରସ୍ଥାନ ରହିଛି। ଆଜିର ଭାରତ ବର୍ଷରେ ସେହି ଭିନ୍ନ ମତକୁ ଦମନ କରିବାର ପ୍ରଚେଷ୍ଟା ଦେଶର ଭବିଷ୍ୟତ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ ହେବ। ଭାରତରେ ହିନ୍ଦୁଧର୍ମର ମଧ୍ୟ ଅନେକ ଦିଗ ରହିଛି। ଉଦାହରଣ ସ୍ୱରୂପ, ଓଡ଼ିଶାର ଗ୍ରାମାଞ୍ଚଳରେ ରାମ ମନ୍ଦିର ଦେଖିବାକୁ ମିଳେନାହିଁ। କିନ୍ତୁ ଅଧିକାଂଶ ସ୍ଥାନରେ ଗ୍ରାମ୍ୟଦେବୀଙ୍କ ସହିତ ଶିବ ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ସ୍ଥାନ ରହିଛି। ଆଦିବାସୀ ଗ୍ରାମଗୁଡ଼ିକରେ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ପୂଜାପାଠ କରାଯାଇଥାଏ। ଅନ୍ୟପଟେ ଉତ୍ତର ଭାରତରେ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଦେଖିବାକୁ ମିଳେନାହିଁ। ଅବଶ୍ୟ ଏଥିରେ ଆଧୁନିକ ସଂସ୍ଥା ଇସ୍କନ ଦ୍ୱାରା ଦିଲ୍ଲୀ, ବାଙ୍ଗାଲୋର କିମ୍ବା ଅହମ୍ମଦାବାଦର ରଥଯାତ୍ରାକୁ ଗଣତିରେ ନେଇହେବନାହିଁ। ସେଥିପାଇଁ ରାଜନୀତି ସହିତ ଠାକୁର ବିଶ୍ୱାସକୁ ଯୋଡୁଥିବା ଚିନ୍ତାଧାରା ଭାରତର ମହାନତାକୁ କ୍ଷୁଣ୍ଣ କରୁଛି।

# ଅଭିବୃଦ୍ଧି ଓ ସମୃଦ୍ଧିର ନୂତନ ଦଶନ୍ଧି



ଡ. ଚିତ୍ତରଞ୍ଜନ ମିଶ୍ର

କୋଭିଡ୍-୧୯ ବିରୋଧରେ ଏକ ପ୍ରଭାବଶାଳୀ ଟିକା ଦେଶରେ ପ୍ରୟୋଗ ହେଉଅଛି। ଏହି ବୈଶ୍ୱିକ ମହାମାରୀ ଥରେ ପ୍ରତିହତ ହେଲା ପରେ ମାନବ ସଭ୍ୟତା ପୁଣି ସୌଭାଗ୍ୟଶାଳୀ ହୋଇ ଉଠିବ। ୧୯୧୮ ଓ ୧୯୧୯ରେ ସ୍ପାନିଶ ଫ୍ଲୁ ମହାମାରୀ ତିନୋଟି ଲହରି ମାଧ୍ୟମରେ ସମଗ୍ର ବିଶ୍ୱକୁ ବଶୀଭୂତ କରିଥିଲା। ମାର୍ଚ୍ଚ ୧୯୧୮ରେ ପ୍ରଥମ ଲହରିର ଆବିର୍ଭାବ ହୋଇଥିଲା ଏବଂ ଅକ୍ଟୋବର ମାସରେ ଦ୍ୱିତୀୟ ଏବଂ ସର୍ବଶେଷ ଲହରି ୧୯୧୮ର ଶୀତ ଋତୁରୁ ଆରମ୍ଭ ହୋଇ ୧୯୧୯ର ବସନ୍ତ ଋତୁ ପର୍ଯ୍ୟନ୍ତ ରହିଥିଲା। ୨୮ ଜୁଲାଇ ୧୯୧୪ରୁ ଆରମ୍ଭ ହୋଇ ୧୧ ନଭେମ୍ବର ୧୯୧୮ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱଯୁଦ୍ଧ ସଂଗଠିତ ହୋଇଥିଲା। ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା ଏବଂ ଠିକ୍ ସେହି ସମୟରେ ସ୍ପାନିଶ ଫ୍ଲୁ ମହାମାରୀର ଆବିର୍ଭାବ ମୁଣ୍ଡ ଉପରେ ହାତୁଡ଼ି ମାଡ଼ ସଦୃଶ ପରିସ୍ଥିତିକୁ ଅତ୍ୟନ୍ତ ଜଟିଳ କରି ଦେଇଥିଲା। ସେତେବେଳେ ଅର୍ଥନୀତି ବିଶାରଦମାନେ ଭବିଷ୍ୟବାଣୀ କରିଥିଲେ ଯେ, ବିଶ୍ୱ ଏକ ବିପଜ୍ଜନକ ଅବନତି ଆଡ଼କୁ ଦ୍ରୁତ ଗତିରେ ମୁହାଁଉଛି। ତା' ସତ୍ତ୍ୱେ ମଧ୍ୟ ଏଭଳି କୌଣସି ପରିସ୍ଥିତି ଘଟି ନ ଥିଲା। ୟୁରୋପ ମହାଦେଶରେ ମଧ୍ୟଯୁଗୀୟ ମହାମାରୀ ଓ ସଂକ୍ରାମକ ରୋଗ ପ୍ଲେଗଜନିତ 'ବ୍ଲାକ୍ ଡେଥ୍' ବା 'କଳା ମୃତ୍ୟୁ' ପରେ ପୁନଃ ଅଭ୍ୟୁଦୟ ବା ନବଜାଗରଣ ମଧ୍ୟ ଆସିଥିଲା। ଠିକ୍ ସେହିପରି ସ୍ପାନିଶ ଫ୍ଲୁ ପରେ ସମୟ ନୂଆ ମୋଡ଼ ନେଲା ଏବଂ ୧୯୨୦ ଦଶନ୍ଧିରେ ବିଶ୍ୱ ଜି.ଡି.ପି. ଅଭିବୃଦ୍ଧି ତ୍ୱରାନ୍ୱିତ ହେଲା । ବିଶେଷ କରି ଆମେରିକାରେ ଅର୍ଥନୈତିକ ପ୍ରଗତି ଅତ୍ୟନ୍ତ ବଳିଷ୍ଠ ହେଲା ଏବଂ ୧୯୨୦ ଦଶନ୍ଧିରେ ଆମେରିକାର ଜି.ଡି.ପି. ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଧାରାରେ ଗତି କଲା।

୧୯୨୦–୩୦ ମଧ୍ୟରେ ଦଶନ୍ଧି ତିନୋଟି ପ୍ରମୁଖ ମହାବଳ ଦ୍ୱାରା ଶକ୍ତିଶାଳୀ ହୋଇଥିଲା। ପ୍ରଥମତଃ ଉପଭୋକ୍ତାମାନେ ରୋଗ ଓ ଦୁଃଖ ଯନ୍ତ୍ରଣାରୁ ସେମାନଙ୍କର ପରିତ୍ରାଣକୁ ଉତ୍ସବ ଭାବେ ପାଳନ କରିବାକୁ ପ୍ରସ୍ତୁତ ଥିଲେ। ଚିତ୍ତ ବିନୋଦନ, ଆମୋଦ ପ୍ରମୋଦ, କଳା ଓ ସଂଗୀତର ପ୍ରଚାର ପ୍ରସାର ଏବଂ ଅଭିବୃଦ୍ଧି ଘଟିଲା। ପ୍ରକୃତରେ ଏହି ଦଶନ୍ଧି ଜ୍ୟାଜ୍ ସଂଗୀତ ଓ ନୃତ୍ୟର ଯୁଗ ବୋଲି ପରିଗଣିତ ହେଲା ଏବଂ କାବାରେଟ୍, ଜ୍ୟାଜ୍ ଏବଂ ବ୍ୟାଣ୍ଡ୍ ବାଜା ଓ ସଂଗୀତ ଲୋକପ୍ରିୟ ହୋଇଉଠିଲା। ମହିଳାମାନେ ଭୋଟ ଅଧିକାର ପାଇଲେ ଏବଂ ରାଜନୈତିକ ଓ ସାମାଜିକ ଜୀବନରେ ପୂର୍ଣ୍ଣ ପ୍ରାଣରେ ଜଡ଼ିତ ହେବାକୁ ଲାଗିଲେ। ବଡ଼ ବଡ଼ ପାର୍ଟିର ଆୟୋଜନ କରାଗଲା ଏବଂ ଲୋକମାନେ ସୁନ୍ଦର ସୁନ୍ଦର ପୋଷାକ ପରିଧାନ କରି ଆନନ୍ଦ ସହକାରେ ଏହି ପାର୍ଟିରେ ଯୋଗଦାନ ଦେଲେ। କଳାପୂର୍ଣ୍ଣ ବସ୍ତୁର ସାଜସଜ୍ଜା ଚରମ ସୀମାରେ ପହଞ୍ଚିଥିଲା ; ଯାହା କି ନୂଆ ନୂଆ ଡିଜାଇନରେ ଭରପୂର ଥିଲା। ପୁରୁଣାକାଳିଆ 'ଏଡ୍‌ୱାର୍ଡିଆନ ଷ୍ଟାଇଲ'କୁ ବର୍ଜନ କରି ପ୍ରଗତିଶୀଳ ଓ ନୂତନ ଷ୍ଟାଇଲକୁ ଲୋକମାନେ ଗ୍ରହଣ କରିବାକୁ ଲାଗିଲେ। ନିକଟ ଅତୀତର ସିନେମା 'ଦି ଗ୍ରେଟ ଗ୍ୟାଟ୍ସବାଏ' ଜ୍ୟାଜ୍ ଯୁଗର ଅହେତୁକ ଉତ୍ସାହକୁ ପ୍ରତିପାଦିତ କରିବାରେ ସକ୍ଷମ ହୋଇପାରିଛି।

ଦ୍ୱିତୀୟତଃ ଜୀବନକୁ ପରିବର୍ତ୍ତନର ନୂଆ ମୋଡ଼ ଦେବା ପାଇଁ ନୂଆ ନୂଆ ପ୍ରଯୁକ୍ତିବିଦ୍ୟାକୁ ଆପଣେଇବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଇଲେକ୍‌ଟ୍ରିସିଟି ପ୍ରାୟ ସବୁ ଘରକୁ ପ୍ରବେଶ କଲା ଏବଂ ଆଧୁନିକ ଆଲୋକୀକରଣ ପ୍ରକ୍ରିୟା ଜୀବନର ଅଂଶ ବିଶେଷ ହୋଇଗଲା। ଅଟୋମୋବାଇଲର ବ୍ୟବହାରରେ ଦ୍ରୁତ ଅଭିବୃଦ୍ଧି ଘଟିଲା ଏବଂ ନିୟୁତ ନିୟୁତ ସଂଖ୍ୟାରେ ମୋଟର ଗାଡ଼ି ନୂଆ କରି ତିଆରି ହୋଇଥିବା ରାସ୍ତାରେ ଚଳପ୍ରଚଳ କରିବାକୁ ଲାଗିଲେ। ଟେଲିଫୋନର ବ୍ୟବହାର ଆରମ୍ଭ ହେଲା ଏବଂ ଏହା ଦ୍ୱାରା ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତି ସହ ବାର୍ତ୍ତାଳାପ କରିବାରେ ସହଜସାଧ୍ୟ ହେଲା । ଆଧୁନିକ ଉପକରଣ ଯଥା ରେଫ୍ରିଜରେଟର ଏବଂ ଅନ୍ୟାନ୍ୟ ବହୁବିଧ ସାମଗ୍ରୀର ବ୍ୟବହାର ବଢ଼ିବାକୁ ଲାଗିଲା। ବିମାନ ଚଳାଚଳରେ ଦ୍ରୁତ ବିକାଶ ହେଲା ଏବଂ ଏକ ମହାଦେଶରୁ ଅନ୍ୟ ଏକ ମହାଦେଶକୁ ସ୍ୱଳ୍ପ ସମୟରେ ଯାତ୍ରା ସମ୍ଭବପର ହୋଇପାରିଲା।

ତୃତୀୟ ପ୍ରମୁଖ ଅଭିବୃଦ୍ଧିର ବାହକ ହେଲା ପ୍ରଥମ ବିଶ୍ୱଯୁଦ୍ଧରେ ଧ୍ୱଂସ ପାଇଯାଇଥିବା ସହର, ରାସ୍ତାଘାଟ ଓ ପୋଲଗୁଡ଼ିକର ପୁନର୍ନିର୍ମାଣ। ନାନାବିଧ ଦ୍ରବ୍ୟର କ୍ରୟ ଓ ବ୍ୟବହାରରେ ଅସାଧାରଣ ଅଭିବୃଦ୍ଧି ଏବଂ ନୂଆ ନୂଆ ପ୍ରଯୁକ୍ତିବିଦ୍ୟା ହାତ ମୁଠାରେ ଉପଲବ୍ଧ ହେବା କାରଣରୁ ଏକ ନବନିର୍ମାଣ ଯୁଗର ଶୁଭାରମ୍ଭ ହେଲା। ଏହି ସମୟରେ ବିଶ୍ୱର ପ୍ରମୁଖ ସହର ଯଥା–ଲଣ୍ଡନ, ପ୍ୟାରିସ, ନ୍ୟୁୟର୍କ, ସାଂଘାଇ ଏବଂ ମୁମ୍ବାଇ ଆଦି ନୂଆ ରୂପରେ ଉଦ୍‌ଭାସିତ ହେଲେ। ନବତଳ ପ୍ରାସାଦ ନିର୍ମାଣ ହେଲା ତଥା ଉଭୟ ପାର୍ଶ୍ୱରେ ବୃକ୍ଷ ଥିବା ପ୍ରଶସ୍ତ ରାସ୍ତା ସହ ଉତ୍କୃଷ୍ଟ ଆପାର୍ଟମେଣ୍ଟମାନ ମୁଣ୍ଡ ଟେକି ଉଠିଲା। ଏକାଧିକ ନୂଆ ନୂଆ ହୋଟେଲର ନିର୍ମାଣ ହେଲା। ପ୍ରଥମ କରି ଏୟାରପୋର୍ଟ ଏବଂ ଏକାଧିକ ଗ୍ରାଣ୍ଡ ରେଲୱେ ଷ୍ଟେଶନ ନିର୍ମାଣ ହେଲା ଓ ସେ ସବୁ ମଧ୍ୟ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ହେବାକୁ ଲାଗିଲା।

ଏହି ଘଟଣାର ଠିକ୍ ୧୦୦ ବର୍ଷ ପରେ, ଯେତେବେଳେ ଧୀରେ ଧୀରେ କୋଭିଡ୍–୧୯ ମହାମାରୀ ବିଶ୍ୱ ଦୃଶ୍ୟପଟରୁ ଅପସରି ଯିବ, ଆମେ ଠିକ୍ ସେହିଭଳି ଆଉ ଏକ ଦଶନ୍ଧିର ସମ୍ମୁଖୀନ ହେବା ; ଯାହାକୁ ଆମେ ବିକାଶମୁଖର ବିଂଶ ଦଶନ୍ଧି ବୋଲି ଅଭିହିତ କରିପାରିବା। ଏହି ସମୟରେ ବିଶ୍ୱ ଅର୍ଥନୀତି ପୁଣି ଥରେ ଅଭିବୃଦ୍ଧିମୁଖୀ ହେବ। ବାଣିଜ୍ୟ କାରବାରରେ ବୃଦ୍ଧି ଘଟିବ ଓ ସଫଳତାର ସ୍ୱାଦ ବିଶ୍ୱବାସୀ ଚାଖିବେ। ଭାରତ ଅଭିବୃଦ୍ଧିର ଶିଡିରେ ପୁନର୍ବାର ବୀର ଦର୍ପରେ ଅଗ୍ରଗାମୀ ହେବ ଏବଂ ଅସାଧାରଣ ସମୃଦ୍ଧଶାଳୀ ଓ ଅନନ୍ୟ ବୈଭବଶାଳୀ ହେବ। ପଞ୍ଜୁରୀରେ ଅବରୁଦ୍ଧ ହୋଇ ରହିଥିବା ଗ୍ରାହକମାନେ ଅର୍ଥ ବିନିଯୋଗ କରିବାକୁ ପ୍ରବଳ ଭାବେ ଆଗ୍ରହାନ୍ୱିତ ହୋଇ ଘରୁ ଗୋଡ଼ କାଢ଼ି ବସିରହିଛନ୍ତି। ଆମେ ଏକାଧିକ ପ୍ରମୁଖ ଶିଳ୍ପସଂସ୍ଥାରେ ଏହା ଲକ୍ଷ୍ୟ କରିପାରିବା। କାର୍, ମୋଟର ସାଇକେଲ ଏବଂ ଅନ୍ୟାନ୍ୟ ସରଞ୍ଜାମ ଆଦିର ବିକ୍ରିବଟା ୨୦୧୯ର ସ୍ତର ତୁଳନାରେ ୨୦୨୦ରେ ଅଧିକ ହୋଇଛି। ରିଏଲ୍ ଇଷ୍ଟେଟର ମୂଲ୍ୟ ଦ୍ୱିତୀୟ ଶ୍ରେଣୀ ଓ ତୃତୀୟ ଶ୍ରେଣୀ ସହରରେ ବଢ଼ି ବଢ଼ି ଚାଲିଛି। ମନୋରଞ୍ଜନ ସାମଗ୍ରୀ ଓ ଉପକରଣ କିଣିବାରେ ମଧ୍ୟ ଅଭିବୃଦ୍ଧି ଘଟିଛି। ଏପରି କି ବିଳାସ ଓ ଆମୋଦ ପ୍ରମୋଦ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକ ୨୦୨୦ରେ ଅଧିକ ବିକ୍ରିବଟା କରିଛନ୍ତି। ଏହି ଧାରାରେ ନିଶ୍ଚିତ ଅଭିବୃଦ୍ଧି ଘଟିବ, ଯେତେବେଳେ ସାଧାରଣ ଜନତା ସୁଖରେ ଜୀବନଯାପନ କରିବେ ଏବଂ ମନ ମୁତାବକ ଅର୍ଥ ବ୍ୟୟ କରିବେ। ସବୁ ସାମଗ୍ରୀର ବ୍ୟବହାର ସେତେବେଳେ ଶୀର୍ଷ ଦେଶରେ ପହଞ୍ଚିବ, ଯେତେବେଳେ ଅବରୁଦ୍ଧ ହୋଇ ରହିଥିବା ଚାହିଦା ସମ୍ପୂର୍ଣ୍ଣ ଭାବେ ଉନ୍ମୁକ୍ତ ହୋଇଯିବ।

ଏକ ଦ୍ୱିତୀୟ ଶକ୍ତି ଯାହା କି ଅଭିବୃଦ୍ଧିକୁ ଇନ୍ଧନ ଯୋଗାଉଛି ତାହା ହେଲା ନୂତନ ପ୍ରଯୁକ୍ତିବିଦ୍ୟାର କ୍ରମାଗତ ସଂପ୍ରସାରିତ ରୂପରେଖ। ଇଲେକ୍‌ଟ୍ରିକ ଗତିଶୀଳତାର ଦ୍ରୁତ ଅଭିବୃଦ୍ଧି ଘଟୁଛି; ଯାହା କି ଇଲେକ୍‌ଟ୍ରିକ ମୋଟର ସାଇକେଲ, କାର୍,ବସ୍ ଆଦିକୁ ବ୍ୟବହାରର ପ୍ରଚଳିତ ଧାରାକୁ ନେଇଆସିବ। 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଏବଂ 'ମେଶିନ ଲର୍ନିଂ' ଏବଂ '୫ଜି ନେଟୱର୍କ' ମିଳିମିଶି ଅଗମେଣ୍ଟେଡ ରିଆଲିଟି ଏବଂ ଭର୍ଚୁଆଲ ରିଆଲିଟିକୁ ଜନତାଙ୍କ ପାଖରେ ଉପସ୍ଥାପନା କରିବେ। 'କ୍ଲାଉଡ କମ୍ପ୍ୟୁଟିଂ' ଏକାଧିକ ଡିଜିଟାଲ ସେବାକୁ ଯେ କୌଣସି ସ୍ଥାନରେ, ଯେ କୌଣସି ସମୟରେ ଓ ଯେ କୌଣସି ଲୋକ ପାଖରେ ଉପଲବ୍ଧ କରାଇବ। କାର୍ଯ୍ୟ ସଂପାଦନ କଲାବେଳେ ଆପଣଙ୍କ ବ୍ୟବହାର ଏବଂ ପ୍ରଶିକ୍ଷଣ ଅଭିଜ୍ଞତା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଓ 'ମେଶିନ୍ ଲର୍ନିଂ ଟୁଲ୍ସ' ମାଧ୍ୟମରେ ରୂପାନ୍ତରିତ ହୋଇ ସର୍ବୋତ୍ତମ ଉତ୍ପାଦକତା ଟୁଲ୍ସ ଉପଲବ୍ଧ କରାଇବ। ଠିକ୍ ସେହିପରି 'ଇଣ୍ଟରନେଟ୍ ଅଫ ଥିଙ୍ଗ୍‌ସ' ମାନୁଫ୍ୟାକଚରିଙ୍ଗ ଓ କୃଷିକୁ ରୂପାନ୍ତରିତ କରାଇବ।

ଏ ସମସ୍ତ ନୂତନ ପ୍ରଯୁକ୍ତିବିଦ୍ୟା ସମ୍ପୂର୍ଣ୍ଣ ଭାବେ ନୂତନ ଭିତ୍ତିଭୂମି ଆବଶ୍ୟକ କରିବ ଯଥା– ଉନ୍ନତ ୫ଜି ନେଟୱର୍କ୍ସ, ଚାର୍ଜିଂ ଷ୍ଟେସନ୍ସ, ଇଣ୍ଟେଲିଜେଣ୍ଟ ହାଇୱେଜ୍, ଗ୍ରିଡ ସହ ସଂଯୁକ୍ତ ହୋଇଥିବା ବ୍ୟାଟେରି ଗୋଦାମ ଏବଂ ବିଶାଳ 'କ୍ଲାଉଡ କମ୍ପ୍ୟୁଟିଂ' ସେଣ୍ଟର। ଏତଦ୍‌ବ୍ୟତୀତ ପରିବର୍ତ୍ତିତ ପାଣିପାଗର ଚାପ ସହ ଖାପ ଖୁଆଇ ବଞ୍ଚି ରହିବାକୁ ହେଲେ ଆମ ବାସସ୍ଥାନ ସହ ବାଣିଜ୍ୟିକ ଓ ଶିଳ୍ପ ସଂକ୍ରାନ୍ତୀୟ କୋଠାବାଡିଗୁଡ଼ିକରେ ମଧ୍ୟ ବଡ ଧରଣର ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏନର୍ଜି ନେଟୱର୍କଗୁଡ଼ିକ ମଧ୍ୟ 'ଗ୍ରୀନ ଟେକ୍ନୋଲୋଜି' ବା ସବୁଜ ପ୍ରଯୁକ୍ତିବିଦ୍ୟାକୁ ପରିବର୍ତ୍ତନ କରିବାକୁ ପଡ଼ିବ। 'ସବୁଜ ଅର୍ଥନୀତି' ମଧ୍ୟ ବିଶ୍ୱରେ ପ୍ରତିଷ୍ଠିତ ହେବ।

ଦେଶରେ ଏକ ଶକ୍ତିଶାଳୀ ଅଭିବୃଦ୍ଧି ପାଇଁ ଭାରତ ଏଭଳି ଅସାଧାରଣ ସୁଯୋଗକୁ ନିଜ ହାତମୁଠାକୁ ଆଣିବାକୁ ବଦ୍ଧପରିକର। କୋଭିଡ୍–୧୯ ଧୀରେ ଧୀରେ ନିୟନ୍ତ୍ରଣକୁ ଆସିଯାଉଥିବାରୁ ଆଗାମୀ ଦଶନ୍ଧି ଭାରତର ବିକାଶମୁଖର ବିଂଶ ଦଶନ୍ଧି ହେବା ପାଇଁ ପ୍ରତିଜ୍ଞାବଦ୍ଧ ଏବଂ ଏହି ଦଶନ୍ଧି ଅଭିବୃଦ୍ଧି ଓ ସମୃଦ୍ଧିର ନୂତନ ଦଶନ୍ଧି ଭାବେ ସମଗ୍ର ବିଶ୍ୱରେ ପ୍ରତିଭାତ ହେବ।

ବି–୩,ଏଚ.ଆଇ.ଜି. କଲୋନୀ
ବରମୁଣ୍ଡା ହାଉସିଂ ବୋର୍ଡ
ଭୁବନେଶ୍ୱର, ମୋ:୯୩୩୮୨୦୪୯୯୩

# କଡ଼କଡ଼ିଆ ଜଙ୍କଫୁଡ୍ ଓ ଚିଲିକା ପକ୍ଷୀ



ଶୁଭନାରାୟଣ ଶତପଥୀ

ଚିଲିକା ହେଉଛି ସର୍ବବୃହତ ମୁକ୍ତ ପକ୍ଷୀ ଚିଡ଼ିଆଖାନା। ଆଉ ପକ୍ଷୀ ଦର୍ଶନାଭିଳାଷୀଙ୍କ ସ୍ୱର୍ଗ। ଚିଲିକାର ଅବସ୍ଥିତି ଓଡ଼ିଶାରେ ହୋଇଥିବାରୁ ଏହା ଆମ ପାଇଁ ଗର୍ବ ଓ ସୁଯୋଗ। ଏହା କେବଳ ଚିଲିକାର ପରିବେଶ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସହାୟକ ହୁଏ ତାହା ନୁହେଁ ବରଂ ପର୍ଯ୍ୟଟନ, ରୋଜଗାର ବିକାଶର ପ୍ରକ୍ରିୟା ବୋଲି କୁହାଯାଇପାରେ। ଧଳା ସମୁଦ୍ର ଚିଲ, ଗ୍ରିଲାରା ଗିଜ୍, ବାଇଗଣୀ ମୁରହେନ୍, ଉତ୍ତର ପେଣ୍ଟେଲ, ରାଜହଂସ ଜାକାନା ଇତ୍ୟାଦି ବିଦେଶାଗତ ପକ୍ଷୀଙ୍କ ସମେତ ମୋଟ ୨୨୫ପ୍ରଜାତିର ପକ୍ଷୀ ଚିଲିକାକୁ ଆସିଥାନ୍ତି ବିଚରଣ କରିବାକୁ। ବିଶେଷକରି ଶୀତ ଋତୁରେ ଏମାନଙ୍କର ଅଧିକ ମାତ୍ରାରେ ସମାଗମ ହୋଇଥାଏ। ଏହି ସମୟରେ ପର୍ଯ୍ୟଟକଙ୍କ ଭିଡ ବଢିଥାଏ। ପର୍ଯ୍ୟଟକମାନେ ଚିଲିକାର ନଳବଣଠାରୁ ମୁହାଣ ତଥା କାଳିଜାଇ ଆଦି ସ୍ଥାନ ଭ୍ରମଣ କରି ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି।

ବିଗତ ବର୍ଷ ଶୀତଋତୁ ସମୟର ଭ୍ରମଣ ସଂକ୍ରାନ୍ତୀୟ ଏକ ଘଟଣା। ସାଙ୍ଗମାନଙ୍କ ସହ ସୋମନାଥବାବୁ କାଳିଜାଇ ଦର୍ଶନରେ ଯାଇଥିଲେ। ଚିଲିକାରେ ନୌବିହାର କରି ସେଠାରେ ପହଞ୍ଚିଲେ। ବୁଲାବୁଲି ସାରି ଫେରିବା ସମୟରେ ସେଠାକାର ଜଣେ ଦୋକାନୀ ସୋମନାଥବାବୁଙ୍କୁ ପଚାରିଲେ– ବାବୁ, ଚିଲିକାକୁ ଆସିଥିବା ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କୁ ନିକଟରୁ ଦେଖିଛନ୍ତି କି ଆପଣ ? ସୋମନାଥବାବୁ ଉତ୍ତରରେ ନା କହିଲେ। ଦୋକାନୀ ଜଣକ କହିଲେ ହଉ, ମୁଁ ଆପଣଙ୍କୁ ଗୋଟିଏ ସୂତ୍ର ବତେଇବି। ତାକୁ ମାନିଲେ ଆପଣଙ୍କ ଏତେ ବାଟର ଯାତ୍ରା ଖର୍ଚ୍ଚ ଉଠିଯିବ ଓ ଯାତ୍ରାର ଶ୍ରମ ସାର୍ଥକ ହେବ। ଏକଥା ସୋମନାଥବାବୁ ଓ ତାଙ୍କ ସାଙ୍ଗମାନେ ଉତ୍ସାହର ସହ ଶୁଣୁଥିଲେ। କୁରକୁରେ, ପଟାଟୋ ଚିପ୍‌ସ ଭଳି ଦୁଇଟି କଡକଡିଆ ଜଙ୍କଫୁଡର ପ୍ୟାକେଟ ସୋମନାଥବାବୁଙ୍କ ହାତକୁ ବଢାଇ ଦେଇ ଦୋକାନୀ ଜଣକ କହିଲେ, ଆପଣ ଡଙ୍ଗାରେ ଘରକୁ ଫେରିବା ସମୟରେ ଏଗୁଡିକୁ ପାଣିକୁ ପକାଇଦେବେ, ଦେଖିବେ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀମାନେ ଆପଣାଛାଏଁ ଆପଣଙ୍କ ଚାରିପାଖକୁ ଚାଲି ଆସିବେ। ଆଉ ଆପଣ ଏ ଦୃଶ୍ୟ ମନଭରି ଉପଭୋଗ କରିବେ। ଏକଥା ଶୁଣି ସୋମନାଥବାବୁଙ୍କ ସାଙ୍ଗମାନେ କୋଡିଏଟି ପ୍ୟାକେଟ କଡକଡିଆ ଜଙ୍କ ଫୁଡ କିଣିଲେ। ସୋମନାଥବାବୁ ଭାବୁଥାନ୍ତି ଏହା କ'ଣ ଦୋକାନୀର ବ୍ୟବସାୟ ଭିତ୍ତିକ ଯୋଜନା ନା ଆଉ କିଛି। ତେବେ ସମସ୍ତେ ଡଙ୍ଗାରେ ବସିବା ପରେ ଡଙ୍ଗା ଛାଡିଲା। ଦୋକାନୀର କଥା ଅନୁସାରେ ସୋମନାଥବାବୁଙ୍କ ସାଙ୍ଗମାନେ ପ୍ୟାକେଟ ଖୋଲିବା ମାତ୍ରେ ଦଳଦଳ ପକ୍ଷୀ ସେମାନଙ୍କ ଆଡକୁ ମାଡିଆସିଲେ ଓ ଚାରିପାଖରେ ଘୂରିବାକୁ ଲାଗିଲେ। ଏଥିରୁ ସୋମନାଥବାବୁ ଜାଣିପାରିଲେ ଯେ ବୋଧହୁଏ, ପକ୍ଷୀମାନେ ଜଙ୍କଫୁଡ ଖାଇବା ଅଭ୍ୟାସରେ ପଡିଗଲେଣି। ଯେମିତି ପ୍ୟାକେଟରୁ ବାହାର କରି କଡକଡିଆ ଜଙ୍କଫୁଡକୁ ପାଣିରେ ପକାଇଛନ୍ତି, ଖପଖାପ କରି ପକ୍ଷୀମାନେ ତାଙ୍କ ଥଣ୍ଟରେ ସେଗୁଡିକୁ ନେଇ ଉଡିଯାଉଥାନ୍ତି। ପରବର୍ତ୍ତୀ ସମୟରେ ସୋମନାଥବାବୁଙ୍କ ମନରେ ଏ ଦୃଶ୍ୟ ଗଭୀର ରେଖାପାତ କଲା। ଆରେ ଇଏତ ସମ୍ପୂର୍ଣ୍ଣ ଭୁଲ୍ କାମ। ତେବେ ଏହି କାର୍ଯ୍ୟ କିଏ ଆରମ୍ଭ କରିଛି ଯେ ଏହା ଆମ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲାଣି। ଏହି କଥା ସୋମନାଥବାବୁଙ୍କ ପରି ପ୍ରକୃତିପ୍ରେମୀଙ୍କୁ ପ୍ରଭାବିତ କରିବା ଏକ ସ୍ୱାଭାବିକ କଥା। କାରଣ ନିଜର ଖୁସି ଓ ଯାତ୍ରାକୁ ଉପଭୋଗ କରିବାକୁ ଯାଇ ନିରୀହ ପକ୍ଷୀଙ୍କୁ କଡକଡିଆ ଜଙ୍କଫୁଡର ମାୟାଜାଲରେ ପକାଉଥିବା ମାଧ୍ୟମ ହେଉଛନ୍ତି ଆମପରି ମଣିଷମାନେ। ଯେଉଁଠି ସଚେତନଶୀଳ ବ୍ୟକ୍ତି ଭାବରେ ନିଜକୁ ଓ ଶିଶୁମାନଙ୍କୁ ଏପରି ଖାଦ୍ୟଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଉଛେ, ସେଠି ଏହି ନିରୀହ ପକ୍ଷୀଙ୍କ ପ୍ରତି କେମିତି କ୍ରୂର ଆଚରଣ ପ୍ରଦର୍ଶନ କରୁଛେ କେମିତି ? ଏଠାରେ କୁହାଯାଇପାରେ ଯେ, ଦୋକାନୀଟି ନିଜର ବ୍ୟବସାୟିକ ଫାଇଦା ପାଇଁ ଓ ପର୍ଯ୍ୟଟକମାନେ ଏ ଦୃଶ୍ୟକୁ ଉପଭୋଗ କରିବା ଲାଗି ପକ୍ଷୀଙ୍କ ସ୍ୱାର୍ଥକୁ ବଳି ପକାଉଛନ୍ତି। ତେଣୁ ପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ଉଭୟ ସ୍ଥାନୀୟ ବ୍ୟବସାୟୀ, ପର୍ଯ୍ୟଟକ ସମସ୍ତେ ଯତ୍ନବାନ ହେବା ଉଚିତ। ତଥାପି ମନରେ ପ୍ରଶ୍ନ ଉଠେ, କଡକଡିଆ ଜଙ୍କଫୁଡର ବ୍ୟବହାର କରି କେହି କେହି ପକ୍ଷୀଙ୍କୁ ଶିକାର କରୁନାହାନ୍ତି ତ ? ତାହା କିଏ ନିଶ୍ଚିତ କରିବ ? ପର୍ଯ୍ୟଟକଙ୍କ ସହ ଯାଇଥିବା ଶିଶୁମାନଙ୍କ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ? ଏହି ଖାଦ୍ୟ କ'ଣ ପକ୍ଷୀମାନଙ୍କ ସ୍ୱାସ୍ଥ୍ୟ ଅନୁକୂଳ ନା ଖାଦ୍ୟ ଦେବା ପ୍ରକ୍ରିୟାର ଏକ ଉଚିତ ମାର୍ଗ ? ଏହି ପ୍ରକ୍ରିୟା ଦୀର୍ଘଦିନ ଅବ୍ୟାହତ ରହିଲେ ପକ୍ଷୀବଂଶ ନାଶ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

ଏମିତିକା ଘଟଣା ପୂର୍ବରୁ ମୁମ୍ବାଇରେ ଘଟିଥିବାର ପ୍ରସାରିତ ହୋଇଥିଲା। ଏହି କାର୍ଯ୍ୟକୁ ବାରଣ କରିଥିଲା ସେଠାକାର ପରିବେଶ ବିଭାଗ। ହୋଇପାରେ ଏ କାର୍ଯ୍ୟ ପର୍ଯ୍ୟଟକଙ୍କ ଅଜ୍ଞତା, ଅସଚେତନତା, ମନୋରଞ୍ଜନ କିମ୍ବା ପକ୍ଷୀ ଶିକାର ଉଦ୍ଦେଶ୍ୟରେ, କିନ୍ତୁ କ୍ଷତି ତ ପରିବେଶର ହେଉଛି ନା। ଯେଉଁଠି ଏହାକୁ ରକ୍ଷା କରିବା ଦାୟିତ୍ୱ ହେଉଛି ସ୍ଥାନୀୟ ଜନସାଧାରଣ, ପରିବେଶବିତ୍, ପର୍ଯ୍ୟଟକ, ସରକାରଙ୍କର। ବିଦେଶାଗତ ପକ୍ଷୀ ବିଶେଷଜ୍ଞ ଡ. ରିନା ଜେବ୍‌ଙ୍କ ମତ ଓ ଅଧ୍ୟୟନରୁ ଜଣାଯାଏ ଯେ, ପକ୍ଷୀମାନେ ଜଙ୍କଫୁଡ ଖାଇବା ଦ୍ୱାରା ମଣିଷଙ୍କ ଭଳି ସ୍ୱାସ୍ଥ୍ୟଗତ ସମସ୍ୟାର ସାମ୍ନା କରିଥାନ୍ତି। ଯେପରି କି ଲିଭର, ପାଚନକ୍ରିୟା, ପ୍ରଜନନ ଜନିତ ସମସ୍ୟା ଇତ୍ୟାଦି। ଏଣୁ ଏ କାର୍ଯ୍ୟକୁ ବେଳ ହୁଁ ନିୟନ୍ତ୍ରଣ ନ କଲେ ଭବିଷ୍ୟତରେ ଏହା ପକ୍ଷୀବଂଶଙ୍କ ପାଇଁ କାଳ ହେବାର ସମ୍ଭାବନା ସୃଷ୍ଟି କରିବ। ଆମେ ଜାଣୁ ଯେ, ଆକର୍ଷଣୀୟ ଜଙ୍କଫୁଡଗୁଡିକରେ ଅତ୍ୟଧିକ ଲୁଣ, ଟ୍ରାନ୍ସ ଫ୍ୟାଟ, ତେଲ, କମ୍ ପୁଷ୍ଟିଯୁକ୍ତ ତଥା ସ୍ୱାସ୍ଥ୍ୟ ହାନିକାରକ ଉପାଦାନ ଥାଏ। ଏହାକୁ ଅତ୍ୟଧିକ ଖାଇବା ଯୋଗୁ ହୃଦ୍‌ରୋଗ, ରକ୍ତଚାପ, ଅବସାଦ, ଓଜନବୃଦ୍ଧି ଭଳି ବେମାରି ସୃଷ୍ଟି ହୋଇଥାଏ। ଏସବୁ ନକାରାତ୍ମକ ଦିଗକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୋଇଥିବା ବ୍ୟକ୍ତିମାନେ ନିଜର ଶିଶୁମାନଙ୍କୁ ଏହି ଖାଦ୍ୟଠାରୁ ଦୂରେଇ ରଖୁଛନ୍ତି। ଏଣୁ ସଚେତନଶୀଳ ହୋଇ ପକ୍ଷୀଙ୍କ ଆଖିରେ ନିଜ ଶିଶୁଙ୍କ ଆଖି ଦେଖିପାରୁଥିବା ବ୍ୟକ୍ତି ଉଭୟ ପକ୍ଷୀ ଓ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କରିପାରିବ। ଏବେ କରୋନା ଭୂତାଣୁ ସଂକ୍ରମଣଯୁକ୍ତ ମହାମାରୀର ଅନଲକ ପ୍ରକ୍ରିୟାରେ ପର୍ଯ୍ୟଟନ ସ୍ଥଳୀ ଖୋଲିବାକୁ ଲାଗିଲାଣି। ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ବଢିବ। ତେବେ ପକ୍ଷୀ ସୁରକ୍ଷା ନିମନ୍ତେ ଆଇନଗତ କଟକଣା ଓ ସଚେତନତାକୁ ବୃଦ୍ଧି କରିବାକୁ ହେବ। ନଚେତ ଏ ସମାଜରେ ପକ୍ଷୀ ଓ ଶିଶୁ ଉଭୟ ବିପଥଗାମୀ ହେବାର କାରଣ ପାଇଁ ଆମେମାନେ ଦାୟୀ ରହିବା। ଚିଲିକା ଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ହ୍ରଦ ଆଉ ସୁରକ୍ଷିତପୂର୍ଣ୍ଣ ମୁକ୍ତ ବିହଙ୍ଗ ଆଶ୍ରୟସ୍ଥଳୀ ହୋଇ ରହିପାରିବ ନାହିଁ। ବେଳ ହୁଁ ପଦକ୍ଷେପ ନ ନେଲେ ମୁକ୍ତବିହଙ୍ଗ ପୂର୍ଣ୍ଣ ଚିଲିକା ଓ ସମାଜର ସୁସ୍ଥ ଭବିଷ୍ୟତ ଉଭୟଙ୍କର ପତନ ହେବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ–୯୪୩୮୪୩୨୦୨୩

## ଏଇ ଭାରତରେ

ଜୀବିକା ପାଇଁ ଭାରତରେ ବହୁ ମହିଳା ଅଟୋରିକ୍ସା ଚଳାଉଛନ୍ତି କିନ୍ତୁ ମଣିପୁରର ଲାଇବି ଓଇନାମ୍ ଏମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭିନ୍ନ। ମଣିପୁରର ପ୍ରଥମ ମହିଳା ଅଟୋଚାଳକ ହେଉଛନ୍ତି ଲାଇବି। ଜଣେ ନର୍ସ କୋଭିଡ୍–୧୯ରେ ଆକ୍ରାନ୍ତ ହେବା ପରେ ତାଙ୍କୁ ତାଙ୍କ ଘରେ ପହଞ୍ଚାଇବା ଲାଗି ହସ୍ପିଟାଲ କର୍ମଚାରୀ ତଥା ଅନ୍ୟ ଅଟୋ ଡ୍ରାଇଭରମାନେ ମନା କରିବା ପରେ ଲାଇବି ଇମ୍ଫାଲରୁ କାମଜୋଙ୍ଗ ଯାଏ ରାତିରେ ୧୪୦ କି.ମି. ନେଇ ତାଙ୍କ ଘରେ ପହଞ୍ଚାଇଛନ୍ତି। ଏଥିପାଇଁ ତାଙ୍କୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂ ୧.୧ ଲକ୍ଷ ଟଙ୍କା ପୁରସ୍କାର ଦେଇଛନ୍ତି। ଲାଇବିଙ୍କୁ ଏବେ ବୟସ ୪୪। ସେ ଆଠ ବର୍ଷ ତଳେ ଏକ ଇଟାଭାଟିରେ କାମ କରୁଥିଲେ। ସେତେବେଳେ ତାଙ୍କ ସ୍ୱାମୀ ଡାଇବେଟିସରେ ପୀଡିତ ହେବା ପରେ ଦୁର୍ବଳ ହୋଇଗଲେ ଓ ଘରୁ ବାହାରି ପାରିଲେ ନାହିଁ। ଘରଚଳିବା ଲାଗି ଲାଇବି ଅଟୋ ଚଳାଇବା ଆରମ୍ଭ କରିଥିଲେ । ତାଙ୍କ ଜୀବନୀ ଉପରେ ଲିନା ଲଙ୍ଗଜାମ ୨୦୧୫ ଏକ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିଥିଲେ, ଯାହା ନନ୍–ଫିଚର କ୍ୟାଟେଗୋରିରେ ଜାତୀୟ ପୁରସ୍କାର ପାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ଜାନୁୟାରୀ ୧୯୯୬**

- ଚୀନର ଦକ୍ଷିଣ–ପୂର୍ବ ଅଞ୍ଚଳରେ ଏକ କୃଷି ଉପକରଣ ନିର୍ମାଣ କାରଖାନାରେ ବିସ୍ଫୋରଣ ଘଟିବାରୁ ୧୪ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ମାଲାୟାଲମ୍ ଲେଖକ ତଥା 'ମାତୃଭୂମି' ପ୍ରକାଶନର ସଂପାଦକ ଏମ୍.ଟି. ବାସୁଦେବନ୍ ନାୟାର ଜ୍ଞାନପୀଠ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## ଚିରନ୍ତନୀ

ପାଦପ–ତଳେ କୁଟୀର ବୁକେ
କୃଷକ ଅବା ଶୋଇଛି ସୁଖେ
ସ୍ୱପନ କୋଳେ ସକଳ ଶ୍ରମ
ଭାବନା ରାଶି ନାଶି
ଆମ୍ରବନ କୁଟୀର ତଳବାସୀ !
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | | | | 2 | D | | 5 | |
| | | | | | | | | 2 | 5 | | | | B | E |
| 1 | | | | | 8 | A | 7 | | | | | 6 | C | 0 |
| | 0 | | | 5 | | 8 | D | | 6 | 4 | 1 | | A | |
| | | 4 | 1 | 7 | | | | | | C | A | | | |
| | | | | 0 | 7 | | | 9 | 8 | | | | 3 | A |
| C | 4 | | | | | 3 | | E | | | B | | | 5 |
| | | A | 3 | D | | | | B | | | | 0 | | |
| | | 9 | | 6 | A | 2 | | | | 3 | 5 | | 1 | |
| | | | 9 | | | | | 0 | | | C | 4 | D | |
| | E | | | 2 | | | C | | D | | | | | |
| | | | E | | | | | 4 | | 1 | | | | |
| | 5 | 0 | | | | | 1 | | | | | E | | 8 |
| | A | | | 3 | 6 | 0 | B | D | | | E | | 4 | 7 |
| B | C | | | | | | | | | | 6 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 9 | D | C | 2 | B | 7 | A | 3 | 5 | 0 | 4 | E | 6 | 1 |
| 1 | E | 3 | 8 | 0 | D | B | 2 | 6 | 9 | C | A | 4 | 5 | 7 |
| 7 | 2 | 5 | 3 | 6 | 9 | 1 | C | 4 | E | 8 | B | A | D | 0 |
| A | B | 6 | 1 | 4 | 5 | 8 | 0 | E | 7 | D | 3 | C | 2 | 9 |
| 0 | 4 | C | 7 | A | E | 9 | 5 | D | 2 | 6 | 1 | B | 3 | 8 |
| 5 | 1 | E | D | 8 | 4 | 0 | B | 9 | 6 | 2 | C | 7 | A | 3 |
| D | 3 | 2 | 0 | B | 7 | E | 6 | C | A | 1 | 5 | 9 | 8 | 4 |
| C | 0 | A | 9 | E | 6 | D | 7 | 2 | 4 | 3 | 8 | 1 | B | 5 |
| 9 | 8 | B | 2 | 5 | 3 | A | 4 | 1 | D | 7 | E | 6 | 0 | C |
| 4 | 6 | 7 | A | C | 1 | 3 | 8 | 5 | B | 9 | 0 | D | E | 2 |
| E | C | 8 | 5 | 3 | 0 | 6 | 9 | A | 1 | 4 | D | 2 | 7 | B |
| B | 5 | 9 | 4 | D | C | 2 | 3 | 7 | 8 | E | 6 | 0 | 1 | A |
| 3 | A | 1 | E | 9 | 2 | 4 | D | 8 | 0 | B | 7 | 5 | C | 6 |
| 6 | 7 | 4 | B | 1 | A | C | E | 0 | 3 | 5 | 2 | 8 | 9 | D |
| 2 | D | 0 | 6 | 7 | 8 | 5 | 1 | B | C | A | 9 | 3 | 4 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୃଷି ବିଭାଗର ଦୃଷ୍ଟି ପଡୁ

ମହାଶୟ,

ଆମ ରାଜ୍ୟରେ ବାହାର ରାଜ୍ୟରୁ ବିଭିନ୍ନ ଫଳଚାରା, ପରିବା ଚାରା ଓ ଫୁଲ ଚାରା ଆସି ରାସ୍ତାକଡ଼ରେ ବିକ୍ରୟ କରାଯାଉଛି। କଲିକତା, ଆନ୍ଧ୍ର ପ୍ରଭୃତିର ବ୍ୟବସାୟୀମାନେ ଅତ୍ୟଧିକ ଦରରେ ରାଜ୍ୟର ବ୍ୟବସାୟୀମାନଙ୍କୁ ବିକ୍ରୟ କରି ଲାଭବାନ ହେଉଛନ୍ତି। ଫଳରେ ଆମ ରାଜ୍ୟର ଉପଭୋକ୍ତାମାନେ ଶୋଷଣର ଶିକାର ହେଉଛନ୍ତି।

ଆମର କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ନୀରବ ଦର୍ଶକ ସାଜିଛନ୍ତି। ଓଡ଼ିଶାର ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଫଳଚାରା ଓ ବିଭିନ୍ନ ଫୁଲଚାରା ଓ ଶୋ' ଗଛ ଯୋଗାଇ ଦେଲେ ଉପକୃତ ହୁଅନ୍ତେ ଓ ସରକାର ରାଜସ୍ୱ ଅର୍ଜନ କରନ୍ତେ। ରାଜ୍ୟରେ ଥିବା ସରକାରୀ ଉଦ୍ୟାନ, ପାର୍କ ମାଧ୍ୟମରେ ବିକ୍ରୟ କରାଯାଇପାରନ୍ତା। ସରକାରୀ ପାର୍କରେ କର୍ମଚାରୀ ଅଛନ୍ତି କିନ୍ତୁ ଚାରା ଉପଲବ୍ଧ ରହୁନି। ଏହା ବ୍ୟତୀତ ବ୍ଲକରେ ଥିବା ଉଦ୍ୟାନ କୃଷି କର୍ମଚାରୀ ବସି ବସି ଯାଉଛନ୍ତି। ସେମାନଙ୍କ ମାଧ୍ୟମରେ ଚାରା ବିକ୍ରୟ କରାଯାଇପାରନ୍ତା। କୃଷି ବିଭାଗ ଉନ୍ନତ କିଷମର ଚାରା ଉତ୍ପାଦନ କରି ଚାଷୀମାନଙ୍କୁ ଯଦି ସୁଲଭ ମୂଲ୍ୟରେ ଯୋଗାଇ ଦିଅନ୍ତା ତା' ହେଲେ ଆମ ରାଜ୍ୟର ଚାଷୀମାନେ ଶୋଷଣରୁ ରକ୍ଷା ପାଆନ୍ତେ।

–ଚିନ୍ତାମଣି ମହାପାତ୍ର, ଅଭୟମୁଖୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ବୁଧବାର, ୨୦ ଜାନୁୟାରୀ, ୨୦୨୧





## ମୂଳୀ ଆଖୁର ଯତ୍ନ

**ମୂଳୀ** ଆଖୁ ଫସଲ କରୁଥିଲେ ପୂର୍ବ ଆଖୁ ଫସଲକୁ ଧାରୁଆ କଟୁରି କିମ୍ବା ଫାଉଡା ଦ୍ୱାରା ମାଟିରେ ବତର ଥିବା ବେଳେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ, ଯେପରି କି ଆଖୁ ମୂଳର ଖୁଣ୍ଟା ଦେଖାଯିବ ନାହିଁ। ମାଟି ଭିତରେ ଥିବା ଖୁଣ୍ଟାର ଆଖିରୁ ଗଜା ବାହାରିଥାଏ। ଏହି ଗଜା ଅଧିକ ପିଲ ଦିଏ ଏବଂ ମୂଳୀ ଆଖୁ ଭଲ ବୁଦା ମାରେ। ଏହାପରେ ଶୁଖିଲା ପତ୍ରକୁ କ୍ଷେତରୁ ବାହାର କରି କ୍ଷେତକୁ ପରିଷ୍କାର କରିଦିଅନ୍ତୁ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ହୁଡାକୁ ଚାଷ କରି ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିବ। ମାଟି ଅଧିକ ଶୁଖି ଯାଇଥିଲେ, ଜଳସେଚନ କରି ହୁଡା ଭାଙ୍ଗନ୍ତୁ। ହୁଡା ଭାଙ୍ଗିବା ସମୟରେ ଏକର ପ୍ରତି ଚାରି ଟନ୍ ଗୋବର ଖତ, ୪୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଓ ୧୨ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ସାଧାରଣତଃ ମୁଖ୍ୟ ଫସଲ ଅପେକ୍ଷା ମୂଳୀ ଫସଲରେ ଅଧିକ ୨୫ ପ୍ରତିଶତ ଯବକ୍ଷାରଜାନ ଦିଆଯାଇଥାଏ।

## ପିଆଜ ଲଗାଇବା ପୂର୍ବରୁ...



**ଆ**ଗରୁ ପିଆଜ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ। ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

## ଲଙ୍କାରେ ଫଳପଚା ରୋଗ ଦମନ

**ଲ**ଙ୍କାରେ ଫଳ ପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ ଗ୍ରାମ ହିସାବରେ ଥାଓଫେନେଟ୍ ମିଥାଇଲ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗ ଥିଲେ ଛୁଇଁ ଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ, ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଇତ୍ୟାଦି ଲାଗିବାର ଆଶଙ୍କା ରହିଛି। ଏହାର ନିକାକରଣ ପାଇଁ ପ୍ରତି ଛଅଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷଣ ଯନ୍ତା ବ୍ୟବହାର କରନ୍ତୁ, ନଚେତ୍ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ମୃତ୍ତିକା ଅନୁସାରେ ଫସଲ



ପ୍ର. ସୁବୋଧ କୁମାର ସାହୁ





ଓଡ଼ିଶାରେ କେଉଁ ମୃତ୍ତିକା ଅନୁଯାୟୀ କିଭଳି ଚାଷ କଲେ ଅଧିକ ଅମଳ ମିଳିପାରିବ, ସେ ସମ୍ପର୍କରେ...

**ଜ**ଳବାୟୁ, କ୍ଷେତ୍ରିୟ ଅବସ୍ଥିତ ଓ ସ୍ଥାନୀୟ ଶିଳାର ବିଭିନ୍ନ ଉପାୟରେ ବିଘଟନକୁ ନେଇ ସୃଷ୍ଟି ହେଉଥିବା ଓଡ଼ିଶାର ମୃତ୍ତିକାକୁ ଆଠ ଗୋଟି କିସମରେ ବିଭକ୍ତ କରାଯାଇଛି। ନିମ୍ନରେ ପ୍ରତ୍ୟେକ ମୃତ୍ତିକାର ଚରିତ୍ର ଏବଂ ଏଥିରେ ଚାଷ ହୋଇପାରିବା ଭଳି ଫସଲ ବିଷୟରେ ସୂଚିତ କରାଯାଉଛି।

**ଲାଲ ମାଟି :** ଉକ୍ତ ମାଟି ମାଗ୍ନେଟାଇଟ ନାମକ ଶିଳାର ବିଘଟନରୁ ସୃଷ୍ଟିହୋଇ ଥାଏ। ଏହି ଶିଳାରେ ଅଧିକ ଲୁହା ଥିବାରୁ ମାଟି ଲାଲ ଦେଖାଯାଏ। ଢିପ କିସମ ଜମିର ଲାଲ ମାଟି ଦୋରସା ବାଲିଆ ଏବଂ ଖାଲ ଜମିର ମାଟି କର୍ଦ୍ଦମାକ୍ତ ଦୋରସା, ଉଭୟ କିସମ ଜମିର ମାଟିର ସଂରଚନା ଦେଖିବାକୁ ଫଳକ ସଦୃଶ। ଲାଲ ମାଟି ଅମ୍ଳ ଏବଂ ଏହାର ପିଏଚ୍ ୪.୫ ରୁ ୬.୦ ମଧ୍ୟରେ। ଉକ୍ତ ମାଟିରେ ଜୈବ ଅଂଶ କମ। ଏହି ମାଟିରେ ସୁଲଭ ଯବକ୍ଷାରଜାନ ଏବଂ ଫସଫେଟ୍ ବହୁତ କମ୍, କିନ୍ତୁ ପଟାସ ମଧ୍ୟମ। ଅଣୁସାର ଭାବେ ବୋରନ୍ ବା ଟାଙ୍ଗଣା ଅଭାବ ପରିମାଣରେ ଥିବା ବେଳେ ଅନ୍ୟସବୁ ଅଣୁସାର ସୁଲଭ ପରିମାଣରେ ଥାଏ। ଉକ୍ତ ମାଟି ଅନୁର୍ବର। ଲାଲ ମାଟି ରାଜ୍ୟରେ ସବୁଠାରୁ ଅଧିକ ପରିମାଣରେ ଅର୍ଥାତ ୭୧.୪ ଲକ୍ଷ ହେକ୍ଟର ଅଛି। ଏହି ମାଟି ରାଜ୍ୟର କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କେନ୍ଦୁଝର, ଗଞ୍ଜାମ, କଳାହାଣ୍ଡି, ନୂଆପଡା, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକରେ ରହିଛି। ଉକ୍ତ ମାଟିରୁ ଅଧିକ ଅମଳ ପାଇଁ ଏକର ପ୍ରତି ୪୦୦ରୁ ୮୭୦ କିଲୋ ପର୍ଯ୍ୟନ୍ତ କାଗଜ କଳ ମଇଳା ସହ ୨.୦ ରୁ ୨.୫ କୁଇଣ୍ଟାଲ ଗୋବର ଖତ ମିଶାଇ ବୁଣାର ୭ରୁ ୧୦ ଦିନ ପୂର୍ବରୁ ଲଙ୍ଗଳ ସିଆରରେ ପ୍ରୟୋଗ କରିବା ଉଚିତ। ଏହି ବୁଣା ସମୟରେ ଅନୁମୋଦିତ, ଯବକ୍ଷାରଜାନ, ଫସଫେଟ ଓ ପଟାସ ପ୍ରୟୋଗ କରିବା ଉଚିତ୍।

ଲାଲ ମାଟିର ମଧ୍ୟମ ଢିପ ଜମିରେ ମାଣ୍ଡିଆ, ବାଜରା, ଜୁଆର, ବିଭିନ୍ନ କ୍ଷୁଦ୍ର ଶସ୍ୟ, ଅଳସି, ଆଳୁ, ଅଦା ଓ ହଳଦୀ ଭଲ ଅମଳ ଦିଏ। ଢିପ ଜମି ଆମ୍ବ , ପଣସ, ପିଜୁଳି, ଅମୃତଭଣ୍ଡା ଏବଂ କଫି ଚାଷ ପାଇଁ ଅଧିକ ଉପଯୁକ୍ତ। ଖାଲ ଜମିରେ ଉପଯୁକ୍ତ ସାର ପ୍ରୟୋଗ କରି ମଧ୍ୟମ ଏବଂ ବଡ କିସମ ଧାନ ବୁଣା ବା ରୁଆଯାଇ ପାରିବ।

**ମିଶ୍ରିତ ଲାଲ ଏବଂ ହଳଦିଆ ମାଟି:** ଲୁହା ଥିବା ଶିଳାରେ ହେମାଟାଇଟ୍ ଓ ଲିମୋନାଇଟ୍ ଥିବା ଖଣିଜ ଧାତୁରୁ ଲାଲ ଓ ହଳଦିଆ ମାଟି ସୃଷ୍ଟି ହୁଏ। ମୁଖ୍ୟତଃ ଉଚ୍ଚ ନିଚ ଗଡ଼ାଣିଆ କିସମ ଜମିରେ ଉକ୍ତ ମାଟି ଦେଖିବାକୁ ମିଳେ। ମାଟିର ଗଭୀରତା ଏବଂ ବୟନ ବିଭିନ୍ନ ସ୍ଥାନରେ ପୃଥକ୍ ପୃଥକ୍ ହୋଇଥାଏ। ଢିପ ଜମିର ମାଟି ଅଗଭୀର ଏବଂ ବାଲିଆ ପଟୁ। ମଧ୍ୟମ ଓ ଖାଲ ଜମିର ମାଟି ଗଭୀର ଏବଂ ଦୋରସା ବାଲିଆ। ଉଭୟ ପ୍ରକାର ଜମିର ମାଟିର ସାଜସଜ୍ଜା ଫଳକାକୃତି। ଉକ୍ତ ମାଟିର ପି.ଏଚ. ୫ରୁ ୬ ମଧ୍ୟରେ। ମଧ୍ୟମ ଢିପ ଜମିର ମାଟିରେ ଯବକ୍ଷାରଜାନ, ଫସଫେଟ୍ ଓ ବୋରନ ଅଭାବ ଥିବାବେଳେ ଖାଲ ଜମିର ମାଟିରେ ପଟାସ ଅଧିକ ଏବଂ ଫସଫେଟ୍ କମ ଥାଏ। ଏହି ପ୍ରକାର ମାଟି ରାଜ୍ୟର ସମ୍ବଲପୁର, ବରଗଡ, ଦେଓଗଡ ଏବଂ ସୁନ୍ଦରଗଡ ଜିଲାର ୫୫ ଲକ୍ଷ ହେକ୍ଟର ଜମିରେ ପରିବ୍ୟାପ୍ତ। ଏହି ମାଟି ମାଣ୍ଡିଆ, ଆଖୁ, ଆଳୁ, ବାଇଗଣ, ବିଲାତି ବାଇଗଣ ଏବଂ ପୋଟଳ ଚାଷ ପାଇଁ ଉପଯୁକ୍ତ। ଖାଲ ଜମିରେ ଧାନ ଚାଷ କରାଯାଏ। ଆମ୍ବ, କଦଳି, ପିଜୁଳି ଏବଂ କମଳା ଉକ୍ତ ମାଟିରେ ଭଲ ହୁଏ।

**କଳା ମାଟି:** ଉକ୍ତ ମାଟି ରାଜ୍ୟର ବିଭିନ୍ନ ଜିଲାରେ ଥିବା କ୍ଷାରୀୟ ଶିଳାର ବିଘଟନରୁ ସୃଷ୍ଟି ହୋଇଥାଏ। ଶିଳାରେ ବିଟୁମିନସ ଏବଂ ଟିଟାନି ଫେରସ୍ତ ଖଣିଜ ପଦାର୍ଥ ଏବଂ ହ୍ୟୁମସ ନାମକ ଜୈବ ଅଂଶ ଥିବାରୁ ଉକ୍ତ ମାଟିର ରଙ୍ଗ କଳା। କଳା ମାଟିରେ କର୍ଦ୍ଦମ ଭାଗ ଅଧିକ। ତେଣୁ ଏହି ମାଟିର ବୟନ କର୍ଦ୍ଦମାକ୍ତ ଦୋରସା ଏବଂ ସାଜସଜ୍ଜା ଘନାକୃତି। ମାଟିର ପିଏଚ୍ ମଧ୍ୟମ ଅର୍ଥାତ ୬.୫ ରୁ ୭.୫ ମଧ୍ୟରେ। ମାଟିରେ ଯବକ୍ଷାରଜାନ ମଧ୍ୟମ ଥିବାବେଳେ ଫସଫେଟ୍ ଓ ପଟାସ ଖାଦ୍ୟ ଉପାଦାନ କମ୍ ଥାଏ। ଜିଙ୍କ୍ ଏବଂ ବୋରନ୍ ଅଣୁସାର କଳାମାଟିରେ ଅଭାବ ପରିମାଣରେ ଥାଏ। ମାଟି ଶୁଖିଗଲେ ଫାଟିଯାଏ ଏବଂ ବର୍ଷା ହେଲେ ମାଟି ଫୁଲି ଫାଟ ବନ୍ଦ ହୁଏ, ଅଧିକ ବର୍ଷା ହେଲେ ଉପର ନରମ ମାଟି ଧୋଇଯାଏ। ଠିଆ ପାଣି ଥିବାବେଳେ ଜମି ହଳ କଲେ ଲଙ୍ଗଳ ସିଆରରେ କାଦୁଅ ମେଞ୍ଚା ମେଞ୍ଚା ହୋଇ ଲାଗେ। ତେଣୁ ମାଟିରେ ଉପଯୁକ୍ତ ପାଗ ଦେଖି ହଳ କରିବା ଉଚିତ। କଳା ମାଟି ରାଜ୍ୟର ପୁରୀ, ଗଞ୍ଜାମ, ନୟାଗଡ, କେନ୍ଦୁଝର, କଳାହାଣ୍ଡି, ସୋନପୁର, ମାଲକାନଗିରି, ସମ୍ବଲପୁର, ବରଗଡ, ଅନୁଗୋଳ ଜିଲାରେ ବିକ୍ଷିପ୍ତ ଭାବେ ପ୍ରାୟ ୯ ଲକ୍ଷ ୬୦ ହଜାର ହେକ୍ଟର ଅଛି। ଉକ୍ତ ମାଟିର ଢିପ ଜମିରେ ଛୋଟ ଧାନ, ମୁଗ, ବିରି, ଛୋଟ ହରଡ ଏବଂ ମଧ୍ୟମ କିସମ ଜମିରେ ଧାନ, ସୂର୍ଯ୍ୟମୁଖୀ, କପା, ଅଳସୀ, ପେଶି, ସୋରିଷ, ପିଆଜ ଏବଂ କୋବି ଜାତୀୟ ଫସଲରେ ଅଣୁ ସାର ପ୍ରୟୋଗ କରି ଚାଷ କଲେ ଅଧିକ ଅମଳ ମିଳେ।

**ଲାଟେରାଇଟିକ ବା ମାଙ୍କଡା ପଥର ମାଟି:** ଉକ୍ତ ମାଟି ଲାଟେରାଇଟ୍ ନାମକ ପଥରର ବିଘଟନରୁ ସୃଷ୍ଟି। ଉକ୍ତ ମାଟିରେ ଲୁହା ଏବଂ ଆଲୁମିନିୟମ ଖଣିଜ ଦ୍ରବ୍ୟ ଅଧିକ ଥାଏ। ଏହି ମାଟି ଦେଖିବାକୁ ଲାଲ ଏବଂ ରୁଗୁଡିଆ। ଏ ମାଟିର ବୟନ ବାଲିଆ ଦୋରସା ଏବଂ ସାଜସଜ୍ଜା ଫଳକାକୃତି। ଉକ୍ତ ମାଟିରେ ଜୈବ ଅଂଶ, ସୁଲଭ ଯବକ୍ଷାରଜାନ ଓ ଫସଫେଟ୍ ଭାଗ ବହୁତ କମ୍ ଏବଂ ପଟାସ ମଧ୍ୟମ ଥାଏ। ମାଟି ଅଧିକ ଅମ୍ଳ ଏଣୁ ପି.ଏଚ ୪.୦ ରୁ ୫.୮ ମଧ୍ୟରେ। ଢିପ ଜମିର ମାଟି ବର୍ଷା ପରେ ଅଧିକ ଟାଣ ହୁଏ। ଏଣୁ ବୁଣା ପରେ ଏବଂ ଚାରା ବଢିବା ପରେ ମାଟିକୁ ବାରମ୍ବାର ଖୁସାଇବାକୁ ପଡିବ। ମଧ୍ୟମ ଜମିର ମାଟିରେ ୨ ରୁ ୨.୫ ଫୁଟ ତଳେ କର୍ଦ୍ଦମ ଅଂଶ ଟାଣ ହୋଇ ବସିଥାଏ। ଏଣୁ ଗଭୀର ହଳ କରି କର୍ଦ୍ଦମ ଜମାଟକୁ ଭାଙ୍ଗିବା ଉଚିତ୍। ବର୍ଷାଦିନେ ଢିପ ଜମିରୁ ଲୁହା ଦ୍ରବୀଭୂତ ହୋଇ ଖାଲ ଜମିରେ ଜାମାହୋଇ ମାଟି ଲୁହା ବିଷାକ୍ତ ହୁଏ।

ମାଙ୍କଡା ପଥର ମାଟିରେ ଚୂନ ଏବଂ ଖତ ପ୍ରୟୋଗ କରି ଅନୁମୋଦିତ, ଯବକ୍ଷାରଜାନ, ଫସଫେଟ୍ ଏବଂ ପଟାସ ପ୍ରୟୋଗ କରି ଢିପ ଜମିରେ ଛୋଟ ଧାନ, ମାଣ୍ଡିଆ, ରାଶି, ଚିନାବାଦାମ ଓ ଆଳୁ ଚାଷ କରାଯାଇ ପାରିବ। ଏହି ମାଟିରେ ଗନ୍ଧକ, ଟାଙ୍ଗଣା ଓ ମଲିବଡେନମ୍ ଅଣୁସାରର ଅଭାବ ଦେଖାଯାଏ। ଚିନାବାଦାମ ଫସଲରେ ଉକ୍ତ ଅଣୁସାରକୁ ପ୍ରୟୋଗ କଲେ ଅମଳ ବଢେ। ମଧ୍ୟମ ଏବଂ ଖାଲ ଜମିରେ ରୁଆ ଧାନରେ ଚୂନ ଏବଂ ଯବକ୍ଷାରଜାନ ଫସଫେଟ୍ ଏବଂ ଅନୁମୋଦିତ ପଟାସର ଦେଢଗୁଣ ପ୍ରୟୋଗ କଲେ ଧାନରେ ଲୁହା ବିଷାକ୍ତ ପ୍ରଭାବ କମିଥାଏ। ମାଙ୍କଡା ପଥର ମାଟି ରାଜ୍ୟର ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସମ୍ବଲପୁର ଜିଲାରେ ବିକ୍ଷିପ୍ତ ଭାବେ ପ୍ରାୟ ୭ ଲକ୍ଷ ହେକ୍ଟର ପରିମାଣରେ ଅଛି। (କ୍ରମଶଃ..)

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୭୬୦୮୫

# ପ୍ରେରଣା ଦେଇଛି ଜୈବିକ ଚାଷ

**କ**ନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତ ସିକକେତାର ଯୁବଚାଷୀ ଅତୁଲ୍ୟ ପ୍ରଧାନ (ମୋ: ୬୩୭୨୦୮୩୫୨୪)। ମା'ନୟନୀ ଓ ବାପା-ବିକ୍ରମ ପ୍ରଧାନଙ୍କ ଏହି ପୁତ୍ରଙ୍କର ୧୦ମ ଶ୍ରେଣୀ ପରେ ପାଠପଢାରେ ଡୋରୀ ବନ୍ଧା ହେଲା। ଚାକିରି ଅପେକ୍ଷା ଚାଷ ଦ୍ୱାରା ରୋଜଗାରକ୍ଷମ ହେବାକୁ ସେ ପସନ୍ଦ କଲେ। ଚାଷକାମରେ ହାତ ଦେଲେ। ଯେନତେନ ପରିବାର ଚଳିଲା। ତେବେ ଇତିମଧ୍ୟରେ ଜୈବିକ ଚାଷ ବିଷୟରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଶୁଣିବାକୁ ପାଇଲେ। ପରବର୍ତ୍ତୀ ସମୟରେ ଏହି ଚାଷ ପ୍ରଣାଳୀକୁ ଆପଣେଇବା ଲାଗି ମନସ୍ଥ କଲେ। ଆରମ୍ଭ ହେଲା ଜୈବିକ ପଦ୍ଧତିରେ ପରିବା ଚାଷ। ପୂର୍ବାପେକ୍ଷା ଚାଷରେ ଖର୍ଚ୍ଚ କମିଲା ଆଉ ଲାଭ ଅଧିକ ମିଳିଲା। ଏହି ଚାଷ ପ୍ରଣାଳୀ ତାଙ୍କ ପାଇଁ ପ୍ରେରଣାଦାୟକ ହୋଇଛି ବୋଲି ସେ ଦୃଢୋକ୍ତି ବ୍ୟକ୍ତ କରନ୍ତି ଅତୁଲ୍ୟ।

ନିମ ତେଲ, ଗୋମୂତ୍ର, ଅଁଳା ଆଦିକୁ ନେଇ ସେ ପ୍ରସ୍ତୁତ କରୁଛନ୍ତି ଜୈବିକ ଖତ। ଏ ସମ୍ପର୍କରେ ସେ କହନ୍ତି, "ନିଜେ ପ୍ରସ୍ତୁତ କରିଥିବା ଖତକୁ ଚାଷରେ ବ୍ୟବହାର କରୁଛି। ପୂର୍ବରୁ ମୋତେ ଯେତିକି ଅମଳ ମିଳୁଥିଲା ଏହି ଖତ ପ୍ରୟୋଗ କରିବା ଦ୍ୱାରା ଏବେ ତା'ଠାରୁ ପ୍ରାୟ ୩୦ ପ୍ରତିଶତ ଅଧିକ ପନିପରିବା ଅମଳ କରିପାରୁଛି। ଯେହେତୁ ମୁଁ ପନିପରିବା ଚାଷ ସମୟରେ ରାସାୟନିକ ସାର ବ୍ୟବହାର କରୁନାହିଁ, ତେଣୁ ବଜାରରେ ମୋ ଦ୍ୱାରା ଉତ୍ପାଦିତ ପନିପରିବାର ଚାହିଦା ଭଲ ରହୁଛି। ଏପରି କି ପ୍ରତ୍ୟେକ ପରିବା କିଲୋ ପିଛା ୫ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ବିକ୍ରି ହୋଇପାରୁଛି। ମୋଟ ଉପରେ କହିବାକୁ ଗଲେ ଜୈବିକ ପଦ୍ଧତିରେ ଚାଷ ମୋତେ ବେଶ୍ ପ୍ରେରଣା ଯୋଗାଇଛି। ଅନ୍ୟପକ୍ଷରେ ଜୈବିକ ଖତ ବ୍ୟବହାର ଯୋଗୁ ଜମି ଉର୍ବର ରହୁଛି। ପୂର୍ବରୁ ରାସାୟନିକ ସାର ପ୍ରୟୋଗ ବେଳେ ୨-୩ ଦିନରେ ଥରେ ଜମିରେ ପାଣି ମଡ଼ାଇବାକୁ ପଡୁଥିଲା। ଏବେ ୧୦ ଦିନରେ ଥରେ ଜମି ପାଣି ଆବଶ୍ୟକ କରୁଛି। ତେଣୁ ଯଦି ଚାଷୀଭାଇମାନେ ଜୈବିକ ପଦ୍ଧତିରେ ଚାଷ କରନ୍ତି ତେବେ ଆହୁରି ଲାଭବାନ୍ ହୋଇପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।"

ବଣପାହାଡ଼ ଘେରା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ମାତ୍ର ୧୦ ପ୍ରତିଶତ। ବର୍ଷା ଓ ଶୀତ ଋତୁରେ ଏଠାରେ ଭଲ ପରିବା ଚାଷ ହୋଇଥାଏ। ଫୁଲକୋବି,

ସଫଳ ଚାଷୀ



ଅତୁଲ୍ୟ ପ୍ରଧାନ

ବନ୍ଧାକୋବି, ବିନ୍ସ, କଞ୍ଚାଲଙ୍କା, ଭେଣ୍ଡି, ଟମାଟୋ, ଗାଜର, ମୂଳା, କାକୁଡ଼ି ଭଳି ସମସ୍ତ ଚାଷ ଏହି ଅଞ୍ଚଳରେ ବଢ଼ିବାରେ ଲାଗିଛି। ଚାଷୀଙ୍କ ସଂଖ୍ୟା ବୃଦ୍ଧି ସହ ଅମଳ ମଧ୍ୟ ବୃଦ୍ଧି ପାଉଛି। ଏଠାରେ ଉତ୍ପାଦିତ ପନିପରିବା କନ୍ଧମାଳ ଜିଲା ବ୍ୟତୀତ ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଖୋର୍ଦ୍ଧା ଆଦିକୁ ବିକ୍ରି ପାଇଁ ଯାଇଥାଏ। ଏବେ ପ୍ରାୟ ୧୦ ହଜାର ଫୁଲକୋବି ଚାରା ଲଗାଇଛନ୍ତି ଅତୁଲ୍ୟ। ଏବେ ବର୍ଷକୁ ଲକ୍ଷାଧିକ ରୋଜଗାର ହେଉଛି। ସରକାରୀ ପ୍ରୋତ୍ସାହନ ମିଳିଲେ ମୋ ସହିତ ଏଠାକାର ଅନେକ ଚାଷୀ ଲାଭବାନ ହୋଇପାରନ୍ତେ ବୋଲି କୁହନ୍ତି ଅତୁଲ୍ୟ।

-ଅରୁଣ କୁମାର ସାହୁ

## କଦଳୀରେ ଝାଉଁଳା ରୋଗ

**କ**ଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡି ପୋଡିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।

# ଜୀବେ ଦୟା ଓ ଜୀବ ମଙ୍ଗଳ ପକ୍ଷ



ଡା. ବୀର କିଶୋର ପରିଡ଼ା

**ପ୍ର**ତିବର୍ଷ ପରି ଚଳିତବର୍ଷ ଜାନୁୟାରୀ ମାସ ୧୪ରୁ ୩୦ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ 'ଜୀବ ମଙ୍ଗଳ ପକ୍ଷ' ପାଳିତ ହେଉଅଛି। ଏହି ଜୀବ ମଙ୍ଗଳ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା- 'ମୂକ ଜୀବ ପ୍ରତି ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ସମ୍ବେଦନଶୀଳ ମନୋଭାବ ପୋଷଣ କରିବା। ଏଥି ସହିତ ପ୍ରାଣୀଙ୍କଠାରେ ଅନାବଶ୍ୟକ କଷ୍ଟ ଓ ଯନ୍ତ୍ରଣା ବାରଣ ନିମନ୍ତେ ପ୍ରାଣୀଙ୍କ ପ୍ରତି ମନୁଷ୍ୟଙ୍କ ଚିକିତ୍ସାର ଆବଶ୍ୟକତା ଉପରେ ଜନସଚେତନତା ସୃଷ୍ଟି କରିବା।' ଏହି ଜୀବ କଲ୍ୟାଣ କାର୍ଯ୍ୟକ୍ରମ ମୁଖ୍ୟତଃ ଦୁଇଟି ବିଷୟ ଉପରେ ଆଧାରିତ। ପ୍ରଥମଟି ହେଲା- ଜୀବମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ ଏବଂ ଦ୍ୱିତୀୟଟି ହେଲା- ଜୀବ ପ୍ରତି ନିଷ୍ଠୁରତା ପରିହାର।



ଏହି ପଶୁପକ୍ଷୀ ବା ପ୍ରାଣୀଙ୍କଠାରୁ ନିର୍ଗତ ବର୍ଜ୍ୟବସ୍ତୁ ଯଥା-ମଳ, ମୂତ୍ର ଆଦି ଜୈବିକ ଖାଦ୍ୟ ରୂପେ ଭୂମିର ଉର୍ବରତା ବୃଦ୍ଧି କରିବା ସଂଗେ ସଂଗେ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ। ବିଭିନ୍ନ ପଶୁପକ୍ଷୀ ପରିତ୍ୟକ୍ତ ମୃତ ଶରୀର ବା ବର୍ଜ୍ୟବସ୍ତୁକୁ ଖାଦ୍ୟ ରୂପେ ଗ୍ରହଣ କରିବା ସହିତ ପରିବେଶ ସନ୍ତୁଳନ ରକ୍ଷା କରିଥାନ୍ତି। ଜୀବେ ନିଷ୍ଠୁରତା ପ୍ରଦର୍ଶନ କହିଲେ-ବାଡେଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ପଶୁଙ୍କୁ ମୋଟା ଲୁହା କଡିରେ ବାନ୍ଧି କଷ୍ଟ ଦେବା, ପଶୁଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟ ପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପଶୁଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡା ଲଢ଼େଇ କରିବା। ପକ୍ଷୀ ବା କୁକୁଡା ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ସାଇକେଲ ବା ବାଇକ୍‌ରେ ନେବା, ଗାଡିରେ ଆବଶ୍ୟକତା ଠାରୁ ଅଧିକ ଗୋରୁ, ଛେଳିମେଣ୍ଢା ପରିବହନ କରିବା, ବୁଲା କୁକୁରଙ୍କୁ ଇଞ୍ଜେକ୍‌ସନ ଦେଇ ମାରିବା, ଚଳଚ୍ଚିତ୍ର ଓ ସର୍କସ ସମୟରେ ପଶୁପକ୍ଷୀଙ୍କ ପ୍ରତି ଯନ୍ତ୍ରଣା ପ୍ରଦର୍ଶନ ଇତ୍ୟାଦି। ତେଣୁ ପଶୁପକ୍ଷୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ୍-୧୯୬୦ ଆକ୍ଟ-୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି।

ଆମ ଦେଶରେ ପଶୁପକ୍ଷୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ନିଷ୍ଠୁରତା ପରିହାର ପାଇଁ ଅନେକ ଆଇନ୍‌ର ବ୍ୟବସ୍ଥା ଅଛି। ଆମ ରାଜ୍ୟ ସରକାରଙ୍କ ତରଫରୁ ଜୀବେଦୟା ଓ ଜୀବେ ନିଷ୍ଠୁରତା ପରିହାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସଚେତନତା ସୃଷ୍ଟି ପାଇଁ ୧୯୩୬ ମସିହାରେ 'ରାଜ୍ୟ ଜୀବେ ନିଷ୍ଠୁରତା ସମିତି' (ଷ୍ଟେଟ୍ ଏସ୍.ପି.ସି.ଏ.) ଗଠିତ ହୋଇଛି। ଗତବର୍ଷ ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ଜୀବଜନ୍ତୁ କଲ୍ୟାଣ ବୋର୍ଡ ପୁନର୍ଗଠିତ କରାଯାଇଅଛି।

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୨୦୦୭ରୁ ସହରବାସୀଙ୍କୁ ପ୍ରାଣୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆନିମଲ ହେଲପ୍ ଲାଇନ କାର୍ଯ୍ୟକ୍ଷମ ହୋଇଅଛି। ବର୍ତ୍ତମାନ ଏହି ହେଲପ୍ ଲାଇନ କଟକ ମହାନଗର ନିଗମ, ବ୍ରହ୍ମପୁର, ସମ୍ବଲପୁର ଆଦି ପୌରାଞ୍ଚଳକୁ ସଂପ୍ରସାରିତ କରାଯାଇଅଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅହୋରାତ୍ର ପ୍ରାଣୀ ଚିକିତ୍ସା ସେବା ଉପଲବ୍ଧ ନିମନ୍ତେ ୨୪ଘଣ୍ଟିଆ ପଲିକ୍ଲିନିକ୍ କାର୍ଯ୍ୟ କରୁଅଛି। ଜୀବ ମଙ୍ଗଳ ପକ୍ଷ ପାଳନ ଅବସରରେ ରାଜ୍ୟସ୍ଥିତ ବିଭିନ୍ନ ଜୀବ କଲ୍ୟାଣ ସଂଗଠନ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କଲେ ଜୀବମଙ୍ଗଳ ପକ୍ଷର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ଦୃଢ ଆଶା।

-ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨



**ଗାଡିମୋଟର ଯାଞ୍ଚ, ୪ କୋର୍ଟ ଚାଲାଣ**

ବାଲିଶଙ୍କରା,(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ତଳସରା ଥାନା ପୋଲିସ ଓ ଜିଲା ପରିବହନ ବିଭାଗ ପକ୍ଷରୁ ସୋମବାର ଗାଡିମୋଟର ଓ ହେଲମେଟ ଚେକିଂ ହୋଇଥିଲା। ଏହି ସମୟରେ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ମଧ୍ୟ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚବେଳେ ୪ଜଣ ଚାଳକଙ୍କୁ ପରୀକ୍ଷା କରାଯାଇ ମଦ୍ୟପାନ କରି ଗାଡି ଚଳାଉଥିବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କାଗଜପତ୍ର ଠିକ୍ ନ ଥିବା ଓ ହେଲମେଟ ବ୍ୟବହାର କରୁ ନ ଥିବା ଚାଳକଙ୍କଠାରୁ ମୋଟ ୧ଲକ୍ଷ ୧୧ ହଜାର ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଛି ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ଚେନ୍‌ଲୁଟ ଘଟଣା: ୨ ଗିରଫ

**ରାଉରକେଲା ଅଫିସ, ୧୯।୧:** ଗତ ୧୬ ତାରିଖ ବାସନ୍ତୀ କଲୋନୀ ଅଞ୍ଚଳରୁ ଜଣେ ମହିଳାଙ୍କ ବେକରୁ ଚେନ୍ ଛିନତାଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଉଦିତନଗର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଇସୁଫ ଖାନ(୩୫) । ଅଭିଯୁକ୍ତଙ୍କ ପାଖରୁ ପୋଲିସ ୩୯ହଜାର ୭ଶହ ଟଙ୍କା ସହ ଏକ ସ୍କୁଟି ଗାଡ଼ି ଜବତ କରିଛି। ଏଥିସହ ଏହି ସୁନାଚେନକୁ କିଣିଥିବା ଜଲେଶ୍ୱର ସାହୁଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବାସନ୍ତୀ କଲୋନୀ ଡିଏଲ/୩୦୪ ଘରେ ରାଜଦେଇ ଦେବୀ(୬୮) ପରିବାର ସହ ବାସ କରନ୍ତି। ରାଜଦେଇ ଦିନ ସାଢ଼େ ୧୨ଟାରେ ନିଜ ଘର ଦୁଆର ପିଣ୍ଡାରେ ବସିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ସ୍କୁଟି ଗାଡ଼ିରେ ଆସି ତାଙ୍କ ଦୁଆର ମୁହଁରେ କିଛି ସମୟ ଧରି ଠିଆ ହୋଇଥିଲେ। ପରେ ତାଙ୍କୁ କୌଣସି ଘରର ଠିକଣା ପଚାରିବା ଅବସ୍ଥାରେ ବ୍ୟକ୍ତି ଜଣଙ୍କ ମହିଳାଙ୍କ ବେକରୁ ୪୦ ଗ୍ରାମର ସୁନାଚେନ୍ ଲୁଟକରି ଫେରାର ହୋଇଯାଇଥିଲେ।

### ନିଆଁରେ ପୋଡ଼ି ମହିଳା ଗୁରୁତର

**ରାଉରକେଲା ଅଫିସ,୧୯।୧:** ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ଖରିଆବାହାଲ ବସ୍ତିରେ ଜଣେ ମହିଳା ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ଖରିଆବାହାଲ ବସ୍ତିରେ ଉମା ଦେବୀ(୩୩) ପରିବାର ସହ ବାସ କରନ୍ତି। ସେ ସକାଳ ସାଢ଼େ ୧୧ଟାରେ ପରିବାର ଲୋକଙ୍କ ପାଇଁ ଷ୍ଟୋଭଯୋଗେ ରୋଷେଇ କରିବାକୁ ଯାଇଥିଲେ। ଏହି ସମୟରେ ଷ୍ଟୋଭ ଠିକ୍ ଭାବରେ ଜଳୁ ନ ଥିବାରୁ ସେ ପିନ୍ ମାରୁଥିବା ସମୟରେ ହଠାତ କୌଣସି କାରଣରୁ ଷ୍ଟୋଭ ଫାଟି ଯାଇଥିଲା। ଫଳରେ ଷ୍ଟୋଭର କିରୋସନ୍ ନିଆଁ ତାଙ୍କ ଦେହସାରା ଖେଳେଇ ହୋଇ ଯାଇଥିଲା। ସେ ଚିତ୍କାର କରିବାରୁ ସ୍ୱାମୀ ଶମ୍ଭୁ ପ୍ରସାଦ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା।

### ଘରଭାଙ୍ଗି ଧାନ ଖାଇଲା ହାତୀ



**ପଡିଆବାହାଲ,୧୯।୧(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ଘିନୁପାଲି ପଞ୍ଚାୟତ ଦୁଧିଆମାଲ ଗ୍ରାମରେ ଏକ ଦନ୍ତାହାତୀ ୩ ପରିବାରଙ୍କ ଘରଭାଙ୍ଗି ଧାନ ଖାଇଛି। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟାରେ ଏକ ଦନ୍ତା ହାତୀ ଗ୍ରାମରେ ପଶି ପବିତ୍ର ମିର୍ଦ୍ଧା, ଅଏଁଠା ମିର୍ଦ୍ଧାଙ୍କ ଘର ଭାଙ୍ଗି ଧାନବସ୍ତା ବୋହିନେଇ ଖାଇଦେଇଛି। ପରେ ହାତୀଟି ଜୟସିଂ ମିର୍ଦ୍ଧାଙ୍କ କବାଟ ତାଡିଦେଇଥିବା ଦେଖାଯାଇଛି। ଦନ୍ତା ହାତୀଟି ସନ୍ଧ୍ୟା ହେବା ମାତ୍ରେ ଗାଁକୁ ଆସି କ୍ଷତି କରୁଥିବାରୁ ଲୋକେ ଭୟଭୀତ ହୋଇ ତାଟି କବାଟ ଦେଇ ରହୁଛନ୍ତି। ସ୍ଥାନୀୟ ବନ ବିଭାଗ କର୍ମଚାରୀ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାଇକ୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢାଖୋଲ,୧୯।୧(ଡି.ଏନ.ଏ.):** ଚାରମାଲ ପୋଲିସ ମଙ୍ଗଳବାର ୩କେଜି ଗଞ୍ଜେଇ ଜବତ ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଧମା ଥାନା ତବଲୋଇ ଗ୍ରାମର ବାସୁଦେବ ବାଗ (୩୨)। ବାସୁଦେବ ବୌଦ୍ଧ ଅଞ୍ଚଳରୁ ବାଇକ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଟୁଡାବାହାଲ ଛକରେ ପୋଲିସ ତାଙ୍କୁ ଧରିଥିଲା। ତାଙ୍କ ବାଇକ୍ (ଓଡି୧୫ଏଲ-୧୨୨୬)କୁ ମଧ ଜବତ କରାଯାଇଛି। ଏ ନେଇ ଚାରମାଲ ଥାନାରେ ଏକ ମାମଲା (ନଂ.୧୦/୨୧) ରୁଜୁ ହୋଇଛି। ବୁଧବାର ବାସୁଦେବଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି।

# ଶ୍ରମିକ, କୃଷକଙ୍କ ସମସ୍ୟା ନେଇ ବିକ୍ଷୋଭ

- ଆଇଏନ୍‌ଟିୟୁସି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ବେକାରି ସମସ୍ୟା ଦୂର, ଶ୍ରମିକ ବିରୋଧୀ ଲେବର କୋଡ୍, କୃଷି ଆଇନ ରଦ୍ଦ ଦାବି

**ସୁନ୍ଦରଗଡ଼, ୧୯।୧ (ଡି.ଏନ୍.ଏ.)**

ରାଜ୍ୟ ତଥା ଦେଶରେ ବେକାରୀ ସମସ୍ୟା ଦୂର କରିବା, ୪ଟି ଶ୍ରମିକ ବିରୋଧି ଲେବର କୋଡ୍, ୩ଟି କଳା କୃଷି ଆଇନ୍ ରଦ୍ଦ କରିବା ଦାବିରେ ଯୁବ ଆଇଏନ୍‌ଟିୟୁସି ପକ୍ଷରୁ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ ଆଇଏନ୍‌ଟିୟୁସି ସୁନ୍ଦରଗଡ ଜିଲା ସଭାପତି ତଥା ରାଜ୍ୟ ଉପସଭାପତି ଅଜୟ କୁମାର ପାଇକରାୟଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୫ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ପ୍ରଦାନ କରାଯାଇଥିଲା ।

ବିକ୍ଷୋଭ ସମୟରେ ସରକାର ଯୁବକ, ଶ୍ରମିକ, କୃଷକମାନଙ୍କ ସମସ୍ୟାର ସମାଧାନ, ଦେଶରେ ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଏବଂ ସାମ୍ପ୍ରତିକ କୋଭିଡ୍-୧୯ ଜନିତ ସଂକ୍ରମଣ ପରିସ୍ଥିତିରେ ଦେଶ ଓ ସାରା ରାଜ୍ୟରେ ଏକ ଆସ୍ୱାଭାବିକ ପରିସ୍ଥିତିକୁ ସ୍ୱାଭାବିକ କରିବାକୁ କରିବାକୁ ଆଇଏନ୍‌ଟିୟୁସି ପକ୍ଷରୁ ଦାବି କରାଯାଇଛି। ଦେଶରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକର ଅଚଳାବସ୍ଥା ଫଳରେ ୧୧ କୋଟି ଶ୍ରମିକ ଓ କର୍ମଚାରୀଙ୍କ କ୍ଷେତ୍ରରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ୧୩.୯ କୋଟି ପ୍ରବାସୀ ଶ୍ରମିକ ରୋଜଗାର ହରାଇଥିବା ବେଳେ ୧୧୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଘରକୁ ଫେରିବା ବେଳେ ରାସ୍ତାରେ ମୃତ୍ୟୁବରଣ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ ନ କରିବା ନେଇ ଯୁବ ଆଇଏନ୍‌ଟିୟୁସି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି।



ଆଇଏନ୍‌ଟିୟୁସି ପକ୍ଷରୁ ସୁନ୍ଦରଗଡ଼ରେ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

ତେଣୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ତରଫରୁ ୧୫ ଦଫା ସମ୍ବଳିତ ଦାବି ଯଥା ବେକାରଙ୍କୁ ନିଯୁକ୍ତି କିମ୍ବା ଭତ୍ତା, କରୋନା, ଜିଏସ୍‌ଟି ଓ ବିମୁଦ୍ରୀକରଣରେ ପ୍ରଭାବିତ ହୋଇ ବେରୋଜଗାର ହରାଇଥିବା ଶ୍ରମିକଙ୍କୁ ନିଯୁକ୍ତି ଓ ତାଲାବନ୍ଦ ସମୟର ଦରମା ପ୍ରଦାନ, କେନ୍ଦ୍ରର ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡ୍ ଓ ୩ଟି କୃଷକ ବିରୋଧି ଆଇନ ପ୍ରତ୍ୟାହାର, ନୀଳାଚଳ ଇସ୍ପାତ ନିଗମ ସମେତ କେନ୍ଦ୍ର ସରକାର ଅଧିନସ୍ଥ କୋଇଲା, ବ୍ୟାଙ୍କ, ରେଳବାଇ, ବୀମା ଓ ପ୍ରତିରକ୍ଷା ଉତ୍ପାଦନ ଘରୋଇକରଣ ବନ୍ଦ କରିବା, ଘରୋଇ କ୍ଷେତ୍ରରେ ସ୍ଥାନୀୟ ବେକାର ଯୁବକଙ୍କ ନିଯୁକ୍ତି ପାଇଁ ୮୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ତଥା ଚାକିରୀ ପାଇଁ ସମସ୍ତ ପରୀକ୍ଷା ଓଡ଼ିଆ ଭାଷାରେ କରିବା, ସମସ୍ତଙ୍କୁ ମାଗଣାରେ କୋଭିଡ୍-୧୯ ଟୀକା ଦେବା ଓ କୋଭିଡ୍ ସଂକ୍ରମିତ ସମସ୍ତ ଶ୍ରମିକଙ୍କୁ ଚିକିତ୍ସା ସହ ଦରମା ପ୍ରଦାନ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ଡ.ରାଜନ ଏକ୍କା, ସୁନ୍ଦରଗଡ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, କଂଗ୍ରେସ ନେତା ରାଜକିଶୋର ଷଡଙ୍ଗୀ, ପ୍ରଫୁଲ୍ଲ ସୁନାନୀ, ଅଜିତ ପଶାୟତ, କାଳିପଦ ସାମଲ, ସୁନ୍ଦରଗଡ ଇନ୍‌ଟକ୍ ସଭାପତି ଇକବାଲ ମଲ୍ଲିକ, ଅରୁଣ ସାମଲ, କର୍ମକର୍ତ୍ତା ମୁ.ସେଠ, ଦେବାନନ୍ଦ ଜୟପୁରିଆ, ଦିଗାମ୍ବର ଝା, ମାନସିଦ ବାର୍ଲା, ଯୋଗେଶ ମିଞ୍ଜ, ଆଶା ମିଞ୍ଜ, ଯଶିନ୍ଦା ତିର୍କୀ, ପିଆରି ଯୋଯୋ, ସୁକାନ୍ତି ଟପ୍ପୋ, ସିବାଷ୍ଟିନ କେର୍କେଟା ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ଆର୍‌ଏସ୍‌ପିର ସଡ଼କ ସୁରକ୍ଷା ଅଭିଯାନ



ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ ଉଦ୍‌ଘାଟନୀ ମୁହୂର୍ତ୍ତ।

**ରାଉରକେଲା ଅଫିସ, ୧୯।୧**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ୩୨ତମ ଜାତୀୟ ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଇଡ଼ି ୱାର୍କସର ପ୍ରକଳ୍ପ ବିଭାଗର ନିର୍ଦ୍ଦେଶକ ପଙ୍କଜ କୁମାର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ପ୍ଲେଟ ମିଲ ବିଭାଗର ମୁଖ୍ୟ ପ୍ରବନ୍ଧକ ଏ.କେ ପ୍ରଧାନ ଓ ଅନ୍ୟାନ୍ୟ ମୁଖ୍ୟ ମହପ୍ରବନ୍ଧକ, ବିଭାଗୀୟ ସୁରକ୍ଷା ଅଧିକାରୀ ତଥା କାରଖାନାର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା, ଜୀବନ ରକ୍ଷା ଥିମ ସହିତ ସଡ଼କ ସୁରକ୍ଷା ରଥକୁ ସୁସଜ୍ଜିତ କରାଯାଇ କାରଖାନାର କାର୍ଯ୍ୟରତ ବିଭିନ୍ନ କର୍ମଚାରୀଙ୍କୁ ସଡ଼କ ସୁରକ୍ଷା ଉପରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ଇଞ୍ଜିନିୟର ବିଭାଗର ମହାପ୍ରବନ୍ଧକ ଏସ୍.ସି ମହାନ୍ତି ସଂଯୋଜନା କରିଥିଲେ।

# ରାଞ୍ଚିକୁ ହରାଇ ରାଉରକେଲା ଚାମ୍ପିୟନ


ପୁରସ୍କୃତ ହେବା ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

**ଆନ୍ତଃ ରାଜ୍ୟ କ୍ରିକେଟ**

**ବ୍ରଜରାଜନଗର, ୧୯।୧(ଡି.ଏନ.ଏ.)**

ସ୍ଥାନୀୟ ଆମ୍ବିଶନ କ୍ଲବରେ ଚାଲିଥିବା ରାଜ୍ୟସ୍ତରୀୟ ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତାର ଅନ୍ତିମ ମ୍ୟାଚ ମଙ୍ଗଳବାର ଜିମ୍‌ଖାନା ରାଉରକେଲା ଓ ରକଅନ୍ ରାଞ୍ଚି ମଧ୍ୟରେ ଖେଳାଯାଇଥିଲା। ଜିମ୍‌ଖାନା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୨୨୭ ରନ କରିଥିଲା। ଜବାବରେ ରାଞ୍ଚି ଦଳ ୩୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୭ ରନ କରିବାକୁ ସକ୍ଷମ ହୋଇଥିଲା। ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଓଡ଼ିଶା କ୍ରିକେଟ ଆସୋସିଏଶନ ସହସମ୍ପାଦକ ମେହେତାବ ଖାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଝାରସୁଗୁଡା କ୍ରିକେଟ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ, ଅନିରୁଦ୍ଧ କେୱଟ, ପି. ଅଶୋକ, ରବିନ ଷଡଙ୍ଗୀ ଖେଳ ପରିଚାଳନା କରିଥିଲେ। ଉନ୍ନତମାନର ଖେଳ ପ୍ରଦର୍ଶନ ପାଇଁ ସ୍ୱସ୍ତିକ ସାମଲ, କ୍ରିଷ୍ଣା ପଲାଇଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜକ କ୍ଲବର ଅଶୋକ ପ୍ରଧାନ, ସୁବ୍ରତ ଚଇନି, ସଞ୍ଜୟ ଦୁବେ, ଧୀରେନ ପଲାଇ ସମସ୍ତ ପ୍ରକାର ସହାୟତା କରିଥିଲେ।

# ପାର୍ବତୀ ଗିରିଙ୍କ ଜୟନ୍ତୀ, ବହ୍ନିକନ୍ୟାଙ୍କୁ ଶ୍ରଦ୍ଧାଞ୍ଜଳି


ଫୁଲଝରଣଠାରେ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି ।

**ସମ୍ବଲପୁର,୧୯।୧(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ୯୫ତମ ଜୟନ୍ତୀ ମଙ୍ଗଳବାର ଯୁଯୁମୁରା ବ୍ଲକ ଫୁଲଝରଣସ୍ଥିତ ଆଶ୍ରମରେ ପାଳିତ ହୋଇଯାଇଛି। ପାର୍ବତୀ ଗିରି ମିଳିତ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୁଯୁମୁରା ବିଡିଓ ସୁରଜ ବିଶ୍ୱାଳ, ତହସିଲଦାର ସୁମନ ମିଞ୍ଜ ଅତିଥି ଭାବେ ଯୋଗଦେଇଥିଲେ। ପାର୍ବତୀ ବିହାରରେ ଥିବା ପାର୍ବତୀ ଗିରିଙ୍କ ଚିତାଭସ୍ମ ସମାଧିରେ ପୂଜା କରାଯାଇଥିଲା। ପରେ ଆଶ୍ରମ ପରିସରେ ଥିବା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋଭିଡ୍ କଟକଣା ଯୋଗୁ ନିରାଡମ୍ବର ଭାବେ ଉତ୍ସବ ପାଳନ କରାଯାଇଥିଲା। କମିଟିର ଜଣେ ସଦସ୍ୟ କହିଥିଲେ, ଜୀବନ ସାରା ସେ ଅନ୍ୟ ପାଇଁ କାମ କରିଛନ୍ତି। ସମାଜରେ ମହିଳାମାନେ କୌଣସି କ୍ଷେତ୍ରରେ ପଛରେ ନୁହନ୍ତି ସେ ତାହାର ଉଦାହରଣ। ତାଙ୍କ ଜୀବନୀରୁ ଅନେକ କିଛି ଶିଖିବାକୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ପାର୍ବତୀ ଗିରି ଯୁକ୍ତ ୨ କଲେଜ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପାର୍ବତୀ ଗିରି ଯୁକ୍ତ ୩ କଲେଜ ଅଧକ୍ଷ ଗିରିଶ ପଟ୍ଟନାୟକ, ସମିତି ସମ୍ପାଦକ କୁଳଧର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ।

# ପ୍ରସୂତିଙ୍କୁ ମିଳୁନି ସହାୟତା ରାଶି

**ମମତା ଯୋଜନା: ଉପକୃତ ହେଉନାହାନ୍ତି ହିତାଧିକାରୀ**

**ସମ୍ବଲପୁର,୧୯।୧(ବ୍ୟୁରୋ)**

ରାଜ୍ୟ ସରକାର ଗର୍ଭବତୀ ମହିଳାମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ତନ୍ମଧ୍ୟରେ ମମତା ଯୋଜନା ଅନ୍ୟତମ। ଏହି ଯୋଜନାରେ ପ୍ରସୂତିଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ବ୍ୟବସ୍ଥା ରହିଛି। ହେଲେ ଅନେକଙ୍କ କ୍ଷେତ୍ରରେ ଏହି ଯୋଜନା ଅପହଞ୍ଚ ହୋଇରହୁଛି। ସମ୍ବଲପୁର ଜିଲା ଯୁଯୁମୁରା ଗ୍ରାମର ପ୍ରସୂତି ତୃପ୍ତି ନାଗଙ୍କୁ ଆର୍ଥିକ ସହାୟତା ମିଳୁ ନ ଥିବା ନେଇ ତାଙ୍କ ସ୍ୱାମୀ ମହେନ୍ଦ୍ର ନାଗ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର ଆଶା କର୍ମୀ ଓ ଅଙ୍ଗନଓ୍ୱାଡି କର୍ମୀଙ୍କୁ ଆବଶ୍ୟକ କାଗଜପତ୍ର ଦିଆଯାଇଥିଲା। ହଜି ଯାଇଥିବା କହିବାରୁ ଦ୍ୱିତୀୟ ଥର ମଧ ଦେଇଥିଲି। ହେଲେ ଏ ପର୍ଯ୍ୟନ୍ତ ଟଙ୍କା ମିଳିନାହିଁ। ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ସୁଫଳ ମିଳୁନାହିଁ। ସେମାନେ କେବଳ ମିଳିଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ନିୟମ ଅନୁସାରେ ଗର୍ଭଧାରଣର ୬ ମାସ ପରେ ପ୍ରଥମ କିସ୍ତି ୩ ହଜାର ଟଙ୍କା ଓ ସନ୍ତାନ ଜନ୍ମ ପରେ ଦ୍ୱିତୀୟ କିସ୍ତିରେ ୨ ହଜାର ଟଙ୍କା ମିଳିବା କଥା। ହେଲେ ପ୍ରସୂତି ହେବାର ୨ ମାସ ପରେ ମଧ ପ୍ରଥମ କିସ୍ତି ଟଙ୍କା ମିଳିପାରି ନାହିଁ। ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ମହେନ୍ଦ୍ର ଅନୁରୋଧ କରିଛନ୍ତି।

# ବ୍ରଜରାଜନଗର ପୋଡ଼ି ଘଟଣା, ଆଖି ବୁଜିଲେ ଭାଣିଜୀ

**ବ୍ରଜରାଜନଗର, ୧୯।୧ (ଡି.ଏନ.ଏ.)**

ବ୍ରଜରାଜନଗର ଥାନା ଅନ୍ତର୍ଗତ ହରିଓମ୍ ବିହାର ପୋଡ଼ି ଘଟଣାରେ ଆହତ ୪ଜଣଙ୍କ ମଧ୍ୟରୁ ଅଭିଯୁକ୍ତ ରବୀନ୍ଦ୍ର ସିଂଙ୍କ ଭାଣିଜୀ ଇସମିତ କୌର (୭)ଙ୍କ ମଙ୍ଗଳବାର ଭୋର ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବ୍ରଜରାଜନଗର ଥାନା ଆଇଆଇସି ନଳିତା ମୋଦୀ ରାଉରକେଲା ଆଇଜିଏଚ୍‌ରେ ମୃତଦେହ ବ୍ୟବଚ୍ଛେଦ କରାଇ ସମ୍ପର୍କିୟଙ୍କ ସାହାଯ୍ୟରେ ସତ୍କାର କରାଇଛନ୍ତି। ଅନ୍ୟ ଆହତ ୩ଜଣଙ୍କ ମଧ୍ୟରୁ ମୃତକଙ୍କ ମାଆ ମନଜିତ କୌର (୩୬), ମାମୁଁ ରାଜେନ୍ଦ୍ର ସିଂ (୩୨)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୋଲିସ ପ୍ରକାଶ କରିଛି । ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ସମ୍ପତ୍ତି ଲୋଭରେ ରବୀନ୍ଦ୍ର ସିଂ ମାଆ ବଳଜିତ କୌର (୬୧), ଭାଣିଜୀ ମନଜିତ କୌର (୩୬) ଭାଇ ରାଜେନ୍ଦ୍ର ସିଂ (୩୨) ଓ ଭାଣିଜୀ ଇସମିତ କୌର (୭)ଙ୍କୁ ଶୋଇଥିବା ଅବସ୍ଥାରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଆହତମାନଙ୍କୁ ରାଉରକେଲା ଆଇଜିଏଚ୍ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଥିଲା। ପୋଲିସ ଅଭିଯୁକ୍ତ ରବୀନ୍ଦ୍ର (୩୦) ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି।

# ଆନ୍ତଃ ରାଜ୍ୟ ଡକାୟତ ଦଳର ୨ ଗିରଫ

**ରେଙ୍ଗାଲି, ୧୯।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଠେଲକଲୋଇ ଥାନା ପୋଲିସ ମଙ୍ଗଳବାର ଏକ ଆନ୍ତଃ ରାଜ୍ୟ ଡକାୟତ ଦଳର ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସ୍କର୍ପିଓ, ଭୁଜାଲି, ଟଙ୍କା, ଡିଜେଲ, ଲୁହାଛଡ ଜବତ କରିଛି। ସୂଚନା ଅନୁଯାୟୀ, ଭଞ୍ଜନଗର ନିବାସୀ କର୍ଣ୍ଣ ସାମଲ ଏକ ଟ୍ରକ୍ (ଓଡି୦୭ଏମ-୫୫୪୩) ଯୋଗେ ୧୭ ଜାନୁୟାରୀରେ ସାମଗ୍ରୀ ନେଇ ରେଙ୍ଗାଲି ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାକୁ ଆସିଥିଲେ। ଜିନିଷ ଅନ୍‌ଲୋଡ ପରେ କର୍ଣ୍ଣ ଲପଙ୍ଗା ଆଦିତ୍ୟ ଆଲୁମିନିୟମ କାରଖାନା ନିକଟ ପେଟ୍ରୋଲ ପମ୍ପ ପାଖରେ ଟ୍ରକ୍‌କୁ ପାର୍କିଂ କରିଥିଲେ। ରାତିରେ ଏକ ସ୍କର୍ପିଓ (ଏମପି୦୯ ସିବି-୦୪୦୬) ଯୋଗେ ୫ ଜଣ ଡକାୟତ ଆସି କର୍ଣ୍ଣଙ୍କୁ ଭୁଜାଲି ଦେଖାଇ ତାଙ୍କ ପାଖରେ ଥିବା ୫ ହଜାର ଟଙ୍କା ଏବଂ ୨୦୦ ଲିଟର ଡିଜେଲ ନେଇ ଫେରାର ହୋଇଯାଇଥିଲେ। ୧୮ ତାରିଖରେ କର୍ଣ୍ଣ ଏ ନେଇ ଠେଲକଲୋଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮/୨୧) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ପୋଲିସ ମଧ୍ୟପ୍ରଦେଶ ରାଜ୍ୟ ସଜପୁର ଅଞ୍ଚଳର ଭଗବାନ ସିଂ ଓରଫ୍ ପିଲୁରିଆ ଓ ପିଥମପୁର ଅଞ୍ଚଳର ଗୋଲୁ ଚୌହାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ୩ ଡକାୟତ ଫେରାର ଥିବା ପୋଲିସ କହିଛି।

# ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବିକ୍ଷୋଭ

**ରାଉରକେଲା ଅଫିସ,୧୯।୧**

ରାଉରକେଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବରାଷ୍ଟ୍ରୟ ମଜଦୁର କଂଗ୍ରେସ ରାଜ୍ୟ ମୁଖପାତ୍ର କୈଳାସ ସାହୁ ଓ ରାଉରକେଲା ଯୁବ ଆଇଏନ୍‌ଟିୟୁସିର ସଭାପତି ନିହାର ରଞ୍ଜନ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଏନେଇ ଦଳ ପକ୍ଷରୁ ବିଭିନ୍ନ ଦାବି କରାଯାଇଥିଲା। ସେଥିମଧ୍ୟରୁ ଦଳ ପକ୍ଷରୁ ବେକାରୀ ଯୁବକମାନଙ୍କୁ ଚାକିରୀ, ନଚେତ ୬ ହଜାର ଟଙ୍କା ସରକାରୀ ଭତ୍ତା ପ୍ରଦାନ କରାଯାଉ, କେନ୍ଦ୍ର ସରକାର ପ୍ରଣୟନ କରିଥିବା ଶ୍ରମିକ ବିରୋଧୀ ୪ଟି ଶ୍ରମ କାର୍ଡ଼ ଓ ୩ଟି କୃଷି ବିରୋଧି ଆଇନକୁ ପ୍ରତ୍ୟାହାର କରାଯାଉ ଦାବି କରାଯାଇଥିଲା। ଏଥିସହ ରାଜ୍ୟରେ ସମସ୍ତଙ୍କୁ ମାଗଣାରେ କୋଭିଡ଼-୧୯ ଟିକା ଦିଆଯିବା ସହ ଶ୍ରମିକ କର୍ମଚାରୀଙ୍କୁ ସଂକ୍ରମଣ ସମୟରେ ଚିକିତ୍ସା ସହ ଦରମା ମଧ୍ୟ ଦିଆଯାଉ । ଘରୋଇ କ୍ଷେତ୍ରରେ ସ୍ଥାନୀୟ ବେକାରୀ ଯୁବକଙ୍କୁ ନିଯୁକ୍ତି ୮୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଦାବି ସହ ସମସ୍ତ ପରୀକ୍ଷା ଓଡ଼ିଆ ଭାଷାରେ ହେବାକୁ ଦାବି କରାଯାଇଥିଲା । ଜିଲାରେ ଥିବା ସମସ୍ତ କାରଖାନା ଓ ବିଭିନ୍ନ ନିର୍ମାଣ ପ୍ରକଳ୍ପରେ କେବଳ ସ୍ଥାନୀୟ ଶ୍ରମିକଙ୍କ ଶତପ୍ରତିଶତ ନିଯୁକ୍ତି ଦିଆଯିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ଅହେତୁକ ବିଜୁଳି ଦର ବୃଦ୍ଧି ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଦଳ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଦଳର ବୀରମିତ୍ରପୁର ଏମ୍‌ପି ପ୍ରାର୍ଥୀ ଜର୍ଜ ତିର୍କୀ, ଅଖିଳ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ରିହାଜ ଅହମ୍ମଦ ଅନସାରି, ବୀରେନ ସେନାପତି, ସବୀର ହୁସେନ, ପ୍ରଶାନ୍ତ ସେଠୀ, ନିରୁପମା ବଳିଆର ସିଂ, ରୋହିତ ଜୋସେଫ ତିର୍କୀ, ଦେବବ୍ରତ ବିହାରୀ, ବିନୋଦ ତନ୍ତୀ, କାଦଲ ଶ୍ରୀଚନ୍ଦନ, ପ୍ରତିମା ପାଣିଗ୍ରାହୀ, ପଙ୍କଜିନି ସୋନା, ଲତା ନାୟକ, ମୁକୁନ୍ଦଦେବ ବଡ଼ାଇକ, ଆଲୋକ ବେହେରା, ମନୋଜ କିଷାନଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାଲିଘାଟ ନିଲାମକୁ ବିରୋଧ

**କୁତ୍ରା, ୧୯।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ତହସିଲରେ ଥିବା ତରକେରା, ଉଡରୁମା, ତରକେରା-୨, ସମଲେଇମୁଣ୍ଡା ଓ ଲକ୍ଷ୍ମୀପୋଷ ବାଲିଘାଟଗୁଡ଼ିକୁ ଗତ ୧୮ରେ କରାଯାଇଥିବା ନିଲାମକୁ ନଦୀ କୂଳରେ ଥିବା ଜମି ମାଲିକ ଓ ଅଞ୍ଚଳର ସର୍ବସାଧାରଣ ବିରୋଧ କରିଛନ୍ତି। କୁତ୍ରା ତହସିଲର ଉଡରୁମା, ତରକେରା, ସମଲେଇମୁଣ୍ଡା ଓ ଲକ୍ଷ୍ମୀପୋଷ ଦେଇ ଶଙ୍ଖନଦୀ ପ୍ରବାହିତ ହୋଇଛି । ଉକ୍ତ ଗ୍ରାମଗୁଡିକର ନଦୀପଠାରେ ପ୍ରତିବର୍ଷ ବହୁ ପରିମାଣରେ ବାଲି ଗଚ୍ଛିତ ହୋଇ ରହିଥାଏ । ଏହି ବାଲି କୁତ୍ରା, ବଡଗାଁ, ରାଜଗାଙ୍ଗପୁର ଅଞ୍ଚଳର ସରକାରୀ ଓ ବେସରକାରୀ କାମରେ ବାଲିର ଚାହିଦାକୁ ପୂରଣ କରିଥାଏ । ବିଗତ ୨ବର୍ଷ ପୂର୍ବରୁ କେବଳ ତରକେରା ବାଲିଘାଟ ସରକାରୀ ଭାବେ ନିଲାମ ହୋଇଥିବା ବେଳେ ଏବେ ୨ ବର୍ଷ ହେବ ତରକେରା ବାଲି ଘାଟଟି ନିଲାମ ନ ହୋଇ ପଡି ରହିଥିଲା । ସେ ଅଞ୍ଚଳର ଅଧିବାସୀ ଉକ୍ତ ୫ଟି ବାଲିଘାଟକୁ ନିଲାମ କରିବା ସହିତ ଅଞ୍ଚଳବାସୀଙ୍କୁ ପ୍ରାଥମିକତା ଦେବା ପାଇଁ ଦାବିକରି ଆସୁଥିଲେ । ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପାଣିନେବା ପାଇଁ କାଂଶବାହାଲଠାରେ ଏକ ଡ୍ୟାମ ନିର୍ମାଣ କରିଛି। ଫଳରେ ଉକ୍ତ ଅଞ୍ଚଳର ବହୁ ଜମି ବୁଡିଯିବା ସହିତ ବାଲିଚର ହୋଇଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜମିମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଉକ୍ତ ଜମି ମାଲିକମାନେ ବାଲିଘାଟଗୁଡିକୁ ନିଲାମରେ ନେଇ କିଛି କ୍ଷତିପୂରଣ ଆଦାୟ କରିବା ନେଇ ଆଶାରେ ରହିଥିଲେ । ହେଲେ ନିଲାମରେ ଉଚ୍ଚ ଡାକ ଯୋଗୁ ସେମାନେ ବାଲିଘାଟ ପାଇବାରୁ ବଞ୍ଚିତ ହୋଇଥିଲେ । ଏହା ଛଡା ବାଲିର ପ୍ରତି ଘନମିଟର ପାଇଁ ୫୫୦ରୁ ୬୫୦ ଟଙ୍କା ମୂଲ୍ୟ ଡକାଯାଇଥିବାରୁ ଏକ ଟ୍ରିପ ବାଲିର ମୂଲ୍ୟ ୭ ହଜାରରୁ ୮ ହଜାର ହେବ ବୋଲି ଅନୁମାନ କରାଯାଉଛି । ଯାହାକି ପୂର୍ବବର୍ଷ ମାନଙ୍କରେ ୩ ହଜାର ଟଙ୍କାରେ ମିଳି ଯାଉଥିଲା । ଏହା ଏକ ଆଦିବାସୀ ବହୁଳ ଗରିବ ଅଞ୍ଚଳ ହୋଇଥିବାରୁ ଗରିବ ଲୋକେ ଏତେ ଉଚ୍ଚଦରରେ ବାଲି କିଣି କାର୍ଯ୍ୟ କରିପାରିବେ ନାହିଁ ବୋଲି ଅଞ୍ଚଳବାସୀମାନେ ବାଲିଘାଟ ନିଲାମକୁ ବିରୋଧ କରୁଛନ୍ତି । ଏହାଛଡା ସରକାରୀ ସ୍ତରରେ ହେଉଥିବା କାର୍ଯ୍ୟର ବ୍ୟୟ ଅଟକଳରେ ବାଲିର ମୂଲ୍ୟ ଘନମିଟର ପାଇଁ ୩୫୦ରୁ ୪୦୦ ଟଙ୍କା ରହୁଥିବାରୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ମଧ ବାଧା ସୃଷ୍ଟି ହେବ ବୋଲି କୁହାଯାଉଛି। ନିଲାମ ହୋଇଥିବା ବାଲିଘାଟଗୁଡିକରେ ପ୍ରବେଶ କରିବା ପାଇଁ ସର୍ବସାଧାରଣ ଜମି ରହୁଥିବା ଉକ୍ତ ବାଲିଘାଟ ଗୁଡିକୁ ରାସ୍ତା ପ୍ରଦାନ କରିବା ପାଇଁ ଦାବି ହେଉଛି। ଏନେଇ ସମଲେଇମୁଣ୍ଡାରେ ଏକ ବୈଠକ କରାଯାଇ ଏହାର ପୁନର୍ବିଚାର ପାଇଁ ଜିଲାପାଳଙ୍କଠାରେ ନିବେଦନ କରିବା ପାଇଁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି ।


ବାଲିଘାଟ ନିଲାମକୁ ବିରୋଧ କରି ଲୋକେ ବୈଠକ କରିଛନ୍ତି।

## ଆର୍‌ଡିସି ଅଫିସ ଘେରାଉ ପାଇଁ ପ୍ରସ୍ତୁତି

ସମ୍ବଲପୁର,(ବ୍ୟୁରୋ): ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥାକୁ ନେଇ ଆସନ୍ତା ୨୧ ତାରିଖରେ ଭାଜପା ପକ୍ଷରୁ ଆର୍‌ଡିସି ଅଫିସ ଘେରାଉ କରାଯିବ। ଏ ନେଇ କଚେରିସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭାଜପା ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ରାମ ଚନ୍ଦ୍ର ମେହେର, ଅନୀଲ ବେହେରା ଯୋଗଦେଇଥିଲେ। ଜିଲାର ବିଭିନ୍ନ ବ୍ଲକ ଓ ମଣ୍ଡଳ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଆନ୍ଦୋଳନ ଯେଭଳି ସଫଳ ହେବ ସେଥିପାଇଁ ଆଲୋଚନା କରାଯାଇ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ସଂକ୍ଷେପରେ

### ସମ୍ବଲପୁରରେ ଭାଜପା ରାଷ୍ଟ୍ରୀୟ ଉପସଭାପତି ରଘୁବର

ସମ୍ବଲପୁର, ୧୯।୧ (ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚିବା ଜରୁରୀ। ଏହାଦ୍ୱାରା ସେମାନେ ଉପକୃତ ହୋଇପାରିବେ। ମଙ୍ଗଳବାର ସମ୍ବଲପୁରରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଉପସଭାପତି ରଘୁବର ଦାସ ଏହା କହିଛନ୍ତି। ରାୟପୁରରୁ ରାଞ୍ଚି ଯାଉଥିବା ବେଳେ ସେ ସମ୍ବଲପୁର ବରେଇପାଲିସ୍ଥିତ ଏକ ହୋଟେଲଠାରେ ଅଳ୍ପ ସମୟ ରହଣି କରିଥିଲେ। ଏହି ସମୟରେ ଭାଜପା ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ, ଶ୍ରୀକାନ୍ତ ପାଣିଗ୍ରାହୀ, ମୁକେଶ ଜରିୱାଲ, ସମୀର ରଞ୍ଜନ ବାବୁ, ପ୍ରଭୁଦତ୍ତ ପଣ୍ଡା, ଗିରିଜା ସାହୁ, ଚନ୍ଦ୍ରଶେଖର ନାୟକ, ଅରୁଣ ଦାଶ ପ୍ରମୁଖ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ମାଟ୍ରିକ ପରୀକ୍ଷା ଫି ଛାଡ ସ୍ୱାଗତଯୋଗ୍ୟ

ସମ୍ବଲପୁର, ୧୯।୧ (ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଟ୍ରିକ ପରୀକ୍ଷା ଫି ଛାଡ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କରୋନା ସ୍ଥିତିରେ ଅଧିକାଂଶ ପରିବାର ରୋଜଗାର ହରାଇଛନ୍ତି। ଏପରି ସମୟରେ ଫି ଛାଡ କରିବା ଦ୍ୱାରା ଗରିବ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ମଙ୍ଗଳବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସମ୍ମୁଖରେ ଯୁବ ବିଜେଡି ପକ୍ଷରୁ ଆୟୋଜିତ ପଥପ୍ରାନ୍ତ ସଭାରେ ନେତୃବୃନ୍ଦ ଏହା କହିଛନ୍ତି। ସମ୍ବଲପୁର ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ଛାତ୍ର ବିଜେଡି ଉପସଭାପତି ସୁମିତ ପଟେଲ ସଂଯୋଜନା କରିଥିଲେ। ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ସଞ୍ଜିତ ମହାନ୍ତି, ଶ୍ରମିକ ନେତା ଗୋକୁଳ ମେହେର, ମିଳନ ହୋତା, ଆର୍ତତ୍ରାଣ ମିଶ୍ର, କବିତା ପୁରୋହିତ, ଉଷା ପ୍ରଧାନ, ସିପ୍ରା ମହାନ୍ତି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ପାଦକ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସ ତରଫରୁ ରକ୍ତଦାନ ଶିବିର

ରିଆମାଳ, ୧୯।୧(ଡି.ଏନ୍.ଏ.): ଦେବଗଡ ଜିଲା ରିଆମାଳ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ପୋଲିସ ବାହିନୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରିଆମାଳ ଥାନା ଅଧିକାରୀ ପ୍ରଦୀପ କୁମାର କେର୍‌କେଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ୬୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପରେ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଡାକ୍ତର ଅମିତ୍ କୁମାର ମହାପାତ୍ର, ବିଡିଓ ମଳୟ କୁମାର ବେହେରା, ପିଆରଓ, ମିନାକ୍ଷୀ ପ୍ରଧାନ, ଏଲ୍‌ଟି, ଗୋପାଳକୃଷ୍ଣ ସାହୁ, ଜ୍ୟୋସ୍ନାରାଉତ, ମନୋରଞ୍ଜନ ଧଳ ରକ୍ତ ସଂଗ୍ରହରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଶିବିରରେ ନବକିଶୋର ମହାପାତ୍ର, ନିରଞ୍ଜନ ବେହେରା, ରାକେଶ ଦାଶ, ଅମୂଲ୍ୟ ସାହୁ, ସମୀର ସାହୁ, ସ୍ଥାନୀୟ ସରପଞ୍ଚ ତରଣୀସେନ ପ୍ରଧାନ, ସମିତି ସଭ୍ୟ ଗାନ୍ଧୀଚରଣ ନାୟକ ସହଯୋଗ କରିଥିଲେ।

### ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଟିମ୍‌ରେ ସମ୍ବଲପୁରର ୨ ସାମିଲ

ସମ୍ବଲପୁର, ୧୯।୧ (ବ୍ୟୁରୋ): ଓଡିଶା ପ୍ରଦେଶ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ମହାନ୍ତି ନୂତନ ଟିମ୍ ଘୋଷଣା କରିଛନ୍ତି। ଏହି ଟିମ୍‌ରେ ସମ୍ବଲପୁରର ଶିବ ଦିୱାନଙ୍କୁ ଆଇନ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଓ ପ୍ରଭୁଦତ୍ତ ପଣ୍ଡାଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବେ ସାମିଲ କରାଯାଇଛି। ଏଥିପାଇଁ ମଙ୍ଗଳବାର ଜିଲା ଭାଜପା କାର୍ଯ୍ୟାଳୟରେ ଶିବ ଓ ପ୍ରଭୁଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାୟକ, ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, ରାମଚନ୍ଦ୍ର ମେହେର, ଅଶ୍ୱିନୀ ମାଝି, କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସରଞ୍ଜନ ବକ୍ସି ପ୍ରମୁଖ ୨ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ୧୧ ବର୍ଷ ପରେ ମସଜିଦ୍‌ରୁ ଖୋଲିଲା ତାଲା

ଦେବଗଡ, ୧୯।୧ (ଡି.ଏନ.ଏ)

ଦେବଗଡ ଜିଲା ସଦର ମହକୁମାଠାରେ ଥିବା ମସଜିଦ୍‌ରୁ ମଙ୍ଗଳବାର ଦୀର୍ଘ ୧୧ ବର୍ଷ ପରେ ତାଲା ଖୋଲିଛି। ଦୁଇ ମୁସଲମାନ ଗୋଷ୍ଠୀ ବରେଲି ଏବଂ ଦେଓବନ୍ଦୀଙ୍କ ଭିତରେ ୨୦୦୯ ମସିହାରୁ ଲାଗି ରହିଥିବା ବିବାଦର ଅନ୍ତ ଘଟିଛି। ୱାକ ଅଫ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ପୂର୍ବତନ ବିଧାୟକ ତଥା ବିଜେଡି ମାଇନୋରଟି କମିଟିର ସାଧାରଣ ସମ୍ପାଦକ ମହମ୍ମଦ ଆୟୁବ ଖାନଙ୍କ ନେତୃତ୍ୱରେ ମହମ୍ମଦ ଅଫସର ଅଲ୍ଲୀ, ମୋହମ୍ମଦ ମୋବିନ୍, ସୟଦ ମଜିବୁର ରେହେମାନ ଏବଂ ସେକ ଦିଲଦାର ମହମ୍ମଦ ପ୍ରମୁଖ ଦେବଗଡ ଗସ୍ତରେ ଆସି ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା ପରେ ସମାଧାନ ହୋଇପାରିଛି। ଉଭୟ ବରେଲି ଏବଂ ଦେଓବନ୍ଦୀ ସମ୍ପ୍ରଦାୟ ସହିତ କମିଟି ଆଲୋଚନା କରିବା ପରେ କିଭଳି ଶାନ୍ତିଶୃଙ୍ଖଳା ସହିତ ମସଜିଦ୍ ଖୋଲାଯାଇ ପାରିବ ସେ ନେଇ ବିଚାର ବିମର୍ଶ କରିଥିଲେ। ଉଭୟ ପକ୍ଷଙ୍କ ନିଷ୍ପତ୍ତି ପରେ ପୁରୁଣା ମସଜିଦ୍‌ରୁ ବରେଲୀ ଗୋଷ୍ଠୀଙ୍କୁ ୧୪ ଡିସିମିଲ ଏବଂ ଦେଓବନ୍ଦୀ ଗୋଷ୍ଠୀଙ୍କୁ ୭ ଡିସିମିଲ ଜମି ଦିଆଯିବା ନେଇ ନିଷ୍ପତ୍ତି ହୋଇଥିଲା। ଆଜିର ନିଷ୍ପତ୍ତି ଓ ବୁଝାମଣା ପରେ ବରେଲୀ ଗୋଷ୍ଠୀ ମଧ୍ୟାହ୍ନରେ ମସଜିଦ୍‌ରେ ନମାଜ ପାଠ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୦୯ ଅକ୍ଟୋବର ମାସରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ମସଜିଦ୍‌କୁ ନେଇ ବିବାଦ ଦେଖାଦେଇଥିଲା। ଏପରିକି ଉଭୟ ଗୋଷ୍ଠୀଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରି ଗିରଫ କରିଥିଲା। ସେବେଠାରୁ ଜିଲା ପ୍ରଶାସନ ପକ୍ଷରୁ ମସଜିଦ୍‌ରେ ତାଲା ପକାଯାଇଥିଲା। ଅପୋସ ବୁଝାମଣା ପାଇଁ ପ୍ରୟାସ କରାଯାଇଥିଲେ ମଧ୍ୟ ସମାଧାନର ବାଟ ଫିଟି ନ ଥିଲା। ସେହିପରି ୱାକ ଅଫ ବୋର୍ଡ ମଧ୍ୟ ଏହାର ସମାଧାନ ପାଇଁ ବହୁବାର ପ୍ରୟାସ କରି ବିଫଳ ହୋଇଥିଲା।



ମସଜିଦ ସମ୍ମୁଖରେ ଉପସ୍ଥିତ ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ।

# ‘ସଡ଼କ ନିୟମ ମାନି ଚଳିବା ଦରକାର’

ରାଉରକେଲା ଅଫିସ,୧୯।୧

ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲାପାଳ ଅବୋଲି ସୁନିଲ ନାରୋୱନି, ଡିଆଇଜି କବିତା ଜଲାନ ଓ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ଟ୍ରାଫିକ ମୁଖ୍ୟ ସମରେନ୍ଦ୍ର କୁମାର ନାୟକ, ରିଜର୍ଭ ପୋଲିସ ମୁଖ୍ୟ ଦିପ୍ତିରଞ୍ଜନ ଜେନା, ଅତିରିକ୍ତ ଏସ୍‌ପି ମୋହନପାଣି ବରୁଆ ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ନିୟମ ମାନି ଗାଡ଼ିଚାଳନା କରିବା ସମସ୍ତ ଚାଳକଙ୍କ ଉଦ୍ଦେଶ୍ୟ ହେବା ଆବଶ୍ୟକ ବୋଲି ଡିଆଇଜି କବିତା ଜଲାନ କହିଥିଲେ। ସହରବାସୀଙ୍କ ସଡ଼କ ସୁରକ୍ଷା ଉପରେ ସଚେତନ ପାଇଁ ରାଉରକେଲା ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରୁ ମେନ୍‌ରୋଡ଼ ଦେଇ ଏକ ‘ସଡ଼କ ସୁରକ୍ଷା’ ରାଲିର ଆୟୋଜନ ହୋଇ ବିଶ୍ରା ଛକରେ ପହଞ୍ଚି ଥିଲା। ଏଥିରେ ବିଭିନ୍ନ ପୋଲିସ କର୍ମଚାରୀ ହାତରେ ପ୍ଲାକାର୍ଡ଼ ଓ ସଡ଼କ ସଚେତନତା ଲିଫଲେଟ୍ ଜନସାଧାରଣଙ୍କୁ ବାଣ୍ଟିଥିଲେ। ଏଥିସହ ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ଚାଳନା ନ କରିବା, ଗାଡ଼ି ଚାଳନା ସମୟରେ ମଦ୍ୟପାନଠାରୁ ଦୂରେଇ ରହିବା ଭଳି ବିଭିନ୍ନ ସଚେତନତା ବାର୍ତ୍ତାଗୁଡ଼ିକୁ ଅବଗତ କରାଯାଇଥିଲା। ଏହି ରାଲି ଆସନ୍ତା ଫେବୃୟାରୀ ମାସ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଜିଲା ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ଏକ ସଡ଼କ ସୁରକ୍ଷା ରଥ ନିର୍ମାଣ କରାଯାଇ ପ୍ରତିଦିନ ସହର, ବିଭିନ୍ନ ବ୍ଲକ, ଗ୍ରାମ ସ୍ତରରେ ପରିଭ୍ରମଣ କରାଯିବ।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ: ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ଜିଲାପାଳ



ଜିଲାସ୍ତରୀୟ ସଡକ ସୁରକ୍ଷା ସପ୍ତାହ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଧିକାରୀ।

ଦେବଗଡ଼,୧୯।୧(ଡି.ଏନ୍.ଏ.)

ଜାନୁୟାରୀ ୧୮ ରୁ ଫେବୃୟାରୀ ୧୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ସୋମବାର ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ସଡକ ସୁରକ୍ଷା ସମିତିଙ୍କ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଉପଲକ୍ଷେ ସୋମବାର ପୂର୍ବାହ୍ନରେ କଲେକ୍ଟରେଟ୍‌ଠାରେ ସଡକ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହନ୍ତ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ସପ୍ତାହ ବ୍ୟାପୀ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଥିଲେ । ଦେବଗଡ ମହାବିଦ୍ୟାଳୟର ଏନସିସି କ୍ୟାଡେଟ୍ ମାନେ ପ୍ଲାକାର୍ଡ ସହିତ ସଚେନତା ଶୋଭାଯାତ୍ରାରେ ରଥ ସହିତ ସହର ପରିକ୍ରମା କରିଥିଲେ । ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଜିଲାସ୍ତରୀୟ ଜାତୀୟ ସଡକ ସୁରକ୍ଷା ସପ୍ତାହ ଆସନ୍ତା ୨୪ ତାରିଖ ଉଦ୍‌ଯାପିତ ହେବ । ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ସହକାରୀ ପରିବହନ ଅଧିକାରୀ ଗୋଲାପ ଚନ୍ଦ୍ର ହାଁସଦା, ଦେବଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଦେବଗଡ ମହାବିଦ୍ୟାଳୟର ଏନସିସି. ଅଧିକାରୀ ସଂଗ୍ରାମ କିଶୋର ନନ୍ଦ, ବ୍ରହ୍ମା ଗାଡି ଚାଳନା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ସୁଧୀର କୁମାର ବ୍ରହ୍ମାଙ୍କ ସମେତ ପୋଲିସ ପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

## ଆରୋଗ୍ୟ କୁଷ୍ଠ ପରିବାରଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

ଦେବଗଡ଼,୧୯।୧(ଡ଼ି.ଏନ୍.ଏ.)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସହାୟ ଯୋଜନାରେ ଆରୋଗ୍ୟ କୁଷ୍ଠ ପରିବାରଙ୍କ ପାଇଁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ପୂର୍ବାହ୍ନରେ ଦେବଗଡ କୁଷ୍ଠାଶ୍ରମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସିପ୍ରା ସେଠୀ, ଦେବଗଡ ପୌରପାଳିକା ନିର୍ବାହୀ ଅଧିକାରୀ ଅତସି ପରିଡା ଯୋଗଦେଇ ୯ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। ଅପରାହ୍ନରେ ରିଆମାଳ କୁଷ୍ଠାଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ଯୋଗଦେଇ ୮ଜଣଙ୍କ ପରିବାରଙ୍କୁ ଯୋଜନା ଅନୁଯାୟୀ ବିଭିନ୍ନ ଉପକରଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ କୁମାର ସାହୁ ଉପସ୍ଥିତ ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର କୁମାର ନଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରପାଳିକାର ଗୋଷ୍ଠୀ ସଂଗଠିକା ମୋନାଲିସା ପଣ୍ଡାଙ୍କ ସମେତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲା ଏବଂ ବ୍ଲକସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ।

# କ୍ଷତିରେ ପଡ଼ିଲେ ଚାଷୀ

ବଡଗାଁ, ୧୯।୧ (ଡି.ଏନ.ଏ)

**ଆଇଟିଡିଏ ପକ୍ଷରୁ ନିକୃଷ୍ଟମାନର ମଞ୍ଜି ଯୋଗାଣ**

ସରକାର କୃଷକମାନଙ୍କୁ ସ୍ୱାବଲମ୍ବି କରିବା ଓ ଅଧିକ ଉତ୍ପାଦନ ବା ଅମଳ ପାଇଁ ଚାଷୀମାନଙ୍କୁ ପନିପରିବା ମଞ୍ଜି ଯୋଗାଇ ଦେଉଛନ୍ତି । କିନ୍ତୁ ଯୋଗାଇଦେଇଥିବା ମଞ୍ଜି ନିକୃଷ୍ଟମାନର କିମ୍ବା ଦୀର୍ଘ ମାସରୁ ପଡି ରହିଥିବା ମଞ୍ଜି ଦିଆଯାଇଥିବାରୁ ଚାଷୀମାନେ କ୍ଷତିରେ ପଡିଛନ୍ତି । ଏଭଳି ଘଟଣା ଦେଖାଯାଇଛି ସୁନ୍ଦରଗଡ ଜିଲାର ବଡଗାଁ ବ୍ଲକ ଅଞ୍ଚଳରେ । ବଡଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମରା ପଞ୍ଚାୟତ ଅଞ୍ଚଳର ଚାଷୀମାନଙ୍କୁ ଡକାଇ ଯାଜପୁର ଗାଁରେ ଆଇଟିଡିଏ, ଉଦ୍ୟାନ କୃଷି ଓ ଏନଜିଓ କର୍ମଚାରୀମାନେ ସଭା କରିଥିଲେ । ସେଠାରେ କିପରି ଅଧିକ ଅମଳ ହେବ ବୁଝାଇଥିଲେ ଓ କୋବି (ଫୁଲ) ମଞ୍ଜି ଚାଷୀଙ୍କୁ ବଣ୍ଟନ କରିଥିଲେ। ଦାଣ୍ଡଜମରା ଗ୍ରାମର ହୃଦାନନ୍ଦ ଡନସନାଙ୍କୁ ୭୫ ଗ୍ରାମ ଫୁଲକୋବି ମଞ୍ଜି ଦିଆଯାଇଥିଲା। ସେ କାର୍ତ୍ତିକ ମାସରେ ତଳି ପକାଇ ଦଶହରାରେ ରୋପଣ କରିଥିଲେ । ସେ ଲଗାଇଥିବା ଚାରା ହୃଷ୍ଟପୃଷ୍ଟ ହୋଇଥିଲେ ମଧ୍ୟ ଫଳ ହୋଇନାହିଁ । ଯେଉଁ କେତେକରେ ହୋଇଛି ତାହା ଅତି ଛୋଟ । ଫଳରେ ଚାଷୀ କ୍ଷତିରେ ପଡିଛନ୍ତି । ଏହିପରି ଯାଜପୁର ଗ୍ରାମର ଅଭିମନ୍ୟୁ ଡଙ୍ଗଡୁଙ୍ଗ, ଧରଣୀଧର ଡୁଙ୍ଗଡୁଙ୍ଗ, ହରିହର ଭିତ୍ରିଆ, ଈଶ୍ୱର ବାଗ, ଗଡଗଡବାହାଲ ଗ୍ରାମର ମନୋଜ ବାଡାଙ୍କ ଫୁଲ କୋବି ଗଛ ବଢ଼ିଥିଲେ ମଧ୍ୟ ଫଳ ହୋଇନାହିଁ । ଗରଗଡବାହାଲ ଗ୍ରାମର ଚାଷୀମାନେ ଏଭଳି ହେବାରୁ ଓପାଡି ଦେଇଥିବା ଜଣାପଡିଛି । ଏ ସମ୍ପର୍କରେ ବଡଗାଁ ଉଦ୍ୟାନ କୃଷି ଅଧିକାରୀ ଶ୍ରାବଣୀ ମହାପାତ୍ରଙ୍କୁ ପଚାରିବାରେ ଆଇଟିଡିଏ ପକ୍ଷରୁ ମଞ୍ଜି କିଣାଯାଇଥିବାରୁ ଆମେ କିଛି କହି ପାରିବୁ ନାହିଁ କହିଛନ୍ତି ।

# ଲୋକବାଦ୍ୟ କଳାକାରଙ୍କ ମଧ୍ୟରେ ଖୁସିର ଲହରି

ସମ୍ବଲପୁର, ୧୯।୧(ବ୍ୟୁରୋ): କରୋନା ମହାମାରୀ ଯୋଗୁ ଲୋକବାଦ୍ୟ କଳାକାରମାନେ ଜୀବିକା ହରାଇଥିଲେ। ସମ୍ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିବାହ ଓ ବିଭିନ୍ନ ସାମାଜିକ କାର୍ଯ୍ୟରେ ବାଜା ବଜାଇବାକୁ ଅନୁମତି ଦେଇଛନ୍ତି। ଏହାଦ୍ୱାରା ଲୋକବାଦ୍ୟ ଓ ବ୍ୟାଣ୍ଡପାର୍ଟି କଳାକାରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦଠାରେ ପଶ୍ଚିମ ଓଡିଶା ବାଜା କଳାକାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଛି। ସଂଘ ଉପସଭାପତି ସୂର୍ଯ୍ୟ କଲେତ, ଉପଦେଷ୍ଟା ଇନ୍ଦ୍ରଜିତ କଲେତ, ହୀରାକୁଦ କଳାପରିଷଦ ସଭାପତି ରଞ୍ଜନ କୁମାର ହୋତା, ସମ୍ପାଦକ ଶ୍ରୀମନ୍ତ ବେହେରା, ସୁବଳ ବେହେରା, ଗୋପୀ ବେହେରାଙ୍କ ନେତୃତ୍ୱରେ ହୀରାକୁଦ ସନ୍ତୋଷୀ ମନ୍ଦିର ଛକଠାରେ ପଥପ୍ରାନ୍ତ ସଭା ହୋଇଥିଲା। ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଜିଲା ଆଇଟି ସଂଯୋଜକ ଚିତ୍ତରଞ୍ଜନ ରାଉଳ, ଯୁବ ସମ୍ପାଦକ ମଞ୍ଜୁ ଓରାମ, କାର୍ତ୍ତିକ କଲେତ, ଉତ୍ତମ ବାଗ ପ୍ରମୁଖ ଯୋଗଦେଇଥିଲେ।

# ଅଳିଆ ଆବର୍ଜନା ଅର୍ଥ ଆଦାୟକୁ ବିରୋଧ

ରାଉରକେଲା ଅଫିସ,୧୯।୧: ଛେଣ୍ଡ କଲୋନୀ ପରିସରରେ ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ସ୍ୱଚ୍ଛସାଥୀମାନେ ଅଳିଆଆବର୍ଜନା ନିମନ୍ତେ ଅର୍ଥ ଦାବି କରୁଥିବାକୁ ଛେଣ୍ଡ ୱେଲଫେୟାର କମିଟି ଓ ବିଜୁ ମହିଳା ସମିତି ପକ୍ଷରୁ ବିରୋଧ କରାଯାଇଛି। ପୂର୍ବରୁ ସହରରେ କଲୋନୀ ଭିତରେ ଆରଏମ୍‌ସି ପକ୍ଷରୁ ବିନା ମୂଲ୍ୟରେ ଅଳିଆଗାଡ଼ିଗୁଡ଼ିକ ଆସି କଲୋନୀ ଛକ ସ୍ଥାନରେ ଥିବା ଅଳିଆକୁଣ୍ଡରୁ ଅଳିଆ ନେଇ ଯାଉଥିଲା। ଏବେ ସହରରେ ବିଭିନ୍ନ ସ୍ଥାନରେ ଏଣେତେଣେ ଅଳିଆ ଆବର୍ଜନା ପଡ଼ି ରହିଥିବାବେଳେ ସ୍ୱଚ୍ଛ ସାଥୀମାନେ ଘରଘର ବୁଲି ଲୋକଙ୍କୁ ଧମକ ଚମକ ଦେଇ ୫୦ ଟଙ୍କା ଆଦାୟ କରୁଥିବା ନଜିର ରହିଛି। ମହାନଗର ନିଗମ ନିର୍ବାଚନ ପର୍ଯ୍ୟନ୍ତ କଲୋନୀବାସୀଙ୍କଠାରୁ କୌଣସି ଅଳିଆ ଆବର୍ଜନା ସଂଗ୍ରହ କରିବା ସମୟରେ ଅର୍ଥ ନ ମାଗିବାକୁ ଆରଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇଙ୍କ ପାଖରେ କଲୋନୀବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧି ଦଳରେ ଛେଣ୍ଡ ୱେଲଫେୟାର କମିଟିର ସାଧାରଣ ସମ୍ପାଦକ ବିଜୟ ବରାଳ, ବ୍ରଜ କିଶୋର ପାଣି, ରୁଦ୍ର ନାରାୟଣ ତ୍ରିପାଠୀ, ରାଜୁ ନାୟକ, ବିଜୁ ମହିଳା ସମିତିର କାର୍ଯ୍ୟକାରିଣୀ ସଭାନେତ୍ରୀ ତାରେଣୀ ସେଠୀ, ରେଖା କୋଠାରୀ, ଜେମାମଣି ମଡୁଆଲ, କବିତା ରଥ, ପ୍ରଭାସିନୀ ସାମଲ, ସଙ୍ଗୀତା ମିଶ୍ର ଉପସ୍ଥିତ ଥିଲେ।

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୧୦ ପଢିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
Call : 8743935882, 9990553472

**ଆବଶ୍ୟକ**
ହାର୍ଡୱାୟର/ସାନିଟାରି ଦୋକାନ, ଭୁବନେଶ୍ୱର ପାଇଁ ପିଲା ଦରକାର। ସର୍ବନିମ୍ନ ପାଠର ଯୋଗ୍ୟତା ୮ମ। ତୁରନ୍ତ ଯୋଗାଯୋଗ:
Ph.: 8093634404
9437287761

**ODISHA PUBLIC SERVICE COMMISSION CUTTACK**
**NOTICE**
No. 430 / P.S.C., (1E-17-2020-21) (DR-II) Dt. 19.01.21
Website - http://www.opsc.gov.in

**No. D-148:-** It is for information of all concerned that the Commission have decided to conduct the written examination for recruitment to the post of Assistant Executive Engineer (Electrical), pursuant to Advertisement No. 10 of 2019-20 **on 07.02.2021 (Sunday)** as per the programme mentioned below. The detail programme of the written examination showing venue will be notified later in due course.

The date of the written examination on 07.02.2021 is tentative and likely to be changed considering the then instructions & guidelines issued by the Government for maintaining safety during conduct of examination in view of the Covid-19 pandemic situation. The candidates are advised to visit the website of OPSC regularly for the knowledge of conduct of the written examination.

**PROGRAMME OF WRITTEN EXAMINATION**

| Date | Session | Paper | Time |
|---|---|---|---|
| 07.02.2021 (Sunday) | 1st Session | Paper-I | 9.00 A.M. to 12.00 Noon (1.00 P.M. for PWD candidates) |
| | 2nd Session | Paper-II | 2.00 P.M. to 5.00 P.M. (6.00 P.M. for PWD candidates) |

OIPR-12002/11/0064/2021
Sd./- Secretary

**OFFICE OF THE DISTRICT PROJECT COORDINATOR, SAMAGRA SIKSHA, KANDHAMAL**
No.124/GE/21 Dated 18.01.2021
**NOTICE FOR UNAUTHORISED ABSENT IN DUTY**
Smt. Puspanjali Panda, D/o: Bipin Bihari Panda of village Ranapatuli under Khajuripada Block of Kandhamal district working as Part Time Teacher, KGBV, Khajuripada has been remaining on leave from 01.07.2019 to 01.02.2020 and remained unauthorised absent in duties from 02.02.2020 onwards for which 2 Nos. of show cause Notices i.e. Notice No.65 Dated 10.01.2020 & 2621 dated 23.11.2020 have been issued to her permanent address which were not received by Smt. Panda.

However, she is hereby once again given an opportunity to report before the District Project Coordinator, Samagrasiksha, Kandhamal within 15 days from the date of publication of this notice, failing which she shall be disengaged from the job.
Sd./- District Project Coordinator
Samagrasiksha, Kandhamal

**ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪**

**ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୯, ୨୦୨୦ ଓ ୨୦୨୧ ବର୍ଷ ପାଇଁ ପୁସ୍ତକ ଦାଖଲ**

୨୦୧୯ ମସିହା (୨୦୧୬, ୨୦୧୭ ଓ ୨୦୧୮ ମସିହାରେ ପ୍ରକାଶିତ ପୁସ୍ତକ), ୨୦୨୦ ମସିହା (୨୦୧୭,୨୦୧୮ ଓ ୨୦୧୯ ମସିହାରେ ପ୍ରକାଶିତ ପୁସ୍ତକ) ଓ ୨୦୨୧ ମସିହା (୨୦୧୮,୨୦୧୯ ଓ ୨୦୨୦ ମସିହାରେ ପ୍ରକାଶିତ ପୁସ୍ତକ) ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ନିମନ୍ତେ ପାଠକ, ଲେଖକ ଓ ପ୍ରକାଶକଙ୍କ ନିକଟରୁ ଓଡ଼ିଆ ଭାଷାର ନିମ୍ନ ବିଭାଗରେ ପ୍ରକାଶିତ ପୁରସ୍କାର ଉପଯୋଗୀ ପ୍ରଥମ ସଂସ୍କରଣ ପୁସ୍ତକ ଗୁଡ଼ିକର ନାମ ପ୍ରସ୍ତାବ ବିଚାର ପାଇଁ ଆହ୍ୱାନ କରାଯାଉଅଛି । ଏଥିପାଇଁ ପ୍ରସ୍ତାବକ ପ୍ରଦତ୍ତ ପ୍ରୋଫର୍ମାରେ ପ୍ରସ୍ତାବିତ ପୁସ୍ତକର ତିନିକିତା ସହିତ ଆବେଦନ କରିବାକୁ ଅନୁରୋଧ ।

**ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ** ୧. ଉପନ୍ୟାସ , ୨. ଗଳ୍ପ , ୩. କାବ୍ୟ-କବିତା , ୪. ନାଟକ ଓ ଏକାଙ୍କିକା , ୫. ପ୍ରବନ୍ଧ ଓ ସମାଲୋଚନା , ୬. ଜୀବନୀ ଓ ଭ୍ରମଣ ସାହିତ୍ୟ, ୭. ଅନୁବାଦ ସାହିତ୍ୟ (ଅନ୍ୟ କୌଣସି ଭାରତୀୟ ଭାଷାରୁ ଓଡ଼ିଆ ଭାଷାକୁ ଅନୂଦିତ ପୁସ୍ତକ), ୮. ଶିଶୁ-ସାହିତ୍ୟ, ୯. ଗୀତିକବିତା, ୧୦.ଐତିହାସିକ ଗବେଷଣା, ୧୧. ବିଜ୍ଞାନ ସାହିତ୍ୟ ।

**ଏହି ପୁରସ୍କାର ପାଇଁ ନିମ୍ନ ପର୍ଯ୍ୟାୟଭୁକ୍ତ ପୁସ୍ତକ ଗୁଡ଼ିକ ଯୋଗ୍ୟ ବିବେଚିତ ହେବ ନାହିଁ :**

● ବିଚାରକାଳ ମଧ୍ୟରେ ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ରହିଥିବା ଲେଖକଙ୍କର ପୁସ୍ତକ ● କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଜ୍ଞାନପୀଠ ପୁରସ୍କୃତ ପୁସ୍ତକ ● ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକଙ୍କ ପୁସ୍ତକ ● କୌଣସି ପୁସ୍ତକର ଛାୟାରେ ଲିଖିତ ପୁସ୍ତକ ● ଅସମ୍ପୂର୍ଣ୍ଣ ପୁସ୍ତକ ● ପୁରସ୍କାର କାଳ ପରିଧି ବହିର୍ଭୂତ ପୁସ୍ତକ ଏବଂ ତାହାର ପୁନର୍ମୁଦ୍ରିତ ସଂସ୍କରଣ କିମ୍ବା ସଂକଳନ। (ଯଦି କୌଣସି ପୁନର୍ମୁଦ୍ରିତ ପୁସ୍ତକର ଶତକଡ଼ା ୬୦ ଭାଗ ନୂତନ ସଂଯୋଜନ ହୋଇଥାଏ ତେବେ ଉକ୍ତ ପୁସ୍ତକ ବିଚାରଭୁକ୍ତ ହେବ) ● କୌଣସି ଡିଗ୍ରୀପ୍ରାପ୍ତି ପାଇଁ ରଚିତ ସଂଦର୍ଭ।

ଆଗ୍ରହୀ ପାଠକ, ଲେଖକ ଓ ପ୍ରକାଶକମାନେ ସେମାନଙ୍କ ପୁସ୍ତକ ଗୁଡ଼ିକର ନାମ ପ୍ରସ୍ତାବ ନିମ୍ନ ପ୍ରଦତ୍ତ ପ୍ରୋଫର୍ମାରେ ତିନିକିତା ପୁସ୍ତକ ସହିତ ବର୍ଷ ଅନୁଯାୟୀ ପୃଥକ ପୃଥକ ଭାବେ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ସରକାରୀ ଛୁଟିଦିନ ବ୍ୟତୀତ ତା. ୨୨.୦୧.୨୦୨୧ରିଖ ରୁ ତା ୨୦.୦୨.୨୦୨୧ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଯେଉଁ ପୁସ୍ତକଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନଥିବ ସେଗୁଡ଼ିକ ବିଚାର ପରିସରଭୁକ୍ତ ହେବ ନାହିଁ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବିଭାଗରେ ପୁସ୍ତକର ନାମ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ଏକାଧିକ ଫର୍ମରେ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବାକୁ ଅନୁରୋଧ। ଏହି ଶେଷ ତାରିଖ ପରେ ଏକାଡେମୀର ହସ୍ତଗତ ହୋଇଥିବା ପ୍ରସ୍ତାବଗୁଡ଼ିକ ବିଚାର ପରିସରଭୁକ୍ତ ହେବ ନାହିଁ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବସାଇଟ www.odishasahityaakademi.org ରେ ଉପଲବ୍ଧ ।

ପ୍ରୋଫର୍ମା
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର -୨୦୧୯ (୨୦୧୬, ୨୦୧୭ ଓ ୨୦୧୮ ମସିହା ରେ ପ୍ରକାଶିତ)
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର -୨୦୨୦ (୨୦୧୭, ୨୦୧୮ ଓ ୨୦୧୯ ମସିହାରେ ପ୍ରକାଶିତ )
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର -୨୦୨୧ (୨୦୧୮, ୨୦୧୯ ଓ ୨୦୨୦ ମସିହାରେ ପ୍ରକାଶିତ )

୧. ପୁସ୍ତକର ନାମ , ୨. ଲେଖକ / ଲେଖିକାଙ୍କ ନାମ, ଠିକଣା ଓ ଫୋନ୍ ନଂ, ୩. ପ୍ରକାଶକଙ୍କ ନାମ ଠିକଣା ଓ ଫୋନ୍ ନଂ. ୪. କେଉଁ ବିଭାଗର ପୁସ୍ତକ, ୫. ପୁସ୍ତକର ଆକୃତି ଓ ପୃଷ୍ଠା ସଂଖ୍ୟା, ୬. ପୁସ୍ତକର ମୂଲ୍ୟ, ୭. ପୁସ୍ତକର ପ୍ରଥମ ପ୍ରକାଶନ ସମୟ : (ପୁନର୍ମୁଦ୍ରିତ ସଂସ୍କରଣ / ସଂକଳନ କ୍ଷେତ୍ରରେ ପ୍ରଥମ ମୁଦ୍ରଣ ପୁସ୍ତକର ଏକକିତା ନକଲ ସହ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକୁ ଅନୁରୋଧ ।), ୮. ପ୍ରସ୍ତାବିତ ପୁସ୍ତକ ସମ୍ବନ୍ଧରେ ଉଲ୍ଲିଖିତ ଉପରୋକ୍ତ ସମସ୍ତ ତଥ୍ୟ ଠିକ୍ ଅଟେ।

ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା ଓ ଫୋନ ନଂ.

## ସଂକ୍ଷେପରେ

### ଆଦାନୀ ହାତକୁ ଯିବ ଆଉ ୩ ବିମାନବନ୍ଦର

**ବେଙ୍ଗାଲୁରୁ,୧୯।୧:** ଜୁଲାଇ ମଧଭାଗ ସୁଦ୍ଧା ଆଦାନୀ ଗ୍ରୁପ୍ ହାତକୁ ଦେଶର ଆଉ ୩ ବିମାନବନ୍ଦର ଯିବ। ଏହା ମଧରେ ଜୟପୁର, ଗୁଆହାଟୀ ଏବଂ ଥିରୁଭାନନ୍ତପୁରମ ବିମାନ ବନ୍ଦର ସାମିଲ ରହିଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଆଦାନୀ ଏୟାରପୋର୍ଟ ଲିମିଟେଡ୍ ମଧରେ ମଙ୍ଗଳବାର ୩ କନ୍ସେସନ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ବିମାନବନ୍ଦରଗୁଡିକର ଆଗାମୀ ୫୦ ବର୍ଷ ଲାଗି ଅପରେଶନ, ପରିଚାଳନା ଏବଂ ଉନ୍ନତୀକରଣ କାର୍ଯ୍ୟ ଆଦାନୀ କରିବ ବୋଲି ଜଣାପଡିଛି। ଦେଶର ୬ ବିମାନ ବନ୍ଦର ପରିଚାଳନା ଲାଗି ଏହା ବିଡ୍ ହାସଲ କରିଛି। ମାଙ୍ଗାଲୋର, ଲକ୍ଷ୍ନୌ ଏବଂ ଅହମ୍ମଦାବାଦ ବିମାନବନ୍ଦରକୁ କମ୍ପାନୀ ଏବେ ସୁଦ୍ଧା ଅଧିଗ୍ରହଣ କରିଛି। ଏଏଆଇ ପକ୍ଷରୁ ମଙ୍ଗଳବାର ଟୁଇଟ ଯୋଗେ ନୂଆ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଛି।

### ହ୍ୱାଟ୍ସଆପ୍ ସହ ଯୋଡ଼ିହେବ ଜିଓମାର୍ଟ

**ନୂଆଦିଲ୍ଲୀ,୧୯।୧:** ଆଗାମୀ ୬ ମାସରେ ମୁକେଶ ଅମ୍ବାନୀ ତାଙ୍କ ଜିଓମାର୍ଟକୁ ହ୍ୱାଟ୍ସଆପ୍ ସହ ଯୋଡ଼ିପାରନ୍ତି। ଏ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଯୋଜନା କରାଯାଉଛି। ଫାଇନାନ୍ସିଆଲ ଖବରକାଗଜ ଡେଲି ମିଣ୍ଟରେ ଏ ନେଇ ସୋମବାର ଏକ ଖବର ପ୍ରକାଶ ପାଇଛି। ଘରୋଇ ବଜାରରେ ରିଟେଲ ଏବଂ ଗ୍ରସେରି ବାଣିଜ୍ୟକୁ ସମ୍ପ୍ରସାରଣ କରିବା ଲାଗି କମ୍ପାନୀ ଏଭଳି ଯୋଜନା ହାତକୁ ନେଇପାରେ ବୋଲି ଏହି ଖବରକାଗଜ ରିପୋର୍ଟରେ କୁହାଯାଇଛି। ଆମାଜନ ଏବଂ ୱାଲ୍ମାର୍ଟକୁ ଟକ୍କରଦେବା ଲାଗି ରିଲାଏନ୍ସ ଗୁଗଲ ଏବଂ ଫେସ୍ବୁକ ଭଳି ବିଶ୍ୱସ୍ତରୀୟ ନିବେଶକଙ୍କଠାରୁ ୨୬ ବିଲିୟନ ଡଲାରର ନିବେଶ ଗତ ବର୍ଷ ହାସଲ କରିଛି। କମ୍ପାନୀ ଏଭଳି ଭାବେ ଆଗାମୀ ଦିନରେ ଜିଓମାର୍ଟକୁ ହ୍ୱାଟ୍ସଆପ୍ ସହ ଯୋଡ଼ିବ। ଫଳରେ ହ୍ୱାଟ୍ସଆପ୍ ବ୍ୟବହାରକାରୀ ମଧ ସିଧାସଳଖ ଜିଓମାର୍ଟରୁ ସାମଗ୍ରୀ ଅର୍ଡର କରିପାରିବେ।

# ନିବେଶକଙ୍କ ସମ୍ପତ୍ତି ୩.୪୧ ଲକ୍ଷ କୋଟି ବଢ଼ିଲା

### ସେନ୍ସେକ୍ସରେ ୮୩୪ ପଏଣ୍ଟ ବୃଦ୍ଧି



**ମୁମ୍ବାଇ,୧୯।୧**

ମଙ୍ଗଳବାର ଭାରତୀୟ ପୁଞ୍ଜିବଜାରରେ କାରବାର ବେଶ୍ ଉତ୍ସାହଜନକ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ୮୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ ବଢିଥିବା ନଜରକୁ ଆସିଛି। ଫଳରେ ନିବେଶକଙ୍କ ସମ୍ପତ୍ତି ୩.୪୧ ଲକ୍ଷ କୋଟି ଟଙ୍କା ବଢ଼ିଛି। ରିୟଲ ଇଷ୍ଟେଟ, ମେଟାଲ ଏବଂ ଫାଇନାନ୍ସିଆଲ ଷ୍ଟକ୍ କାରବାର ଉନ୍ନତ ହେବାରୁ ପୁଞ୍ଜିବଜାରର ସ୍ଥିତି ବେଶ୍ ଭଲ ରହିଥିବା ଜଣାପଡିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୮୩୪ ପଏଣ୍ଟ (୧.୭୨%) ବଢ଼ିବା ଯୋଗୁ ଏହା ୪୯,୩୯୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ନିଫ୍ଟି ୨୪୦ ପଏଣ୍ଟ(୧.୬୮%) ଊର୍ଦ୍ଧ୍ୱରେ ରହିବା ଯୋଗୁ ରେକର୍ଡ ସ୍ତର ୧୪,୫୨୧ ପଏଣ୍ଟ ଛୁଇଁଛି। ସେନ୍ସେକ୍ସରେ ଭଲ କାରବାର କରିଥିବା କମ୍ପାନୀଗୁଡିକ ମଧରେ ବଜାଜ ଫିନ୍ସର୍ଭ, ବଜାଜ ଫାଇନାନ୍ସ, ସନ୍ଫାର୍ମା, ଏଚ୍ଡିଏଫ୍ସି, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏଲ୍ଆଣ୍ଡଟି ରହିଛି। ଏହି କମ୍ପାନୀଗୁଡିକର ଶେୟାର ୬.୭୭% ବଢିଛି। ଏନ୍ଏସ୍ଇ ପ୍ଲାଟ୍ଫର୍ମରେ ନିଫ୍ଟି ରିୟଲିଟି, ମେଟାଲ ଏବଂ ପିଏସ୍ୟୁ ବ୍ୟାଙ୍କ କାରବାର ପ୍ରାୟ ୪.୧୯% ବଢ଼ିଛି। ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ବିଶ୍ୱ ବଜାରକୁ ନଜରରେ ରଖି ନିବେଶକ ନିବେଶ ବଢ଼ାଇବାରୁ ବଜାରରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିବା ଶେୟାର ବଜାର ବିଶେଷଜ୍ଞ କହିଛନ୍ତି। ବାଇଡେନ କେତେକ ଭଲ ପଦକ୍ଷେପ ଘୋଷଣା କରିବେ ବୋଲି ନିବେଶକ ଆଶାବାଦୀ ରହିଛନ୍ତି। ଆମେରିକା ପୁଣି ଥରେ ଏକ ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିପାରେ ବୋଲି କୁହାଯାଉଛି। ସୋମବାର ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ପୁଞ୍ଜିବଜାରରେ ୫୬୦ କୋଟି ଟଙ୍କା ନିବେଶ କରିଛନ୍ତି।

# ବଜାରରେ ଦ ନାଚ୍ୟୁରୋ ଫୁଟ୍ୱେର ବ୍ରାଣ୍ଡ

**ଭୁବନେଶ୍ୱର,୧୯।୧**

DA NATURO
ITALY
15 ଟି ଦେଶରେ ବିକ୍ରି ହୋଇଥାଏ...

ଇଟାଲୀଭିତ୍ତିକ ଫୁଟ୍ୱେର ବ୍ରାଣ୍ଡ ଦ ନାଚ୍ୟୁରୋ ଭାରତ ବଜାରରେ ପ୍ରବେଶ କରିଛି। ଦେଶର ବିଭିନ୍ନ ପ୍ରାନ୍ତରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଥିବା କହିଛି। ସୁପ୍ରିମ ଫଙ୍କସନ ଏବଂ ଫ୍ୟାଶନକୁ ନଜରରେ ରଖି କମ୍ପାନୀ ଏହାର ପ୍ରଡକ୍ଟ ଡିଜାଇନ କରିଛି। ଶିଶୁ, ମହିଳା ଏବଂ ପୁରୁଷଙ୍କ ଲାଗି ପ୍ରଡକ୍ଟ ରେଞ୍ଜ ଉପଲବ୍ଧ ରହିଛି। କମ୍ପାନୀ ୧୫ଟି ଦେଶରେ ଏହାର ଉପସ୍ଥିତି ଜାହିର କରିପାରିଛି। ଏହି ଦେଶଗୁଡିକ ମଧରେ ଇଟାଲୀ, ସ୍ପେନ୍, କାତାର, ଦୁବାଇ, ସାଉଦି ଆରବ, ମାଲେସିଆ, ଇଣ୍ଡୋନେସିଆ ଇତ୍ୟାଦି ରହିଛି। ଜିବି ସ୍ନଗ୍ ଟେକ୍ନୋଲୋଜି ଏବଂ ସ୍ପ୍ରିଙ୍ଗ୍ ଲାଇଟ ଟେକ୍ନୋଲୋଜିକୁ ଏହା ବ୍ୟବହାର କରିଛି। ଫୁଟ୍ୱେରକୁ ହାଲୁକା ଏବଂ ଆରାମଦାୟକ କରିବା ଦିଗରେ ଏହି ପ୍ରମୁଖ ଟେକ୍ନୋଲୋଜି ଏବେ ବ୍ୟବହାର ହେଉଛି। କମ୍ପାନୀର ସୁପ୍ରିମ କମ୍ଫର୍ଟ ଏବଂ ଏଲିଗାଣ୍ଟ ଡିଜାଇନ ସୁଲଭ ମୂଲ୍ୟରେ ପ୍ରଦାନ କରାଯାଉଛି।

ପୁରୁଷ, ମହିଳା ଏବଂ ଶିଶୁଙ୍କ ଲାଗି ସ୍ପ୍ରିଙ୍ଗ୍ ଲାଇଟ ମଡେଲ ରହିଛି। ସ୍ଲିପର, ସାଣ୍ଡାଲ ଏବଂ କ୍ଲଗ୍ ବିଭିନ୍ନ ବୟସର ବ୍ୟକ୍ତିବିଶେଷଙ୍କ ରହିଛି। ୩୯୯ ଟଙ୍କାରୁ ୭୯୯ ଟଙ୍କା ରେଞ୍ଜ ଆରମ୍ଭ ମୂଲ୍ୟରେ ପ୍ରଡକ୍ଟ ମିଳୁଥିବା କମ୍ପାନୀ ପ୍ରକାଶ କରିଛି। କମ୍ପାନୀ ନୂଆ କରି ଏକ ଷ୍ଟେଟ ଅଫ୍ ଆର୍ଟ ମାନୁଫାକଚରିଂ ଫାସିଲିଟି ବସାଇଥିବା ବେଳେ ଏଠାରେ ବାର୍ଷିକ ୧୫ ଲକ୍ଷ ପେୟାରରୁ ଊର୍ଦ୍ଧ୍ୱ ଫୁଟ୍ୱେର ଉତ୍ପାଦନ କରିବ। ଇଟାଲୀ ମେଶିନେରି ଦ୍ୱାରା ଏହା ପ୍ରସ୍ତୁତ କରାଯିବାର ଯୋଜନା ରଖାଯାଇଛି। ଏହି ପ୍ଲାଣ୍ଟରେ ପ୍ରସ୍ତୁତ ହେଉଥିବା ପ୍ରଡକ୍ଟ ଭାରତ ବଜାରରେ ବିକ୍ରିହେବା ସହ ପ୍ରାୟ ୨୫ ଦେଶକୁ ରପ୍ତାନି କରିବା ନେଇ ଯୋଜନା ରଖାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ସ୍ୱପ୍ନ ଦିଗରେ ଯୋଗଦାନ ଜାରି ରଖିଥିବା କମ୍ପାନୀ ପ୍ରକାଶ କରିଛି। ଯୁବବର୍ଗଙ୍କ ଆବଶ୍ୟକତାକୁ ନଜରରେ ରଖି ଜିବି ସ୍ନଗ୍ ରେଞ୍ଜ ଆସିଛି। ୬୯୯ ଟଙ୍କାରୁ ୯୯୯ ଟଙ୍କା ମଧରେ ଆରମ୍ଭ ହେଉଥିବା ଏହି ପ୍ରଡକ୍ଟ ଷ୍ଟାଇଲ ଏବଂ ଆରାମ ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି ଏହା ଆଶା ରଖିଛି। ପ୍ରଡକ୍ଟ ଗୁଣବତ୍ତାକୁ ମଧ ଏହା ଧ୍ୟାନରେ ରଖିଥିବା କହିଛି। ଆଗାମୀ ୧୮ରୁ ୨୪ ମାସ ମଧରେ କମ୍ପାନୀ ୧୦୦ କୋଟି ଟଙ୍କାର କାରବାର ଲକ୍ଷ୍ୟ ରଖିଛି। ସାରା ଦେଶରେ ପ୍ରାୟ ୨୫୦୦ ପଏଣ୍ଟ ଅଫ୍ ସେଲ୍ ଦ୍ୱାରା ସେବା ଯୋଗାଣ ଲାଗି ଯୋଜନା ରଖାଯାଇଛି। ଓଡ଼ିଶା ପାଇଁ ରାମ୍ଜୀ ଏଣ୍ଟରପ୍ରାଇଜେସ୍କୁ ବିତରକ ଭାବେ ନିଯୁକ୍ତ କରିଥିବା ଏହାର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ ସୂଚନା ଦେଇଛନ୍ତି।

## ଆଇଟି କମ୍ପାନୀ ଦେଇପାରନ୍ତି ୯୧ ହଜାର ନିଯୁକ୍ତି

**ବାଙ୍ଗାଲୋର,୧୯।୧:** ଦେଶର ୪ ପ୍ରମୁଖ ଆଇଟି କମ୍ପାନୀ ଟିସିଏସ୍, ଇନ୍ଫୋସିସ୍, ଏଚ୍ସିଏଲ୍ ଟେକ୍ନୋଲୋଜି ଏବଂ ୱିପ୍ରୋ ୨୦୨୧-୨୨ରେ ପ୍ରାୟ ୯୧ ହଜାର ଫ୍ରେସରଙ୍କୁ ନିଯୁକ୍ତି କରିପାରନ୍ତି। ଲକ୍ଡାଉନ ପରେ ଚାହିଦା ପୁଣି ଥରେ ଫେରୁଥିବାରୁ ଏହି ୪ କମ୍ପାନୀ ମିଳିତ ଭାବେ ଏଭଳି ନୂଆ ନିଯୁକ୍ତି ଦେବା ନେଇ ଆକଳନ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ଅଧିକ ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଟିସିଏସ୍ର କାର୍ଯ୍ୟନିର୍ବାହୀ ଉପସଭାପତି ଏବଂ ଗ୍ଲୋବାଲ ମାନବ ସମ୍ବଳ ମୁଖ୍ୟ ମିଲିନ୍ଦ ଲାକାଡ କହିଛନ୍ତି, ଚଳିତ ବର୍ଷ କମ୍ପାନୀ ୪୦ ହଜାରଙ୍କୁ ନିଯୁକ୍ତି ଦେଇଛି। ଆସନ୍ତା ବର୍ଷ ମଧ ସମାନ ସଂଖ୍ୟକ ନିଯୁକ୍ତି ଦିଆଯିବ। ଆସନ୍ତା ଆର୍ଥିକ ବର୍ଷରେ ୨୪ ହଜାର ଗ୍ରାଜୁଏଟଙ୍କୁ ନିଯୁକ୍ତି ଦେବା ଲାଗି ଇନ୍ଫୋସିସ୍ ଯୋଜନା ରଖିଛି। ଏହାବାଦ ଏଚ୍ସିଏଲ୍ ଟେକ୍ନୋଲୋଜିରେ ୧୫ ହଜାର ଫ୍ରେସରଙ୍କୁ ନିଯୁକ୍ତି ମିଳିବା ନେଇ ଏହାର ମାନବ ସମ୍ବଳ ମୁଖ୍ୟ ଆପାରାଓ ଭିଭି କହିଛନ୍ତି।

# ନୂଆ ଆପ୍ରିଲିଆ ଏସ୍ଏକ୍ସଆର୍ ୧୬୦



**ଭୁବନେଶ୍ୱର,୧୯।୧**

ପ୍ରଥମ ଥର ପାଇଁ ଦୁଇଚକିଆ ଯାନ ବଜାରରେ ଏକ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସ୍କୁଟର ଆପ୍ରିଲିଆ ଏସ୍ଏକ୍ସଆର ୧୬୦ର ବଜାର ପ୍ରବେଶ ହୋଇଛି। ଏହାର ଅଧିକୃତ ଡିଲରଶିପ ୩ ଏସ୍ ମୋଟର୍ସ ପକ୍ଷରୁ ଏହି ନୂତନ ମଡେଲକୁ ମଙ୍ଗଳବାର ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ଶୋ'ରୁମ୍ ପରିସରରେ ଉନ୍ମୋଚନ କରାଯାଇଛି। ଏହି ଅବସରରେ କମ୍ପାନୀର ଆର୍ଏମ୍ (୩ ହ୍ୱିଲର୍ସ ବିଜ୍ନେସ୍) କେ.ଏନ୍.ଏସ୍.ଭି.ରାମା ରାଓ, ପିଆଜିଓ ଭେଇକିଲ୍ସ ପ୍ରାଇଭେଟ ଲିମିଟେଡ୍ର ଆର୍ଏମ୍ ୨ହ୍ୱିଲର୍ସ ବିଜ୍ନେସ ସୁରଜ ସୁମନ ଏବଂ ୩ ଏସ୍ ମୋଟର୍ସର ମ୍ୟାନେଜିଂ ପାର୍ଟନେର ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂଆ ମଡେଲରେ ବୃହତ୍ ଡିଜିଟାଲ ଡିସ୍ପ୍ଲେ ବୋର୍ଡ ସହ ୪ ଷ୍ଟ୍ରୋକ୍ ଇଞ୍ଜିନ ରହିଛି। ସେହିଭଳି ସିଙ୍ଗଲ ସିଲିଣ୍ଡର, ଏୟାର କୁଲ୍ଡ ବକ୍ସ, ୩ ଭାଲ୍ବ ଫୁଏଲ ଇଞ୍ଜେକ୍ସନ କ୍ଲିନ୍ ଏମିସନ ଇଞ୍ଜିନ ଟେକ୍ନୋଲୋଜି, ବୃହତ୍ ଫୁଏଲ ଟ୍ୟାଙ୍କ (୭ ଲିଟର) ଏବଂ ୪ଟି କଲର (ରେଡ୍, ବ୍ଲୁ, ହ୍ୱାଉଟି ଏବଂ ବ୍ଲାକ୍) ବିକଳ୍ପରେ ଏହା ଉପଲବ୍ଧ ହେଉଛି। ଏହି ଅବସରରେ ପିଆଜିଓ ଭେଇକିଲ୍ସ ପ୍ରାଇଭେଟ ଲିମିଟେଡ୍ର ଆର୍ଏମ୍ ୨ହ୍ୱିଲର୍ସ ବିଜ୍ନେସ ସୁରଜ ସୁମନ କହିଛନ୍ତି, ଗ୍ରାହକଙ୍କୁ ଏହା ଏକ ଭିନ୍ନ ଧରଣର ଡ୍ରାଇଭିଂ ପ୍ରଦାନ ସହ ଶାନ୍ତ-କ୍ଲାନ୍ତ ମୁକ୍ତ ଗମନାଗମନର ମଜା ଦେବ। ଏହି ମଡେଲରେ ଅନେକ ପ୍ରକାର ସୁବିଧା ଓ ଫିଚର ରହିଛି। ଏଥିରେ ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ (ଏବିଏସ୍) ସୁବିଧା ସହିତ ମହଜୁଦ ଡିସ୍ ବ୍ରେକ୍, ୩ କୋଟ୍ ଏଚ୍ଡି ବଡି ପେଣ୍ଟ ସହ ୪ଟି ଆକର୍ଷଣୀୟ କଲର ରହିଛି। ଏହାର ସମସ୍ତ ଫିଚର ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ସେ ମତ ଦେଇଛନ୍ତି। ଏହାର ଏକ୍ସ ଶୋ'ରୁମ୍ ବଜାର ଦର ୧,୨୮,୬୮୭ ଟଙ୍କା ରହିଥିବା ସୂଚନା ମିଳିଛି।

# ଓଏସ୍ଏଚ୍ବି ଅଧ୍ୟକ୍ଷଙ୍କ କେନ୍ଦ୍ରାପଡ଼ା ଗସ୍ତ

**ଭୁବନେଶ୍ୱର,୧୯।୧**

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍ଏଚ୍ବି)ର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଗତ ଶନିବାର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ, ରାଜନଗର ଓ ଡାଙ୍ଗମାଳ ଆଦି ଅଞ୍ଚଳ ଗସ୍ତ କରିଥିଲେ। ଏହି ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସଂସ୍ଥାର ସମସ୍ତ ପୁରାତନ ପ୍ରକଳ୍ପର ଅନୁଧ୍ୟାନ କରିବା ସହ ପ୍ରକଳ୍ପ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତା ଓ

### ନୂଆ ପ୍ରକଳ୍ପର ପରିକଳ୍ପନା

ଆଶାୟୀ ଗୃହ ଆବେଦନକାରୀଙ୍କଠାରୁ ଆପତ୍ତି ଅଭିଯୋଗର ଏକ ଶୁଣାଣି କରିଥିଲେ। ସେହିଭଳି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ମଧରେ ସଂସ୍ଥା ଅଧିଗ୍ରହଣ କରିବା ପାଇଁ ଥିବା ୪ ଏକର ୭୬୦ ଡିସିମିଲ ଜମିରୁ ୨ ଏକର ଜମିରେ ପୌର କର୍ତ୍ତୃପକ୍ଷ ଏକ ପ୍ରମୋଦ ଉଦ୍ୟାନ କରି ବ୍ୟବହାର କରୁଥିବାରୁ ଅବଶିଷ୍ଟ ଜମିରେ ସଂସ୍ଥା ଏକ ନୂତନ ପ୍ରକଳ୍ପ କରିବ ବୋଲି ସର୍ବସମ୍ମତି ଅନୁସାରେ ନିଷ୍ପତ୍ତି ନିଆଯାଇଛି।

## ରାଜ୍ୟ ଖବର

### ତୈଳ ବିଶୋଧନାଗାର ଜଳାଶୟରୁ ଶ୍ରମିକଙ୍କ ମୃତଦେହ ଜବତ

ପାରାଦୀପ,୧୯।୧(ସ୍ୱ.ପ୍ର.): ପାରାଦୀପ ତୈଳ ବିଶୋଧନାଗାର ପରିସରରେ ଥିବା ଜଳାଶୟରୁ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ମହେଶ୍ୱର ଆଚାର୍ଯ୍ୟ(୩୦)। ସେ ତୈଳ ବିଶୋଧନାଗାର ଅଧୀନ କଳିଙ୍ଗ ଇନ୍ସୁଲେଶନ ନାମକ ଏକ ଠିକା ସଂସ୍ଥାରେ କାମ କରୁଥିଲେ। ଗତ ସୋମବାର ଅପରାହ୍ନରେ ଶୌଚ ହେବା ପାଇଁ ଘରୁ ଆସି ଆଉ ଫେରି ନ ଥିଲେ। ମଙ୍ଗଳବାର ଜଳାଶୟ ପାଖରେ ତାଙ୍କ ପ୍ୟାଣ୍ଟ, ଶାର୍ଟ, ଜୋତା ଓ ମୋବାଇଲ ପଡ଼ିଥିବା ଦେଖି କର୍ମଚାରୀମାନେ ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ଜଳାଶୟରୁ ମହେଶ୍ୱରଙ୍କ ମୃତଦେହ ବାହାର କରିଛନ୍ତି। ଏଥିସହ ଅଭୟଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ମାମଲା(ନଂ.୧/୨୧)ରୁଜୁ କରିଛି। ରିପୋର୍ଟ ଲେଖାହେବାବେଳକୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ତୈଳ ବିଶୋଧନାଗାର ପ୍ରକଳ୍ପ ଆଗରେ ଧାରଣା ଦେଇଥିଲେ।

### ନର୍ଭେରାମ ଖଣି କାର୍ଯ୍ୟାଳୟରେ ଆୟକର ବିଭାଗର ଚଢ଼ାଉ

ବଡ଼ବିଲ, ୧୯।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲର ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ ଖଣି କମ୍ପାନୀରେ ମଙ୍ଗଳବାର ପୂର୍ବାହ୍ନରୁ ଆୟକର ବିଭାଗ ଚଢ଼ାଉ କରିଛି। ଏକାସାଙ୍ଗରେ ସୁନ୍ଦରା ବସ୍ତି ଏବଂ ବଡ଼ବିଲ ମେନରୋଡ୍ସ୍ଥିତ କାର୍ଯ୍ୟାଳୟରେ ଆୟକର ବିଭାଗ ଚଢ଼ାଉ କରିଥିବା ଜଣାପଡିଛି। ଏହି ଟିମ୍ ଦୁଇଟି ଗାଡ଼ିରେ ଆସିଥିବା ସୂଚନା ମିଳିଛି। ଆୟବ୍ୟୟ ସମ୍ପର୍କିତ ବିଭିନ୍ନ ରେକର୍ଡ ଯାଞ୍ଚ ଜାରି ରହିଛି। ଗଣମାଧମକୁ ଭିତରକୁ ପ୍ରବେଶ ନିଷେଧ ରହିଥିବାରୁ କେତେଜଣିଆ ଟିମ ଏହି ଚଢ଼ାଉରେ ସାମିଲ ରହିଛନ୍ତି ତାହା ଜଣାପଡ଼ିନାହିଁ।

# ଭୁବନେଶ୍ୱରରେ ଲ୍ୟୁଟ୍ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**



ଭୁବନେଶ୍ୱରରେ ପହଞ୍ଚିଥିବା ଲ୍ୟୁଟ୍ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି।

ଭାରତୀୟ ସେନାର ଉପମୁଖ୍ୟ ଭାବେ ନିଯୁକ୍ତ ହୋଇଥିବା ପ୍ରଥମ ଓଡ଼ିଆ ଅଫିସର ଲ୍ୟୁଟ୍ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରେ ନିଜ ଖୁସି ବ୍ୟକ୍ତକରି କହିଛନ୍ତି, ଜନ୍ମ ମାଟି ଓଡ଼ିଶାରେ ଥିବାବେଳେ ହିଁ ଏହି ଖୁସି ଖବର ପାଇଥିଲି। ଏହା ମୋ ପାଇଁ ବହୁତ ବଡ଼ ସୌଭାଗ୍ୟ ବୋଲି ସେ କହିଛନ୍ତି। ସୋମବାର ଏହି ନୂଆ ନିଯୁକ୍ତି ସଂକ୍ରାନ୍ତରେ ଘୋଷଣା ସମୟରେ ଜେନେରାଲ ମହାନ୍ତି ଓଡ଼ିଶାରେ ଥିଲେ। ସେ ଗୋପାଳପୁରସ୍ଥିତ ଆର୍ମି କଲେଜର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତେବେ ଗୋପାଳପୁରରୁ ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନବନ୍ଦରରେ ତାଙ୍କୁ ୧୨୦ ବାଟାଲିୟନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେ ସିଧାସଳଖ ୧୨୦ ବାଟାଲିୟନକୁ ଯାଇ ସେଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ବୁଧବାର ସୈନିକ ସ୍କୁଲର ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ଭାରତୀୟ ସେନାର ଉପମୁଖ୍ୟ ବା ଭାଇସ୍ ଚିଫ୍ ଭାବେ କାର୍ଯ୍ୟ କରୁଥିବା ଏସ୍.କେ. ସାଇନି ଆସନ୍ତା ୩୧ ତାରିଖରେ ଅବସର ନେବେ। ଏହାପରେ ଜେନେରାଲ ମହାନ୍ତି ଉକ୍ତ ଦାୟିତ୍ୱ ଗ୍ରହଣ କରିବେ। ଏବେ ସେ ଦକ୍ଷିଣ-ପୂର୍ବ କମାଣ୍ଡରେ ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବେ କାର୍ଯ୍ୟ କରୁଛନ୍ତି। ସେନା ଉପମୁଖ୍ୟ ପଦରେ ବସିବା ପରେ ଦାୟିତ୍ୱ ଅଧିକ ବଢ଼ିଯିବ। ଓଡ଼ିଶାବାସୀଙ୍କ ପାଇଁ ଯାହା କରିହେବ କରିବି। ଓଡ଼ିଆ ପିଲା ବେଶି ସଂଖ୍ୟାରେ ସେନାରେ ପଶିପାରୁ ନ ଥିବାବେଳେ ନୂଆ ଦାୟିତ୍ୱ ନେବା ପରେ ଏଥିପ୍ରତି ଦୃଷ୍ଟି ଦେବି। କିପରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ସେଥିପ୍ରତି ଧ୍ୟାନ ଦେବି ବୋଲି ଜେନେରାଲ ମହାନ୍ତି କହିଛନ୍ତି। ଏବେ ଆର୍ମିରେ ଝିଅଙ୍କ ପାଇଁ ବହୁତ ସୁବିଧା ହୋଇଗଲାଣି। ଓଡ଼ିଶାର ଝିଅ ଆର୍ମିରେ ଯୋଗଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜେନେରାଲ ମହାନ୍ତିଙ୍କ ଘର ଜଗତ୍ସିଂହପୁର ଜିଲା ଜୟବଡ଼ରେ। ଭାରତୀୟ ସେନାରେ ତାଙ୍କର ଦୀର୍ଘ ୩୮ ବର୍ଷର ଅଭିଜ୍ଞତା ରହିଛି।

# ୨ ବାଘଛାଲ ବେପାରୀ ଗିରଫ



ଜବତ ବାଘଛାଲ। ଗରିଆବନ୍ଦ ଏସ୍ପି ସୂଚନା ଦେଉଛନ୍ତି।

**ଜୁନାଗଡ଼, ୧୯।୧ (ଡି.ଏନ.ଏ.)**

ଛତିଶଗଡ଼ ପୋଲିସ ୨ ବାଘଛାଲ ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୨ଟି ବାଘଛାଲ ମଧ ଜବତ କରାଯାଇଛି। ଗିରଫ ୨ ଜଣ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଝାରବନ୍ଧ ଗ୍ରାମର ରମେଶ ନାଏକ ଓ ଗୋଲାମୁଣ୍ଡା ଥାନା ଅଧୀନ ନକଟିକାନି ଗ୍ରାମର କେଶବ ମାଝି। ଦୁଇ ଅଭିଯୁକ୍ତଙ୍କ ବିରୋଧରେ ୧୯୭୨ ବନ୍ୟଜନ୍ତୁ ସଂରକ୍ଷଣ ଅଧିନିୟମ ଧାରା ୯, ୨୯, ୩୯, ୫୧ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଗରିଆବନ୍ଦ ଏସ୍ପି ଭୋଜରାମ ପଟେଲ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଏହି ୨ଜଣ ବ୍ୟକ୍ତି ଏକ ମୋଟରସାଇକେଲ ଯୋଗେ ବାଘଛାଲ ଧରି ଛତିଶଗଡ଼ ରାଜ୍ୟ ଦେଭୋଗ ଥାନା ଧୁପକୋଟ ଗ୍ରାମ ଏକ ବନ୍ଧ ପାଖରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ଗରିଆବନ୍ଦ ଏସ୍ପି ସେମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଗ୍ରାହକଙ୍କୁ ଅପେକ୍ଷା କରିଥିବା ସମୟରେ ଦେଭୋଗ ପୋଲିସ ଓ ସାଇବର ଟିମ ସେଠାରେ ପହଞ୍ଚି ୨ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୨ଟି ବାଘଛାଲ ସହ ଏକ ମୋଟରସାଇକେଲ (ଓଡି୦୮ଏନ୍-୦୮୭୬) ଜବତ କରିଥିଲା।

# ମିଲର୍ସଙ୍କ ସ୍ୱାର୍ଥରେ କାମ କରୁଛନ୍ତି ରାଜ୍ୟ ସରକାର: ଭାଜପା

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ରାଜ୍ୟ ସରକାର ମିଲର୍ସଙ୍କ ସ୍ୱାର୍ଥ ଲାଗି କାମ କରୁଛନ୍ତି। ସରକାର ଉଷୁନା ଚାଉଳ ପାଇଁ ସେମାନଙ୍କ ତରଫରୁ ଓକିଲାତି କରୁଛନ୍ତି। ଉଷୁନା ଚାଉଳ ଉତ୍ପାଦନ କଲେ ମିଲର୍ସ ଲାଭବାନ ହୁଅନ୍ତି। ଓଡିଶାର ମିଲର୍ସଙ୍କ ପାଖରେ ଉଷୁନା ଚାଉଳ ଗଚ୍ଛିତ ଥିବାରୁ ସେମାନେ ଏହାକୁ ଆଗ ଖାଲି କରିବାକୁ ଚାହୁଁଛନ୍ତି। ସେମାନେ ଅରୁଆ ଚାଉଳ କଲେ ସବୁ କିଣିବାକୁ ଏଫ୍ସିଆଇ ପ୍ରସ୍ତୁତ ଥିବା ଗତ ଡିସେମ୍ବର ମାସରୁ ଏକ ଚିଠିରେ ଜଣାଇଛି। ଚିଠି ପାଇବା ସତ୍ତ୍ୱେ ସରକାର ଏହାର ସ୍ପଷ୍ଟୀକରଣ ରାଜ୍ୟବାସୀଙ୍କୁ ଦେଇନାହାନ୍ତି କି ମିଲର୍ସଙ୍କୁ ଅରୁଆ ଚାଉଳ କରିବା ପାଇଁ ନିର୍ଦ୍ଦେଶ ଦେଇନାହାନ୍ତି। ଏହି ରାଜନୀତିରେ ନିରୀହ ଚାଷୀ ପେଷି ହେଉଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଲେଖାଶ୍ରୀ କହିଛନ୍ତି, ରାଜ୍ୟର ଚାଷୀଙ୍କୁ ଭ୍ରମିତ କରିବା ପାଇଁ ସରକାର ନୂଆ କୁମ୍ଭୀର କାନ୍ଦଣା ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ଉଷୁନା ଚାଉଳ ନ ନେଲେ ଚାଷୀଙ୍କ ଉପରେ ବୋଝ ପଡିବ। କିନ୍ତୁ ବାସ୍ତବରେ ରାଜ୍ୟ ସରକାର ଚାଷୀଙ୍କ ପାଇଁ ନୁହେଁ ବରଂ ମିଲର୍ସଙ୍କ ସ୍ୱାର୍ଥ ପାଇଁ ବେଶୀ ଚିନ୍ତା କରୁଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ଠାରୁ ଧାନ ଉଠାଇବା କଥା ଏବଂ ଏହାକୁ ମିଲର୍ସଙ୍କୁ ଦେଇ ଉଷୁନା କିମ୍ବା ଅରୁଆ ଚାଉଳ କରାଇବା କଥା। ସେହି ଚାଉଳକୁ ରାଜ୍ୟ ସରକାର ଏଫ୍ସିଆଇକୁ ଦେବେ ନ ହେଲେ ନିଜ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ରଖିପାରିବେ। କେନ୍ଦ୍ର ସରକାର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ୫୦ ପ୍ରତିଶତ ଉଷୁନା ଚାଉଳ ସହ ଅଧିକରୁ ଅଧିକ ଅରୁଆ ଚାଉଳ କିଣାଯାଉ। ଉଭୟ ଏଫ୍ସିଆଇ ଏବଂ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଉଷୁନା ଚାଉଳ ରହିଛି। ଅଧିକ ଉଷୁନା ଚାଉଳ ସଂଗ୍ରହ କଲେ ତାହା ନଷ୍ଟ ହୋଇଯିବ ବୋଲି ଏଫ୍ସିଆଇ ଜଣାଇଛି। ଅନ୍ୟ ରାଜ୍ୟର ଲୋକେ ଅରୁଆ ଚାଉଳ ଖାଆନ୍ତି। ରାଜ୍ୟ ସରକାର ମିଲର୍ସଙ୍କୁ ଅରୁଆ ଚାଉଳ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଯେତେ ଅରୁଆ ଚାଉଳ ଦେବେ କେନ୍ଦ୍ର କିଣିବାକୁ ପ୍ରସ୍ତୁତ ଅଛି ବୋଲି ଏଫ୍ସିଆଇ ଚିଠିରେ ଉଲ୍ଲେଖ ରହିଛି। କିନ୍ତୁ ବିଜେଡି ବିଧାୟକମାନେ ଖବରଦାତା ସମ୍ମିଳନୀ ଜରିଆରେ ଏହି କଥାକୁ ଲୁଚାଇ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

# ରୀତିନୀତିରେ ହେଲା ଶୁଳିଆପୂଜା

### ପଶୁପକ୍ଷୀଙ୍କ ବଳି ପଡ଼ିଲା

**ଦେଓଗାଁ,୧୯।୧(ଡି.ଏନ.ଏ.)**

କୋଭିଡ ମହାମାରୀ ଓ କଟକଣା ଭିତରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା, କୁମୁରିଆସ୍ଥିତ ବଡଖଳା ଓ ସାନଖଳାରେ ଆଦିବାସୀଙ୍କ ପ୍ରସିଦ୍ଧ ଶୁଳିଆ ଯାତ୍ରା ପାରମ୍ପରିକ ରୀତିନୀତିରେ ପୌଷଶୁକ୍ଳ ମଙ୍ଗଳବାର ସମ୍ପନ୍ନ ହୋଇଛି। ସକାଳ ୮ଟାରେ ଖଇରଗୁରା ମନ୍ଦିରରୁ ପୂଜକ, ଦେହୁରୀଆମାନେ ପାଟବୋଦାକୁ ଏକ ଶୋଭାଯାତ୍ରାରେ ନେଇ ବଡଖଳା ଓ ସାନଖଳାରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପରମ୍ପରା ଅନୁସାରେ ଛେଳି, ବୋଦା ମେଣ୍ଢା, ପୋଢ଼, କୁକୁଡା ଆଦି ପଶୁପକ୍ଷୀଙ୍କ ବଳିରେ ଶୁଳିଆପଦା ରକ୍ତରଞ୍ଜିତ ହୋଇଥିଲା। କୋଭିଡ କଟକଣା ଯୋଗୁଁ ଚଳିତ ଶୁଳିଆ ପୂଜାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଥିବାବେଳେ ବଳି ମଧ ଢ଼େର କମିଥିବା ଦେଖାଯାଇଥିଲା। କଟକଣା ଯୋଗୁଁ ଶୁଳିଆପଦାରେ କୌଣସି ଦୋକାନ ବଜାର ବସି ନ ଥିଲା। ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ତରଫରୁ ଉପଜିଲାପାଳ ସୁଧାକର ନାୟକ, ୩ଜଣ ମାଜିଷ୍ଟ୍ରେଟ, ୨ପ୍ଲାଟୁନ ଫୋର୍ସ, ଏସ୍ଡିପିଓ ଶ୍ରୀମନ୍ତ ବାରିକ, ଦେଓଗାଁ ଓ ତୁଷୁରା ଥାନାର ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ।



ଖଇରଗୁରାରେ ପୂଜାର୍ଚ୍ଚନା କରାଯାଉଛି।

**ଜଙ୍ଗଲରେ ନିଆଁ ଲଗାଇଲେ ଦୁର୍ବୃତ୍ତ**

ପାଟଣା, (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ଉଦୟପୁର ବିଟ୍ ବଲାଣି ପଶି ଗ୍ରାମ୍ୟ ଜଙ୍ଗଲରେ ମଙ୍ଗଳବାର କେହି ଦୁର୍ବୃତ୍ତ ନିଆଁ ଲଗାଇଦେବାରୁ ୧୫ ଶହରୁ ଊର୍ଦ୍ଧ୍ୱ ଆକାଶିଆ ଗଛ ଜଳି ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣା ସ୍ଥଳରେ ସାହାରପଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନା ଯୋଗ୍ୟ ଯେ, ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ଜଳବିଭାଜିକା ତରଫରୁ ବନୀକରଣ କରାଯାଇଥିଲା।

# ଦାଦନ ପିଲାଙ୍କ ଶିକ୍ଷାରେ ଡୋରି

**ଭୁବନେଶ୍ୱର ବାରିକ**
**ଲାଠୋର, ୧୯।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଚାଲିଥିବା ଋତୁକାଳୀନ ଆବାସିକ ଛାତ୍ରାବାସ ଏବେ ବନ୍ଦ ରହିଛି। ବକେୟା ଟଙ୍କା ମିଳି ନ ଥିବାରୁ ଶିକ୍ଷକମାନେ ଛାତ୍ରାବାସ ଖୋଲିବାକୁ ଅମଙ୍ଗ ହେଉଛନ୍ତି। ଫଳରେ ଅଞ୍ଚଳର ଦାଦନ ପରିବାରର ଶହ ଶହ ପିଲାଙ୍କ ଶିକ୍ଷାରେ ଡୋରି ବନ୍ଧା ହୋଇଛି। ଅଦ୍ୟାବଧି ଛାତ୍ରାବାସ ଖୋଲି ନ ଥିବାରୁ ଏହି ପିଲାମାନେ ସେମାନଙ୍କ ମା' ବାପାଙ୍କ ସହିତ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଗଲେଣି।

ଖପ୍ରାଖୋଲ ଏକ ଦାଦନ ପ୍ରବଣ ବ୍ଲକ। ପ୍ରତିବର୍ଷ ଏଠାକାର ଅଧିକାଂଶ ପରିବାର ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ସେମାନଙ୍କ ପିଲାମାନେ ଯେପରି ଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ପ୍ରତିବର୍ଷ ନଭେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ୬ ମାସ ପାଇଁ ବିଭିନ୍ନ ବିଦ୍ୟାଳୟରେ ଛାତ୍ରାବାସ ଖୋଲିଥାନ୍ତି। ଏହି ପିଲାଙ୍କ ଖାଦ୍ୟପେୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥାଏ। ସେହି କ୍ରମରେ ଗତ ୨୦୧୮-୧୯ରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୫ଟି ଛାତ୍ରାବାସ ଖୋଲି ୬ରୁ ୧୪ ବର୍ଷର ୭୧୫ଜଣ ଛାତ୍ରୀଛାତ୍ରଙ୍କୁ ରଖାଯାଇଥିଲା ଏବଂ ସେମାନଙ୍କ ଖାଦ୍ୟପେୟ ବାବଦରେ ୭୦ ଲକ୍ଷ ୨୭ ହଜାର ୧୬୨ ଟଙ୍କା ଖର୍ଚ୍ଚ ହୋଇଥିବା ବିଭାଗୀୟ ସୂଚନାରୁ ଜଣାପଡିଛି। ସେଥିମଧ୍ୟରୁ ୫୩ ଲକ୍ଷ ୮୨ ହଜାର ଟଙ୍କା ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ ପ୍ରଦାନ କରାଯାଇଥିବା ବେଳେ ୧୬ ଲକ୍ଷ ୪୫ ହଜାର ୧୬୨ ଟଙ୍କା ବକେୟା ରହିଛି।

**ଋତୁକାଳୀନ ଆବାସିକ ଛାତ୍ରାବାସ ବନ୍ଦ**




ବନ୍ଦ ରହିଥିବା ଋତୁକାଳୀନ ଆବାସିକ ଛାତ୍ରାବାସ।



"ଶିକ୍ଷକମାନେ ୟୁଟିଲାଇଜେଶନ ସାର୍ଟିଫିକେଟ୍ (ୟୁସି) ଠିକ୍ ସମୟରେ ପ୍ରଦାନ କରୁନାହାନ୍ତି। ତେଣୁ ଛାତ୍ରାବାସ ପାଇଁ ବକେୟା ଟଙ୍କା ଦିଆଯାଇପାରୁନି।"
**ପ୍ରଶାନ୍ତ ସରାଫ**
**ଜିଲା ଯୋଜନା ଅଧିକାରୀ, ବଲାଙ୍ଗୀର**

ସେହିପରି ୨୦୧୯-୨୦ରେ ଉକ୍ତ ବ୍ଲକର ୧୬ଟି ବିଦ୍ୟାଳୟରେ ଛାତ୍ରାବାସ ଖୋଲି ୭୫୪ଜଣ ଛାତ୍ରୀଛାତ୍ରଙ୍କୁ ରଖି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଶେଷ କିସ୍ତି ଟଙ୍କା ପ୍ରଦାନ କରାଯାଇନାହିଁ। ୨୦୧୮-୧୯ ବର୍ଷର ବକେୟା ଟଙ୍କା ଏଯାବତ୍ ଦିଆଯାଇ ନ ଥିବାରୁ ଶିକ୍ଷକମାନେ ଛାତ୍ରାବାସ ଖୋଲିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ନିଜ ନାମ ଗୋପନ ରଖି କେତେକ ଶିକ୍ଷକ କହିଛନ୍ତି, ଛାତ୍ରାବାସ ପାଇଁ ଆମେ ଦୋକାନ ବଜାରରୁ ଟଙ୍କା ଧାର କରିଛୁ। ଟଙ୍କା ପ୍ରଦାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏପରି ସ୍ଥିତିରେ କେଉଁ ଶିକ୍ଷକ ଛାତ୍ରାବାସ ଖୋଲି ହଇରାଣରେ ପଡିବ ବୋଲି ସେମାନେ କହିଛନ୍ତି। ଏଥିରୁ ସ୍ପଷ୍ଟ ଯେ, ବିଭାଗୀୟ ଅବହେଳା ଯୋଗୁ ଛାତ୍ରାବାସ ଖୋଲିବାରେ ବାଧା ସୃଷ୍ଟି ହେଉଛି। ଯାହାର ପ୍ରଭାବ ସିଧାସଳଖ ଦାଦନ ଶ୍ରମିକ ପରିବାରର ପିଲାଙ୍କ ଉପରେ ପଡୁଛି। ଏ ନେଇ ଖପ୍ରାଖୋଲ ବ୍ଲକ ଶିକ୍ଷାଧିକାରୀ ଷଷ୍ଠୀ ପ୍ରସାଦ ଝାଙ୍କରଙ୍କୁ ପଚାରିବାରୁ ଟଙ୍କା ବକେୟା ଥିବା ବିଷୟରେ ଜାଣିନାହିଁ ବୋଲି କହିଥିଲେ।

# ବିବାହ ପରେ ରକ୍ତଦାନ କଲେ ବରପାତ୍ର



ବଲାଙ୍ଗୀର ରକ୍ତଭଣ୍ଡାରରେ ନବବଧୂଙ୍କ ଉପସ୍ଥିତିରେ ବରବେଶରେ ସୁବ୍ରତ ଖଣ୍ଡୁଆଳ ରକ୍ତଦାନ କରୁଛନ୍ତି।

**ବଲାଙ୍ଗୀର ଅଫିସ,୧୯।୧:** ବିବାହକୁ ସ୍ମରଣୀୟ ଓ ନିଆରା କରି ଅନ୍ୟମାନଙ୍କ ପାଇଁ ଭିନ୍ନ ଉଦାହରଣ ସୃଷ୍ଟି କରି ବଲାଙ୍ଗୀର ସହର ଟିମିନିଭାଟିର ସୁବ୍ରତ ଖଣ୍ଡୁଆଳ। ସୋମବାର ଥିଲା ସୁବ୍ରତ ଖଣ୍ଡୁଆଳଙ୍କ ବିବାହ ଦିନ। ବିବାହ ପୂର୍ବରୁ ବୃକ୍ଷରୋପଣ କରିଥିଲେ। ବିବାହ ସମ୍ପନ୍ନ ପରେ ବରବେଶରେ ନବବଧୂ ଶ୍ୱେତପୂର୍ଣ୍ଣା ପଟ୍ଟନାୟକଙ୍କୁ ଧରି ସେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସରେ ଥିବା ରକ୍ତଭଣ୍ଡାରକୁ ଆସି ରକ୍ତଦାନ କରିଥିଲେ। ଭାଇ ସୁପ୍ରିୟ ଖଣ୍ଡୁଆଳ, ଭଉଣୀ ସ୍ମୃତି ଖଣ୍ଡଆଲ, ଭ୍ରାଇଁ ହରିଶ ଚୌହାନ, ମଉସା ସତୀଶ କୁମାର, ସମାଜକର୍ମୀ ରୂପକ ବରାଳ, ଜୁନିୟର ରେଡକ୍ରସ କାଉନସେଲର ଡେଙ୍ଗ ସ୍କୁଲ ଶିକ୍ଷକ ରାମ ନାରାୟଣ ଦାଶ, ମାୟାବର୍ହା ସ୍କୁଲ କାଉନସିଲର ରବିଚନ୍ଦ୍ର ପଶାୟତ, ଶିକ୍ଷକ ବସନ୍ତ କୁମାର ହୋତା, ରକ୍ତଭଣ୍ଡାର ବିଭିନ୍ନ କର୍ମଚାରୀ ତଥା ପରିବାର ସଦସ୍ୟ ଉପସ୍ଥିତ ରହି ନବଦମ୍ପତିଙ୍କ ଏଭଳି ମହତ କାର୍ଯ୍ୟକୁ ଉତ୍ସାହିତ କରିଥିଲେ।

**ବିବାହକୁ ସ୍ମରଣୀୟ କଲେ ସୁବ୍ରତ-ଶ୍ୱେତପୂର୍ଣ୍ଣା**

# ୨ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ବିନ୍ନିକା,୧୯।୧(ଡି.ଏନ୍.ଏ.)**

ବିନ୍ନିକା ଥାନା ଅଞ୍ଚଳରେ ମଙ୍ଗଳବାର ଦୁଇଜଣ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଦ୍ୱୟଙ୍କ ଜେଜେମା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୨ ତାରିଖ ତାଙ୍କ ଦୁଇ ନାତୁଣୀ ପଡୋଶୀ ଘର ଅଗଣାକୁ ଫୁଲ ତୋଳିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ସେମାନଙ୍କୁ ତାଙ୍କ ଘରର ବାସନ ମାଜିବାକୁ କହିଥିଲେ। ଘଟଣା ଦିନ ଅଭିଯୁକ୍ତଙ୍କ ଘରେ କେହି ନ ଥିଲେ। ଫଳରେ ଏକୁଟିଆ ପାଇ ନାବାଳିକାଙ୍କୁ ଅଭିଯୁକ୍ତ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷରେ ଅଭିଯୁକ୍ତଙ୍କ ସ୍ତ୍ରୀ ଏହି ଅଭିଯୋଗକୁ ଖଣ୍ଡନ କରି ତାଙ୍କ ସ୍ୱାମୀଙ୍କୁ ଫସାଇବାକୁ ଷଡଯନ୍ତ୍ର ହେଉଥିବା ଅଭିଯୋଗ କରିଛନ୍ତି। ଏଥିସହିତ ତାଙ୍କ ଘରୁ ଏକ ମୋବାଇଲ ଫୋନ ନାବାଳିକାଙ୍କ ଭାଇ ଚୋରି କରିଥିବା ନେଇ ଥାନାରେ ଅଭିଯୁକ୍ତଙ୍କ ସ୍ତ୍ରୀ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବିନ୍ନିକା ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି।


## GODAVARIS (DEGREE) MAHAVIDYALAYA
**BANPUR, KHORDHA, ODISHA - 752031**
**QUOTATION CALL NOTICE**

Sealed quotations are invited from intending firms/suppliers/ authorized dealers having valid PAN/GST and IT Clearance for supply of Books (as per CBCS Syllabus) & Lab. equipments by Registered Post/Speed Post on or before Dt.30.01.2021 by 4 P.M. The items shall be purchased from IDP fund under OHEPEE-2020-21. The undersigned reserves the right to cancel part or whole of quotations without assigning any reason thereof.

**Sd./- Principal**

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553
Lifeline of Odisha

No. CAD-1097 **TENDER ALERT**

**01) Tender Call Notice No.04/2020-21:** Tenders for different works mentioned below under EHT O&M Division, Balasore.
(i)Hiring of Diesel run commercial registered light vehicle (09 seated Non-AC Bolero or equivalent) for SDO, EHT (O&M) Sub-Division, Balasore.
(ii)Procurement of Bay identification plate & Transformer naming board for Grid S/S, Balasore/ Basta/ Jaleswar/ Soro/ Bhogarai/ Somanathpur.
**02)Tender Call Notice No.01/2020-21:** Tenders for procurement of fire extinguishers for different Grid S/S under EHT (O&M) Division, Kesinga.
**03) Tender Call Notice No:07/2020-21:** Tenders for Hiring one no of commercial registered Light vehicle (Non AC bolero or equivalent vehicle) for use of SDO, EHT (C) Sub-Division, Rourkela.
**04) E-Tender Call Notice No.05 of 20-21:** e-Tender for the work " installation of proposed front side canopy at the entrance area and interior design work of the reception area of OPTCL Data Centre Building."
**05) Tender Notice No.SRGM (S&S)-43/2020-21:** Tenders for major repair & renovation with Annual maintenance Contract (AMC) of 01 (one) no. 13 passenger elevator installed at multistoried Building, OPTCL, Bhubaneswar.
For Detail specifications/corrigendum please visit our official website: **www.optcl.co.in.** OIPR-04011/11/0094/2021 FIPR- 60/2020-21

## GOVERNMENT OF ODISHA
## CHIEF DISTRICT MEDICAL & PUBLIC HEALTH OFFICER, ANGUL
**TENDER CALL NOTICE No. 04 of 2020-21**

1. Number of Works : 02 Nos. of works Approximate estiamed cost: Varies from Rs.2.00 lakhs to 7.00 lakhs
2. Period of Completion : One month fifteen days
3. Date & time of availability of Bid document : Dt.20.01.2021 at 10.00 A.M. in the O/o. CDM & PHO, Angul
4. Last date/time for receipt of Bid in portal : Dt.29.01.2021 upto 5.00 P.M.
5. Date of Opening of Bid : Dt.02.02.2021 at 11.00 A.M.
6. Name and address of the Office Inviting Bid : Chief District Medical & Public Health Officer, Angul

The details tender call notice is available on the website: **www.angul.nic.in**.

**Sd./- CDM & PHO cum District Mission Director, Angul**

## OFFICE OF THE CHIEF DISTRICT AGRICULTURE OFFICER, BHADRAK
**AUCTION NOTICE**
Order No.184 Dt.18.01.2021

Sealed auction is invited from the interested bidders for auction of non-standard foundation paddy seeds of variety CR-1009 Sub-1 of 64 Quintals produce of Kharif-2019 laying in Govt. Agril. Farm, Dhamnagar, Bhadrak District. The interested bidders should submit their auction paper in sealed cover addressed to the Chief District Agriculture Officer, Bhadrak on or before 28.01.2021 by 2 P.M. The auction papers will be opened on the same date i.e. 28.01.2021 at 4.30 P.M. by auction committee constituted for the purpose in the Office Chamber of Chief District Agriculture Officer, Bhadrak in presence of bidders or their authorized representatives. The interested bidders are to submit their auction papers along with the EMD of Rs.10,000/- through Bank Draft in favour of "**Chief District Agriculture Officer, Bhadrak**" payable at Bhadrak & supporting documents in favour of valid GST registration number. The earnest money will be refunded to the bidders after finalization of the auction. The offset price per Quintal of non-standard Paddy seeds is Rs.1825/-, which is inclusive of cost of HDPE bags (MSP of Paddy Rs.1815/- + Rs.10/- for 5 HDPE bags @ Rs.2/- each). The successful bidder has to deposit the total value of the 64 qtls. i.e. auction price per qtl x 64.00 within 3 days in the Office of the Chief District Agriculture Officer, Bhadrak, failing which the earnest money deposited by the bidder will be forfeited. The successful bidder has to lift entire stock of 64 Qtl. of paddy within a week from the date of deposit of the total value of his own cost, failing which the earnest money deposited by the bidder will be forfeited. The interested bidders can inspect the stock during office hours at Govt. Agril. Farm, Dhamnagar. The committee reserves the every right to cancel the auction without assigning any reason or shift the time or date of auction in case of non-participation of sufficient bidders.

**Sd./- Chief District Agriculture Officer Bhadrak**

## GOVERNMENT OF ODISHA "e" PROCUREMENT NOTICE
**Bid Identification No.23 of 2020-21**
No.O-908:-
**Ph.-06842-253314 eerwss_plb@nic.in**

1. Name of the work: Execution of different Rural Piped water supply schemes in the district of Kandhamal. (Refer DTCN available in the website: tendersorissa.gov.in)
2. Total No. of work: 05 Nos.
3. Estimated cost: Rs.58.30 lakhs to Rs.69.56 lakhs
4. Eligible class of contractor: B&A
5. Period of completion: 06 months (Refer DTCN available in the website: tendersorissa.gov.in)
6. Other details:

| Procurement Officer | Bid Identification No. | Availability of tender online for bidding | | Date and time for opening of technical bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 23 of 2020-21 | Dt.22.1.2021 at 10.00 hrs. | Dt.1.2.2021 upto 17.00 hrs. | Dt.2.2.2021 at 11.00 A.M. |

Further details can be seen from the website www.tendersorissa.gov.in.
Corrigendum, if any, will be uploaded in website only.

**Executive Engineer, RWS&S Division, Phulbani**
OIPR-25006/11/0010/2021

## OFFICE OF THE STATE PROJECT DIRECTOR
## ODISHA SCHOOL EDUCATION PROGRAMME AUTHORITY
**"SHIKSHA SOUDHA", UNIT - V, BHUBANESWAR - 751001**
**ENGAGEMENT ON CONTRACTUAL BASIS**

No. n-32: Applications are invited from eligible candidates for filling up of one post of **"Legal Assistant"** at State Project Office, OSEPA as mentioned below under Samagra Shiksha, Odisha on 'contract' basis with a consolidated remuneration.

| Sl. No. | Name of the Post | No. of Vacancy | Qualification | Consolidated remuneration including all charges |
|---|---|---|---|---|
| 1 | Legal Assistant | 01 (One) | 1st Class in LL.B. & LL.M. / 1st Class 05 years Integrated Course on LL.B. & LL.M. with 03 years experience in handling service matter cases. | Rs.40,000/- (including all charges) |

Application form and details can be downloaded from the website (**www.osepa.odisha.gov.in**). Interested candidates fulfilling the eligibility criteria mentioned above are requested to apply to the undersigned on or before **18.02.2021** (during office hours). The applications may be sent by Speed Post/Registered Post in the above address. The undersigned reserves the right to cancel any or all the proposals without assigning any reason thereof. Candidates applying for the above post without prescribed Bio-data and testimonials shall be summarily rejected. Funcitional Computer Literacy is essential.

**OIPR-27005/11/0005/2021** **Sd./- State Project Director, OSEPA**

## OFFICE OF THE SENIOR PROJECT MANAGER
**PURI DIVISION NO. III, PURI - 752002**
**E-mail: obccpuridivniii@gmail.com**
obcc
## ODISHA BRIDGE & CONSTRUCTION CORPORATION LIMITED
**(A GOVT. OF ODISHA UNDERTAKING)**

**No. CAD-1091** **NOTICE INVITING TENDER**
**Bid Identification: 11/2020-21**

| Sl. No. | Name of Work | Amount put to Tender | Class of Contractor |
|---|---|---|---|
| 1 | Maintenance of Plantation in front of Shree Jagannath Temple, Puri for one year | Rs.29.50 lakhs | Authorized service provider for plantation maintenance and 'C' & 'B' Class Contractors of PWD or other equivalent agency with plantation maintenance servie experience. |

1. Date and time of availability of bid document in the e-Procurement portal: **11.00 A.M. of 20.01.2021**.
2. Last date/time for receipt of Online bid: **29.01.2021 till 5.00 P.M.**
3. Further details can be seen from the e-Procurement portal "**https://www.tendersodisha.gov.in**".

**Sd./- Sr. Project Manager**
**Puri Project Divn. No. III, O.B.&C.C. Ltd., Puri**
**OIPR-34123/11/0001/2021**

## NIT FOR ENGAGEMENT OF SOCIAL MEDIA AGENCY FOR DRDA, GANJAM | 2021
**NIT No. 646/DRDA** **Dated: 16.01.2021**
**NOTICE INVITING TENDER (NIT)**

DRDA, Ganjam, Chatrapur registered under Societies Act, is an agency working under Panchayati Raj and Drinking Water Department of Govt. of Odisha. The main role of DRDA is to ensure implementation of major flagship schemes of Govt. of India and Govt. of odisha on Poverty elevation in rural area. The schemes like Rural Housing, MGNREGS, SOSO, AGAB, GGY, OLM, DDU-GKY etc.a re implemented by the agency through the blocks, GPs and other line department agencies. The purpose is to extend the benefits of all such schemes to the eligible beneficiaries without being deprived for their entitlement.
For successful implementation of the abvoe schemes, IEC play a major tool for reaching to the beneficiaries and communicating the benefits of the different schemes. With the emerging of social media and acceptance of the social media in rural areas, the platform will be effective for smooth communication of schemes agenda.
For the purpose, DRDA, Ganjam intends to engage an agency for **"Social Media Management of DRDA, Ganjam for managing handles of 3 user profiles"** to explore such opportunity in social media platform for disseminating the information on different scheme as per details furnished in bid paper.
Name of the Work: **"Tender for Engagement of Social Media Agency for DRDA, Ganjam"**.

| Sl. No. | Description | Dates |
|---|---|---|
| 1 | Mode of submission of Tender | Offline: (Available on **https://ganjam.nic.in/**) or **ganjam.nic.in** |
| 2 | Date of issue of Notice Inviting Bid | 18.01.2021 at 10.00 A.M. |
| 3 | Period of availability of Bidding documents from website | From: Date: 18.01.2021 at 10.00 A.M. To: Date: 04.02.2021 upto 3.00 P.M. |
| 4 | Deadline for Receiving Bids (Hard Copy) | Date: 04.02.2021 upto 3.00 P.M. |
| 5 | Time, Date for opening Technical Bids | 04.02.2021 at 4.00 P.M. |
| 6 | Bid Validity | 90 days from the last date of submission |
| 7 | Officer Inviting Bids/Tender Inviting Authority | Project Director, DRDA, Ganjam |

**Sd./- Project Director DRDA, Ganjam**

No. CAD-1089:-
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022, ODISHA
**RFP Call Notice No. IDCO:H.O./P&C/EST/E-1611/01/2020/828** **Date: 13.01.2021**
**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work :- Fixation of Rates for Supply of Interlocking Paver Block, Grass Paver Block, Designer Tile, Kerb Stone & Saucer Drain for different location of IDCO Industrial Estates in Odisha.**
2. **Other details :-**

| Procurement Officer | Tender Ref./Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | P&C/EST/E-63/2020-21 | 16.00 hours of dt.22.01.2021 | 17.00 hours of dt.04.02.2021 |

Further details can be seen from the e-Procurement Portal www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

**OIPR-14003/11/0109/2021** **Sd./- Chief General Manager (P&C), IDCO, Bhubaneswar**

**GOVT. OF ODISHA**
## DEPARTMENT OF WATER RESOURCES
## O/O. THE EXECUTIVE ENGINEER, RENGALI RIGHT CANAL DIVISION NO. - II, DHENKANAL
**E-mail ID: eerrc2dkl@gmail.com**
**'e'-Procurement Notice**

No. A-486: The Executive Engineer, Rengali Right Canal Division No. II, Mahisapat, Dhenkanal on behalf of the Governor of Odisha invites **Online percentage rate bids** for construction of the work as detailed below.

1. Name of the Work : 02 (Two) Nos. of works
2. Tender Cost : Rs.11.83 lakh to Rs.9.79 lakh
3. Bid document cost : As per DTCN
4. Bid Security : Rs.11,900.00 to Rs.9,800.00
5. Class of Contractor : D, C & Electrical
6. Period of Completion : 06 & 03 months
7. Other details are as follows

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Executive Engineer, Rengali Right Canal Division No. II, Dhenkanal | EERRCIIDKL - 01/2020-21 | 20.01.2021 10.00 A.M. | 03.02.2021 5.00 P.M. | 04.02.2021 11.00 A.M. |

8. For further details and Online bidding, visit Govt. website **www.tendersodisha.gov.in**.

**Executive Engineer, Rengali Right Canal Division No. II, Dhenkanal**
**OIPR-32084/11/0002/2021**

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR
**At: Ambapua, P.O.- Engineering School, Near Income Tax Office, Berhampur - 760011**
**E-mail: serwbpr2004@yahoo.com, Tel./Fax: 0680-2404287**
**NATIONAL COMPETITIVE BIDDING THROUGH "e" - Procurement**
**ADB Assisted PMGSY Packages**
**Identification No. Online Tender/18/2020-21/PMGSY(ADB)/BPR**
**ADB // 60 // RWC // BAM / Dated: 13.01.2021**

No. O-914: Superintending Engineer, Rural Works Cirlce, Berhampur on behalf of the employer invited online item rates bids from eligible bidders for Construction of Road and C.D. works including maintenance for 5 years of Rural Roads [RCIP - 2 Tr-I (2017-18) Batch - I] **(Balance Work)** under Pradhan Mantri Gram Sadak Yojana (ADB Rural Connectivity Investment Programme). **Period of availability of tenders Online: The details are as below**.

| Procurement Officer | Bid Identification No. | Estimated Cost (Rs. in Lakhs) | No. of Packages | Availability of tender online for bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Cirlce, Berhampur | Online Tender/ 18-2020-21/ PMGSY(ADB)/BPR | From Rs.112.82 lakhs to Rs.199.28 lakhs | 02 (Two) | 20.01.2021 at 11.00 A.M. | 03.02.2021 at 3.00 P.M. |

**One PDF file created under Cover - II i.e. envelope for Financial Bid with the heading "Letter of Financial Bid" and "Summary of Bill of Quantities". The bidder will upload "Letter of Financial Bid" and "Summary of Bill of Quantities" in PDF format with their Bid as per requirement of SBD.**
**Key dates are:**
1. Submission of Original Bid Security Instrument, Bid Submission Fee & Original Affidavit : From 20.01.2021 at 11.00 A.M. to 03.02.2021 at 3.30 P.M.
2. Opening of "Bid Security" (Bid Security Instrument, Bid Submission Fee & Original Affidavit) & Technical Bid : 03.02.2021 at 4.30 P.M.
3. Opening of Financial Bid : Will be intimated later on

Detailed NIB, other details and corrigendum if any can be viewed on website **www.pmgsytenders.gov.in**.
The Original EMD, DD towards paper cost, affidavit regarding correctness in a sealed cover shall be physically furnished by the tenderer in original before the procurement officer (Superintending Engineer, R.W. Circle, Berhampur) within the specified period as mentioned in the NIT, otherwise his tender will entail rejection and blacklist of his licence.

**OIPR-25071/11/0015/2021** **Sd./- Superintending Engineer, R.W. Circle, Berhampur**

## PANCHAYAT SAMITI OFFICE, BANSPAL
**E-Mail id- ori-banspal@nic.in**
**TENDER CALL NOTICE**
**No.124 Dated: 18.01.2021**

No.i-29:- Sealed tenders (Percentage Rate) in conformity with the DTCN are invited from the 'D'/'C' Class contractors registered with the State Govt. for execution of works under Panchayat Samiti, Banspal as detailed in the below table. The tender document (DTCN & BOQ) can be obtained from district NIC website (www.kendujhar.nic.in) from dt.20.01.2021 to 03.02.2021 till 1.00 P.M. The tender document (DTCN & BOQ) duly signed by the contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Banspal payable at "Banspal" from any Nationalized Bank and NSC/KVP/Time Deposit duly pledged. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Banspal" payable at "Banspal" from any Nationalized Bank. The tenders will be received upto Dt.03.02.2021 till 5.00 P.M. and addressed to O/o Block Development Officer, Banspal, Keonjhar, 758085 through Registered/ Speed Post. The tender is scheduled to be opened on Dt.04.02.2021 at 11.00 A.M. at Block Conference Hall, O/o the Block Development Officer, Banspal, Keonjhar, 758085 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC Website (www.kendujhar.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

| Sl. No. | Name of the work | Estimated cost in Rs. | EMD @ 1% in Rs. | Cost of tender paper (in Rs.) | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Const. of AWC Building at Kendughati, Fuljhar G.P. | 11,94,389.00 | 11,944.00 | 6000.00 | Four months |
| 2 | Const. of AWC Building at Gambhiradihi, Fuljhar G.P. | 11,94,389.00 | 11,944.00 | 6000.00 | Four months |
| 3 | Const. of AWC Building at Balibeda, Fuljhar G.P. | 11,94,389.00 | 11,944.00 | 6000.00 | Four months |
| 4 | Const of AWC Building at Urumunda-A, Kumundi G.P. | 11,87,193.00 | 11,872.00 | 6000.00 | Four months |
| 5 | Const. of AWC Building at Jaladihi, Talakainsari G.P. | 11,62,185.00 | 11,622.00 | 6000.00 | Four months |
| 6 | Const. of AWC Building at Jatra-A, Jatra G.P. | 11,93,203.00 | 11,932.00 | 6000.00 | Four months |

OIPR-19083/11/0002/2021 **Sd./- Block Development Officer, Banspal**

# ଅଷ୍ଟ୍ରେଲିଆରେ ଭାରତର ସର୍ବାଧିକ ଚେଜ୍


ବର୍ଡର-ଗାଭାସ୍କର ଟ୍ରଫି ସହ ଭାରତୀୟ ଦଳ ।

## ପରିସଂଖ୍ୟାନ

❍ ୩୨୯ ରନ ଅଷ୍ଟ୍ରେଲିଆ ମାଟିରେ ଭାରତର ସର୍ବାଧିକ ରନ୍‌ଚେଜ୍। ଅଷ୍ଟ୍ରେଲିଆରେ କୌଣସି ଦଳର ଏହା ୫ମ ସର୍ବାଧିକ ଚେଜ୍। ଗତ ୨୦ ବର୍ଷରେ କେବଳ ଦକ୍ଷିଣ ଆଫ୍ରିକା ସର୍ବାଧିକ ରନ୍ ଚେଜ୍ କରିପାରିଛି। ୨୦୦୮ରେ ଏହି ଦଳ ପର୍ଥରେ ୪୧୪ ରନ କରି ସଫଳତା ପାଇଥିଲା।

❍ ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆକୁ ୩ ଉଇକେଟରେ ହରାଇବାପରେ ଭାରତ ବିଶ୍ୱ ଚାମ୍ପିୟନଶିପ୍ ଟେବୁଲର ଶୀର୍ଷକୁ ଉନ୍ନିତ ହୋଇଛି। ୫ ସିରିଜ ଖେଳି ୪ଟିରେ ବିଜୟୀ ହୋଇଛି ଭାରତ। ଏହି ସମୟରେ ମୋଟ ୧୩ ମ୍ୟାଚ ଖେଳି ୯ ବିଜୟ, ୩ ପରାଜୟ ଓ ୧ ଡ୍ର ସହ ୪୩୦ ପଏଣ୍ଟ ପାଇଛି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।

❍ ପ୍ରଥମ ଟେଷ୍ଟରେ ହାରିବାପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ୨-୧ରେ ସିରିଜ ଜିତିଛି। ପୂର୍ବରୁ ଅଷ୍ଟ୍ରେଲିଆ ମାଟିରେ କେବଳ ଇଂଲଣ୍ଡ ୩ ଥର ଏହା କରି ପାରିଥିଲା।

❍ ଋଷଭ ପନ୍ତ ୮୯ ରନରେ ଅପରାଜିତ ରହି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। କୌଣସି ଟେଷ୍ଟର ୪ର୍ଥ ଇନିଂସରେ ଜଣେ ଉଇକେଟ କିପରଙ୍କ ପକ୍ଷରେ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ଆଡାମ ଗିଲକ୍ରିଷ୍ଟ ହୋବାର୍ଟଠାରେ ପାକିସ୍ତାନ ବିପକ୍ଷରେ ୧୪୯ ରନରେ ଅପରାଜିତ ରହି ଏହି ତାଲିକାର ଶୀର୍ଷରେ ଅଛନ୍ତି। ପନ୍ତ ସିରିଜରେ ମୋଟ ୨୭୪ ରନ କରିଥିଲେ, ଯାହାକି ଚଳିତ ସିରିଜରେ ଭାରତୀୟଙ୍କ ପକ୍ଷରେ ସର୍ବାଧିକ।

❍ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଚେତେଶ୍ୱର ପୂଜାରା ୯୨୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। କୌଣସି ୪ ମ୍ୟାଚବିଶିଷ୍ଟ ସିରିଜରେ ୫ମ ଭ୍ରମଣକାରୀ ବ୍ୟାଟ୍ସମ୍ୟାନଭାବେ ପୂଜାରା ଏହି ସଫଳତା ପାଇଲେ। ଏହା ମଧ୍ୟରେ ୩ ଜଣ ଭାରତୀୟ ବ୍ୟାଟ୍ସମ୍ୟାନ ଅଛନ୍ତି। ପୂଜାରା ୨୦୧୮-୧୯ ସିରିଜରେ ୧୨୫୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ।

❍ ୧୦୦୦ ଟେଷ୍ଟ ରନ ପୂରଣ ପାଇଁ ପନ୍ତ ୨୭ଟି ଇନିଂସର ସହାୟତା ନେଇଛନ୍ତି। ଭାରତୀୟ ଉଇକେଟ କିପରଙ୍କ କ୍ଷେତ୍ରରେ ଏହା ଦ୍ରୁତତମ। ଏ କ୍ଷେତ୍ରରେ ସେ ମହେନ୍ଦ୍ର ସିଂ ଧୋନୀ(୩୨ ଇନିଂସ)ଙ୍କୁ ପଛରେ ପକାଇ ଦେଇଛନ୍ତି।

❍ ଅଷ୍ଟ୍ରେଲିଆ ମାଟିରେ ଭାରତର ଏହା ଦ୍ୱିତୀୟ ସିରିଜ ବିଜୟ। ଉପମହାଦେଶୀୟ ଦଳଭାବେ କେବଳ ଭାରତ ଅଷ୍ଟ୍ରେଲିଆରେ ସିରିଜ ଜିତିଛି।

❍ ଭାରତୀୟ ଅଧିନାୟକ ଭାବେ ଅଜିଙ୍କ୍ୟ ରାହାନେ ଅଷ୍ଟ୍ରେଲିଆରେ ଅପରାଜେୟ ରହିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ଏଥର ୨ ଟେଷ୍ଟ ଜିତିଛି ଏବଂ ଗୋଟିଏ ଡ୍ର ରଖିଛି। ୫ କିମ୍ବା ଦଦୁର୍ଦ୍ଧ ଟେଷ୍ଟର ନେତୃତ୍ୱ ନେଇଥିବା ୯ ଅଧିନାୟକ ଅଷ୍ଟ୍ରେଲିଆ ମାଟିରେ ଏହି ରେକର୍ଡ ରଖିଛନ୍ତି। ଏହା ମଧ୍ୟରେ ରାହାନେ ଭାରତର ଏକମାତ୍ର ଅଧିନାୟକ ରହିଛନ୍ତି।

## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୩୬୯
**ଭାରତ ପ୍ରଥମ ଇନିଂସ:** ୩୩୬
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୯୪
**ଭାରତ ଦ୍ୱିତୀୟ ଇନିଂସ**
ରୋହିତ-କ-ପେନ୍-ବୋ-କୁମିନ୍ସ-୭
ଶୁବମନ-କ-ସ୍ମିଥ୍-ବୋ-ଲିୟନ-୯୧
ପୁଜାରା-ଏଲ୍‌ବିଡବ୍ଲୁ-କୁମିନ୍ସ-୫୬
ରାହାନେ-କ-ପେନ୍-ବୋ-କୁମିନ୍ସ-୨୪
ପନ୍ତ-ନଟଆଉଟ-୮୯
ମୟଙ୍କ-କ-ୱେଡ୍-ବୋ-କୁମିନ୍ସ-୯
ୱାଶିଂଟନ-ବୋ-ଲିୟନ-୨୨
ଶାର୍ଦ୍ଦୁଳ-କ-ଲିଅନ-ବୋ-ହାଜେଲଉଡ୍-୨
ନବଦୀପ ସଇନି-ନଟଆଉଟ-୦
ଅତିରିକ୍ତ-୨୯
ମୋଟ (୯୭ ଓଭର, ୭ ଉଇକେଟ) ୩୨୯।
ଉଇକେଟ ପତନ: ୧/୧୮, ୨/୧୩୨, ୩/୧୬୭, ୨୨୮/୪, ୨୬୫/୫, ୩୧୮/୬, ୩୨୫/୭।
**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୧୬-୦-୭୫-୦
ଜୋସ୍ ହାଜେଲଉଡ୍ ୨୨-୫-୭୪-୧
ପ୍ୟାଟ କୁମିନ୍ସ ୨୪-୧୦-୫୫-୪
କାମେରନ ଗ୍ରୀନ୍ ୩-୧-୧୦-୦
ନାଥାନ ଲିଅନ ୩୧-୭-୮୫-୨
ମାର୍ନସ ଲାବୁସେନ୍ ୧-୦-୪-୦।

## 'ଭାରତକୁ ହେୟଜ୍ଞାନର ଫଳ'

**ବ୍ରିସ୍‌ବେନ୍, ୧୯।୧ (ପି.ଟି.):** ଅନଭିଜ୍ଞ ତଥା ଇଞ୍ଜୁରିଗ୍ରସ୍ତ ଭାରତଠାରୁ ତାଙ୍କ ଦଳର ପରାଜୟ ଅଷ୍ଟ୍ରେଲିଆ କ୍ରିକେଟ ଦଳର ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗରଙ୍କୁ ଖୁବ୍ ବାଧିଛି। ସେ କହିଛନ୍ତି, ଏଥିରୁ ସେ ଗୋଟିଏ ଶିକ୍ଷା ମିଳିଛି ଯେ, ଭାରତକୁ କେବେ ହେୟଜ୍ଞାନ ମନେ କରିବ ନାହିଁ। କାରଣ ଏହି ଦେଶରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ଏହା ଏକ ଅବିଶ୍ୱସନୀୟ ଟେଷ୍ଟ ସିରିଜ ଥିଲା। ସିରିଜରେ ହାର୍ ଜିତ୍ ରହିଛି। ହେଲେ ମଙ୍ଗଳବାରର ପରାଜୟଜନିତ ଗ୍ଲାନି ବହୁଦିନ ଧରି ରହିବ। ମ୍ୟାଚରେ ସମସ୍ତ ଶ୍ରେୟ ଭାରତକୁ ଯିବ। ଏହି ସିରିଜରୁ ଆମକୁ ନୀତି ଶିକ୍ଷା ମିଳିଛି। ପ୍ରଥମତଃ କୌଣସି କଥାକୁ ହାଲୁକା ଭାବେ ନେବ ନାହିଁ। ଦ୍ୱିତୀୟ ଭାରତୀୟଙ୍କୁ କେବେ ହେୟଜ୍ଞାନ କରିବ ନାହିଁ। ୧.୫ ବିଲିୟନ ଭାରତୀୟଙ୍କ ପ୍ରଥମ ଏକାଦଶ ସହ ଖେଳିବା ସହଜ କଥା ନୁହେଁ, ବାସ୍ତବିକ କଷ୍ଟସାଧ୍ୟ। ଲାଙ୍ଗର କହିଛନ୍ତି, ଆଡେଲିଡ୍ ବିପର୍ଯ୍ୟୟ ପରେ ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତର ଲଢୁଆ ପ୍ରତ୍ୟାବର୍ତ୍ତନ ନେଇ ସେତେଟା ଆଶ୍ଚର୍ଯ୍ୟାନ୍ୱିତ ହେବା କଥା ନୁହେଁ। ଭାରତର ଶୁବମନ ଗିଲ୍, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର ଓ ମହମ୍ମଦ ସିରାଜଙ୍କ ସମେତ ଅନ୍ୟ କେତେଜଣ ନୂଆ ଷ୍ଟାର ଖେଳାଳିଙ୍କ ଆବିର୍ଭାବ ଘଟିଛି। ସେମାନେ ପରାଜୟ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ ବୋଲି ପ୍ରମାଣ କରିଦେଖାଇଦେବା ଅଷ୍ଟ୍ରେଲୀୟଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଋଷଭ ପନ୍ତଙ୍କ ଇନିଂସ ଦେଖିଲେ ମୋର ହେଡିଂଲେରେ ବେନ୍ ଷ୍ଟୋକ୍ସଙ୍କ ଇନିଂସ ମନେପଡ଼ିଯାଉଛି। ପନ୍ତ ବ୍ୟାଟିଂ କରୁଥିବାବେଳେ ତାଙ୍କ ନିକଟରେ ଭୟ ଅବା ଚାପର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ସେ ଏକ ଅବିଶ୍ୱସନୀୟ ଇନିଂସ ଖେଳିଥିଲେ। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ (୯୧)ମଧ୍ୟ ଭଲ ବ୍ୟାଟିଂ କରିଥିଲେ।


ଶୁବମନ ଗିଲ୍

### ଗୋଟିଏ ଭେନ୍ୟୁରେ ସର୍ବାଧିକ ଅପରାଜେୟ
➢ ୩୪: ପାକିସ୍ତାନ, ନ୍ୟାଶନାଲ ଷ୍ଟାଡିୟମ, କରାଚୀ (୧୯୫୫-୨୦୦୦)
➢ ୩୧: ଅଷ୍ଟ୍ରେଲିଆ, ଗାବା, ବ୍ରିସ୍‌ବେନ୍ (୧୯୮୯-୨୦୧୯)
➢ ୨୭: ୱେଷ୍ଟଇଣ୍ଡିଜ, କିଙ୍ଗଷ୍ଟନ ଓଭାଲ (୧୯୪୮-୧୯୯୩)
➢ ୨୫: ଇଂଲଣ୍ଡ, ଓଲ୍ଡ ଟ୍ରାଫୋର୍ଡ( ୧୯୦୫-୧୦୫୪)
➢ ୧୯: ୱେଷ୍ଟଇଣ୍ଡିଜ, ସାବିନା ପାର୍କ (୧୯୫୮-୧୯୮୯)

### ଟେଷ୍ଟରେ ଭାରତର ସର୍ବାଧିକ ରନ୍‌ଚେଜ୍
➢ ୪୦୬: ବନାମ ୱେଷ୍ଟଇଣ୍ଡିଜ, ପୋର୍ଟ ଅଫ୍ ସ୍ପେନ, ୧୯୭୫-୭୬
➢ ୩୮୭: ବନାମ ଇଂଲଣ୍ଡ, ଚେନ୍ନାଇ, ୨୦୦୮-୦୯
➢ ୩୨୯: ବନାମ ଅଷ୍ଟ୍ରେଲିଆ, ବ୍ରିସ୍‌ବେନ୍, ୨୦୨୦-୨୧
➢ ୨୬୪: ବନାମ ଶ୍ରୀଲଙ୍କା, କାଣ୍ଡି, ୨୦୦୧

### ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ଚେଜ୍
➢ ୪୧୪: ଦକ୍ଷିଣ ଆଫ୍ରିକା, ପର୍ଥ, ୨୦୦୮-୦୯
➢ ୩୩୨: ଇଂଲଣ୍ଡ, ମେଲବୋର୍ନ, ୧୯୨୮-୨୯
➢ ୩୨୯: ଭାରତ, ବ୍ରିସ୍‌ବେନ୍, ୨୦୨୦-୨୧

### ପ୍ରଥମ ଟେଷ୍ଟ ପରାଜୟ ପରେ ଭାରତର ସିରିଜ ବିଜୟ
➢ ୨-୧: ବନାମ ଇଂଲଣ୍ଡ (ଭାରତରେ), ୧୯୭୨-୭୩
➢ ୨-୧: ବନାମ ଅଷ୍ଟ୍ରେଲିଆ (ଭାରତରେ), ୨୦୦୦-୦୧
➢ ୨-୧: ବନାମ ଶ୍ରୀଲଙ୍କା (ଶ୍ରୀଲଙ୍କାରେ), ୨୦୧୫
➢ ୨-୧: ବନାମ ଅଷ୍ଟ୍ରେଲିଆ (ଭାରତରେ), ୨୦୧୬-୧୭
➢ ୨-୧: ବନାମ ଅଷ୍ଟ୍ରେଲିଆ (ଅଷ୍ଟ୍ରେଲିଆରେ), ୨୦୨୦-୨୧

### ୫ମ ଦିବସରେ ସର୍ବାଧିକ ରନକରି ଟେଷ୍ଟ ବିଜୟ
➢ ୪୦୪: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ, ଲୀଡ୍ସ, ୧୯୪୮
➢ ୩୪୪: ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ, ଲର୍ଡ୍ସ, ୧୯୮୪
➢ ୩୨୫: ଭାରତ ବନାମ ଅଷ୍ଟ୍ରେଲିଆ, ବ୍ରିସ୍‌ବେନ୍, ୨୦୨୦-୨୧
➢ ୩୧୭: ଅଷ୍ଟ୍ରେଲିଆ ବନାମ ଭାରତ, ପର୍ଥ, ୧୯୭୭-୭୮
➢ ୩୧୭: ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ, ଲୀଡ୍ସ, ୨୦୧୭

## ମୋଦୀଙ୍କଠାରୁ ପିଚାଇଙ୍କ ପର୍ଯ୍ୟନ୍ତ

### ପ୍ରଶଂସାରେ ଶତମୁଖ

**ନୂଆଦିଲ୍ଲୀ, ୧୯।୧ (ପି.ଟି.):** ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଚମକପ୍ରଦ ବିଜୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ଗୁଗଲ ସିଇଓ ସୁନ୍ଦର ପିଚାଇଙ୍କ ପର୍ଯ୍ୟନ୍ତ ସମସ୍ତେ ଉଚ୍ଚ ପ୍ରଶଂସା କରିଛନ୍ତି। ମୋଦୀ ଟୁଇଟ କରି କହିଛନ୍ତି ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟ ଦଳର ସଫଳତାକୁ ନେଇ ଆମେ ସମସ୍ତେ ଖୁସିରେ ଆତ୍ମହରା। ଆଗକୁ ଖେଳାଯିବାକୁ ଥିବା ସିରିଜ ପାଇଁ ସେ ଦଳର ଶୁଭକାମନା କରିଥିଲେ। ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି ପ୍ରତିଟି ସେସନରେ ଆମେ ଜଣେ ଜଣେ ନୂଆ ହିରୋଙ୍କୁ ଆବିଷ୍କାର କରିପାରିଲେ। ସିରିଜରେ ପ୍ରତ୍ୟେକ ସଦସ୍ୟ ସେମାନଙ୍କ ଦାୟିତ୍ୱ ତୁଲାଇଥିବାରୁ ସେମାନେ ପ୍ରଶଂସାର ପାତ୍ର। ଆମ ଖେଳାଳିମାନେ ନିର୍ଭୟରେ ଖେଳିଥିଲେ, କିନ୍ତୁ ବେପରୁଆ ହୋଇ ନ ଥିଲେ। ଇଞ୍ଜୁରି ଓ ଅନିଶ୍ଚିତତା ପରିସ୍ଥିତିରେ ଟିମ୍ ଇଣ୍ଡିଆ ଭାଙ୍ଗି ନ ପଡ଼ି ଦୃଢ଼ ଆତ୍ମବିଶ୍ୱାସର ସହ ମୁକାବିଲା କରିଥିଲା। ଅନ୍ୟତମ ଶ୍ରେଷ୍ଠ ସିରିଜ ବିଜୟ ପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା। ପିତୃତ୍ୱ ଛୁଟିରେ ଥିବା ନିୟମିତ ଅଧିନାୟକ ବିରାଟ କୋହଲି କହିଛନ୍ତି ଆଡିଲେଡ୍‌ରେ ପରାଜୟ ପରେ ସମସ୍ତେ ଆମ ଉପରେ ସନ୍ଦେହ ପ୍ରକଟ କରିଥିଲେ। ମାତ୍ର ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ଆମେ ସମସ୍ତ କଳ୍ପନାଜଳ୍ପନାକୁ ଓଲଟପାଲ କରିଦେଇଥିଲୁ। ନିଶ୍ଚୟ ଏହା ଏକ ଆଶ୍ଚର୍ଯ୍ୟଜନକ ବିଜୟ। ବହୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସତ୍ତ୍ୱେ ବିଜୟ ହାସଲ କରିଥିବାରୁ ବହୁ ପୂର୍ବତନ ଏବଂ ବର୍ତ୍ତମାନର ଖେଳାଳି ଟିମ୍ ଇଣ୍ଡିଆକୁ ପ୍ରଶଂସା କରିଛନ୍ତି।

❝ **ଭିଭିଏସ୍ ଲକ୍ଷ୍ମଣ:** ଏହି ବିଜୟ ପଛରେ ଅଜିଙ୍କ୍ୟ ରାହାନେଙ୍କ ବଳିଷ୍ଠ ନେତୃତ୍ୱ ରହିଛି। ତାଙ୍କ ଯୋଗୁ ୟଙ୍ଗଷ୍ଟର ଖେଳାଳିଙ୍କ ମନୋବଳ ବୃଦ୍ଧି ପାଇଥିଲା। ପୂଜାରାଙ୍କଠାରୁ ଆଉ ଏକ ଆକର୍ଷଣୀୟ ବ୍ୟାଟିଂ ଦେଖିବାକୁ ମିଳିଲା। ଯୁବ ବୋଲିଂ ୟୁନିଟ୍‌ର ପ୍ରଦର୍ଶନକୁ ଭୁଲି ହେବ ନାହିଁ।

❝ **ବୀରେନ୍ଦ୍ର ସେହ୍ୱାଗ:** ଖୁସି କେ ମାରେ ପାଗଲ। ଦିସ୍ ଇଜ୍ ଦ ନ୍ୟୁ ଇଣ୍ଡିଆ। ଘର ମେ ଘୁସ୍‌କର ମାରତା ହୈ। ଆଡିଲେଡ୍‌ରେ ଲଜ୍ଜାଜନକ ପ୍ରଦର୍ଶନ ପରେ ଏହି ଯୁବ ଖେଳାଳିମାନେ ଆମ ପାଇଁ ଜୀବନ ବ୍ୟାପୀ ଖୁସି ଆଣିଦେଇଛନ୍ତି। ଆମେ ବିଶ୍ୱକପ୍ ଜିତିଛେ। କିନ୍ତୁ ଏହି ବିଜୟର ସ୍ୱତନ୍ତ୍ରତା ରହିଛି। ପନ୍ତଙ୍କ ଖେଳ ତାଙ୍କୁ ପ୍ରଭାବିତ କରିଛି।

❝ **ଈଶାନ୍ତ ଶର୍ମା:** ଦୃଢ ସଂକଳ୍ପ, ସାହସ, ନିଷ୍ଠା ଓ ଲଢୁଆ ମନୋଭାବ ଦ୍ୱାରା ସବୁ ସମ୍ଭବ ବୋଲି ଟିମ୍ ଇଣ୍ଡିଆ ପୁଣି ପ୍ରମାଣ କରି ଦେଖାଇ ଦେଇଛୁ।

❝ **ହରଭଜନ ସିଂ:** ଭଲ କରିଛ ଅଧିନାୟକ ଅଜିଙ୍କ୍ୟ ରାହାନେ। ମୋ ହିସାବରେ ଏହା ହେଉଛି ସର୍ବ ବୃହତ୍ ସିରିଜ ବିଜୟ। ନାମି ଖେଳାଳିମାନଙ୍କ ଅନୁପସ୍ଥିତିରେ କିପରି ମ୍ୟାଚ ଜିତିବାକୁ ହୁଏ ତାହା ଯୁବ ଖେଳାଳିମାନେ କରି ଦେଖାଇ ଦେଇଛନ୍ତି।

❝ **ଷ୍ଟୁଆର୍ଟ ବ୍ରଡ୍:** ଟେଷ୍ଟ କ୍ରିକେଟର ହାର୍ଟ ବିଟ୍ ବଢିଯାଇଛି। ବାସ୍ତବିକ ଏହା ଏକ ଅଭୂତପୂର୍ବ ବିଜୟ। ଏହା ଏକ ଦର୍ଶନୀୟ ସିରିଜ ଥିଲା। ଗାବାଠାରେ ଅଷ୍ଟ୍ରେଲିଆ ୧୯୮୮ରୁ ପରାଜିତ ହୋଇ ନ ଥିଲା।

❝ **ଏବି ଡିଭିଲର୍ସ:** ଏହା ଏକ ସ୍ମରଣୀୟ ଟେଷ୍ଟ ମ୍ୟାଚ ଥିଲା। ଟେଷ୍ଟ ମ୍ୟାଚରେ କିପରି ଖେଳିବାକୁ ହୁଏ ତାହାର ଏକ ନମୁନା ଦେଖାଇଲେ ଋଷଭ ପନ୍ତ।

❝ **କେଭିନ୍ ପିଟରସନ:** ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ଭାରତ ଯେପରି ହରାଇଲା ତାହା ହେଉଛି ସବୁଠାରୁ ବଡ଼ କଥା, ତାହା ପୁଣି ବ୍ରିସ୍‌ବେନରେ। ଏହି ସହରରେ ଏଭଳି ଫଳାଫଳ ଆଶା କରାଯାଉ ନ ଥିଲା। ପନ୍ତ କିନ୍ତୁ ମଙ୍ଗଳବାର ସବୁ ଏପଟ ସେପଟ କରିଦେଲେ। କ୍ରିକେଟର ପରିଭାଷା ବଦଳାଇଦେଲେ।

❝ **ମାଇକେଲ ଭନ୍:** ଏହା ସର୍ବକାଳୀନ ଶ୍ରେଷ୍ଠ ଟେଷ୍ଟ ସିରିଜ ବିଜୟ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଆଶେସ ସିରିଜରେ କିପରି ଖେଳିବାକୁ ହେବ ତାହାର ରାସ୍ତା ଦେଖାଇଦେଲା ଭାରତ।

❝ **ଇଆନ ବିଶପ:** ବହୁ ଖେଳାଳିଙ୍କ ଇଞ୍ଜୁରି ଓ ଅନୁପସ୍ଥିତି ସତ୍ତ୍ୱେ ଅଷ୍ଟ୍ରେଲିଆକୁ ସେମାନଙ୍କ ଦୁର୍ଗ ଗାବାଠାରେ ପରାସ୍ତ କରିବା ସାମାନ୍ୟ କଥା ନୁହେଁ। ମୋ ଦୃଷ୍ଟିରେ ଏହି ଶ୍ରେଷ୍ଠ ଟେଷ୍ଟ ସିରିଜ ବିଜୟ।

❝ **ଶେନ ୱର୍ନ:** ଅନ୍ୟତମ ଶ୍ରେଷ୍ଠ ସିରିଜ ବିଜୟ ପାଇଁ ଭାରତୀୟ କ୍ରିକେଟ ଦଳ ଓ ବିସିସିଆଇକୁ ମୋର ଶୁଭେଚ୍ଛା। ଦୃଢ ଆତ୍ମବିଶ୍ୱାସ ସହିତ ଲଢୁଆ ପ୍ରଦର୍ଶନ କରି ଭାରତ ଯେପରି ଖେଳିଲା ତାହା ଭୁଲି ହେବ ନାହିଁ।

❝ **ମିଥାଲି ରାଜ୍:** ଗାବା ଦୁର୍ଗ ବିଜୟ ଖବରରେ ମୁଁ ସ୍ତବ୍ଧ। ଜବ ହସଲେ ହୋ ବୁଲନ୍ଦ ତୋ ହର୍ ମୁସ୍କିଲ ଲଗେ ଆସାନ!

❝ **ମହେଶ ଭୂପତି:** ଭାରତୀୟ ଦଳକୁ ଶୁଭେଚ୍ଛା। ଗାବାରେ ସିରିଜ ଜିତିବା ଦ୍ୱାରା ଅନ୍ୟତମ ସର୍ବକାଳୀନ ବିପର୍ଯ୍ୟୟ ସୃଷ୍ଟି କରିପାରିଛି ଟିମ୍ ଇଣ୍ଡିଆ।

❝ **କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ:** ଆମ କ୍ରିକେଟ ଦଳ ଚମକପ୍ରଦ ପ୍ରଦର୍ଶନ ସହ ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିବାରୁ ଆମେ ଗର୍ବିତ। ଯୁବ ଖେଳାଳିମାନଙ୍କ ପ୍ରଦର୍ଶନ ପ୍ରଶଂସନୀୟ।

❝ **ଗୁଗଲ୍ ସିଇଓ ସୁନ୍ଦର ପିଚାଇ:** ଅଷ୍ଟ୍ରେଲିଆରେ ଭଲ ଖେଳିଥିବାରୁ ଭାରତୀୟ ଦଳକୁ ଶୁଭେଚ୍ଛା। ଏହି ସିରିଜ ବାସ୍ତିବିକ ଦର୍ଶନୀୟ ଥିଲା। ଏହା ଅନ୍ୟତମ ଶ୍ରେଷ୍ଠ ଟେଷ୍ଟ ସିରିଜ ବିଜୟ।

❝ **'ସ୍ମରଣୀୟ ମୁହୂର୍ତ୍ତ':** ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ବିଜୟ ତାଙ୍କ ଜୀବନର ଅନ୍ୟତମ ବଡ଼ ମୁହୂର୍ତ୍ତ ବୋଲି କହିଛନ୍ତି ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ। ମ୍ୟାଚରେ ୮୯ରନ କରି ଅପରାଜିତ ଥିବା ପନ୍ତ କହିଛନ୍ତି, ୫ମ ଦିବସରେ ଅଷ୍ଟ୍ରେଲିଆ ବୋଲିଂ ଆକ୍ରମଣକୁ ସାମ୍ନା କରିବା ଚ୍ୟାଲେଞ୍ଜିଂ ଥିଲା। ମୋ ପାଇଁ ଖୁସିର ବିଷୟ ଯେ, ମୁଁ ଖେଳୁ ନ ଥିବାବେଳେ ଟିମ୍‌ମେଟ ଓ ସପୋର୍ଟ ଷ୍ଟାଫ୍‌ଙ୍କର ମୋ ପ୍ରତି ସମର୍ଥନ ରହିଥିଲା। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜରେ ପନ୍ତଙ୍କୁ ଖେଳାଯାଇ ନ ଥିଲା। ମାତ୍ର ଏହି ଯୁବ ବ୍ୟାଟ୍ସମ୍ୟାନ ଟେଷ୍ଟ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସିଡ୍‌ନୀଠାରେ ଦ୍ୱିତୀୟ ଇନିଂସରେ ତାଙ୍କ ଲଢୁଆ ୯୭ ରନ ପରେ ଏଠାରେ ମଙ୍ଗଳବାର ପୁଣିଥରେ ଚମତ୍କାର ବ୍ୟାଟିଂ କରିଛନ୍ତି।


ଋଷଭ ପନ୍ତଙ୍କୁ ଅଭିନନ୍ଦନ ଜଣାଉଛନ୍ତି ମହମ୍ମଦ ସିରାଜ

# ସ୍ୱାସ୍ଥ୍ୟ ଭିତ୍ତିଭୂମି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

■ ସ୍ୱାସ୍ଥ୍ୟ ସେବାର ସମୀକ୍ଷା
■ ୨ ହଜାର ଡାକ୍ତର ପଦବୀ ପୂରଣ ହେବ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ସ୍ୱାସ୍ଥ୍ୟ ସେବାକୁ ରାଜ୍ୟ ସରକାର ସର୍ବାଧିକ ପ୍ରାଥମିକତା ଦେଇ ଆସିଛନ୍ତି। ରାଜ୍ୟବାସୀଙ୍କୁ ଅତ୍ୟାଧୁନିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି।

କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ଗଢି ତୋଳିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ନୂଆକରି ରାଜ୍ୟ ସରକାର ଗଢିଥିବା ୯ ମେଡିକାଲ କଲେଜଗୁଡିକର ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୀକ୍ଷା କରିଛନ୍ତି। ଏହାଛଡା ୫ ନୂଆ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ୬ଟି ମୁଖ୍ୟ ଚିକିତ୍ସାଳୟର ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଛନ୍ତି। ଝାରସୁଗୁଡାଠାରେ ହୃଦ୍‌ରୋଗ ଯତ୍ନ ଡାକ୍ତରଖାନା, କଟକ ଶିଶୁ ଭବନରେ ପିଜି ଛାତ୍ରୀଛାତ୍ରଙ୍କ ପାଇଁ ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସ, ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲର ଏଲ୍‌ଆଇଏନ୍‌ଏସି ବ୍ଲକ, କ୍ୟାପିଟାଲ ହସ୍ପିଟାଲର ବିକାଶ ତଥା ପିଜିଆଇ ଭାବେ ଗଢିବା ଏବଂ ବରଗଡ଼ କ୍ୟାନ୍‌ସର ହସ୍ପିଟାଲ ଆଦିର ନିର୍ମାଣ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

ସ୍ୱାସ୍ଥ୍ୟ ସେବାର ଏହି ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହିସବୁ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ସହିତ ଏଥିରେ ସମ୍ପୃକ୍ତ ବିଭିନ୍ନ ବିଭାଗ ସେମାନଙ୍କ ଦାୟିତ୍ୱକୁ ଉତ୍ତମ ସମନ୍ୱୟ ରକ୍ଷା କରି ନିର୍ବାହ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ନୂଆକରି ଖୋଲିବାକୁ ଥିବା ମେଡିକାଲ କଲେଜଗୁଡିକର ଅଧ୍ୟାପକ ପଦବୀ ତଥା ଆଖପାଖ ଡାକ୍ତରଖାନାର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଆଦି ପଦବୀ ପୂରଣ ଏବଂ ଚିକିତ୍ସା ଉପକରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସସି) ପକ୍ଷରୁ ପ୍ରାୟ ୨ ହଜାର ଡାକ୍ତର, ଦନ୍ତ ଚିକିତ୍ସକ ପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ ପାଇବ ବୋଲି ବୈଠକରେ ସୂଚନା ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅଧିକରୁ ଅଧିକ ସାଧାରଣ ଲୋକ ଯେପରି ସୁବିଧା ପାଇପାରିବେ ସେ ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଅର୍ଥ ବିଭାଗ ସଚିବ ଅଶୋକ ମୀନା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ.ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ପୂର୍ତ୍ତ ସଚିବ କ୍ରିଷନ କୁମାର ଭିତ୍ତିଭୂମି ବିକଶ ସମ୍ପର୍କରେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଆଜିଠାରୁ ଜାତୀୟ ହସ୍ତତନ୍ତ ମେଳା

ଭୁବନେଶ୍ୱର,୧୯।୧(ବ୍ୟୁରୋ): ଦେଶର ବିଭିନ୍ନ ରାଜ୍ୟର ହସ୍ତତନ୍ତକୁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ କରାଇବା ଏବଂ ହସ୍ତତନ୍ତର ବିକ୍ରିବଟା ପାଇଁ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ବୁଧବାରଠାରୁ ଆରମ୍ଭ ହେଉଛି ଜାତୀୟସ୍ତରୀୟ ହସ୍ତତନ୍ତ ମେଳା। ବୟନିକା ପକ୍ଷରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଏହି ମେଳାର ବିଂଶତମ ସଂସ୍କରଣକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ ସନ୍ଧ୍ୟାରେ ଉଦ୍‌ଘାଟନ କରିବେ। ଫେବୃୟାରୀ ୧୭ ପର୍ଯ୍ୟନ୍ତ ଏହା ଚାଲିବ। ଏହି ମେଳାରେ ଓଡ଼ିଶାର ବାନ୍ଧବସ୍ତ୍ର ଭଳି ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଗୁଜରାଟର ପଟୋଲା, ଲକ୍ଷ୍ନୌର ଚିକନ କାରୀ, ଜମ୍ମୁକଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ି, ଦିଲ୍ଲୀ, ହରିୟାଣାର ଫର୍ନିସିଙ୍ଗ୍ ବସ୍ତ୍ର, ପଞ୍ଜାବର କମ୍ବଳ ଓ କର୍ନାଟକର ସିଲ୍‌କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଉପଲବ୍ଧ ହେବ। ଭାରତର ବିଭିନ୍ନ କୋଣ ଅନୁକୋଣରେ ପ୍ରସ୍ତୁତ ସୂତା, ସିଲ୍‌କ, ଟସର, ଏରି ଓ ବିଭିନ୍ନ ଡିଜାଇନ୍‌ର ଶାଢ଼ି, ଡ୍ରେସ୍, ଡ୍ରେସ୍ ମ୍ୟାଟେରିଆଲ୍, ପରଦା କପଡ଼ା, ଫର୍ନିସିଙ୍ଗ୍ କପଡ଼ା ଇତ୍ୟାଦି ଗ୍ରାହକ ଏହି ମେଳାରୁ ପାଇପାରିବେ। ପ୍ରତ୍ୟହ ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ମେଳା ଚାଲିବ। ଚଳିତବର୍ଷ ଏହି ମେଳାରେ ମୋଟ ୧୧୭ଟି ଷ୍ଟଲରେ ହସ୍ତତନ୍ତ ବସ୍ତ୍ର ବିକ୍ରି କରାଯିବ। ସେଥି ମଧ୍ୟରୁ ୮୫ଟି ଷ୍ଟଲ୍ ଓଡ଼ିଶାର ପ୍ରମୁଖ ସଂସ୍ଥା ତଥା ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଉତ୍କଳିକା ଓ ସେରିଫେଡ୍ ଓ ଅନ୍ୟାନ୍ୟ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିଙ୍କ ପାଇଁ ସଂରକ୍ଷିତ ରହିଛି। ଓଡ଼ିଶାକୁ ଛାଡ଼ି ଅନ୍ୟ ୧୬ ରାଜ୍ୟର ହସ୍ତତନ୍ତ ସଂସ୍ଥା ଓ ସମିତିଗୁଡ଼ିକ ଏଥିରେ ଅଂଶଗ୍ରହଣ କରିବେ। ମେଳାରେ ଓଡ଼ିଶାର ପ୍ରତି ଷ୍ଟଲ୍‌ରେ ପ୍ରତି ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶୁଭା ଶର୍ମା, ବୟନଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ଏବଂ ବୟନଶିଳ୍ପ ନିର୍ଦ୍ଦେଶାଳୟର ପଦାଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟକର୍ମୀ

ବ୍ରଜରାଜନଗର,୧୯।୧(ଡି.ଏନ.ଏ.)


ଗିରଫ ସ୍ୱାସ୍ଥ୍ୟକର୍ମୀ।

ଝାରସୁଗୁଡା ଜିଲା ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଭରତ ଘାସି ମଙ୍ଗଳବାର ୧୫ ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କୁ ଗିରଫ କରାଯାଇ ଝାରସୁଗୁଡାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ସୂଚନା ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜୀକରଣ ପାଇଁ ମାତ୍ର ୧୧ ଟଙ୍କାର ଟ୍ରେଜେରି ଚାଲାଣ ଲାଗୁଥିବା ବେଳେ ଭରତ ଦୀର୍ଘଦିନ ହେବ ସମସ୍ତଙ୍କଠାରୁ ୧୫ ଶହ ଟଙ୍କା ନେଉଥିଲେ। ଅଞ୍ଚଳବାସୀ ବିରୋଧ କରିବା ସତ୍ତ୍ୱେ ସେ କର୍ଣ୍ଣପାତ କରୁ ନ ଥିଲେ। ପୂର୍ଣ୍ଣ ଗ୍ରାମର ସରୋଜିନୀଙ୍କ ମା' ୨୦୦୯ ଓ ବାପା ୨୦୧୬ ମସିହାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ସାର୍ଟିଫିକେଟ ପାଇଁ ସରୋଜିନୀ ବାରମ୍ବାର ଆସି ଫେରୁଥିଲେ। ୧୫ ଶହ ଟଙ୍କା ନ ଦେଲେ ସାର୍ଟିଫିକେଟ ଦେବେ ନାହିଁ ବୋଲି ଭରତ କହିବାରୁ ସରୋଜିନୀ ଭିଜିଲାନ୍ସ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ତଦନୁଯାୟୀ ମଙ୍ଗଳବାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ରାଉରକେଲା ଭିଜିଲାନ୍ସ ଡିଏସ୍‌ପି ଧୀରେନ୍ଦ୍ର ନାଏକ, ଇନ୍ସପେକ୍ଟର ଗୀତାଞ୍ଜଳି ପ୍ରଧାନ, ଝାରସୁଗୁଡା ଇନ୍ସପେକ୍ଟର ପି.କେ. ଆଇନ୍ଦ, ସୁନ୍ଦରଗଡର ସୁଧାଂଶୁ ଶେଖର ପୂଜାରୀ, ଦେବଗଡର ଯୋଗେଶ ପଟେଲ ପ୍ରମୁଖ ଏଥିରେ ସାମିଲ ଥିଲେ।

# ସୀମା ବିବାଦ ନେଇ ବସିଲା ଗୃହ କମିଟି

## ଏଥର ରିପୋର୍ଟ ଦେବେ ଜିଲାପାଳ, ଏସ୍‌ପି

ଭୁବନେଶ୍ୱର,୧୯।୧(ବ୍ୟୁରୋ)


ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଗୃହ କମିଟି ବୈଠକ।

ରାଜ୍ୟରେ ଥିବା ସୀମା ବିବାଦ ପ୍ରସଙ୍ଗକୁ ନେଇ ମଙ୍ଗଳବାର ବିଧାନସଭା ଗୃହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ପଡ଼ୋଶୀ ରାଜ୍ୟ ସହ ଲାଗି ରହିଥିବା ସୀମା ବିବାଦ ଉପରେ ବିଶଦ ଆଲୋଚନା କରାଯାଇଥିଲା। ସୀମା ବିବାଦ ସମ୍ପର୍କିତ ସୁପ୍ରିମକୋର୍ଟରେ ପଡିଥିବା ମାମଲାର ବର୍ତ୍ତମାନ ସ୍ଥିତି ଉପରେ ବାଚସ୍ପତି ପାତ୍ର ଜାଣିବାକୁ ଚାହିଁଥିଲେ। ପରବର୍ତ୍ତୀ ବୈଠକରେ ଏ ସମ୍ପର୍କିତ ସବିଶେଷ ତଥ୍ୟ ଉପସ୍ଥାପନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ୨୦୧୯ ନଭେମ୍ବର ୭ ଗୃହ କମିଟି ବୈଠକରେ ଗୃହୀତ ନିଷ୍ପତ୍ତିର ଅନୁପାଳନ ବିବରଣୀ ମଧ୍ୟ ପ୍ରଦାନ କରିବାକୁ ବାଚସ୍ପତି ପାତ୍ର ପରାମର୍ଶ ଦେଇଛନ୍ତି।

ସୀମା ବିବାଦ ଥିବା ଜିଲାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟେକ ମାସରେ ଅନ୍ତତଃ ଥରେ ପ୍ରତିପକ୍ଷ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ବୈଠକ କରି ଆଲୋଚନା କରିବାକୁ ଗୃହ କମିଟି ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏ ସଂକ୍ରାନ୍ତରେ ବର୍ତ୍ତମାନ ପର୍ଯ୍ୟନ୍ତ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ନେଇ ରାଜସ ଆୟୁକ୍ତ ଏବଂ ମୁଖ୍ୟ ଶାସନ ସଚିବ ଗୃହ କମିଟିକୁ ଅବଗତ କରାଇବେ। ବାସ୍ତବ ସମସ୍ୟା ଉପରେ ଅବଗତ ହେବା ପାଇଁ ଗୃହ କମିଟି ସୀମା ବିବାଦ ଥିବା କୋଟିଆ ଗ୍ରାମପୁଞ୍ଜି ସହ ଅନ୍ୟାନ୍ୟ ଅଞ୍ଚଳ ଗସ୍ତ କରିବାକୁ ନିଷ୍ପତ୍ତି କରିଛି । କମିଟିର ପରବର୍ତ୍ତୀ ବୈଠକରେ ରାଜସ୍ୱ, ଆଇନ, ଗୃହ ଏବଂ ପଞ୍ଚାୟତିରାଜ ବିଭାଗର ସଚିବମାନେ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳରେ କିଭଳି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ସେ ନେଇ ତଥ୍ୟ ରଖିବେ। ଏହାସହ ସେ ସମ୍ପର୍କରେ ଗୃହ କମିଟିକୁ ଅବଗତ କରାଇବେ । ସୀମାନ୍ତ ଗ୍ରାମଗୁଡ଼ିକର ୫ କିମି ଦୂରତା ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆଇନଶୃଙ୍ଖଳା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସୀମାନ୍ତ ଗ୍ରାମର ୫ କିମି ଦୂରରେ ଥିବା ବିଦ୍ୟାଳୟଗୁଡ଼ିକୁ ଅପ୍‌ଗ୍ରେଡ୍ କରିବା ସହ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ ହୋଇଛି ।

# ଦିଲ୍ଲୀର ବର୍ଜ୍ୟରୁ ପ୍ରସ୍ତୁତ ହେବ ଇନ୍ଧନ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଉର୍ଜାକୁ ଆତ୍ମନିର୍ଭର କରିବା ଓ ସ୍ୱଚ୍ଛ ଭାରତ ମିଶନ ଦିଗରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ବର୍ଜ୍ୟବସ୍ତୁରୁ ଉର୍ଜା ଉତ୍ପାଦନ କରିବା ପାଇଁ ଇଣ୍ଡିଆନ ଅଏଲ କର୍ପୋରେଶନ(ଆଇଓସିଏଲ) ଏବଂ ଉତ୍ତର ଦିଲ୍ଲୀ ମହାନଗର ନିଗମ(ଏନ୍‌ଡ଼ିଏମ୍‌ସି) ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଇଣ୍ଡିଆନ ଅଏଲ ଏବଂ ଏନ୍‌ଡ଼ିଏମ୍‌ସିକୁ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଏହି ପଦକ୍ଷେପ ଅନ୍ତର୍ଗତ ଉତ୍ତର ଦିଲ୍ଲୀ ମହାନଗର ନିଗମର ରାଣିଖେରାରେ ଏକ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏହି ପ୍ଲାଣ୍ଟରେ ଉତ୍ତର ଦିଲ୍ଲୀର ସମସ୍ତ ବର୍ଜ୍ୟବସ୍ତୁ ବା କଠିନ ଅଳିଆ ଆବର୍ଜନାକୁ ଏକାଠି କରି ଏଥିରୁ ଇଣ୍ଡିଆନ ଅଏଲ ସହଯୋଗରେ ଉର୍ଜା ଉତ୍ପାଦନ କରାଯିବ। ଜୈବିକ ବର୍ଜ୍ୟରୁ ସିବିଜି ଉତ୍ପାଦନ କରାଯିବା ସହ ପ୍ଲାଷ୍ଟିକର ପୁନଃ ବ୍ୟବହାର କରାଯାଇ ପ୍ଲାଷ୍ଟିକ କିମ୍ବା ସିନ୍‌ଗ୍ୟାସ ଉତ୍ପାଦନରେ ବ୍ୟବହାର ହେଉଥିବା ରିଫ୍ୟୁଜ୍ ଡିରାଇଭ୍‌ଡ ଫୁଏଲ(ଆରଡ଼ିଏଫ)ର ମଧ୍ୟ ଉତ୍ପାଦନ କରାଯିବ। ଏହି ପ୍ଲାଣ୍ଟରେ ଦୈନିକ ୨୫୦୦ ମିଲିୟନ ଟନ୍‌ର ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଇ ଉର୍ଜା ଉତ୍ପାଦନ ହେବ। ମହାନଗର ନିଗମର କଠିନ ବର୍ଜ୍ୟବସ୍ତୁ (ଏମ୍‌ଏସ୍‌ଡବ୍ଲ୍ୟୁ)ର ପରିଚାଳନା ଦିଲ୍ଲୀରେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପ୍ରସ୍ତାବିତ ଏହି ପ୍ଲାଣ୍ଟ ସମାଧାନ କରିବା ସହ ଦିଲ୍ଲୀକୁ ସବୁଜ ଇନ୍ଧନ ମାର୍ଗରେ ନେବ। ସଙ୍କୋଚିତ ବାୟୋଗ୍ୟାସ୍ କିମ୍ବା ସିବିଜି ସମେତ ବିଭିନ୍ନ ରୂପରେ ବିକଳ୍ପ ଶକ୍ତି ଉତ୍ପାଦନ ପାଇଁ ଜୈବ ଇନ୍ଧନର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରି ଇନ୍ଧନ ଉପରେ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଉପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି।

# ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ହେବ ୫୦ ପ୍ରକାରରୁ ଉର୍ଦ୍ଧ୍ୱ ପତ୍ରିକା

କେନ୍ଦୁଝର,୧୯।୧(ବ୍ୟୁରୋ)

ସାଧାରଣତନ୍ତ୍ର ଦିବସ ଅବସରରେ କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜୁଙ୍ଗା ଗ୍ରାମପଞ୍ଚାୟତରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଚାକିରି ଆଶାୟୀ ଯୁବକ, ମହିଳା ତଥା ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଆଞ୍ଚଳିକ ପତ୍ରିକା ମେଳା-୨୦୨୧ ଅନୁଷ୍ଠିତ ହେବ। ଏହି ମେଳାରେ ବିଭିନ୍ନ ପ୍ରକାର ଶିଶୁ ପତ୍ରିକାଠାରୁ ଆରମ୍ଭ କରି ପ୍ରତିଯୋଗିତା ମୂଳକ, ନାରୀ, ସିନେମା, ସାହିତ୍ୟ, ଆଇନ, ସ୍ୱାସ୍ଥ୍ୟବିଜ୍ଞାନ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ବଳିତ ପତ୍ରିକା ଛାତ୍ରୀଛାତ୍ର ଓ ସାଧାରଣ ଜନତାଙ୍କ ପାଇଁ ପ୍ରଦର୍ଶିତ କରାଯିବ। ଏହି ମେଳାରେ ପଚାଶ ପ୍ରକାରରୁ ଅଧିକ ପତ୍ରିକା ସ୍ଥାନ ପାଇବ। ଏ ସମସ୍ତ ପତ୍ରିକା ନିତ୍ୟାନନ୍ଦପୁର ଗ୍ରାମର ଶାସ୍ତ୍ରୀ ସ୍ମୃତି ପାଠାଗାର ତରଫରୁ ଯୋଗାଇ ଦିଆଯିବ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ସାଲେପୁର,୧୯।୧(ଡି.ଏନ୍.ଏ) : ସାଲେପୁର ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକାଙ୍କ ମୁହଁ ଓ ଗୋଡ଼କୁ ଗାମୁଛାରେ ବାନ୍ଧି ବଳାତ୍କାର କରାଯାଇଛି। ଏନେଇ ପୀଡ଼ିତାଙ୍କ ମା' ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ୧୬ ଓ ୧୭ ତାରିଖ ଅପରାହ୍ନରେ ମା' ଓ ବାପା କାମ କରିବାକୁ ଅନ୍ୟତ୍ର ଯାଇଥିବାବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଓ ଅନ୍ୟ ଜଣେ ବୟସ୍କ ବ୍ୟକ୍ତି ୨ ଥର ତାଙ୍କ ଘରକୁ ଆସି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ବାହାରେ ପ୍ରକାଶ କଲେ ତାଙ୍କୁ ଏବଂ ଛୋଟ ଭାଇଙ୍କୁ ଜୀବନରୁ ମାରିଦେବେ ବୋଲି ଅଭିଯୁକ୍ତ ଯୁବକ ନାବାଳିକାଙ୍କୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ମା'ବାପାଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

## ଖାଇବାକୁ ଦେଲେନି ଠିକାଦାର

ଦିଗପହଣ୍ଡି,୧୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ତିଳେଶ୍ୱର ଗ୍ରାମର ଜଣେ ଶ୍ରମିକଙ୍କ ସୋମବାର ଚେନ୍ନାଇର ଗିନ୍ଦୀ ସହରରେ ଖାଇବାକୁ ନ ପାଇ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣ ଚନ୍ଦ୍ର ମଳିକ (୩୦)। କୃଷ୍ଣ ଗିନ୍ଦୀରେ ଥିବା ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସୋମବାର ସକାଳୁ ସେ କମ୍ପାନୀରେ କାମ କରୁଥିବା ବେଳେ ଖାଇବା ସମୟରେ ଠିକାଦାରଙ୍କୁ ଖାଇବାକୁ ମାଗିଥିଲେ। କିନ୍ତୁ ଠିକାଦାର ଖାଇବାକୁ ନ ଦେଇ ଅଧିକ କାମ କରିବାକୁ କହିଥିଲେ। କୃଷ୍ଣ ଭୋକରେ କାମ କରିବା ସମୟରେ ହଠାତ୍ ଅଚେତ ହୋଇ ପଡିଯାଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶ୍ରମିକମାନେ ଏ ସମ୍ପର୍କରେ ଠିକାଦାରଙ୍କୁ ଜଣାଇଥିଲେ। ମୃତଦେହ ଗ୍ରାମକୁ ପଠାଇବା ପାଇଁ ଆର୍ଥିକ ସହାୟତା ମାଗିଥିଲେ। କୌଣସି ସହାୟତା କରିପାରିବେ ନାହିଁ ବୋଲି ଠିକାଦାର ଶ୍ରମିକମାନଙ୍କୁ କହିଥିବା ସେମାନେ ଅଭିଯୋଗ କରିଛନ୍ତି। ପରେ ସେଠାରେ ରହୁଥିବା କୃଷ୍ଣଙ୍କ ଭାଇ ତାଙ୍କ ଗ୍ରାମର କେତେଜଣ ବ୍ୟକ୍ତି ଓ ସମ୍ପର୍କୀୟଙ୍କ ସହାୟତାରେ ଚେନ୍ନାଇରେ ମୃତଦେହ ସତ୍କାର କରିଥିଲେ। କୃଷ୍ଣ ପରିବାରର ରୋଜଗାରିଆ ଥିବାରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାରତର...

ଦ୍ୱିତୀୟ ଇନିଂସରେ ୭୫.୫ ଓଭରରେ ୨୯୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଫଳରେ ଭାରତ ସମ୍ମୁଖରେ ୩୨୮ ରନ୍‌ର କଷ୍ଟସାଧ୍ୟ ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ମଙ୍ଗଳବାର ପଞ୍ଚମ ତଥା ଅନ୍ତିମ ଦିବସର ଅନ୍ତିମ ଘଣ୍ଟାରେ ହିଁ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଜୋଶ ହାଜେଉଡ୍‌ଙ୍କ ଅଫ୍‌ଷ୍ଟମ୍ପ ଉପର ବଲ୍‌କୁ ଲଙ୍ଗଅଫ୍ ବାଉଣ୍ଡାରିକୁ ଚୌକା ମାରି ଦଳକୁ ଜିତାଇଥିଲେ। ପନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରି କ୍ରିଜ୍‌ରେ ୧୮୦ ମିନିଟ୍ ଅର୍ଥାତ୍ ୩ ଘଣ୍ଟା ଜମିରହି ୧୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୧ ଛକା ସହ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳି ୮୯ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ନବଦୀପ ସଇନି ବିନା ସ୍କୋରରେ ଅପରାଜିତ ରହିଥିଲେ। ଗୋଟିଏ ପଟେ ଉଇକେଟ ପତନ ହେଉଥିବା ବେଳେ ପନ୍ତ ଅନ୍ୟପଟେ ଦୃଢ଼ତାର ସହ ବ୍ୟାଟିଂ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟପଟେ ଟିମ୍ ପେନ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ କ୍ରମାଗତ ଦୁଇଟି ସିରିଜରେ ପରାସ୍ତ ହୋଇଛି। ନିଜର ଏହି ବିଜୟସୂଚକ ଇନିଂସରେ ପନ୍ତ ସବୁ ପ୍ରକାର ଶଟ୍ ଖେଳିଥିଲେ। ବିଦେଶ ମାଟିରେ ଭାରତ ପାଇଁ ଏହା ସର୍ବଶ୍ରେଷ୍ଠ ଟେଷ୍ଟ ଓ ସିରିଜ ବିଜୟ ସାବ୍ୟସ୍ତ ହୋଇଛି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୪/୦ରୁ ଭାରତ ଅନ୍ତିମ ଦିବସରେ ଖେଳ ଆରମ୍ଭ କରିଥିଲା। ତେବେ ଆରମ୍ଭରୁ ଅଭିଜ୍ଞ ଓପନର ରୋହିତ ଶର୍ମାଙ୍କ ଉଇକେଟ ହରାଇ ଜବରଦସ୍ତ ଝଟକା ଖାଇଥିଲା। ଓଭରନାଇଟ୍ ସ୍କୋର ୪ରୁ ଖେଳ ଆରମ୍ଭ କରି ରୋହିତ ମାତ୍ର ୭ ରନ କରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ଅଫ୍ ଷ୍ଟମ୍ପ ବାହାରର ବଲକୁ ଖେଳିବାକୁ ଯାଇ ବିଟ୍ ହୋଇଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଉଇକେଟକିପର ଟିମ୍ ପେନ ଡାଇଭ ମାରି ପ୍ରଥମ ସ୍ଲିପ୍‌ରେ କ୍ୟାଚ୍ ନେଇ ରୋହିତଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏହାପରେ ଭାରତ ବିଜୟୀ ହେବ ବୋଲି କେହି ସ୍ୱପ୍ନରେ ବିଭାବି ନ ଥିଲେ। ତେବେ ଅନ୍ୟତମ ଓପନର ଶୁବମନ ଗିଲ ଓ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଲଢୁଆ ପ୍ରଦର୍ଶନ କରି ଦ୍ୱିତୀୟ ଉଇକେଟରେ ୨୪୦ଟି ବଲ୍ ଖେଳି ୧୧୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ବିଜୟର ମୂଳଦୁଆ ପକାଇଥିଲେ। ଶୁବମନ ବିନା ସ୍କୋରରୁ ଖେଳ ଆରମ୍ଭ କରି ୯୧ରନର ସାହସିକ ପାଳି ଖେଳିଥିଲେ। ସ୍ପିନର ନାଥନ ଲିୟନଙ୍କ ଅଫ୍‌ଷ୍ଟମ୍ପ ବାହାର ବଲକୁ ନିଜ ଦେହଠାରୁ ଦୂରରେ ରହି ମାରି ଖେଳିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସ୍ଲିପ୍‌ରେ ଷ୍ଟିଭ୍ ସ୍ମିଥ୍ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଲିୟନ ଅଷ୍ଟ୍ରେଲିଆକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ଶୁବମନ ୨୧୧ ମିନିଟ୍ କ୍ରିଜ୍‌ରେ ରହି ୧୪୬ଟି ବଲ୍ ଖେଳି ୮ ଚୌକା ଓ ୨ ଛକା ମାରିଥିଲେ। କିନ୍ତୁ ମାତ୍ର ୯ ରନ ପାଇଁ ସେ ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ଅଧିନାୟକ ଅଜିଙ୍କ୍ୟ ରାହାନେ ବ୍ୟାଟିଂ କରିବାକୁ ଆସି ଦ୍ରୁତଗତିରେ ରନ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ସେ ୨୨ ବଲରୁ ୧ ଚୌକା ଓ ୧ ଛକା ସହ ୨୪ ରନ କରିଥିବା ବେଳେ ପ୍ୟାଟ କମିନ୍ସଙ୍କ ଶର୍ଟ ବଲକୁ ଲେଫ୍ଟ କରିବା କିମ୍ବା ସ୍ଲିପ୍ ଉପର ଦେଇ ମାରିବା ନେଇ ଦ୍ୱନ୍ଦ୍ୱରେ ରହିଥିଲେ। ଫଳରେ ଶେଷରେ ସେ ପେନଙ୍କୁ ଏକ ସହଜ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପୂଜାରାଙ୍କୁ ଅଷ୍ଟ୍ରେଲିଆ ବୋଲରମାନେ ଟାର୍ଗେଟ କରି ବଡି ଲାଇନ୍‌ରେ ବୋଲିଂ କରିଥିଲେ ଓ ଦଶଥର ପାଇଁ ଆଘାତ ଦେଇଥିଲେ। ପୂଜାରା କିନ୍ତୁ ଆଦୌ ବିଚଳିତ ନ ହୋଇ ଦୃଢତାର ସହ ବ୍ୟାଟିଂ ଜାରି ରଖିଥିଲେ। ସେ ୩୧୪ ମିନିଟ୍ କ୍ରିଜ୍‌ରେ ରହି ୨୧୧ଟି ବଲର ସମ୍ମୁଖୀନ ହୋଇ ୭ଟି ଚୌକା ସହ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ କମିନ୍ସଙ୍କ ବ୍ୟାକ୍ ଅଫ୍ ଲେଙ୍ଥ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପୂଜାରା ରିଭ୍ୟୁ ନେଇଥିଲେ। ବଲ୍ ଅଫ୍‌ଷ୍ଟମ୍ପଠାରୁ ସାମାନ୍ୟ ଉଚ୍ଚରେ ଥିଲା। ତେବେ ଅମ୍ପାୟର୍ସ କଲ୍ ଯୋଗୁ ପୂଜାରାଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ଏହାପରେ ମୟଙ୍କ ଅଗ୍ରୱାଲ ବ୍ୟାଟିଂ କରିବାକୁ ଆସି ୧୫ଟି ବଲ୍ ଖେଳି ଗୋଟିଏ ଚୌକା ସହ ୯ ରନ କରିଥିବା ବେଳେ କମିନ୍ସଙ୍କ ବଲ୍‌କୁ ମାରିବାକୁ ଯାଇ ଶର୍ଟ କଭରରେ ମାଥ୍ୟୁ ୱେଡଙ୍କୁ ଏକ ସହଜ କ୍ୟାଚ୍ ଦେଇଥିଲେ। ପ୍ରଥମ ଇନିଂସରେ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ୱାଶିଂଟନ ସୁନ୍ଦର ଦ୍ୱିତୀୟ ଇନିଂସରେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ। ସେ ୨୯ ବଲରୁ ୨ ଚୌକା ଓ ୧ ଛକା ସହ ୨୨ରନ କରିଥିବାବେଳେ ଅଯଥାରେ ରିଭର୍ସ ସୁଇପ୍ କରିବାକୁ ଯାଇ ଲାଇନ୍ ମିସ୍ କରି ଲିୟନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ତେବେ ସେତେବେଳକୁ ବିଜୟ ପାଇଁ ଆଉ ୧୦ ରନ ବାକିଥିବାରୁ ଅଷ୍ଟ୍ରେଲିଆ ଖେଳାଳିମାନେ ସେତେଟା ଉତ୍ସାହ ପ୍ରକଟ କରି ନ ଥିଲେ। ଷଷ୍ଠ ଉଇକେଟରେ ପନ୍ତ ଓ ସୁନ୍ଦର ୫୫ ବଲରୁ ଦ୍ରୁତ ୫୩ ରନ କରି ଘରୋଇ ବୋଲରଙ୍କୁ ନିରାଶ କରିଥିଲେ। ପ୍ରଥମ ଇନିଂସରେ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶାର୍ଦ୍ଦୁଳ ଠାକୁର ମାତ୍ର ୨ ରନ କରିଥିବା ବେଳେ ଜୋଶ ହାଜେଲଉଡ୍‌ଙ୍କ ବଲ୍‌ରେ ହାଲ୍‌କା ଶଟ୍ ଖେଳି ସ୍କୋୟାର ଲେଗ୍‌ରେ ଲିୟନଙ୍କୁ କ୍ୟାଚ୍ ଦେଇଥିଲେ। ଏହାର ଠିକ୍ ୪ଟି ବଲ୍ ପରେ ପନ୍ତ ଚୌକା ମାରି ଭାରତକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କମିନ୍ସ ସର୍ବାଧିକ ୪, ଲିୟନ ୨ ଓ ହାଜେଲଉଡ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ନିୟମିତ ଅଧିନାୟକ ବିରାଟ କୋହଲି, ଦ୍ରୁତ ବୋଲର ମହମ୍ମଦ ସାମି, ଉମେଶ ଯାଦବ, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ତାରକା ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ, ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତ ପାଇଁ ଏହି ବିଜୟ ବେଶ୍ ଗୁରୁତ୍ୱ ବହନ କରୁଛି। ଏଥିରୁ ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ଦକ୍ଷତା ପ୍ରମାଣିତ ହେଉଛି। ୨୦୧୮-୧୯ରେ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ଡେଭିଡ୍ ୱାର୍ନର ଅନୁପସ୍ଥିତ ଥିଲେ ଓ ଭାରତ ପାଇଁ ସିରିଜ ବିଜୟ ସହଜ ଥିଲା ବୋଲି କେତେକ କହୁଥିଲେ। କିନ୍ତୁ ଏଥର ସମ୍ପୂର୍ଣ୍ଣ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ଭାରତ ହରାଇଛି ଓ ଏହା ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡିବ। ଏହି ବିଜୟରେ ଠାକୁର ଓ ସୁନ୍ଦରଙ୍କ ପ୍ରଦର୍ଶନକୁ ମଧ୍ୟ ଶ୍ରେୟ ଦେବାକୁ ହେବ। ପୂର୍ବରୁ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୬୯ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୩୩୬ ରନ କରି ୩୩ ରନ ପଛରେ ପଡିଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାର୍ନସ ଲାବୁସେନଙ୍କ ୧୦୮ ରନର ଶତକୀୟ ଇନିଂସ ମୁଖ୍ୟ ଘଟଣା ଥିଲା। ସେହିପରି ଦ୍ୱିତୀୟ ଇନିଂସରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏବେ ଭାରତ ଘରୋଇ ପରିବେଶରେ ଇଂଲଣ୍ଡ ବିପକ୍ଷରେ ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବ। ଚେନ୍ନାଇରେ ଫେବୃୟାରୀ ୫ରେ ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NAB (REGD.)
NAB (Regd.) ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ସମସ୍ତ ସମସ୍ୟାର ଉପାୟ
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396011863

ଋଣ ପାଆନ୍ତୁ
ଉମ୍ମୀଦ ଫାଇନାନ୍ସ ଦ୍ୱାରା ଋଣ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, କୃଷି, ଶିକ୍ଷା, ବ୍ୟବସାୟ, ଗ୍ରୁପ୍ ଋଣ, ମହିଳାଙ୍କ ପାଇଁ 24 ଘଣ୍ଟାରେ ବିନା ଫାଇଲ୍ ଚାର୍ଜରେ ।
2% ସୁଧ, 40% ସବ୍‌ସିଡି
New Ashok Nagar, East Delhi, Delhi
9821043617

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁର ବଲିଉଡରେ ଏଣ୍ଟ୍ରି କରିବାକୁ ସଜବାଜ ହେଲେଣି। ଆଉ ଏକଥା ନିଜେ ପିତା ବୋନି କପୁର ସୂଚନା ଦେଇଛନ୍ତି । ସେ କହିଛନ୍ତି ଅଭିନୟରେ ଖୁସିଙ୍କର ରୁଚି ରହିଛି। ଅବଶ୍ୟ ଜଣେ ପ୍ରଯୋଜକ ଓ ନିର୍ଦ୍ଦେଶକ ଭାବେ ବୋନି ଝିଅ ଖୁସିଙ୍କୁ ବଲିଉଡକୁ ଆଣିବେ ନାହିଁ ବୋଲି କହିଛନ୍ତି । ଏହା ପୂର୍ବରୁ ବୋନିଙ୍କ ପୁଅ ଅର୍ଜୁନ କପୁରଙ୍କୁ ଯଶରାଜ ବ୍ୟାନର ଫିଲ୍ମ 'ଇଶକଜାଦେ' ଏବଂ ଝିଅ ଜାହ୍ନବୀଙ୍କୁ କରନ ଜୋହର ଫିଲ୍ମ 'ଧଡକ'ରେ ସୁଯୋଗ ମିଳିଥିଲା। ଆଉ ଆଜି ଏମାନେ ସଫଳ ହେବାକୁ ଯାଉଛନ୍ତି । ଖୁସି ବି ଅନ୍ୟ ବ୍ୟାନରରେ ବଲିଉଡରେ ଏଣ୍ଟ୍ରି କରନ୍ତୁ ବୋଲି ବୋନି ଚାହୁଁଛନ୍ତି।

# ପରେଡ୍‌ରେ ଭାଗନେବେ ମହିଳା ଫାଇଟର ପାଇଲଟ୍



**ନୂଆଦିଲ୍ଲୀ:** ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସ ପରେଡରେ ଭାଗନେବେ ବାୟୁସେନାର ଜଣେ ମହିଳା ଫାଇଟର ପାଇଲଟ ଭାବନାକାନ୍ତ। ସାଧାରଣତନ୍ତ୍ର ଦିବସରେ ହେବାକୁ ଥିବା ପରେଡର ଥିମ୍ ମେକ୍ ଇନ୍ ଇଣ୍ଡିଆରେ ସେ ଭାଗ ନେବାକୁ ଯାଉଛନ୍ତି। ଭାରତୀୟ ବାୟୁସେନାରେ ଫାଇଟର ପାଇଲଟ ଭାବେ ଯୋଗ ଦେବାରେ ଭାବନା ହେଉଛନ୍ତି ତୃତୀୟ ମହିଳା। ବିହାର ଦରଭଙ୍ଗା ଜିଲାର ଘନଶ୍ୟାମପୁର ଅଞ୍ଚଳର ବାଉର ଗାଁର ଝିଅ ହେଉଛନ୍ତି ଭାବନା। ସେ ବେଙ୍ଗାଲୁରୁର ବିଏମ୍‌ଏସ୍ କଲେଜ ଅଫ୍ ଇଞ୍ଜିନିୟରିଂରେ ମେଡିକାଲ ଇଲେକ୍ଟ୍ରୋନିକ୍ସରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ପାଇଲଟ୍ ଟ୍ରେନିଂ ନେଇଥିଲେ। ଏହାପରେ ସେ ଭାରତୀୟ ବାୟୁସେନାରେ ଯୋଗ ଦେଇ ସାହସିକତାର ପରିଚୟ ଦେଇଛନ୍ତି। ବାୟୁସେନାରେ ଭାବନାଙ୍କର ଅବଦାନ ପାଇଁ ତାଙ୍କୁ ରାଷ୍ଟ୍ରପତିଙ୍କଠାରୁ ନାରୀଶକ୍ତି ସମ୍ମାନ ବି ମିଳିସାରିଛି। ଏବେ ଗଣତନ୍ତ୍ର ଦିବସ ପରେଡରେ ତାଙ୍କୁ ଭାଗ ନେବାର ସୁଯୋଗ ଦିଆଯାଇଥିବାରୁ ସେ ବହୁତ ଖୁସି। ପ୍ରତିବର୍ଷ ଗଣତନ୍ତ୍ର ଦିବସ ପରେଡକୁ ସେ ଟିଭିରେ ଦେଖିଥାନ୍ତି, କିନ୍ତୁ ଏବର୍ଷ ତାଙ୍କୁ ପରେଡରେ ଭାଗ ନେବାର ସୁଯୋଗ ମିଳିଥିବାରୁ ସେ ବେଶ୍ ଉତ୍ସାହିତ ହୋଇଛନ୍ତି। ମେକ୍ ଇନ୍ ଇଣ୍ଡିଆ ଥିମ୍‌ରେ ସେ ଏଥର ରାଫେଲ ଓ ସୁଖୋଇ ଲଢୁଆ ବିମାନ ଉଡାଇବାକୁ ଯାଉଛନ୍ତି। ଏଥର ଗଣତନ୍ତ୍ର ଦିବସରେ ଭାରତୀୟ ବାୟୁସେନା ପକ୍ଷରୁ ଏଲସିଏ ତେଜସ୍, ଲାଇଟ୍ କମ୍ବାକ୍ଟ ହେଲିକପ୍ଟର, ରୋହିଣୀ ରାଡାର, ଆକାଶ ମିସାଇଲ୍ ଏବଂ ସୁଖୋଇ ୩୦ ଏମ୍‌କେଆଇର ପ୍ରଦର୍ଶନ କରାଯିବ।

ଜନ୍ମଦିନ ଶୁଭେଚ୍ଛା



(ରାଜ)
ଶ୍ରୀଜିତ୍ ପଟ୍ଟନାୟକ
IRC Village, BBSR
ତୋର ୧୧ତମ ଜନ୍ମବାର୍ଷିକ ତିଥି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଣ୍ଟୁ କାକୁ, ସାନମା, ଟଣ୍ଟୁ କାକୁ, କାକୀ, ଚିଣ୍ଟୁ କାକୁ, ସାନ କାକୀ, ବୁଲୁ ଭାଇନା, ଅପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଗୁଡୁ, ଦିଦି, ପ୍ରେମ୍, ଶ୍ୱେତା, ସିଦ୍ଧେଶ, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୩୦୪

# ବିଦ୍ରୋହ କଲେ ବିଷ

**ରୁଷିଆ ସରକାରଙ୍କ ବିରୋଧରେ ଉଠୁଥିବା ପ୍ରତିଟି ସ୍ୱରକୁ ଦଳିମକଚି ଚପାଇ ଦିଆଯାଏ। ପତ୍ରକାର ହୁଅନ୍ତୁ କି ଆକ୍ଟିଭିଷ୍ଟ ଅବା ଗୁପ୍ତଚର ବୃତ୍ତି ମସ୍କୋ ବିରୋଧରେ ଗଲେ କାହାରିକୁ ମିଳେନାହିଁ ନିସ୍ତାର। ବିଦ୍ରୋହୀଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରିବା ଲାଗି ସବୁବେଳେ ଚର୍ଚ୍ଚିତ ବିଶ୍ୱର ଏହି ବୃହତ୍ତମ ଦେଶ।**





**ମସ୍କୋ:** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବିରୋଧରେ ବିଷ ଓଗାଳୁଥିବା ଆଲେକ୍ସ ନାଭାଲ୍‌ନେଙ୍କୁ ସେତେବେଳେ ଗିରଫ କରାଯାଇଥିଲା, ଯେତେବେଳେ ସେ ଜର୍ମାନୀରୁ ଫେରିଥିଲେ। ଗତବର୍ଷ ଅଗଷ୍ଟରେ ବିମାନଯାତ୍ରା କରୁଥିବାବେଳେ ହଠାତ୍ ତାଙ୍କ ଶରୀର ଅସୁସ୍ଥ ହୋଇପଡ଼ିଥିଲା। ତାଙ୍କୁ ବିଷ ଦେଇ ହତ୍ୟା ଷଡ଼ଯନ୍ତ୍ର କରାଯାଇଥିବା ଜଣାପଡ଼ିବା ପରେ ବିଶ୍ୱବ୍ୟାପୀ ସୃଷ୍ଟି ହୋଇଥିଲା ପ୍ରତିକ୍ରିୟା। ଆମେରିକା ସମେତ ଅନେକ ୟୁରୋପୀୟ ରାଷ୍ଟ୍ର ଆଲେକ୍ସଙ୍କ ସହିତ ଛିଡ଼ା ହୋଇଥିଲେ। କେବଳ ଆଲେକ୍ସ ନୁହନ୍ତି, ରୁଷିଆରେ ଏଭଳି ଅନେକ ଘଟଣା ଘଟିଥିବା ନଜିର ରହିଛି। ବିଷ ଦେଇ ହତ୍ୟା କରିବା ଏଠାରେ ଘୃଣ୍ୟ ପରମ୍ପରାରେ ପରିଣତ ହୋଇଛି। ରୁଷିଆର ଭ୍ରଷ୍ଟାଚାର ଶାସନ ବିରୋଧରେ ବ୍ଲଗ୍ ଲେଖିବା ଏବଂ ଏଥିରୁ ଲୋକପ୍ରିୟତା ବଢ଼ିବା ପରେ ଚର୍ଚ୍ଚାର ଶିରୋନାମା ପାଲଟିଥିଲେ ଆଲେକ୍ସ। ୨୦୦୮ରୁ ୨୦୧୮ ମଧ୍ୟରେ ସେ ଶାସକ ଦଳର ମୁଣ୍ଡବ୍ୟଥା ବଢ଼ାଇଥିଲେ। ୨୦୧୮ରେ ତାଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ ହେବାରୁ ତାଙ୍କୁ ରୋକାଯାଇଥିଲା। ଏହାପରେ ୨୦୨୦ରେ ତାଙ୍କୁ ବିଷ ଦେଇ ରାସ୍ତାରୁ ହଟାଇବାକୁ ବ୍ୟର୍ଥ ପ୍ରୟାସ କରାଯାଇଥିଲା।

ରୁଷିଆର ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ସର୍ଗେ ସ୍କ୍ରିପାଲ ଏବଂ ତାଙ୍କ ଝିଅଙ୍କୁ ବ୍ରିଟେନର ସାଲିସବୁରେ ସହରରୁ ଦୁଇବର୍ଷ ତଳେ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ବିଷଦେଇ ମାରିଦେବାକୁ ଯୋଜନା କରାଯାଇଥିଲା। ବ୍ରିଟେନ ପାଇଁ ଗୁପ୍ତଚରଗିରି କରୁଥିବା ଅପରାଧରେ ସର୍ଗେଙ୍କୁ ୨୦୦୬ରେ ୧୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଥିଲା। ତେବେ ୨୦୧୦ରେ ତାଙ୍କୁ ମୁକ୍ତ କରି ଦିଆଯାଇଥିଲା। ଏବେ ସର୍ଗେ ଏବଂ ତାଙ୍କ ଝିଅ ନ୍ୟୁଜିଲାଣ୍ଡରେ ରହୁଛନ୍ତି। ରୁଷୀୟ-କାନାଡିଆନ ଆର୍ଟିଷ୍ଟ ତଥା ଆକ୍ଟିଭିଷ୍ଟ ପାତ୍ରୋ ଭେର୍ଜିଲୋଭ୍ ମଧ୍ୟ ବିଷ ଷଡ଼ଯନ୍ତ୍ରର ଶିକାର ହୋଇଥିଲେ। ୨୦୧୮ ଡିସେମ୍ବରରେ ମସ୍କୋରୁ ବର୍ଲିନ ଯାଉଥିବା ବେଳେ ତାଙ୍କ ସହ ଏହି ଘଟଣା ଘଟିଥିଲା। କେନ୍ଦ୍ରୀୟ ଆଫ୍ରିକାରେ ବିଭିନ୍ନ କାରଣରୁ ୩ ସାମ୍ବାଦିକଙ୍କ ମୃତ୍ୟୁ ଘଟିଥିଲା, ଯାହାର ଯାଞ୍ଚ କରୁଥିଲେ ପାତ୍ରୋ। ଏହାପରେ ତାଙ୍କୁ ରାସ୍ତାରୁ ହଟାଇବାକୁ ଉଦ୍ୟମ କରାଯାଇଥିଲା। ପୁଟିନ୍‌ଙ୍କ ଅନ୍ୟତମ ସମାଲୋଚକ ତଥା ସାମ୍ବାଦିକ ଭ୍ଲାଦିମିର କାରା ମୁର୍ଜାଙ୍କୁ ୨୦୧୫ରେ ବିଷ ଦିଆଯାଇଥିଲା। ଏଥିରେ ତାଙ୍କ କିଡ୍‌ନୀ ପ୍ରଭାବିତ ହେବା ସହ ସେ କୋମାକୁ ଚାଲିଯାଇଥିଲେ। ୨୦୧୭ରେ ତାଙ୍କ ସହ ଏହି ଘଟଣା ଘଟିଥିଲା। ସେବେଠାରୁ ମୁର୍ଜା ମସ୍କୋରେ ହିଁ ରହୁଛନ୍ତି।

୨୦୦୬ରେ ଗୁପ୍ତଚର ବୃତ୍ତିରେ ଜଡ଼ିତ ଆଲେକ୍‌ଜାଣ୍ଡାର ଲିଟ୍‌ଭିନେଙ୍କୋଙ୍କୁ ଲଣ୍ଡନରେ ହତ୍ୟା କରାଯାଇଥିଲା। ତାଙ୍କ ଚା'ରେ ପୋଲୋନିୟମ-୨୧୦ ନାମକ ଏକ ଭୟଙ୍କର ବିଷାକ୍ତ ପଦାର୍ଥ ଦିଆଯାଇଥିଲା। ଏହି ମାମଲାରେ ରୁଷୀୟ ରାଜନେତା ଏଣ୍ଡ୍ରି ଲୁଗୋଭୋୟ ଏବଂ ତାଙ୍କର ଅନ୍ୟଜଣେ ସହଯୋଗୀ ଦିମିତ୍ରୀ କୋଉଟୁନ୍ ସନ୍ଦେହ ବଳୟକୁ ଆସିଥିଲେ। ଆଲେକ୍‌ଜାଣ୍ଡାର ବ୍ରିଟେନ ଗୋଇନ୍ଦା ସଂସ୍ଥା ଏମ୍‌ଆଇ-୬ ପାଇଁ ମୋଟା ଅଙ୍କର ଅର୍ଥ ନେଇ କାମ କରୁଥିଲେ। ରୁଷିଆ ଏବଂ ସ୍ପେନ୍ ମଧ୍ୟରେ ଥିବା ସମ୍ପର୍କ ଅନୁଧ୍ୟାନ ଲାଗି ତାଙ୍କୁ ନିୟୋଜିତ କରାଯାଇଥିଲା। ସେହିପରି ୟୁକ୍ରେନ ନିର୍ବାଚନରେ ଲଢ଼ିବାକୁ ପ୍ରସ୍ତୁତ ହେଉଥିବାବେଳେ ଭିକ୍ଟର ୟୁସେଙ୍କ ଉପରେ ବିଷ ଆକ୍ରମଣ ହୋଇଥିଲା। ତାଙ୍କ ରକ୍ତ ନମୁନାରୁ ଜୀବନ ନେଉଥିବା ଏକ ବିଷାକ୍ତ ପଦାର୍ଥ ଠାବ କରାଯାଇଥିଲା। ବିଷକ୍ରିୟାରେ ତାଙ୍କ ମୁହଁ ପାରାଲାଇଜ୍ ହୋଇଯାଇଥିଲା। ଏଥିରୁ ମୁକୁଳିବା ପରେ ସେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିଥିଲେ ଏବଂ ବିଜୟୀ ମଧ୍ୟ ହୋଇଥିଲେ।

# ଅଦିତିଙ୍କ ଡିଜିଟାଲ ଡେବ୍ୟୁ



**ମୁମ୍ବାଇ:** ଏକତା କପୁରଙ୍କ ୱେବ୍ ସିରିଜ 'ୟେ ଯାଦୁ ହେ ଜିନ୍ କା' ଫେମ୍ ଟେଲିଭିଜନ ଅଭିନେତ୍ରୀ ଅଦିତି ଶର୍ମା ଖୁବ୍‌ଶୀଘ୍ର ଡିଜିଟାଲ ଡେବ୍ୟୁ କରିବାକୁ ଯାଉଛନ୍ତି ବୋଲି ସେ ନିଜ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଅଦିତି ତାଙ୍କ ପ୍ରଶଂସକଙ୍କୁ 'କଲିରେଁ' ଓ 'ୟେ ଯାଦୁ ହେ ଜିନ୍ କା' ଧାରାବାହିକ ମାଧ୍ୟମରେ ଖୁବ୍ ଏଣ୍ଟର୍‌ଟେନ କରିଛନ୍ତି। ଅଦିତି ଦେଖିବାକୁ ସୁନ୍ଦରୀ ଯେମିତି ଅଭିନୟ ମଧ୍ୟ ସେତିକି ଦମ୍‌ଦାର। ୨୦୧୭ ମସିହାରେ ଏକ ମ୍ୟୁଜିକ୍ ଆଲବମ୍‌ରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏବେ ଅଦିତି ଏକତା କପୁରଙ୍କ ୱେବ୍ ସିରିଜ 'କ୍ରାସ' ମାଧ୍ୟମରେ ଓଟିଟି ପ୍ଲାଟ୍‌ଫର୍ମରେ ପାଦ ରଖିବାକୁ ଯାଉଛନ୍ତି। ଏଥିରେ ସେ କାଜଲ ଭୂମିକାରେ ନଜର ଆସିବେ। ଏହି ସିରିଜ ଭଉଣୀ-ଭାଇ କାହାଣୀ ଉପରେ ଆଧାରିତ। ଏହାକୁ ନେଇ ଅଦିତି କହିଛନ୍ତି ମୋତେ କିଛି ନୂଆ ଏକ୍ସପ୍ଲୋର କରିବାର ଥିଲା। ଲକ୍‌ଡାଉନ ପରେ ଓଟିଟି ପ୍ଲାଟ୍‌ଫର୍ମର ଚାହିଦା ଖୁବ୍ ବଢ଼ିଯାଇଛି। ତେଣୁ ମୁଁ ଭାବିଲି ଏଭଳି ସୁଯୋଗକୁ ହାତଛଡା କରିବା କଥା ନୁହେଁ। ଏହାକୁ ନେଇ ଅଦିତି କୁହନ୍ତି, କ୍ରାସରେ ଖୁବ୍ ଡ୍ରାମା ରହିଛି। ଷ୍ଟୋରିଲାଇନ ଏମିତି ଯେ ଏଥିରେ ଶିବ୍‌ଲିଙ୍ଗସ ଅଲଗା ହୋଇ ଯାଉଛନ୍ତି ଆଉ ପୁଣି କେମିତି ଏକାଠି ହେଉଛନ୍ତି। ଏଥିରେ ଯେଉଁ ପ୍ରକାର ଭୂମିକା ମିଳିଛି ସେପରି ମୁଁ ଆଗରୁ କେବେ କରି ନ ଥିଲି। ସେଥିପାଇଁ ମୁଁ ବହୁତ ଖୁସି ବୋଲି ଅଦିତି କହିଛନ୍ତି ।

# ନିମନ୍ତ୍ରଣପତ୍ରରେ ଫୋନ୍ ପେ, ଗୁଗଲ୍ ପେ





**ଚେନ୍ନାଇ:** ନିମନ୍ତ୍ରଣପତ୍ରରେ ଫୋନ୍ ପେ ଓ ଗୁଗଲ୍ ପେ। ଏକଥା ଶୁଣି ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ କରୋନା ପାଇଁ ଏବେ ଲୋକଙ୍କୁ ଉପହାର ପଠାଇବା ଲାଗି ନିମନ୍ତ୍ରଣପତ୍ରରେ ବି ଏହି ସୁବିଧା ଦେଖିବାକୁ ମିଳିଲାଣି। କରୋନା ପାଇଁ କେଉଁଠି ପିପିଇ କିଟ୍ ପିନ୍ଧି ବିବାହ କରାଯାଉଛି ତ କେଉଁଠି ବନ୍ଧୁବାନ୍ଧବଙ୍କ ବିନା ବି ବାହାଘର ଆୟୋଜନ କରାଯାଉଛି। ଏସବୁ ଭିତରେ ଏବେ ଏକ ନିମନ୍ତ୍ରଣପତ୍ରକୁ ନେଇ ସୋସିଆଲ ମିଡିଆରେ ଢେର ଚର୍ଚ୍ଚା ହେଉଛି। ତାମିଲନାଡୁର ମଦୁରାଇରେ ଏକ ପରିବାର ଝିଅ ବାହାଘର ପାଇଁ ଛପାଇଥିବା ନିମନ୍ତ୍ରଣପତ୍ରରେ ଗୁଗଲ୍ ପେ ଏବଂ ଫୋନ୍ ପେ'ର କୋଡ୍ ଛପାଇ ବନ୍ଧୁମାନଙ୍କ ପାଖକୁ ପଠାଇଛନ୍ତି। ଏହି ପରିବାର ଲୋକଙ୍କ କହିବା ଅନୁସାରେ ବିବାହରେ କରୋନା ପାଇଁ ସାମିଲ ହୋଇପାରୁ ନ ଥିବା ଲୋକେ ବନ୍ଧୁ ବେଭାର ଓ ଉପହାର ଦେବା ନିମନ୍ତେ ଫୋନ୍ ପେ ଭଳି ବିକଳ୍ପ ସୁବିଧା ଦେଇଛନ୍ତି। ମଦୁରାଇରେ ବିବାହ କରିଥିବା ଶିବଶଙ୍କରୀ ଏବଂ ତାଙ୍କ ମାଆ ଟିଜେ ଜୟନ୍ତୀ ଏକ ବିୟୁଟି ପାର୍ଲର ଚଳାନ୍ତି। ଜୟନ୍ତୀଙ୍କ କହିବା ଅନୁସାରେ ପ୍ରଥମ ଥର ପାଇଁ ସେମାନେ ବିବାହରେ ଏଭଳି କାର୍ଡ ଛପାଇ କରୋନା ସଂକ୍ରମଣ ରୋକିବା ପାଇଁ ଚେଷ୍ଟା କରିଛନ୍ତି। ତେବେ ଶିବଶଙ୍କରୀଙ୍କ ବିବାହରେ ପ୍ରାୟ ୩୦ ରୁ ଅଧିକ ଲୋକ ନିମନ୍ତ୍ରଣପତ୍ରରେ ଥିବା କୋଡ୍ ବ୍ୟବହାର କରିଛନ୍ତି। ଏବେ ଏହି ନିମନ୍ତ୍ରଣପତ୍ରକୁ ନେଇ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା ହେଉଛି।

# ସରପଞ୍ଚ ସ୍ୱାମୀଙ୍କୁ କାନ୍ଧରେ ବୁଲାଇଲେ



**ପୁଣେ:** ସ୍ୱାମୀ ସରପଞ୍ଚ ନିର୍ବାଚନରେ ଜିତିବା ପରେ ଖୁସିରେ ତାଙ୍କୁ କାନ୍ଧରେ ବସାଇ ଗାଁ ବୁଲାଇଛନ୍ତି ସ୍ତ୍ରୀ। ମହାରାଷ୍ଟ୍ର ରାଜ୍ୟ ପୁନେର ପାଲୁ ଗ୍ରାମରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ସନ୍ତୋଷ ଶଙ୍କର ଗୁରୁଓ୍ୱ ମଙ୍ଗଳବାର ପଞ୍ଚାୟତ ନିର୍ବାଚନରେ ତାଙ୍କ ବିରୋଧୀଙ୍କୁ ୫ଶହରୁ ଅଧିକ ଭୋଟରେ ପରାଜିତ କରିଥିଲେ। ସ୍ୱାମୀଙ୍କ ବିଜୟ ଖବର ଆସିବା ପରେ ସ୍ତ୍ରୀ ରେଣୁକା ଗୁରୁଓ୍ୱ ଭୋଟ ଗଣତି କେନ୍ଦ୍ରରେ ପହଞ୍ଚି ଯାଇଥିଲେ। ସେଠାରେ ସନ୍ତୋଷଙ୍କୁ ଫୁଲମାଳ ପିନ୍ଧାଇବା ସହ କାନ୍ଧରେ ବସାଇ ଦେଇଥିଲେ। ପରେ ରେଣୁକା ତାଙ୍କୁ ଗ୍ରାମରେ କିଛି ସମୟ ଧରି ବୁଲାଇଥିଲେ। ସେଠାରେ ସନ୍ତୋଷଙ୍କ ସମର୍ଥକମାନେ ମଧ୍ୟ ଉପସ୍ଥିତ ଥିଲେ। ବିଜୟର ସବୁ ଶ୍ରେୟ ସନ୍ତୋଷ ତାଙ୍କ ସ୍ତ୍ରୀ ଓ ସମର୍ଥକଙ୍କୁ ଦେଇଛନ୍ତି। ପ୍ରଚାରରେ ସ୍ତ୍ରୀ ଘର ଘର ବୁଲି ପ୍ରଚାର କରି ନ ଥିଲେ ଜିତିବା କଷ୍ଟକର ହୋଇଥାଆନ୍ତା ବୋଲି ସନ୍ତୋଷ କହିଛନ୍ତି।

# ହଲ୍‌ରେ ରିଲିଜ୍ ହେବ ଫିଲ୍ମ 'ରାଧେ'



**ମୁମ୍ବାଇ:** ବଲିଉଡ ଅଭିନେତା ସଲମାନ ଖାନଙ୍କ ବହୁପ୍ରତିକ୍ଷୀତ ଫିଲ୍ମ 'ରାଧେ' ଖୁବ୍ଶୀଘ୍ର ମୁକ୍ତିଲାଭ କରିବ। ସଲମାନ ଖାନ ନିଜେ ଏହା ନିଶ୍ଚିତ କରିଛନ୍ତି। ସଲମାନ ଖାନ କହିଛନ୍ତି ଯେ, ତାଙ୍କ ଫିଲ୍ମ ଇନ୍ଡ୍ରେ ସିନେମା ହଲରେ ମୁକ୍ତିଲାଭ କରିବ। କରୋନା ମହାମାରୀ ଯୋଗୁ ଅନେକ ବଡ ଚଳଚ୍ଚିତ୍ର ଓଟିଟି ପ୍ଲାଟଫର୍ମ ଆଡକୁ ମୁହାଁଇଛି। ଏଭଳି ପରିସ୍ଥିତିରେ ସିନେମା ଘର ମାଲିକ କହିଛନ୍ତି ଯେ ଅନ୍ତତଃପକ୍ଷେ ସଲମାନଙ୍କ ଫିଲ୍ମ ହଲ୍ରେ ରିଲିଜ ହେବା ଉଚିତ୍। ଏହି ଅନୁରୋଧକୁ ଧ୍ୟାନରେ ରଖି ସଲମାନ ଖାନ ରାଧେକୁ ହଲ୍ରେ ମୁକ୍ତିଲାଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସଲମାନ ଖାନ ତାଙ୍କ ଟୁଇଟରରେ ଲେଖିଛନ୍ତି, 'ଦୁଃଖିତ, ସମସ୍ତ ଥିଏଟର ମାଲିକଙ୍କୁ ଉତ୍ତର ଦେବାକୁ ମୋତେ ବହୁତ ସମୟ ଲାଗିଛି। ଏହି ସମୟ ମଧ୍ୟରେ ଏହା ଏକ ବଡ ନିଷ୍ପତ୍ତି । ଥିଏଟର ମାଲିକ/ କର୍ମଚାରୀମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ମୁଁ 'ରାଧେ'କୁ ପ୍ରେକ୍ଷାଳୟରେ ରିଲିଜ କରି ସେମାନଙ୍କୁ ସାହାଯ୍ୟ କରିବାକୁ ଚାହେଁ। ଏହାର ପ୍ରତିବଦଳରେ, ମୁଁ ଆଶା କରିବି ଯେ ସେ 'ରାଧେ'ଦେଖିବାକୁ ଆସୁଥିବା ଦର୍ଶକଙ୍କ ପାଇଁ ଥିଏଟରରେ ଯତ୍ନବାନ ହେବେ ବୋଲି ସଲମାନ କହିଛନ୍ତି।

# ରାମ ମନ୍ଦିର ପାଇଁ ପକେଟମନି ଦାନ କଲେ ୨ ଶିଶୁ



**ବରେଲୀ/ପ୍ରୟାଗରାଜ:** ରାମ ମନ୍ଦିର ନିର୍ମାଣ ପାଇଁ ଉତ୍ତରପ୍ରଦେଶର ୨ ଜଣ ଶିଶୁ ନିଜ ପକେଟ ମନି ଦାନ କରିଛନ୍ତି। ବରେଲୀର ୬ ବର୍ଷ ବୟସ୍କ ଦିବ୍ୟ ପାଲ ଘଡ଼ାରେ ସଞ୍ଚୟ କରିଥିବା ୩୮୫ ଟଙ୍କା ଦାନ କରିଛନ୍ତି। ନିଜ ପକେଟ ମନିରୁ ସେ ସଞ୍ଚୟ କରିଥିବା ଟଙ୍କା ଦାନ କରିଛନ୍ତି। ସେହିପରି ପ୍ରୟାଗରାଜର ୧୦ ବର୍ଷ ବୟସ୍କା ଅନୁଶ୍ରୀ ସାହୁ ନିଜର ପକେଟ ମନି ଦାନ କରିଛନ୍ତି। ସେ ମନ୍ଦିର ନିର୍ମାଣ ପାଇଁ ଘଡ଼ାରେ ରଖିଥିବା ଖୁଚୁରା ଟଙ୍କା ତାଙ୍କ ଘରକୁ ଚାନ୍ଦା ମାଗିବାକୁ ଆସିଥିବା ଅଧିକାରୀଙ୍କୁ ଦେଇଛନ୍ତି। ପ୍ରଥମେ ଅଧିକାରୀମାନେ ଏହା ନେବାକୁ ଅମଙ୍ଗ ହୋଇଥିଲେ। ମାତ୍ର ଅନୁଶ୍ରୀ ଜିଦ ଧରିବାରୁ ସେମାନେ ଦାନ ଗ୍ରହଣ କରିଥିଲେ। ତେବେ ଅନୁଶ୍ରୀଙ୍କ ଘଡ଼ାକୁ ଭଙ୍ଗା ଯାଇ ନାହିଁ। ଅନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ଏହାକୁ ଭଙ୍ଗା ଯିବ ବୋଲି କୁହାଯାଉଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



୰ସବିତା ମହାନ୍ତି
ସ୍ୱାମୀ-ପ୍ରଦୀପ୍ତ କୁମାର ମହାନ୍ତି
ଇ-୨୮୫, ଜିଜିପି କଲୋନୀ, ଭୁବନେଶ୍ୱର-୨୫
ଆବିର୍ଭାବ : ୧୦.୦୯.୧୯୬୨
ତିରୋଧାନ : ୧୦.୦୧.୨୦୨୧
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୧୯୬୪୭

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ମୟୁଖ ବିଦ୍ୟାଧର (ବାବି)
ଆଡିସ୍‌ନାଲ୍ କମରସିଆଲ୍ ଟାକ୍ସ ଓ ଜି.ଏସ୍.ଟି. ଅଡ଼ିସର
ଏଲ-୮୮, ପି.କେ.ଡି.ଏ. କଲୋନୀ, ତାଳବଣିଆ, ପୁରୀ
ଆବିର୍ଭାବ: ୧୫।୦୭।୧୯୭୨
ତିରୋଧାନ: ୧୦।୦୧।୨୦୨୧
ବିଶ୍ୱାସ ହେଉନି, ତୁମେ ଆମ ସମସ୍ତଙ୍କୁ ଛାଡ଼ି କେଉଁ ଅଜଣା ରାଇଜକୁ ଚାଲିଯାଇଛ। ପରିବାର, ବନ୍ଧୁବାନ୍ଧବ, ଅଫିସ ସହ ଥିବା ତୁମର ସମ୍ପର୍କ, ମମତା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠାକୁ ଭୁଲିବା ଏତେ ସହଜ ନୁହେଁ। ଶାନ୍ତ, ସରଳ, ଅମାୟିକ ବ୍ୟବହାର ଦ୍ୱାରା ସମସ୍ତେ ତୁମକୁ ଭଲ ପାଉଥିଲେ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଆଶୀର୍ବାଦ ଓ ସ୍ମୃତି ସବୁ ଚିରଦିନ ପାଇଁ ଆମକୁ ଅନୁପ୍ରାଣିତ କରିବ। ପ୍ରତି ମୁହୂର୍ତ୍ତରେ ତୁମର ଅଭାବ ଓ ଅନୁପସ୍ଥିତି ଅନୁଭବ ହେବ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ମାଆ ରାମଚଣ୍ଡୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ତୁମର ଶୋକସନ୍ତପ୍ତ ପରିବାରବର୍ଗ:-
ହତଭାଗୀ କନ୍ୟା- ପ୍ରୀତିନନ୍ଦା (ନେହା), ସ୍ତ୍ରୀ ସରୀତା (ରୁବି), ମାଉସୀମାନେ, ମଉସା ଏବଂ ସମସ୍ତ ବନ୍ଧୁବାନ୍ଧବ।
ଧ-୬୯୪୭୨

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଚୌଧୁରୀ କୈଳାସ ଚନ୍ଦ୍ର ଦାଶ
(ଅବସରପ୍ରାପ୍ତ ଶିଳ୍ପ ତାଲିମ ପ୍ରତିଷ୍ଠାନ ଶିକ୍ଷକ)
ଜିଉନ୍ତି, କାକଟପୁର, ପୁରୀ
ଆବିର୍ଭାବ: ତା. ୧୬।୦୩।୧୯୩୩
ତିରୋଧାନ: ତା. ୦୯।୦୧।୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ସ୍ୱଚ୍ଛତା, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପ୍ରେରଣାର ଉତ୍ସହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ-୧୯୬୪୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ରୀମତୀ ପ୍ରମୋଦିନୀ ସାବତ
ଆବିର୍ଭାବ: ୧୯।୦୪।୧୯୫୫
ତିରୋଧାନ: ୨୦।୦୧।୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାର ଓ ବନ୍ଧୁବର୍ଗଙ୍କ ସହ ଏ.କେ.ସାବତ ଆଣ୍ଡ କମ୍ପାନିର ପାଟନର୍ସ ଏବଂ ସମସ୍ତ କର୍ମକର୍ତ୍ତା ବୃନ୍ଦ ।
ଧ-୧୯୬୪୫

## ସଂକ୍ଷେପରେ

### ଝାରସୁଗୁଡ଼ା ପୌର ନିର୍ବାହୀ ଅଧିକାରୀ ନିଲମ୍ବିତ

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ଦୁର୍ନୀତିଗ୍ରସ୍ତ ଓ ଅମାନିଆ ଅଫିସରଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ମଙ୍ଗଳବାର ଝାରସୁଗୁଡ଼ା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ କାରଣ ପାଇଁ ନିଲମ୍ବନ କରାଯାଇଛି। କାର୍ଯ୍ୟରେ ଅବହେଳା, ସରକାରୀ ନିର୍ଦ୍ଦେଶନାମାର ଅବମାନନା, କାର୍ଯ୍ୟକ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବଂ ବିଭିନ୍ନ କାର୍ଯ୍ୟକ୍ରମଗୁଡିକର ଧାର୍ଯ୍ୟଲକ୍ଷ୍ୟ ପୂରଣ ନ କରିବା ଏବଂ କାର୍ଯ୍ୟ ନ କରାଇବା ଆଦି ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁର୍ନୀତି ବିରୋଧରେ ଜିରୋ ଟଲେରାନ୍ସ ନୀତିକୁ କଡାକଡି ଭାବେ ପାଳନ କରିବାକୁ ଯାଇ ଏଭଳି ପଦକ୍ଷେପ ନିଆଯାଇଛି। ଏଥିସହିତ ରାଜ୍ୟର ସମସ୍ତ ପୌର ପ୍ରଶାସନ ଉପରେ ନଜର ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ବିଶ୍ୱସ୍ତରୀୟ କରିବାକୁ ଲକ୍ଷ୍ୟ

**ସମ୍ବଲପୁର, ୧୯।୧(ବ୍ୟୁରୋ)**

୨୦୨୦ ଜାନୁୟାରୀ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରର ସମଲେଇ ମନ୍ଦିର ଦର୍ଶନ କରି ଏହାର ସର୍ବାଙ୍ଗୀନ ଉନ୍ନତି କରିବା ଲାଗି ଘୋଷଣା କରିଥିଲେ। ତଦନୁଯାୟୀ ରାଜ୍ୟ ସରକାର ସମଲେଇ ମନ୍ଦିରର ସୌନ୍ଦର୍ଯ୍ୟକରଣ ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଏକ ବୃହତ୍ ଯୋଜନା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ କମିଟି ସମ୍ବଲପୁର ଗସ୍ତରେ ଆସି ସମଲେଇ ମନ୍ଦିର ପରିଦର୍ଶନ କରିଥିଲେ। ଏହି କମିଟିରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା, ପୂର୍ତ୍ତ ସଚିବ କିଶନ କୁମାର ରହିଥିଲେ। ପ୍ରଥମେ ସେମାନେ ଇଷ୍ଟଦେବୀ ମାଁ ସମଲେଇଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ, ଜିଲାପାଳ ଶୁଭମ୍ ସକ୍ସେନାଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ଶେଷ ହୋଇଥିବା ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରିବା ସହ ନିର୍ମାଣାଧୀନ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଅଧିଗ୍ରହଣ ହେଉଥିବା ଜମି ଓ ବସ୍ତି ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାକାର ଲୋକମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହାର ସବିଶେଷ ରିପୋର୍ଟ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ। ପରେ ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ। ସମଲେଇ ମନ୍ଦିର ବିଶ୍ୱସ୍ତରରେ ଯେଭଳି ଏକ ଧାର୍ମିକ ଅନୁଷ୍ଠାନର ପରିଚୟ ସୃଷ୍ଟି କରିବ ସେ ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ। ମନ୍ଦିର ପରିସରରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ନରସିଂହ ଭୋଳ, ଏସ୍‌ପି ବି. ଗଙ୍ଗାଧର, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଉପସ୍ଥିତ ଥିଲେ। ପରେ ଜିଲାପାଳଙ୍କ ଅଫିସର ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସେ କହିଥିଲେ, ସମଲେଇ ମନ୍ଦିରରେ ଆବଶ୍ୟକ ଅନୁସାରେ ବିକାଶମୂଳକ କାମ କରାଯିବ। ମନ୍ଦିର ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକ ଓ ଭକ୍ତମାନଙ୍କ ରହିବା ଓ ଅନ୍ୟାନ୍ୟ ସୁବିଧା ପାଇଁ ଯାହା ଅର୍ଥ ଲାଗିବ ରାଜ୍ୟ ସରକାର ବହନ କରିବେ। ଏହି ମନ୍ଦିର ବିଶ୍ୱସ୍ତରରେ ଧାର୍ମିକ ଅନୁଷ୍ଠାନର ପରିଚୟ ସୃଷ୍ଟି କରିବ। ଏହାଛଡା ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ଯୋଜନା ରହିଥିବା କହିଥିଲେ।


ସମଲେଇ ମନ୍ଦିର ପରିସରରେ କମିଟି ସଦସ୍ୟମାନେ।

**ସମଲେଇ ମନ୍ଦିରରେ ଉଚ୍ଚସ୍ତରୀୟ କମିଟି**

- ସୌନ୍ଦର୍ଯ୍ୟକରଣ ସହ ପାରିପାର୍ଶ୍ୱିକ ଉନ୍ନତି ଯୋଜନା
- ଖୁବ୍‌ଶୀଘ୍ର ଆରମ୍ଭ ହେବ କାମ

## କର୍କଟ ରୋଗୀଙ୍କ ପିଇଟି, ସିଟି ସ୍କାନ୍ ଖର୍ଚ୍ଚ ସରକାର ବହନ କରିବେ: ହାଇକୋର୍ଟ

**କଟକ ଅଫିସ, ୧୯।୧**

ରାଜ୍ୟରେ କର୍କଟ ରୋଗରେ ପୀଡ଼ିତଙ୍କ ପାଇଁ ଏକ ଖୁସି ଖବର। କର୍କଟ ପୀଡ଼ିତଙ୍କ ପୋଜିଟ୍ରନ୍ ଏମିଶନ ଟୋମୋଗ୍ରାଫି(ପିଇଟି) ଏବଂ ଏକ୍ସ-ରେ କମ୍ପ୍ୟୁଟେଡ ଟୋମୋଗ୍ରାଫି ସିଟି ସ୍କାନ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କର୍କଟ ପୀଡ଼ିତ ଅନୀତା ବୁଦ୍ଧିଆଙ୍କ ଦ୍ୱାରା କରାଯାଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଅନ୍ତରୀଣ ଆଦେଶ ଜାରି କରିଛନ୍ତି। ଏଥିସହ ଏହି ଖର୍ଚ୍ଚ ଜାନୁୟାରୀ ୨୦ରୁ କରିବା ପାଇଁ କହିଛନ୍ତି। ଶୁଣାଣି ସମୟରେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଚିକିତ୍ସା କେନ୍ଦ୍ରରେ ସ୍କାନିଂ ମେଶିନ ନ ରହିବା ଜାଣି ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ କର୍କଟ ପୀଡ଼ିତଙ୍କ ପିଇଟି ଏବଂ ସିଟି ସ୍କାନ ଖର୍ଚ୍ଚ ତୁରନ୍ତ ବହନ କରିବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି। ଅପରପକ୍ଷରେ କଟକ ସମେତ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ଏହି ମେଶିନ ବସାଇବା ଲାଗି ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ପିଇଟି ଓ ସିଟି ସ୍କାନ କରିବାକୁ ଜଣେ ରୋଗୀଙ୍କୁ ଘରୋଇ ହସ୍ପିଟାଲରେ ୨୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କଟକରେ ଦୁଇଟି ଓ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ରହିଛି। ତେଣୁ ଏହି ହସ୍ପିଟାଲରେ ଗରିବ ରୋଗୀଙ୍କୁ ଏହି ସୁବିଧା ମାଗଣାରେ ଯୋଗାଇଦେବା ଲାଗି ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରିଣୀ ପ୍ରାର୍ଥନା କରିଥିଲେ।



## ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର

**ଢେଙ୍କାନାଳ ଅଫିସ,୧୯।୧**

ଢେଙ୍କାନାଳ ସଦର ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଟ୍ରାଞ୍ଜିଟ୍ ପାସ୍ କରାଇଦେବାକୁ କହି ଜଣେ ମାଙ୍କଡ଼ା ପଥର ବ୍ୟବସାୟୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛି। ଚଢ଼ାଉ ବେଳେ ତାଙ୍କ ଭଡ଼ାଘରୁ ନଗଦ ୧ଲକ୍ଷ ୨୦ ହଜାର ଟଙ୍କା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି।

ସଦର ଥାନା ସପ୍ତଶଯ୍ୟା ପଞ୍ଚାୟତ ସଦେଇବେରେଣି ଅଞ୍ଚଳର ବ୍ୟବସାୟୀ ଦିଲୀପ ସେନାପତିଙ୍କୁ ପାତ୍ରଭାଗା ଖଣିରୁ ପଥର ନେବା ପାଇଁ ଟ୍ରାଞ୍ଜିଟ୍ ପାସ ପ୍ରଦାନ ନିମନ୍ତେ ଅତିରିକ୍ତ ତହସିଲଦାର ଦଳେଇ ବାରମ୍ବାର ୩୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଏ ନେଇ ଦିଲୀପ କଟକ ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କୁ ଧରିବାକୁ ଯୋଜନା କରାଯାଇଥିଲା। ଢେଙ୍କାନାଳ ସହରସ୍ଥିତ ଦୋଳମଣ୍ଡପ ସାହିରେ ଥିବା ଭଡାଘରେ ଅତିରିକ୍ତ ତହସିଲଦାର ବ୍ୟବସାୟୀ ଦିଲୀପଙ୍କ ଠାରୁ ୩୦ ହଜାର ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିବା ସହ ଟଙ୍କା ଜବତ କରିଥିଲେ।


ଲକ୍ଷ୍ମଣ ଦଳେଇ

## ନିୟମିତ ହେଲେ ୩,୮୮୪ ଚୁକ୍ତିଭିତ୍ତିକ ଶିକ୍ଷକ

- ଗଣଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ସଂଘ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଓଡ଼ିଶାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ମୋଟ ୩,୮୮୪ଜଣ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ରାଜ୍ୟ ସରକାର ନିୟମିତ କରିଛନ୍ତି। ଏ ସମ୍ପର୍କିତ ଫାଇଲ୍ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ମଞ୍ଜୁରୀ ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଆଦେଶ ଜାରି କରିବାକୁ ପଠାଯାଇଛି। ମଙ୍ଗଳବାର ଏନେଇ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି, ସଭାପତି ଶୁଭ୍ରଜିତ ପ୍ରତିହାରୀ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ଜେନା, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ଓ ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଗଣଶିକ୍ଷା ମନ୍ତ୍ରୀ, ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସାବେରୀ ନଦୀରେ ଛତିଶଗଡ଼ ଗଢ଼ିବ ଡ୍ୟାମ୍

**ମାଲକାନଗିରି, ୧୯।୧(ଡି.ଏନ୍.ଏ.)**

- ଆଦିବାସୀ ସଂଘର ବିରୋଧ
- ୯ ପଞ୍ଚାୟତର ୫୨ ଗ୍ରାମ କ୍ଷତିଗ୍ରସ୍ତ ହେବ
- ଛତିଶଗଡ଼ର ସ୍ୱାର୍ଥ ପାଇଁ ଆମକୁ ବଳି ପକାଯାଉଛି

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ସୀମାନ୍ତବର୍ତ୍ତୀ ଛତିଶଗଡ଼ ସାବେରୀ ନଦୀରେ ଛତିଶଗଡ଼ ସରକାର କୋକରାମଠାରେ ଡ୍ୟାମ୍ ନିର୍ମାଣ କରିବାକୁ ପ୍ରସ୍ତାବ ରଖି ଏ ଦିଗରେ ଆଗଉଛନ୍ତି। ଏହାକୁ ଓଡ଼ିଶା ଆଦିବାସୀ ସଂଘ ବିରୋଧ କରିଛି। ମଙ୍ଗଳବାର କମାରପାଲିଠାରେ ଓଡ଼ିଶାର ୯ଟି ପଞ୍ଚାୟତର ଆଦିବାସୀ ମହିଳା ପୁରୁଷ ଏକାଠି ହୋଇ ଏକ ବୈଠକ କରିଛନ୍ତି। ଶୋଭାଯାତ୍ରା କରି ଡ୍ୟାମ୍ ନିର୍ମାଣ ପ୍ରସ୍ତାବକୁ ବିରୋଧ କରିଛନ୍ତି। ଏହି ଡ୍ୟାମ୍ ନିର୍ମାଣ ହେଲେ ମାଥିଲି ବ୍ଲକର ୯ ପଞ୍ଚାୟତର ୫୨ଟି ଗ୍ରାମର ଲୋକେ କ୍ଷତିଗ୍ରସ୍ତ ହେବେ। ସେମାନଙ୍କର ଜମି, ଜଳ, ଜଙ୍ଗଲ, ଖଣିଜ ସମ୍ପଦ ନଷ୍ଟ ହେବ। ଜୀବନ ଜୀବିକା ଉପରେ ଗଭୀର ପ୍ରଭାବ ପଡିବ। ଛତିଶଗଡ଼ ସରକାର ତାଙ୍କ ରାଜ୍ୟର କୃଷି ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଏହି ଡ୍ୟାମ୍ ନିର୍ମାଣ କରିବାକୁ ଯାଉଥିବା ବେଳେ ଏହାକୁ ସରକାରୀ ସ୍ତରରେ କିପରି ଅନୁମତି ମିଳୁଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇ ଛତିଶଗଡ଼ର ସ୍ୱାର୍ଥ ପାଇଁ ଆମକୁ ବଳି ପକାଯାଉଛି ବୋଲି ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଡ୍ୟାମ୍ କାର୍ଯ୍ୟ ବନ୍ଦ କରା ନ ଗଲେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଶୋଭାଯାତ୍ରାରେ ଆଦିବାସୀ ମହିଳାପୁରୁଷମାନେ ସେମାନଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଛତିଶଗଡ଼ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ଓଡ଼ିଶା ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

# ନିଯୁକ୍ତି ନ ଦେଲେ ମାସିକ ୬ ହଜାର ଦିଅ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

**ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଯୁବ ଶାଖାର ଦାବି**

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଯୁବ ଶାଖା ତରଫରୁ ବିଭିନ୍ନ ଦାବି ନେଇ ସୋମବାର ରାଜ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାରା ଦେଶରେ ବିମୁଦ୍ରୀକରଣ, ଭୁଲ ଜିଏସ୍‌ଟି ଏବଂ ସାଂପ୍ରତିକ କୋଭିଡ୍-୧୯ ଜନିତ ସଂକ୍ରମଣ ପରିସ୍ଥିତିରେ ଦେଶରେ ଓ ସାରା ରାଜ୍ୟରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକର ଅଚଳାବସ୍ଥା ଫଳରେ ୧୧ କୋଟି ଶ୍ରମିକ ଓ କର୍ମଚାରୀ ଉତ୍କଟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ୧୩.୯ କୋଟି ପ୍ରବାସୀ ଶ୍ରମିକମାନଙ୍କର ରୋଜଗାର ବିପର୍ଯ୍ୟସ୍ତ ହେବା ସହ ୧୧୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଘରକୁ ଫେରିବା ରାସ୍ତାରେ ମୃତ୍ୟୁବରଣ କରିଛନ୍ତି। ଠିକା କର୍ମଚାରୀମାନେ ରୋଜଗାର ହରାଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରାଯାଉନାହିଁ। କୋଭିଡ୍-୧୯ରେ କାର୍ଯ୍ୟ କରୁଥିବା ହଜାର ହଜାର ସ୍ୱାସ୍ଥ୍ୟ ସହାୟିକା, ନର୍ସ, ଏଏନ୍‌ଏମ୍‌ମାନଙ୍କୁ ଚାକିରିରୁ ବହିଷ୍କାର କରିବା ଫଳରେ ସେମାନେ ଭୁବନେଶ୍ୱର ରାଜରାସ୍ତାରେ ବସିଛନ୍ତି। ବେରୋଜଗାର, ଦରଦାମ ବୃଦ୍ଧି ହେତୁ ଯୁବ ସମାଜ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସମସ୍ତ ବେକାର ଯୁବକମାନଙ୍କୁ ଚାକିରି ଦିଆଯାଉ, ନଚେତ ମାସିକ ୬୦୦୦ ଟଙ୍କା ଭତ୍ତା ଦେବା ଏବଂ ରୋଜଗାର ହରାଇଥିବା ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ଆଦି ୭ ଦଫା ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ କିଶୋର ଜେନା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଯୁବ ଶାଖା ଭୁବନେଶ୍ୱର ଜିଲା ସଭାପତି ଜୟକୃଷ୍ଣ ମାଲିଆ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟଙ୍କ ସମେତ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଭୁବନେଶ୍ୱର ଜିଲା ସଭାପତି ଜୟକୃଷ୍ଣ ମାଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରକୋଣ୍ଡା ଡ୍ୟାମ୍ ସ୍ଥିତି ସମୀକ୍ଷା କଲା କମିଟି

**ଚିତ୍ରକୋଣ୍ଡା, ୧୯।୧(ଡି.ଏନ.ଏ.)**

ଓଡ଼ିଶାର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଡ୍ୟାମ୍ ସେଫ୍ଟି କମିଟିର ୩ ଜଣିଆ ବିଶେଷଜ୍ଞ ଦଳ ମଙ୍ଗଳବାର ଚିତ୍ରକୋଣ୍ଡା ଡ୍ୟାମ୍ ଓ ସ୍ପିଲ୍‌ୱେର ବିଭିନ୍ନ ସୁରକ୍ଷା ସମ୍ପର୍କିତ ତଥ୍ୟ ଯାଞ୍ଚ କରିଛନ୍ତି। ଟିମ୍‌ରେ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ଡେପୁଟି ଡାଇରେକ୍ଟର ଅରୁଣ କୁମାର ଦାସ ଓ ସୁବାସ ଚନ୍ଦ୍ର ରଥ ଚିତ୍ରକୋଣ୍ଡାରେ ପହଞ୍ଚି ଡ୍ୟାମ୍ ଓ ସ୍ପିଲ୍‌ୱେ ସ୍ଥିତି ଯାଞ୍ଚ କରିଥିଲେ। ଏହି ସମୟରେ ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଚନ୍ଦ୍ରଶେଖର ମିଶ୍ର, ବାଲିମେଳା ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀ କବିପ୍ରସାଦ ନାଥ, ଉପନିର୍ବାହୀ ଯନ୍ତ୍ରୀ ଉମାକାନ୍ତ ସାହୁ (ସିଭିଲ) ଓ ନବକିଶୋର ସିଂ (ମେକାନିକାଲ) ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଅଧୀନରେ ସମୁଦାୟ ୨୦୪ଟି ବନ୍ଧ ରହିଛି । ସେଥିରୁ ୧୦ ବୃହତ୍ ଜଳସେଚନ ପ୍ରକଳ୍ପ, ୫୦ ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ୧୪୪ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ସେହି ସବୁ ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ଡ୍ୟାମ୍ ଓ ସ୍ପିଲ୍‌ୱେଗୁଡିକର ସୁରକ୍ଷା ଓ ମରାମତି ସମ୍ପର୍କରେ ଯାଞ୍ଚ ଏହି ଡ୍ୟାମ୍ ସେଫ୍ଟି କମିଟି କରିଥାଏ। କମିଟିର ରିପୋର୍ଟକୁ ଆଧାରକରି ସରକାର ପଦକ୍ଷେପ ନେଇଥାନ୍ତି।







ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜାନୁୟାରୀ ୨୦/୨୦୨୧ Sambalpur, Wednesday, January 20/ 2021


# କୋହଲି, ହାର୍ଦ୍ଦିକ, ଈଶାନ୍ତଙ୍କ ପ୍ରତ୍ୟାବର୍ତ୍ତନ

## ଇଂଲଣ୍ଡ ବିପକ୍ଷ ପ୍ରଥମ ୨ ଟେଷ୍ଟ ପାଇଁ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୧୯।୧

ଅଷ୍ଟ୍ରେଲିଆର ଗାବା ଗଡ଼ରେ ଟିମ୍ ଇଣ୍ଡିଆର ମହାବିଜୟ ପାଳନ ହେଉଥିବାବେଳେ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜର ପ୍ରଥମ ୨ଟି ମ୍ୟାଚ ପାଇଁ ମଙ୍ଗଳବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଧିନାୟକ ବିରାଟ କୋହଲି, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆହତ ସମସ୍ୟାରେ ଥିବା ଯଶପ୍ରୀତ୍ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଫିଟ୍ ଘୋଷିତ ହୋଇଥିବାବେଳେ ଅଭିଜ୍ଞ ସ୍ପିନର ଅକ୍ଷର ପଟେଲଙ୍କୁ ଡାକରା ମିଳିଛି।

ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ନୂଆ ଜାତୀୟ ଚୟନ କମିଟି ଆଗାମୀ ଇଂଲଣ୍ଡ ସିରିଜ ପାଇଁ ଦଳ ଚୟନ କରିଛି। ଅଧିନାୟକ ବିରାଟ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ


ବିରାଟ କୋହଲି


ହାର୍ଦ୍ଦିକ ପାଣ୍ଡ୍ୟା


ଈଶାନ୍ତ ଶର୍ମା

ଏହି ବୈଠକରେ ନିଜ ମତ ରଖିଥିଲେ। ନିକଟରେ ପ୍ରଥମ ସନ୍ତାନର ଜନକ ହୋଇଥିବା କୋହଲି ଗତ ଡିସେମ୍ବରରେ ଅଷ୍ଟ୍ରେଲିଆରୁ ଭାରତ ଫେରି ଆସିଥିଲେ। ବୈଠକରେ ଯୋଗ ଦେଇଥିବା ଅନ୍ୟ ଚୟନକର୍ତ୍ତାମାନେ ହେଲେ ସୁନୀଲ ଜୋଶୀ, ଆବେ କୁରୁଭିଲା, ଓଡ଼ିଶାର ଦେବାଶିଷ ମହାନ୍ତି ଏବଂ ବ୍ରିସ୍‌ବେନ୍‌ରେ ଥିବା ହରବିନ୍ଦର ସିଂ। ଚୟନକର୍ତ୍ତାମାନେ ୪ ଷ୍ଟାଣ୍ଡବାଇ ଖେଳାଳିଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ଏହି ଖେଳାଳିମାନେ ଭାରତୀୟ ଦଳ ସହିତ ଯାତ୍ରା କରିବେ ନାହିଁ, ମାତ୍ର ଖେଳାଳି ବଦଳ କ୍ଷେତ୍ରରେ ସେମାନେ ଉପଲବ୍ଧ ହେବେ। ଷ୍ଟାଣ୍ଡବାଇ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଝାଡ଼ଖଣ୍ଡ ବାମହାତୀ ସ୍ପିନର ଶାହାବାଜ ନଦୀମ, ଆନ୍ଧ୍ର ଉଇକେଟ କିପର କେ.ଏସ୍. ଭରତ, ବେଙ୍ଗଲ ଓପନିଂ ବ୍ୟାଟ୍ସମ୍ୟାନ ଅଭିମନ୍ୟୁ ଈଶ୍ୱରନ ଏବଂ ରାଜସ୍ଥାନ ଲେଗ୍‌ସ୍ପିନର ରାହୁଲ ଚହର। ଏହା ବ୍ୟତୀତ କୋଭିଡ୍ ମହାମାରୀ ଗାଇଡ୍‌ଲାଇନ୍‌କୁ ଦୃଷ୍ଟିରେ ରଖି ୫ ନେଟ୍ ବୋଲରଙ୍କୁ ମଧ୍ୟ ଚୟନ କରାଯାଇଛି। ସେମାନେ ହେଲେ ଦ୍ରୁତ ବୋଲର ଅଙ୍କିତ ରାଜପୁତ (ଉତ୍ତର ପ୍ରଦେଶ), ଆଭେଶ ଖାଁ (ମଧ୍ୟପ୍ରଦେଶ), ସନ୍ଦୀପ ୱାରିୟର(କେରଳ), ସ୍ପିନ ବୋଲିଂ ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମ (କର୍ଣ୍ଣାଟକ) ଓ ବାମହାତୀ ସ୍ପିନର ସୌରଭ କୁମାର (ଉତ୍ତର ପ୍ରଦେଶ)।

**ଭାରତୀୟ ଦଳ**

**ଓପନର:** ରୋହିତ ଶର୍ମା, ଶୁବମନ ଗିଲ୍, ମୟଙ୍କ ଅଗ୍ରୱାଲ।

**ମିଡିଲ ଅର୍ଡର:** ଚେତେଶ୍ୱର ପୂଜାରା, ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ, ରିଷଭ ପନ୍ତ, ରିଦ୍ଧିମାନ ଶାହା, ହାର୍ଦ୍ଦିକ ପାଣ୍ଡ୍ୟା, ଲୋକେଶ ରାହୁଲ(ଫିଟ୍ ହେଲେ ଖେଳିବେ)।

**ଫାଷ୍ଟ ବୋଲର:** ଯଶପ୍ରୀତ୍ ବୁମରା, ଈଶାନ୍ତ ଶର୍ମା, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର।

**ସ୍ପିନର:** ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ।

**ଷ୍ଟାଣ୍ଡବାଇ ଖେଳାଳି:** ଶାହାବାଜ ନଦୀମ, କେ.ଏସ୍. ଭରତ, ଅଭିମନ୍ୟୁ ଈଶ୍ୱରନ, ରାହୁଲ ଚହର।

**ନେଟ୍ ବୋଲର:** ଅଙ୍କିତ ରାଜପୁତ, ଆଭେଶ ଖାଁ, ସନ୍ଦୀପ ୱାରିୟର, କ୍ରିଷ୍ଣାପ୍ପା ଗୋଥାମ, ସୌରଭ କୁମାର।

# ଓଡ଼ିଶା-ହାଇଦ୍ରାବାଦ ମ୍ୟାଚ୍ ଡ୍ର

**ମାର୍ଗାଓ,୧୯।୧:** ଇଣ୍ଡିଆନ ସୁପର ଲିଗ (ଆଇଏସ୍ଏଲ୍)ରେ ଓଡ଼ିଶା ଏଫ୍‌ସି ଆଉ ଏକ ମ୍ୟାଚ୍ ଡ୍ର ରଖିଛି। ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଲେଫ୍ଟ ୱିଙ୍ଗର ହାଲିଚରଣ ନାର୍ଜାରୀ ୧୩ ତମ ମିନିଟ୍‌ରେ ଗୋଲ ଦେଇ ହାଇଦ୍ରାବାଦକୁ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ତରଫରୁ ଦକ୍ଷିଣ ଆଫ୍ରିକା ସେଣ୍ଟ୍ରାଲ ମିଡ୍‌ଫିଲ୍ଡର କୋଲ ଆଲେକଜାଣ୍ଡାର ୫୧ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହାପରେ ଉଭୟ ଦଳ ପ୍ରଭାବ ବିସ୍ତାର କରି ଖେଳିବାକୁ ପ୍ରୟାସ କରିଥିଲେ ମଧ୍ୟ ଗୋଲ ହୋଇପାରି ନ ଥିଲା। ଫଳରେ ମ୍ୟାଚ୍ ଡ୍ର ରହିଥିଲା। ଏଥିସହ ଓଡ଼ିଶା ୧୨ ମ୍ୟାଚ୍ ଖେଳି ୧ ବିଜୟ, ୪ ଡ୍ର ଓ ୭ ପରାଜୟ ସହ ୭ ପଏଣ୍ଟ ପାଇ ତାଲିକାର ଏକାଦଶ ତଥା ସର୍ବନିମ୍ନ ସ୍ଥାନରେ ରହିଛି।


ହିରୋ ଅଫ୍ ଦି ମ୍ୟାଚ୍ ଆଲେକ୍‌ଜାଣ୍ଡର କୋଲ୍






# ୟେଲୋ, ଭାଓଲେଟ୍, ରେଡ୍ ବିଜୟୀ

ଭୁବନେଶ୍ୱର,୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ମହିଳା ସୀମିତ ଓଭର ଦିନିକିଆ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ଓଡ଼ିଶା ୟେଲୋ, ଓଡ଼ିଶା ଭାଓଲେଟ ଓ ଓଡ଼ିଶା ରେଡ୍ ବିଜୟ ହାସଲ କରିଛନ୍ତି।

## ସସ୍ମିତା, ଅଞ୍ଜଳି, କାଜଲଙ୍କ ଅର୍ଦ୍ଧଶତକ

ସ୍ଥାନୀୟ ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ର ଦ୍ୱାଦଶ ମ୍ୟାଚ୍‌ରେ ୟେଲୋ ୩୪ଟି ବଲ୍ ବାକିଥାଇ ୭ ଉଇକେଟରେ ଗ୍ରୀନ୍‌କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ ୫୦ ଓଭରରେ ୯ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସସ୍ମିତା ମହାଲିକ ୫୩, ଡି.ଜେ. ରେଣ୍ଟି ୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ୟେଲୋର ତରାନା ପ୍ରଧାନ, ପ୍ରିୟଙ୍କା ସାହୁ ଓ ଜି.ଏମ୍. ଅଲକାନନ୍ଦା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୟେଲୋ ୪୪.୨ ଓଭରରେ ୩ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ କାଜଲ ଜେନା ୭୮, ଅଞ୍ଜଳି ସିଂ ୬୧ ରନ ସଂଗ୍ରହ କରିଥିଲେ। ଗ୍ରୀନ୍ ତରଫରୁ ଶୁଭ୍ରା ସ୍ୱାଇଁ ୨ ଉଇକେଟ ଅକ୍ତିଆର କରିଥିଲେ।



କାଜଲ ଜେନା

## ଅରେଞ୍ଜ ୧୭୦ ରନରେ ପରାସ୍ତ

କିଟ୍ ଗ୍ରାଉଣ୍ଡରେ ରେଡ୍ ବୃହତ୍ ୧୭୦ ରନରେ ଅରେଞ୍ଜକୁ ହରାଇଛି। ଟସ୍ ଜିତି ରେଡ୍ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୪ ଉଇକେଟ ହରାଇ ୨୫୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଶିଲ୍ପା ସ୍ୱାଇଁ ୭୨, ମାଧୁରୀ ମେହେଟା ୪୩, ଶ୍ରୀୟା ଚକ୍ର ୩୮, ସରୋଜିନୀ ଗିରି ୩୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅରେଞ୍ଜ ତରଫରୁ ରସନାରା ପରବୀନ ୨, ସ୍ମୃତି ମହନ୍ତ ଓ ସୂର୍ଯ୍ୟସନଟ ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅରେଞ୍ଜ ୪୩.୨ ଓଭରରେ ୯ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବର୍ଷା ସିଂ ୧୮, ପରବୀନ ୧୨ ରନ କରିଥିଲେ। ବୋଲିଂରେ ରେଡ୍ ତରଫରୁ ସୁଶ୍ରୀ ସିଂ ୩, ରାଜଶ୍ରୀ ସ୍ୱାଇଁ ଓ ପ୍ରାର୍ଥନା ପ୍ରତିଶ୍ରୁତି ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ପର୍ପଲ ୭ ଉଇକେଟରେ ହାରିଲା

ମୂଳା ପଡିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାଓଲେଟ୍ ୭ ଉଇକେଟରେ ପର୍ପଲକୁ ହରାଇଛି। ଟସ୍ ହାରି ପର୍ପଲ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଲିପ୍ସା ବିଶ୍ୱାଳ ୭୨, ପୂଜା ଦାସ ୨୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାଓଲେଟ୍ ପକ୍ଷରୁ ପ୍ରୀତି ପ୍ରିୟଦର୍ଶନ ୩, ସୁଶ୍ରୀ ଦିବ୍ୟଦର୍ଶନୀ ୨, ପ୍ରାଞ୍ଜଲ ସିଂ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାଓଲେଟ୍ ୪୪.୪ ଓଭରରେ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ରଶ୍ମିତା ଚିନ୍ନାରା ୪୮, ସ୍ୱିଟ୍ ବେଉରା ୪୫, ସଙ୍ଗୀତା ଖାଡିଆ ୩୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ପର୍ପଲ ତରଫରୁ ରାନୀ କେ. ପ୍ରସାଦ ଓ ଲିଓନା ପ୍ରିୟଦର୍ଶନୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ଜଗମୋହନ ଓ ଅଭିଜିତ

## ଓଡ଼ିଶା ଅଲିମ୍ପିକ ଆସୋସିଏଶନ ନିର୍ବାଚନ

**ଭୁବନେଶ୍ୱର, ୧୯।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ୭ ସେଟ୍ ପାର୍ଥିପତ୍ର କାଏମ ରହିଛି। ସଭାପତି ପଦବୀ ପାଇଁ କଳାହାଣ୍ଡି ଜିଲା ଆଥଲେଟିକ୍ ଆସୋସିଏଶନର ଜଗମୋହନ ପଟ୍ଟନାୟକ ଏକ ମାତ୍ର ପ୍ରାର୍ଥୀ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଅଭିଜିତ ପଲ୍ ଏକ ମାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ପଦ ଲାଗି ଓଡ଼ିଶା ଆଥଲେଟିକ୍ ଆସୋସିଏଶନର ଅଧୀପ ଦାସ, ଦୁଇଟି ଯୁଗ୍ମ ସମ୍ପାଦକ ପଦ ପାଇଁ ଗଞ୍ଜାମ ଜିଲା ଆଥଲେଟିକ୍ ଆସୋସିଏଶନର ଆଶୋକ କୁମାର ସାହୁ ଏବଂ ସୁନ୍ଦରଗଡ଼ ଜିଲା ଆଥଲେଟିକ୍ ଆସୋସିଏଶନର ପ୍ରଭାତ କୁମାର ଭୋଳ ପ୍ରାର୍ଥୀ ହୋଇଛନ୍ତି। ୬ଟି ଉପସଭାପତି ପଦବୀ ପାଇଁ କମଳାକାନ୍ତ ପାଣ୍ଡେ, ପ୍ରତାପ ଶତପଥୀ, କିଶୋର କୁମାର ବିଶ୍ୱାଳ, ନଳିନୀ କୁମାର ଦାସ, ଅନୁପ କୁମାର ପାତ୍ର ଓ ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ପଦବୀ ଲାଗି ଜଣେ ଲେଖାଏ ପ୍ରାର୍ଥୀ ହୋଇଥିବାରୁ ଏମାନେ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ୧୧ଟି କାଉନ୍‌ସିଲ ସଦସ୍ୟ ପାଇଁ ୧୩ଜଣ ପ୍ରାର୍ଥୀ ହୋଇଛନ୍ତି।

# ବିସିସିଆଇ ଦେଲା ୫ କୋଟି

**ନୂଆଦିଲ୍ଲୀ, ୧୯।୧:** ଟିମ୍ ଇଣ୍ଡିଆର ଏହି ଐତିହାସିକ ସିରିଜ ବିଜୟରେ ଖୁସି ହୋଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁରସ୍କାର ଘୋଷଣା କରିଛି। ଭାରତୀୟ ଦଳ ପାଇଁ ବୋର୍ଡ ୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ଟୁଇଟ୍ କରି ଏହି ବୋନସ ଘୋଷଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ସିରିଜ ବିଜୟ ସ୍ମରଣୀୟ ଓ ଭାରତୀୟ କ୍ରିକେଟ ଇତିହାସରେ ଏହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ବୋର୍ଡ ଏଥିପାଇଁ ଦଳର ସବୁ ସଦସ୍ୟଙ୍କ ପାଇଁ ୫ କୋଟି ଟଙ୍କାର ବୋନସ ଘୋଷଣା କରୁଛି ବୋଲି ଗାଙ୍ଗୁଲି ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି ମୁହୂର୍ତ୍ତ ଭାରତୀୟ କ୍ରିକେଟ ପାଇଁ ସ୍ୱତନ୍ତ୍ର ହୋଇ ରହିବ। ଭାରତୀୟ କ୍ରିକେଟ ଦଳର ପ୍ରଦର୍ଶନ ପ୍ରଶଂସନୀୟ ବୋଲି ଶାହା ଟୁଇଟ୍ କରି ଜଣାଇଛନ୍ତି।






# ମନେରହିବ ଏହି ବିଜୟ

ଆଡାମ ଗିଲଖ୍ରୀଷ୍ଟ

ଅନ୍ତିମ ଟେଷ୍ଟର ତୃତୀୟ ଦିବସରେ ଗାବାରେ କେତେକ ଦର୍ଶକ ୧୯୮୮ ଶୀତକାଳୀନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଜାମାଇକାର ପ୍ରତିଷ୍ଠିତ ବୋବସ୍ଲେ ବା ବବ୍‌ସ୍ଲେ ଦଳର ସଦସ୍ୟଙ୍କ ଭଳି ପୋଷାକ ପିନ୍ଧିଥିଲେ। ବୋବସ୍ଲେ ଏକ ଶୀତକାଳୀନ ଅଲିମ୍ପିକ୍ସ କ୍ରୀଡ଼ା। ଏହି ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଶୀତକାଳୀନ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଗ୍ରୀଷ୍ମପ୍ରଧାନ ଅଞ୍ଚଳରୁ ଆସିଥିବା ଏହି ଖେଳାଳିମାନେ ନିଜ ଦେଶରେ କେବେ ବରଫ ଦେଖି ନ ଥିଲେ ମଧ୍ୟ ଶୀତକାଳୀନ ଅଲିମ୍ପିକ୍ସରେ ସଫଳତାର ଶୀର୍ଷକୁ ଛୁଇଁଥିଲେ ଓ ଅସମ୍ଭବକୁ ସମ୍ଭବ କରି ଦେଖାଇଥିଲେ। ଠିକ୍ ଏହି ପରି ବ୍ରିସ୍‌ବେନ୍‌ରେ ଭାରତ ମ୍ୟାଚ୍ ଓ ସିରିଜ ଜିତି ଅସମ୍ଭବ ଓ ଗୌରବମୟ ସଫଳତା ଅର୍ଜନ କରିଛି। ଲଢେଇ କରି ଭାରତ ଶେଷରେ ନିଜର ଆତ୍ମବିଶ୍ୱାସ ବଳରେ ବିଜୟୀ ହୋଇଛି। ଏହି ବିଜୟ ଟେଷ୍ଟ କ୍ରିକେଟକୁ ଆହୁରି ସୁନ୍ଦର ତଥା ଆକର୍ଷଣୀୟ କରିବାରେ ସହାୟ ହୋଇଛି।

ବିଜୟ ପରେ ଗାବାରେ ଭାରତୀୟ ଦଳ ତ୍ରିରଙ୍ଗା ଧରି ସାରା ଷ୍ଟାଡିୟମ ପରିଭ୍ରମଣ କରିବାର ଦୃଶ୍ୟ ନିଶ୍ଚିତ ଭାବେ ମନମୁଗ୍ଧକର। ବରିଷ୍ଠ ଖେଳାଳିମାନେ ଯୁବ ଖେଳାଳିଙ୍କୁ ଅଧିକ ଖୁସି ମନାଇବାର ସୁଯୋଗ ଦେବା ସହ ସେମାନଙ୍କୁ ଫୋକସ୍‌କୁ ଆଣିବା ପାଇଁ ପ୍ରୟାସ କରିଛନ୍ତି। ଭାରତର ଏହି ମ୍ୟାଚ୍ ଓ ସିରିଜ ବିଜୟ ଟେଷ୍ଟ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ବିଜୟ ସାବ୍ୟସ୍ତ ହୋଇଛି। ମୋ ସମୟରେ ୨୦୦୧ରେ ଭାରତର ବିଜୟ ଓ ୨୦୦୫ରେ ଅଷ୍ଟ୍ରେଲିଆର ବିଜୟ ସହ ତୁଳନା କରିବି। ଖୁସି ହେବାକୁ ଭାରତୀୟଙ୍କ ପାଇଁ ଏକାଧିକ କାରଣ ରହିଛି। ରନ୍ ଚେଜ୍‌ରେ ଯୁବ ଓପନର ଶୁବମନ ଗିଲ ଅସାଧାରଣ ପ୍ରଦର୍ଶନ କରିଥିଲେ। ଶାନ୍ତ ରହି ସେ ସୁଯୋଗର ସଦ୍‌ବ୍ୟବହାର କରିଥିଲେ ଓ ତାଙ୍କୁ ବିଶେଷଜ୍ଞମାନେ ମଧ୍ୟ ପ୍ରଶଂସା କରୁଛନ୍ତି। ଏହି ସିରିଜ ତାଙ୍କ ଦକ୍ଷତାକୁ ନୂଆ ପରିଚୟ ଦେଇଛି। ବ୍ୟାକ୍‌ଫୁଟ୍‌ରେ ଯାଇ ସେ ଅସାଧାରଣ ଶଟ୍‌ମାନ ଖେଳିଛନ୍ତି। ବର୍ତ୍ତମାନ ସାରା ବିଶ୍ୱରେ ସେ ସବୁଠାରୁ ଦେଖିବାଯୋଗ୍ୟ ଯୁବ କ୍ରିକେଟର ମନେ ହେଉଛନ୍ତି।






ସେହିପରି ପଦାର୍ପଣରେ ୱାଶିଂଟନ ସୁନ୍ଦର ଓ ଶାର୍ଦ୍ଦୁଳ ଠାକୁର ଉଭୟ ବୋଲିଂ ଓ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ପରିପକ୍ୱତାର ପରିଚୟ ଦେଇଛନ୍ତି। ପ୍ରଥମ ଇନିଂସରେ ଚମତ୍କାର ବ୍ୟାଟିଂ କରି ଏହି ଦୁଇ ଖେଳାଳି ଅଷ୍ଟ୍ରେଲିଆକୁ ସୁଯୋଗ ଦେଇ ନ ଥିଲେ। ସେହିପରି ମାତ୍ର ଦୁଇଟି ଟେଷ୍ଟ ଖେଳିଥିବା ମହମ୍ମଦ ସିରାଜ ବୋଲିଂ ବିଭାଗରେ ସିନିୟର ବନିଯାଇଥିଲେ। ଅଭିଜ୍ଞ ଅଷ୍ଟ୍ରେଲିଆ ଦଳକୁ କିପରି ବୋଲିଂ କରିବାକୁ ହେବ ସେ ଟି. ନଟରାଜନ ଓ ନବଦୀପ ସଇନିଙ୍କୁ ପରାମର୍ଶ ତଥା ଉପଦେଶ ଦେଉଥିବା ଦେଖାଯାଇଥିଲା। ସେହିପରି ସିନିୟର ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ମଧ୍ୟ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିଥିଲେ। ଏକାଧିକ ଆଘାତ ପାଇଥିଲେ ମଧ୍ୟ ସେ ଶାନ୍ତ ରହି କ୍ରିଜ୍‌ରେ ତିଷ୍ଠି ରହିବାକୁ ପ୍ରୟାସ କରିଥିଲେ। ରନ୍ ଚେଜ୍‌ରେ ସେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଚମକ ଦେଖିବାକୁ ମିଳିଥିଲା। ପନ୍ତଙ୍କ ପ୍ରତି ମୋର ବିଶେଷ ଦୁର୍ବଳତା ରହିଛି। କ୍ରିଜ୍‌ରେ ଥିବା ବେଳେ ତାଙ୍କ ଖେଳ ଦେଖିବାକୁ ସେ ଜଣକୁ ବାଧ୍ୟ କରିଥାନ୍ତି। ତାଙ୍କ ବ୍ୟାଟିଂରେ ସାହସିକତା ଓ ଆଶ୍ୱାସନା ଦେଖିବାକୁ ମିଳିଥିଲା ଓ ସେ ଥିବାବେଳେ ଭାରତୀୟ ସ୍କୋର ବୋର୍ଡ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଦେଖିବାକୁ ମିଳିଥିଲା। କ୍ରିଜ୍‌ରେ ଥିଲେ ସେ ଭାରତର ବିଜୟକୁ ସହଜ କରିଥାନ୍ତି। ଅବଶ୍ୟ ଉଇକେଟକିପିଂକୁ ନେଇ ସେ ବେଶ୍ ସମାଲୋଚିତ ହୋଇଛନ୍ତି। ସବୁ ଖେଳାଳିଙ୍କ କିଛି ସବଳତା ଓ ଦୁର୍ବଳତା ରହିଥାଏ। ବ୍ୟାଟିଂ ଦକ୍ଷତା ଓ ପାୱାର ପାଇଁ ସେ ଭାରତୀୟ ଦଳର ସ୍ୱତନ୍ତ୍ର ସମ୍ପଦ ଭାବେ ଉଭା ହୋଇଛନ୍ତି। ତାଙ୍କ ଉଇକେଟକିପିଂରେ ଉନ୍ନତି ହେଲେ ସେ ଏକ ସ୍ୱତନ୍ତ୍ର ପ୍ରତିଭା ଭାବେ ଉଭା ହେବେ। ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱକୁ ଯେତେ ପ୍ରଶଂସା କଲେ କମ୍ ହେବ। ଦଳର ପ୍ରତ୍ୟେକ ଯୁବ ଖେଳାଳିଙ୍କୁ ସେ ସମର୍ଥନ କରିଛନ୍ତି। ତାଙ୍କ ପ୍ରଶଂସା ପାଇଁ ମୋ ପାଖରେ ଭାଷା ନାହିଁ।

ଅଷ୍ଟ୍ରେଲିଆ ଦଳ ମଧ୍ୟ ସୁନ୍ଦର ଭାବେ ଲଢେଇ କରିଛି। ଭାରତ ଆମକୁ ସବୁ ଦିଗରେ ପରାସ୍ତ କରିଛି ବୋଲି ଅଧିନାୟକ ଟିମ୍ ପେନ ସ୍ୱୀକାର କରିଛନ୍ତି। କ'ଣ ଭୁଲ ରହିଲା ସେ ନେଇ ଅବଶ୍ୟ ଆକଳନ କରାଯାଇପାରେ। ବୋଲରମାନେ କେତେଥର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତେବେ କ୍ରମାଗତ ଦୁଇଟି ଟେଷ୍ଟର ଅନ୍ତିମ ଦିବସରେ ବୋଲରମାନେ ଯଥାକ୍ରମେ ୩ ଓ ୫ ଉଇକେଟ ହାସଲ କରିବା ନିଶ୍ଚିତ ଭାବେ ନୈରାଶ୍ୟଜନକ।

ଆଜି କିନ୍ତୁ ଭାରତୀୟଙ୍କ ବିଜୟ ନେଇ ଚର୍ଚ୍ଚା ହେବା ଉଚିତ। ଭାରତୀୟ ଦଳ ସମାଲୋଚକଙ୍କୁ ଭୁଲ ପ୍ରମାଣିତ କରିଛି। ଦୀର୍ଘ ବର୍ଷ ପାଇଁ ଭାରତର ଏହି ସିରିଜ ବିଜୟକୁ ମନେ ରଖାଯିବ। -(ଗେମ୍‌ପ୍ଲାନ୍)




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ପାଇକମାଲରେ ନିରାପତ୍ତା ପ୍ରଶିକ୍ଷଣ ଶିବିର**

ପାଇକମାଲ (ଡି.ଏନ.ଏ); ପାଇକମାଲ ବିଦ୍ୟୁତ୍ ସବଷ୍ଟେଶନ ପରିସରରେ ନିରାପତ୍ତା ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀର ସେଫ୍ଟି ମ୍ୟାନେଜର ଆନନ୍ଦ ଗୌରବ ନିଜକୁ ବଞ୍ଚାଇବା ସହିତ ଅନ୍ୟମାନଙ୍କୁ କିପରି ବିଦ୍ୟୁତ୍ ଆଘାତରୁ ବଞ୍ଚାଇହେବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ପାଇକମାଲ ଓ ଝାରବନ୍ଧ ସେକ୍ସନର ୪୦ ଜଣ ସ୍ଥାୟୀ ଏବଂ ଅସ୍ଥାୟୀ କର୍ମଚାରୀ ଭାଗ ନେଇଥିଲେ । ବିଭାଗୀୟ ଏସ୍‌ଡିଓ ପୁରନ୍ଦର ସାହୁ, ଜେଇ ମନୋଜ କୁମାର ମେହେର, ଅମରେଶ କନ୍ଧ, ବଡ ଶତପଥି ପ୍ରମୁଖ ଯୋଗଦାନ କରିଥିଲେ। ଆଗାମୀ ଦିନରେ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ସେଫ୍ଟି କିଟ୍ ଯୋଗାଇ ଦିଆଯିବ ବୋଲି ଗୌରବ କହିଥିଲେ ।



**ସଂକ୍ଷେପରେ**

## ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

**ଭବାନୀପାଟଣା,୧୯।୧ (ଡି.ଏନ.ଏ.):** ବର୍ଷେ ତଳେ ଘଟିଥିବା ଜଣେ ନାବାଳିକା ଅପହରଣ ଓ ନିର୍ଯାତନା ଘଟଣାରେ ଭବାନୀପାଟଣା ପୋଲିସ ସ୍ଥାନୀୟ ଅମଗଛପଡାର କ୍ଷୀରୋଦ ବିଶି (୨୫)ଙ୍କୁ କୋରାପୁଟର ଜିଲା ଜୟପୁରରୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନାନୁସାରେ କ୍ଷୀରୋଦ ଗତ ୧୦।୧।୨୦୧୯ରେ ଜଣେ ନାବାଳିକାଙ୍କୁ ଅପହରଣ କରି ଯୌନ ନିର୍ଯାତନା ଦେଇଥିଲେ। ଏ ନେଇ ଝିଅର ପରିବାର ପକ୍ଷରୁ ଭବାନୀପାଟଣା ଥାନାରେ ଏତଲା ଦିଆଯିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ରବିବାର କ୍ଷୀରୋଦ ଜୟପୁରରେ ଥିବା ସୂଚନା ପାଇ ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ଟିମ ସେଠାକୁ ଯାଇ ଯୁବତୀଙ୍କୁ ଠାବ କରିବା ସହ କ୍ଷୀରୋଦଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ନାବାଳିକା ଜଣକ ସାବାଳିକା ହୋଇଥିବା ଜଣାପଡିଛି।

## ଅର୍ଣ୍ଣବଙ୍କ ଗିରଫ ଦାବିରେ ବିକ୍ଷୋଭ

**ଭବାନୀପାଟଣା,୧୯।୧ (ଡି.ଏନ.ଏ.):** ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କ ସୋସିଆଲ ମିଡିଆରେ ହୋଇଥିବା ଚାଟ ଏବେ ପ୍ରଘଟ ହୋଇଛି। ଏହା ଦେଶଦ୍ରୋହି କାର୍ଯ୍ୟ ବୋଲି ଅଭିଯୋଗ କରି ଏହାର ପ୍ରତିବାଦରେ କଳାହାଣ୍ଡି ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଭବାନୀପାଟଣା ସହରସ୍ଥିତ ଷ୍ଟେଚ୍ୟୁ ଛକ ନିକଟରେ ଅର୍ଣ୍ଣବଙ୍କ ଗିରଫ ଦାବି କରି ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏଥିରେ ଅର୍ଣ୍ଣବଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ଉତ୍ସବ ସାହୁ, ବ୍ରଜ ସାହୁ, ମହମ୍ମଦ ସାହେବ, ସନ୍ଧ୍ୟାରାଣୀ ପ୍ରଧାନ, ଇନ୍ଦୁମତୀ ବାଣୁଆ, ଯୋଗେଶ୍ୱରୀ ଧଙ୍ଗଡାମାଝି, ସୁନୀଲ ନାଏକ, ନୂତନ ଗୋଖରିଆ, ସୁଶାନ୍ତ ପ୍ରଧଧାନୀ, ନିରଜ ଶର୍ମା, ସୋରଜ ବାଗ, ନିମାନ ନାଏକ, ପ୍ରିତମ ବେହେରା ପ୍ରମୁଖ ସାମିଲ ଥିଲେ।

## ୩୨ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ

**ତରବୋଡ/ନୂଆପଡା ଅଫିସ, ୧୯।୧ (ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକ କର୍ଲାକୋଟ ପଞ୍ଚାୟତ କୋଟାମାଲ, କିରେକେଲା, ଟାଙ୍ଗରୀପଡା, କିରେଝୋଲା, ସର୍ଗିମୁଣ୍ଡା ଓ ଦର ଗାଁର ୩୦ ହିତାଧିକାରୀଙ୍କୁ ଏବଂ ନାଗପଡା ପଞ୍ଚାୟତର ୨ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ବୋଡେନ ବ୍ଲକ ବିଜେଡି ସଭାପତି ଦୀକପାଳ ନାଗଙ୍କ ସହଯୋଗରେ ମୋଟ ୩୨ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ହିତାଧିକାରୀମାନେ ସହାୟତା ପାଇଁ ଧନ୍ୟବାଦ ଦେଇଛନ୍ତି ।

# ୩୨ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ସୋନପୁର,୧୯।୧(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର କ୍ୟାମ୍ପସ୍‌ରେ ଜଣେ ଦଳିତ ଯୁବତୀଙ୍କୁ ବଳାତ୍କାର କରାଯିବାର ୩୨ ଘଣ୍ଟା ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ । ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ ସମୟ ଗଡାଇ ଚାଲିବା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଅପରପକ୍ଷରେ ତାଲିମ କେନ୍ଦ୍ରର ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତ ଦୃଶ୍ୟମାନ ହେଉଥିବା ବେଳେ ସେମାନେ ପୋଲିସ ଆଖିରୁ ଖସିଯିବା ଘଟଣାକୁ ସହରବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି । ଅନ୍ୟପକ୍ଷେ ଅଭିଯୁକ୍ତ ଦ୍ୱୟ ଚିହ୍ନଟ ହୋଇ ସାରିଲେଣି ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସୁବର୍ଣ୍ଣପୁରର ଭାରପ୍ରାପ୍ତ ଏସ୍‌ପି ପଦ୍ମିନୀ ସାହୁ ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ।

ପୀଡିତାଙ୍କ ଘର ବଲାଙ୍ଗୀରରେ । ସେ ତାଙ୍କ ମା'ଙ୍କ ସହିତ ସୋନପୁର ସହରକୁ ଆସି ଭଡା ଘରେ ରହୁଛନ୍ତି । ମା, ଝିଅ ଲୋକଙ୍କ ଘରେ କାମ ଧନ୍ଦା କରି ଚଳୁଥିଲେ । ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ୨ ଜଣ ଯୁବକ ତାଙ୍କ ଘରକୁ ଆସିଥିଲେ । ସର୍କିଟ୍ ହାଉସ୍ ନିକଟସ୍ଥ ଅଫିସରେ ଭୋଜିଭାତ ହେଉଛି ।



ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଆଇଆଇସି ତଦନ୍ତ କରୁଛନ୍ତି ।

ସେଠାରେ କାମ କରିବାକୁ କହି ତାଙ୍କୁ ଡାକି ନେଇଥିଲେ । ତେବେ ପଛ ପଟ ଦେଇ ତାଲିମ କେନ୍ଦ୍ରର ଭିତରକୁ ନେଇ ସ୍ପଷ୍ଟ ଦିବାଲୋକରେ ଦୁହେଁ ବଳାତ୍କାର କରିଥିଲେ। ସୂଚନା ପାଇ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଉତ୍କଳ କେଶରୀ ଦାସ, ଡିଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ, ହେମସାଗର ନନ୍ଦ ଓ ଆଇଆଇସି ପୁଷ୍ପେନ୍ଦୁ ସାଗର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପୀଡିତା ସେଠାରେ ଏକୁଟିଆ କାନ୍ଦୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ଖସି ପଳାଇ ସାରିଥିଲେ । ପୋଲିସ

**ସୁବର୍ଣ୍ଣପୁରରେ ଯୁବତୀଙ୍କୁ ଗଣ ବଳାତ୍କାର ଘଟଣା**

**■ ଅଭିଯୁକ୍ତଙ୍କୁ ଚିହ୍ନଟ ସରିଛି, ଖୁବଶୀଘ୍ର ଗିରଫ କରାଯିବ: ଏସ୍‌ପି**

ଘଟଣାସ୍ଥଳରୁ ପୀଡିତାଙ୍କ ପୋଷାକ ଜବତ କରିବା ସହ ତାଙ୍କର ଡାକ୍ତରୀ ପରୀକ୍ଷା କରିଛି । ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି । ସର୍କିଟ୍ ହାଉସ ନିକଟସ୍ଥ ତାଲିମ କେନ୍ଦ୍ରକୁ ଏକ ସଂସ୍ଥା ଭଡାରେ ନେଇ ଯୁବତୀ ଯୁବକଙ୍କୁ ପାଇପ୍ ମିସ୍ତ୍ରୀ ତାଲିମ ଦେଉଥିଲେ । କୋଭିଡ୍ ୧୯ ମହାମାରୀ ପାଇଁ ଗତ ୧୦ ମାସ ଧରି ଏଠାରେ ତାଲିମ କାର୍ଯ୍ୟ ବନ୍ଦ ରହିଛି । ଏହି ସୁଯୋଗରେ ସମ୍ପୃକ୍ତ ଅଞ୍ଚଳ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

## କ୍ରିକେଟ୍ ଟୁର୍ନାମେଣ୍ଟ: କୁସୁମଦର ଚାମ୍ପିୟନ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ଭବାନୀପାଟଣା, ୧୯।୧ (ଡି.ଏନ.ଏ.)**

ଆମ୍ବେଡକର ସ୍ପୋର୍ଟସ କ୍ଲବ ନାଦୋଲ ଦ୍ୱାରା ଚାଲିଥିବା ରୁକ୍ମିଣୀ କର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ୧୮ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଜୟଦୁର୍ଗା ଖେଳ ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କୁସୁମଦର ସହିତ କଳମ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁସୁମଦର ଦଳ ବିଜୟୀ ହୋଇଥିବା ବେଳେ କଳମ ଦଳ ରନରର୍ସଅପ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଛବିଲାଲ ନିଆଲ, ପ୍ରକୃତି ବନ୍ଧୁ ତଥା ବରିଷ୍ଠ ରାଜନିତୀଜ୍ଞ ଯତିନ୍ଦ୍ର କର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ତଲଜାରିଙ୍ଗ ସରପଞ୍ଚ କୁଞ୍ଜ ବିହାରୀ ପ୍ରଧାମା, ଅବସରପ୍ରାପ୍ତ ଶିକ୍ଷାବିତ ନୀଳକଣ୍ଠ କର, କୃଷି ସମବାୟ ସମିତି କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ମହାନନ୍ଦ, ସ୍ଥାନୀୟ ସରପଞ୍ଚ ମମତା କର ଯୋଗଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବ କର୍ମକର୍ତ୍ତା ତ୍ରିଲୋଚନ ସାହୁ, କାହ୍ନା ପଟ୍ଟନାୟକ, ନରେଶ କର, ଅଭିଜିତ କର, ବାଦଲ କର, ରମେଶ ଗୁଆ, ସାଗର ବିଶ୍ୱାଳ ଓ ବିନୟ କୁମାର ସାହୁ ଅନ୍ୟ ସଦସ୍ୟମାନେ ଆୟୋଜନ କରିଥିଲେ। ନିରେଶ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଫାସେଡକୁ ହରାଇ ଶିରାବାହାଲ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଶିରାବାହାଲ ଦଳର ଖେଳାଳିମାନେ।

**ଦେଓଗାଁ,୧୯।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବୁଦେଲଗୁମାରେ ଚାଲିଥିବା ଆନ୍ତଃଜିଲା ଚୈତନ୍ୟ ଠାକୁର ତ୍ରିସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଫାସେଡ ଓ ଶିରାବାହାଲ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ଶିରାବାହାଲ ଦଳ ୫-୪ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଖେଳକୁ ସର୍ଜନ କୁଦେଇ, ବିକ୍ରମ ବାଙ୍କ ଓ ବଳରାମ ବାଗ ପରିଚାଳନା କରିଥିଲେ। କମିଟିସଭାପତି ସତ୍ୟନାରାୟଣ ବୁଡେକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ଜିଲାର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ସଫଳ ସମାପନରେ ଆୟୋଜକ କମିଟି ଉପସଭାପତି ନେପାଳ ନନ୍ଦ, ଜୟ ନନ୍ଦ, ଲକ୍ଷପତି ବାଗ, ଦୁର୍ଯ୍ୟୋଧନ ରାଉତ, ଜଗବନ୍ଧୁ ବାଗ, ତୀର୍ଥ ଭୋଇ, ଚତୁର୍ଭୁଜ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# ପୁସ୍ତକ ଅସୁମାରୀ ସ୍ୱପ୍ନ ଉନ୍ମୋଚିତ

**ସୋନପୁର,୧୯।୧(ନି.ପ୍ର.)**

ବିଧାନସଭା ପରିସରସ୍ଥିତ ବାଚସ୍ପତିଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତକାର ଘାସିରାମ ପଣ୍ଡାଙ୍କ ପୁସ୍ତକ ଅସୁମାରୀ ସ୍ୱପ୍ନ ସୋମବାର ଉନ୍ମୋଚିତ ହୋଇଯାଇଛି। ଓଡିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିବା ସହ ପ୍ରବନ୍ଧଗୁଡିକ ଉଚ୍ଚମାନର ଓ ସମସାମୟିକ ସମସ୍ୟା ଆଧାରିତ ବୋଲି କହିଥିଲେ। ଅସୁମାରୀ ସ୍ୱପ୍ନ ଏକ ପ୍ରବନ୍ଧ ସଙ୍କଳନ। ଏଥିରେ ଲେଖକ ତଥା ସାମାଜିକକର୍ମୀ ପଣ୍ଡାଙ୍କ ୩୬ଟି ପ୍ରବନ୍ଧ ପ୍ରକାଶ ପାଇଛି। ପ୍ରବନ୍ଧଗୁଡିକ ପୂର୍ବରୁ ଧରିତ୍ରୀ ସମେତ ଓଡିଶାର



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟ ଅତିଥି ବୃନ୍ଦ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧକ୍ଷା କସ୍ତୁରୀ ମହାପାତ୍ର, ମହିଳା କମିଶନର ଅଧକ୍ଷା ଡ. ମିନତୀ ବେହେରା, ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଏକ୍ସନ୍ ଏଡ୍‌ର ସହାୟକ ନିର୍ଦ୍ଦେଶକ ଦେବବ୍ରତ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଓଡିଶା ବିଧାନସଭାର ସଚିବ ଦାଶରଥି ଶତପଥୀ ଏଥିରେ ଅଧକ୍ଷତା କରିଥିଲେ।

## ବ୍ୟାଡ଼ମିଣ୍ଟନ ଆସୋସିଏଶନ ବୈଠକ, ନୂତନ କମିଟି ଗଠିତ

**ଜୁନାଗଡ, ୧୯।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ବିଜୁପଟ୍ଟନାୟକ ଷ୍ଟାଡିୟମ ବ୍ୟାଡମିଣ୍ଟନ ଇନଡୋର ହଲ୍‌ଠାରେ ଏକ ବୈଠକ ହୋଇଥିଲା। ଏଥିରେ ଜୁନାଗଡ ସହର ବ୍ୟାଡମିଣ୍ଟନ ପ୍ରେମୀମାନେ ଭାଗ ନେଇଥିଲେ। ସର୍ବସମ୍ମତିକ୍ରମେ ବ୍ୟାଡମିଣ୍ଟନ ଆଶୋସିଏସନକୁ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହିକ୍ରମରେ ବ୍ୟାଡମିଣ୍ଟନ ଆଶୋସିଏସନ ମୁଖ୍ୟ ପରିଚାଳକ ଭାବେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମନୋନୀତ ହୋଇଥିଲେ। ସଭାପତି ଭାବେ ସମୀର କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଣ୍ଡା, ଉପସଭାପତି ଉମେଶ କୁମାର ଜୈନ, ରଜନୀ କାନ୍ତ ଦାଶ, ମିସ୍ ଜଲି ପରାଭୋଇ, ସମ୍ପାଦକ ନରେଶ୍ୱର ସୁନାନୀ, ଯୁଗ୍ମ ସମ୍ପାଦକ ରାକେଶ କୁମାର ବେମାଲ, ବିବେକାନନ୍ଦ ନାଏକ,ମିସ୍ ରଶ୍ମିତା ଶବର, କୋଷାଧ୍ୟକ୍ଷ ମାନସ ରଞ୍ଜନ ସାହୁ, ଆଇନ ଉପଦେଷ୍ଟା ମଦନ ମୋହନ ସାହୁ, ଉପଦେଷ୍ଟା ହିମାଂଶୁ ଶେଖର ବରାଡ, ମହେଶ କୁମାର ସାହୁ, ସନ୍ଦୀପ କୁମାର ସାହୁ, ବିଭୁତି ଭୂଷଣ ପଣ୍ଡା, କାଳିନ୍ଦି ଚରଣ ପାଣିଗ୍ରାହୀ ସମେତ ୧୭ କାର୍ଯ୍ୟକାରୀ ସଦସ୍ୟ ମନୋନୀତ ହୋଇଛନ୍ତି ।

# ସଡ଼କ ସୁରକ୍ଷା ପାଇଁ ଜନସଚେତନତା ରଥ ଶୁଭାରମ୍ଭ

**ଭବାନୀପାଟଣା, ୧୯।୧ (ଡି.ଏନ.ଏ.)**

ସୋମବାରଠାରୁ ଆସନ୍ତା ଫେବୃୟରୀ ୧୭ ଯାଏ ୩୨ତମ ସଡକ ସୁରକ୍ଷା ମାସ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର କଳାହାଣ୍ଡି ଜିଲାପାଳଙ୍କ ଅଫିସ ପରିସରରୁ ଏକ ଜନସଚେତନତା ରଥ ବାହାରିଛି। ଏହି ରଥ ଏକ ମାସ ଧରି ଜିଲାର ପ୍ରତି ଗ୍ରାମପଞ୍ଚାୟତ ଗସ୍ତ କରି ଜନସାଧାରଣଙ୍କୁ ଲିଫଲେଟ ବଣ୍ଟନ କରି ସଡକ ସୁରକ୍ଷା ସମ୍ପର୍କରେ ଜନସଚେତନତା କରିବ। କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷଦ, ଏସ୍‌ପି ଡ. ଶ୍ରବଣ ବିବେକ ଏମ୍.ଙ୍କ ନିର୍ଦ୍ଦେଶରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରଥର ଶୁଭାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିରିକା ଓ ସିନିୟର ଏମ୍‌ଭିଆଇ ଶ୍ରୀବଚ୍ଛ ଦଳେଇଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ହ୍ୟାଲମେଟ ଚେକିଂ, ନିଶାଖୋର ଗାଡିଚାଳକଙ୍କୁ ଧରାଯିବା ସହ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସିରିକା ପ୍ରକାଶ କରିଥିଲେ। କମ୍ ବୟସ ପୁଅଝିଅମାନଙ୍କୁ ଯାନବାହନ ଚଳାଇବା ସକାଶେ ସୁଯୋଗ ଦେଉଥିବା ପିତାମାତାଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଟ୍ରାଫିକ ପୋଲିସ କର୍ମଚାରୀ ଏବଂ ଜନସଚେତନରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସିରିକା ପ୍ରକାଶ କରିଛନ୍ତି।

## ମାନସିକ ଅନଗ୍ରସରଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

**ଖପ୍ରାଖୋଲ, ୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ଅନଗ୍ରସର ରୋଗୀଙ୍କ ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିର ଶୁଭାରମ୍ଭ ସମୟରେ ଭୀମ ଭୋଇ ମେଡିକାଲ କଲେଜ ଆସିଷ୍ଟାଣ୍ଟ ପ୍ରଫେସର ଆଶୀର୍ବାଦ ଶତପଥୀ, ବିଭାଗୀୟ ପ୍ରୋଗ୍ରାମ ଅଫିସର ସୁଖିଶ୍ୟାମ ତ୍ରିପାଠୀ, ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ସୁରଜ ଦୀପ ଉପସ୍ଥିତ ଥିଲେ। ଶିବିରରେ ୬୦ ମାନସିକ ଅନଗ୍ରସର ରୋଗୀ ଉପସ୍ଥିତ ଥିଲେ। ମାନସିକ ରୋଗ ବିଶେଷଜ୍ଞ ଡା. ଶତପଥୀ ସେମାନଙ୍କ ଚିକିତ୍ସା କରି ଔଷଧ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଲଚନ୍ଦ୍ର ଛତ୍ରିଆ, ଶ୍ରୀଧର ନାଗ, ଯୁଗଳ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସୁସ୍ଥ ହୋଇ ଫେରିଲେ ୨ ନାବାଳିକା ହୃଦ୍‌ରୋଗୀ



**ଖଡିଆଳ,୧୯।୧ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଭୁଲୁଡୋଙ୍ଗରୀ ଗ୍ରାମର ୨ ଜଣ ନାବାଳିକା ସରସ୍ୱତୀ ମାଝି (୫) ଓ ଲୁଚିକା ମାଝି (୧୨)ଙ୍କୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟସେବା ଯୋଜନାରେ ଗତ ବୁଧବାର ଏକ ସ୍ୱତନ୍ତ୍ର ଆମ୍ବୁଲାନରେ ରାୟପୁରସ୍ଥିତ ଏମଏମଆଇ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଏମଏମଆଇ ହସ୍ପିଟାଲର ସଫଳ ଅସ୍ତ୍ରୋପଚାର ପରେ ଏହି ୨ ନାବାଳିକା ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଭ୍ରାମ୍ୟମାଣ ଚିକିତ୍ସା ଦଳ ଭାଲୁଡୋଙ୍ଗରୀ ଗ୍ରାମକୁ ଯାଇ ସରସ୍ୱତୀ ଓ ଲୁଚିକାଙ୍କୁ ଡା. ଆଦିତ୍ୟ ଯୋଶୀ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ତାଙ୍କର ଅସ୍ତ୍ରୋପଚାର ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ଡା. ଯୋଶୀ ପ୍ରକାଶ କରିଥିଲେ।

# ଏଫ୍‌ଏକ୍ୟୁ ଆଳରେ କଟନୀ ବନ୍ଦ କରିବାକୁ ତାଗିଦା

**ଲୋଇସିଂହା,୧୯।୧(ଡି.ଏନ.ଏ)**

**ମଣ୍ଡି ପରିଦର୍ଶନ କଲେ ବିଧାୟକ**

ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମଙ୍ଗଳବାର ବ୍ଲକର ଯୋଗୀସର୍ଡା, ବୁର୍ଡା, ଲୋଇସିଂହା, କନ୍ଦାଜୁରୀ ଓ କୁଶଙ୍ଗ ପ୍ୟାକ୍ସ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ବିଭାଗୀୟ ଏଆରସିଏସ ଅନନ୍ତ ନାୟକ, ଗୋଗିନ୍ଦ ବାଗ, ଏସିଏସଓ ଶରତ ରାଉତ ଉପସ୍ଥିତ ଥିଲେ । ପ୍ରତ୍ୟେକ ମଣ୍ଡିରେ ଧାନକିଣାରେ ଅଚଳାବସ୍ଥା ଓ ଅନିୟମିତତାର ଅଭିଯୋଗ କରିଥିଲେ ଚାଷୀ। ଯୋଗୀସର୍ଡା ପ୍ୟାକ୍ସ ଗସ୍ତ ବେଳେ ମଣ୍ଡି ବାହାରେ ୩୬ଶହ ପ୍ୟାକେଟ ଧାନ ବିକ୍ରି ଅପେକ୍ଷାରେ ପଡି ରହିଥିବା ଦେଖାଯାଇଥିଲା। ଟାର୍ଗେଟ ପାଇଥିବା ମିଲର୍ସ ଧାନ ଉଠାଇବାକୁ ନ ଆସିବାରୁ ଏହି ସମସ୍ୟା ହେଉଥିବା ପ୍ୟାକ୍ସ କର୍ମଚାରୀ ଜଣାଇଥିଲେ । ସୁନୀଲ ଦାସ, ମଛିନ୍ଦ୍ର ସାହୁଙ୍କ ସମେତ ବହୁ ଚାଷୀଙ୍କ ଅଭିଯୋଗ ଥିଲା ଯେ, ଚାଷୀଙ୍କ ପ୍ରତି ଗୁରୁତ୍ୱ ଦିଆ ନ ଯାଇ ବେପାରୀଙ୍କ ଧାନ ଉଠାଇବାରେ କର୍ମଚାରୀ ତତ୍ପରତା ପ୍ରକାଶ କରୁଛନ୍ତି। ଦୁଇଦିନ ମଧ୍ୟରେ ପଡିଥିବା ଧାନ ଉଠିଯିବ ବୋଲି ଏସିଏସଓ ରାଉତ କହିଥିଲେ। ବୁର୍ଡା ପ୍ୟାକ୍ସରେ ମଧ୍ୟ ସମାନ ଅଭିଯୋଗ ରହିଥିଲା । ଶଙ୍କର ସାହୁ ୩ କେଜି ଧାନ କଟନୀଛଟନୀ ହେଉଥିବା ଅଭିଯୋଗ କରିଥିଲେ । ସୁଦୀପ ସା ଅଭିଯୋଗ କରିଥିଲେ ଯେ, ପ୍ରକୃତ ଚାଷୀ ଧାନ ବିକି ପାରୁ ନ ଥିବାବେଳେ ନକଲି ଭାଗଚାଷୀଙ୍କ ନାମରେ ଧାନକିଣା ଯାଉଛି । ଲୋଇସିଂହା ପ୍ୟାକ୍ସରେ ୧୮ଚାଷୀଙ୍କ ୮ଶହ କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ପଡିରହିଥିବା ଜଣା ପଡିଛି। ପ୍ରତ୍ୟେକ ପ୍ୟାକ୍ସରେ ଗଜାନନ ମିଲର୍ସ ଧାନ ଉଠାଇବାରେ ଅବହେଳା ପ୍ରଦର୍ଶନ କରୁଥିବାରୁ ମିଲର୍ସ ଏଜେଣ୍ଟଙ୍କୁ ତ୍ୱରିତ ଧାନ ଉଠାଇବାକୁ ଏସିଏସଓ ଓ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ହେଲେ ମିଲର୍ସ ଏଜେଣ୍ଟ ଗାଡି ସମସ୍ୟା ଆଳ ଦେଖାଇଥିଲେ । ଏହାପରେ ବିଧାୟକ ଓ ଅଧିକାରୀ କନ୍ଦାଜୁରୀ ଓ କୁଶଙ୍ଗ ପ୍ୟାକ୍ସ ପରିଦର୍ଶନ କରିଥିଲେ । ମିଲର୍ସ ଓ ପ୍ୟାକ୍ସ କର୍ମଚାରୀ ମଧୁଚନ୍ଦ୍ରିକା ବନ୍ଦ କରି ଏଫଏକ୍ୟୁ ଆଳରେ କଟନୀଛଟନୀ ବନ୍ଦ କରିବାକୁ ବିଧାୟକ ଅଧିକାରୀ ଓ ପ୍ୟାକ୍ସ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ।

# ଧାରଣାରେ ବସିଲେ ଚାଷୀ

**ବରଗଡ଼ ଅଫିସ୍,୧୯।୧**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ ମିଳିପାରିନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଉକ୍ତ ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳଙ୍କ ଅଫିସକୁ ଆସି ଧାରଣାରେ ବସିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଚାଷୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିବା ସହିତ ଆଲୋଚନା କରିଥିଲେ। ଆସନ୍ତା ଶୁକ୍ରବାର ସମବାୟ ସଂସ୍ଥା, ବ୍ୟାଙ୍କ, ବୀମା କମ୍ପାନୀ, ପ୍ରଶାସନିକ ଅଧିକାରୀ ଏବଂ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ଏକ ବୈଠକ ବସିବ। କେଉଁ ପରିସ୍ଥିତିରେ ଉକ୍ତ ପଞ୍ଚାୟତର ଚାଷୀମାନେ ଫସଲବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେ ଦିଗରେ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ ଚାଷୀମାନଙ୍କୁ କହିଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଓହରିଥିଲେ।

ପ୍ରକାଶ ଯେ, ଗତ ରବି ଋତୁ ସହିତ ୨୦୧୯ ଖରିଫ୍‌ରେ ବୁଗବୁଗା



ବୀମା କ୍ଷତିପୂରଣ ଦାବିରେ ବରଗଡ଼ ଜିଲାପାଳ ଅଫିସ ଆଗରେ ଚାଷୀଙ୍କ ଧାରଣା ।

**ଏଯାଏ ମିଳିନି ବୀମା କ୍ଷତିପୂରଣ**

ପଞ୍ଚାୟତରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ଏପର୍ଯ୍ୟନ୍ତ ରବିଋତୁ ଫସଲକ୍ଷତି ବାବଦ ଉକ୍ତ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିପାରିନାହିଁ। ସେହିପରି ୨୦୧୯ ଖରିଫ ଫସଲକ୍ଷତିରେ ପ୍ରଭାବିତ ୫୪ଜଣ ଚାଷୀ ମଧ୍ୟ କ୍ଷତିପୂରଣ ପାଇନାହାନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୪ ତାରିଖରେ ଏ ନେଇ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ମାତ୍ର କିଛି ସୁଫଳ ନ ମିଳିବାରୁ ଚାଷୀମାନେ ମଙ୍ଗଳବାର ଧାରଣା ଦେଇଥିଲେ। ଚାଷୀନେତା ରବିନ୍ଦ୍ର ବିଶି, ଚୈତନ୍ୟ କର୍ଣ୍ଣ, ଜୟକୃଷ୍ଣ ସାହୁଙ୍କ ନେତୃତ୍ୱରେ ଘନଶ୍ୟାମ ଛନ୍ଦ, ହେମବନ୍ତ ବନଛୋର, ହେମନ୍ତ କର୍ମୀ, ବ୍ରଜ ଛନ୍ଦ, ଉପେନ୍ଦ୍ର ବେହେରା, ଯୁଗଳ କିଶୋର ସାହୁଙ୍କ ସମେତ ଶତାଧିକ ଚାଷୀ ଧାରଣାରେ ସାମିଲ ହୋଇଥିଲେ।

## ଲୋକଙ୍କ ପାଖକୁ ଯାଇ ଅଭିଯୋଗ ଶୁଣିଲେ ଜିଲାପାଳ

**କେସିଙ୍ଗା, ୧୯।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳ ଡ. ଗାଭାଲି ହର୍ଷଦ ପରାଗ କେସିଙ୍ଗା ବ୍ଲକ ଲଇତରା ଗ୍ରାମପଞ୍ଚାୟତ ବିଭିନ୍ନ ଗାଁକୁ ଯାଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ସୋମବାର ସକାଳ ୮ଟାରୁ ୧୦ଟା ଯାଏ ଲଇତରା ପଞ୍ଚାୟତରେ ଜନଶୁଣାଣି କରିଥିଲେ। ଗ୍ରାମପଞ୍ଚାୟତର ପ୍ରାୟ ୩୦୦ ଶହ ଲୋକେ ଶିବିରରେ ଯୋଗଦେଇଥିଲେ। କାଣ୍ଡେଲ ଗ୍ରାମପଞ୍ଚାୟତ ପରିଦର୍ଶନ କରି ପଞ୍ଚାୟତର ବିଭିନ୍ନ ସମସ୍ୟା ସମୀକ୍ଷା କରିଥିଲେ। କାଣ୍ଡେଲ ପଞ୍ଚାୟତରେ ୨୫୦ଜଣ ଲୋକ ଯୋଗଦେଇଥିଲେ। ସେହିପରି ସିରୋଲ ଗ୍ରାମପଞ୍ଚାୟତ ପରିଦର୍ଶନ କରି ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ଲୋକେ ଯୋଗଦେଇଥିଲେ। ବୃଦ୍ଧାବୃଦ୍ଧମାନଙ୍କ ଭତ୍ତା, ଚାଉଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କାଳିଆ ଯୋଜନା, ଆଧାର, ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ, ଧାନ ମଣ୍ଡି, ବିଦ୍ୟୁତ, ଶିକ୍ଷା ଆଦି ବିଷୟରେ ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜନଶୁଣାଣି ଶିବିରରେ ପ୍ରତ୍ୟେକ ବିଭାଗ ଉଚ୍ଚାଧିକାରୀ ଉପସ୍ଥିତ ଥିଲେ।

## ତାଲିମ ନେଲେ କୃଷକ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି ବିଭାଗ ପକ୍ଷରୁ ବାଦିମଣ୍ଡାଠାରେ ଚାଷୀମାନଙ୍କୁ ନେଇ ଏକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କୃଷି ଅଧିକାରୀ ସୁମିତ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଡିଓ ହିମାଂଶୁ ଶେଖର ପଣ୍ଡା, ସ୍ୱସ୍ତିକ ପଣ୍ଡା, ହରିହର ନାୟକ, ନାଏବ ସରପଞ୍ଚ କିରଣ ସାହୁ ଅତିଥିଭାବେ ଯୋଗଦେଇଥିଲେ । କୃଷି ଅଧିକାରୀମାନେ ଜୀବନ ନାଶକର ଠିକ୍ ଓ ନିରାପଦ ବ୍ୟବହାର ଉପରେ ଆଲୋକପାତ କରିଥିଲେ । ଶିବିରରେ ପଞ୍ଚାୟତ ବହୁ ଚାଷୀ ଓ ଗ୍ରାମ୍ୟ କୃଷି କର୍ମଚାରୀ ପିଙ୍କୁରଞ୍ଜନ ସାହୁ, ଧରିତ୍ରୀ ସାହୁ ଓ କୃଷକସାଥୀ ସରସ୍ୱତୀ ପଟେଲ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**ସଇଁତଲା, ୧୯।୧ (ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ମହଗାଁଠାରେ ମଙ୍ଗଳବାର ସନ୍ଧ୍ୟାରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେଲିସରାବାହାଲି ଗ୍ରାମର ଝସକେତନ ସାହୁ (୪୫)। ଆହତ ଗୁଣନିଧି ସାହୁ(୩୦) ଓ ମଧୁସ୍ମିତା ସାହୁ (୨୦)ଙ୍କୁ ଭୀମ ଭୋଇ ମେଡ଼ିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ବାଇକ (ନଂ. ଓଡ଼ି ୦୩ ଏନ୩୦୨୭)ରେ ତିନି ହେଁ ସଇଁତଲା ନିକଟ ଜଲିଆ ଗ୍ରାମରୁ ତେଲିସରାବାହାଲିକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇ ଯାଇଥିଲେ। ଅଗ୍ନିଶମ ବିଭାଗ ତିନିଜଣଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

### ଭ୍ରାମ୍ୟମାଣ କୋଭିଡ ପରୀକ୍ଷଣ ଟିମ୍‌କୁ କାରଣଦର୍ଶାଅ ନୋଟିସ୍

**ଲୋଇସିଂହା,୧୯।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭ୍ରାମ୍ୟମଣ କୋଭିଡ-୧୯ ପରୀକ୍ଷଣ ଟିମକୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଉକ୍ତ ଟିମ ଡ୍ୟୁଟିରେ ଅବହେଳା ପ୍ରଦର୍ଶନ କାରଣରୁ ଏପରି ପଦକ୍ଷେପ ନିଆଯାଇଥିବା କୋଭିଡ ଆରଆରପି ନୋଡାଲ ଅଫିସର ଶେଖର ପଧାନ କହିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳକୁ ଯାଇ କୋଭିଡ ପରୀକ୍ଷଣ ପାଇଁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କେତେକ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଇଛି। ଭ୍ରାମ୍ୟମାଣ ଉକ୍ତ କୋଭିଡ ପରୀକ୍ଷଣ ଟିମକୁ ପ୍ରତ୍ୟହ ଟାର୍ଗେଟ ଦିଆଯାଇଥାଏ । ଏହିକ୍ରମରେ ଗତ ୧୭ ତାରିଖରେ ବ୍ଲକର ତବଲନାର୍ଜି ଓ ଦାଣ୍ଡପାଣି ଗାଁରେ ଭ୍ରାମ୍ୟମାଣ ପରୀକ୍ଷଣ ଶିବିର ଥିଲା। ହେଲେ ଉକ୍ତ ଟିମ କୁଆଡେ ପରୀକ୍ଷଣ ନ କରି ବଣଭୋଜି କରିବାକୁ ଯାଇଥିଲେ। ଏପରିକି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରୀକ୍ଷଣ କରାଯାଇଥିବା ନେଇ ଭୁଲ ତଥ୍ୟ ଦେଇଥିଲେ। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଜିଲାପଳଙ୍କ ନିର୍ଦ୍ଦେଶରେ ଉକ୍ତ ଟିମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କାରଣଦର୍ଶାଅ ନୋଟିସ୍ କରିଥିବା ପଧାନ ଜଣାଇଛନ୍ତି।

### ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମଶାଳା

**ଲୋଇସିଂହା,୧୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅନ୍ତର୍ଗତ ବିନ୍ଧାପାଲି କଲ୍ୟାଣ ମଣ୍ଡପରେ ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସିଡବ୍ଲ୍ୟୁଏସ ଓ ଏଏସଡବ୍ଲ୍ୟୁ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଗଣେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବର୍ତ୍ତମାନର ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ନିରାକରଣ ଦିଗରେ ପରାମର୍ଶ ଦେଇଥିଲେ । ଗାଁସ୍ତରରେ ଥିବା ସ୍ୱାସ୍ଥ୍ୟଯାଞ୍ଚ କମିଟି, ମାତୃ କମିଟି ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ କିପରି ଜରୁରିକାଳୀନ ସ୍ୱାସ୍ଥ୍ୟ ପରିସ୍ଥିତିରେ ପଦକ୍ଷେପ ନେଇ ପାରିବେ ତାଉପରେ ତାଲିମ ଦିଆଯାଇଥିଲା। ଗୋବିନ୍ଦ ବିଶି, ପ୍ରହ୍ଲାଦ ପଧାନ ଓ ପ୍ରଶାନ୍ତ କୁଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜଳ ମହାଦେବ ମନ୍ଦିର ପ୍ରାଙ୍ଗଣ ସଫେଇ କଲା ସଂକ୍ରାନ୍ତି କମିଟି

**ଖପ୍ରାଖୋଲ, ୧୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କନ୍ଦରଭଟାର ତ୍ରିଲିଙ୍ଗେଶ୍ୱର ଜଳ ମହାଦେବର ଝରଣା ଚାରିପାଖ ଓ ମନ୍ଦିର ପ୍ରାଙ୍ଗଣକୁ ସଂକ୍ରାନ୍ତି କମିଟି ତରଫରୁ ମଙ୍ଗଳବାର ସଫେଇ କରାଯାଇଥିଲା। ଦୀର୍ଘ ମାସ ହେବ କେହି ସଫା କରୁ ନ ଥିବାରୁ ଆବର୍ଜନାମୟ ହୋଇଥିଲା । ଶଶୀଭୂଷଣ ପୂଝାରୀଙ୍କ ନେତୃତ୍ୱରେ ଗଣେଶ ବେହେରା, ଜୟରାମ ବାରିକ, ପ୍ରହ୍ଲାଦ ଚାନ୍ଦ, ବିରଞ୍ଚି ମେହେର, ସାଧୁଚରଣ ମେହେର, ଉଦ୍ଧବ ଚାନ୍ଦ ପ୍ରମୁଖ ସଫେଇରେ ସହଯୋଗ କରିଥିଲେ।

### ଧନୁଯାତ୍ରା ପାଇଁ କମିଟି ଗଠିତ

**ଗୁଡ଼ଭେଲା,୧୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଲୁର୍କା ଧନୁଯାତ୍ରା ପାଇଁ ନୂତନ କମିଟି ଗଠନ ହୋଇଛି । ସରୋଜ ପ୍ରଧାନ ସଭାପତି, ଚଞ୍ଚଳ ପ୍ରଧାନ ସମ୍ପାଦକ, ଆନନ୍ଦ ପ୍ରଧାନ କୋଷାଧକ୍ଷ ମନୋନୀତ ହୋଇଛନ୍ତି। କର୍ତ୍ତା ଦାୟିତ୍ୱ ତୁଲାଇବେ ମନୋଜ ପ୍ରଧାନ। ପ୍ରସାଧୁ ପ୍ରଧାନ, ମନୋଜ ବଗର୍ତ୍ତା, ସୁଦର୍ଶନ ପ୍ରଧାନ ଓ ରଘୁନାଥ ବଘାର ସଭ୍ୟଭାବେ ମନୋନୀତ ହୋଇଛନ୍ତି।

# ନାରୀ ଜାଗରଣର ପୁରୋଧା ଥିଲେ ବହ୍ନିକନ୍ୟା

**ବରଗଡ଼ ଅଫିସ୍,୧୯।୧**



ଜୟନ୍ତୀ ସମାରୋହରେ ବରଗଡ଼ ମହିଳା କଲେଜ ସମ୍ମୁଖ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ମଙ୍ଗଳବାର ନାରୀ ଜାଗରଣର ପୁରୋଧା ତଥା ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଶଳ ଟାଇମ୍‌ର ସମ୍ପାଦକ ସଞ୍ଜୀବ ମହାପାତ୍ର ଯୋଗଦେଇ ବହ୍ନିକନ୍ୟାଙ୍କ ସ୍ମୃତିଚାରଣ କରିଥିଲେ। ବରଗଡ଼ ମହିଳା କଲେଜ ସମ୍ମୁଖରେ ମଧ୍ୟ ପାର୍ବତୀ ଗିରି ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟକ୍ଷା କମଳପ୍ରଭା କାପାନି, ଚ୍ୟାମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ଦିଲୀପ ସାଓ୍ୱଡ଼ିଆ, ମହିଳା କଲେଜର ଅଧ୍ୟକ୍ଷ ସୁନୀଲ ଦେବତା, ନିର୍ମଳ ଗିରି, ଅଧ୍ୟାପିକା ରୀନା କୁମାରୀ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ବହ୍ନିକନ୍ୟାଙ୍କ ଭୂମିକା, ନାରୀ ଜାଗରଣ ଉପରେ ଆଲୋକପାତ କରିଥିଲେ। ମହିଳା କଲେଜର ଛାତ୍ରୀମାନେ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଜିଲା କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ନିପନ ଦାଶ, ପାଣ୍ଡବ କର୍ଣ୍ଣ, ଅଭିଷେକ ନାୟକ, ଗୌରବ ପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସମଲେଇପଦର ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ଅତିରିକ୍ତ ସଚିବଙ୍କ ବରଗଡ଼ ଗସ୍ତ



ଅତିରିକ୍ତ ସଚିବ ସୋହେଲା ବ୍ଲକ ଚେପ୍‌ଟିବାହାଲରେ ମିଠାମକା କୃଷିକ୍ଷେତ୍ର ପରିଦର୍ଶନ କରୁଛନ୍ତି ।

**ବରଗଡ଼ ଅଫିସ୍,୧୯।୧**

**ଚାଷୀଙ୍କୁ ଭେଟିଲେ, କୃଷିକ୍ଷେତ୍ର ବୁଲିଲେ**

ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ (କୃଷି ଓ କୃଷକ ସଶକ୍ତୀକରଣ ବିଭାଗ) ତଥା ବରଗଡ଼ ଜିଲା ନୋଡ଼ାଲ ଅଫିସର ଦୟାନିଧି ନାୟକ ସୋମବାର ଓ ମଙ୍ଗଳବାର ଦୁଇଦିନିଆ ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ସେ ତାଙ୍କର ଏହି ଗସ୍ତରେ ଜିଲାର ବିଭିନ୍ନ ଅଞ୍ଚଳର କୃଷିକ୍ଷେତ୍ର ବୁଲିବା ସହିତ ଚାଷୀମାନଙ୍କୁ ଭେଟିଥିଲେ ।ସୋମବାର ଅତିରିକ୍ତ ସଚିବ ଜିଲାର ଭଟଲି ଓ ଅମ୍ବାଭୋନା ବ୍ଲକର ବିଭିନ୍ନ ଫାର୍ମପଣ୍ଡ, ଉଦ୍ୟାନ କୃଷିକ୍ଷେତ୍ର ପରିଦର୍ଶନ କରିଥିଲେ । ସେ ଅମ୍ବାଭୋନା ବ୍ଲକର ୪ଟି ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସଭ୍ୟାମାନଙ୍କୁ ଭେଟିଥିଲେ ଏବଂ କୃଷି ପ୍ରତି ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ୧୦ହଜାର ଟଙ୍କା ଲେଖାଏଁ ଅଗ୍ରୀମ ରାଶି ପ୍ରଦାନ କରିଥିଲେ। ମଙ୍ଗଳବାର ଜିଲାର ବାଲିଜୁରୀ ସମେତ ବିଜେପୁର, ସୋହେଲା ବ୍ଲକ ଅଞ୍ଚଳକୁ ସେ ଗସ୍ତ କରିଥିଲେ। ବାଲିଜୁରୀ ଗ୍ରାମର ଜଣେ ଆମ୍ବ ଚାଷୀ ଯମୁନା ମଲ୍ଲିକଙ୍କୁ ଭେଟିବା ସହିତ ତାଙ୍କ ଆମ୍ବ ବଗିଚା ଦେଖିଥିଲେ ଏବଂ ଯମୁନାଙ୍କୁ ଅତିରିକ୍ତ ସଚିବ ନାୟକ ପ୍ରୋତ୍ସାହିତ କରିଥିଲେ। ସେହିପରି ସୋହେଲା ବ୍ଲକର ଲେବିଡ଼ି, କନଗାଁ ପଞ୍ଚାୟତର ଡୁମ୍ବେରପାଲି ଆଦି ଅଞ୍ଚଳ ପରିଦର୍ଶନରେ ଯାଇ ଜୈବିକ କୃଷିକ୍ଷେତ୍ର, ଛତୁଚାଷ ବୁଲି ଦେଖିବା ସହିତ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ବିଜେପୁର ବ୍ଲକରେ ଉତ୍ପାଦିତ ହେଉଥିବା ମୁଗ, ବିରି, ପାମ୍ ପ୍ଲାଣ୍ଟେଶନ ମଧ୍ୟ ସେ ବୁଲି ଦେଖିଥିଲେ । ଏହି ପରିଦର୍ଶନ କାଳରେ ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ, କୃଷି ଅଧିକାରୀ ବୈକୁଣ୍ଠ ସାହୁ, ଉଦ୍ୟାନ ଅଧିକାରୀ ଗୋବିନ୍ଦ ସାହୁ, ସତ୍ୟବ୍ରତ ସାହୁ, ଦିଲୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ୨୬ରେ ନୂଆପଡ଼ାରୁ ରାଜଧାନୀକୁ ସାଇକେଲ ରାଲି

**ତରବୋଡ/ନୂଆପଡା ଅଫିସ, ୧୯।୧ (ଡି.ଏନ.ଏ.)**

**ଚାଷୀ ମାରଣ ନୀତି ପ୍ରତିବାଦ**

ନୂଆପଡା ଜିଲାର ଚାଷୀଙ୍କ ସମସ୍ୟା ଜଟିଳ ହେଉଛି । ଚାଷୀ ଶୋଷଣର ଶିକାର ହୋଇ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ନୂଆପଡାରୁ ଏକ ସାଇକେଲ ରାଲି ବାହାରି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଓ କୃଷୀମନ୍ତ୍ରୀଙ୍କୁ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୋମବାର ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ସିନାପାଲି ବ୍ଲକ ବରଗାଁ ପଞ୍ଚାୟତ ବଟୁପାଲି ବନ୍ୟା ଆଶ୍ରୟସ୍ଥଳିରେ ଅନୁଷ୍ଠିତ ବୈଠକରେ ସୂଚନା ଦେଇଛନ୍ତି ।

ସୂଚନାରୁ ପ୍ରକାଶ ଯେ, ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି ତାଣ୍ଡିଙ୍କ ନେତୃତ୍ୱରେ ଏକ ସାଇକେଲ ରାଲି ଖଡିଆଳ ବ୍ଲକ ଡୁଆଝର ସରକାରୀ ମଣ୍ଡିରୁ ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଭୁବନେଶ୍ୱର ଅଭିମୁଖେ ବାହାରିବ। ଏହି ସାଇକେଲ ରାଲିରେ ଜିଲାର ୫ଟି ବ୍ଲକ ଏବଂ ୩ଟି ଏନଏସି ଚାଷୀ ସାମିଲ ହୋଇ ଚାଷୀ ମାରଣାନୀତି ବିରୋଧରେ ସଂଗ୍ରାମ କରିବେ। ଜିଲାର ମୋଟ ୭୯ଟି ମଣ୍ଡିରେ ୨ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ପଡି ରହିଛି। ଜିଲାରେ ଚଳିତବର୍ଷ ୩୩,୭୪୧ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୧୯,୭୯୦ଜଣ ଚାଷୀଙ୍କ ଧାନ କିଣାଯାଇଛି। ଜିଲାରେ ମଣ୍ଡି ଆରମ୍ଭ ହେବା ଦିନଠାରୁ ହିଁ ଅଚଳାବସ୍ଥା ଦେଖାଦେଇଛି। କଟନୀ ଛଟନୀରୁ ଆରମ୍ଭ କରି ମାସ ମାସ ଧରି ଶୀତ କାକରରେ ଜଗି ରହିବା। ପ୍ରତିଦିନ ଲକ୍ଷ୍ୟ ପୂରଣ ଧାନ କ୍ରୟ ପରିମାଣକୁ ନିର୍ଦ୍ଧାରଣ କରାଯାଉ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫୦୦ ଟଙ୍କା କରାଯାଉ, ଧାନ କିଣିବା ଅବଧି ଫେବୃୟାରୀ ପର୍ଯ୍ୟନ୍ତ ବୃଦ୍ଧି, ଦଲାଲମାନଙ୍କ ପାଦୁର୍ଭାବ ମୁକ୍ତ କରାଯାଉ, ପ୍ରକୃତ ଚାଷୀ ଶୋଷଣର ଶିକାର ହୋଇ ଫେକ ଚାଷୀ ମାଲାମାଲ ହେଉଛନ୍ତି। ମିଲର୍ସ ଓ ପ୍ୟାକ୍ସ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ପ୍ରକୃତ ଚାଷୀ ଶୋଷଣର ଶିକାର ହେଉଥିବାରୁ ଏହାର ପ୍ରତିବାଦରେ ଏକ ସାଇକେଲ ରାଲି ନୂଆପଡା ଜିଲାରୁ ବାହାରି ଭୁବନେଶ୍ୱର ରାଜଧାନୀଠାରେ ମୁଖ୍ୟମନ୍ତ୍ରୀ ଓ କୃଷୀମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି ତାଣ୍ଡି ପ୍ରକାଶ କରିଛନ୍ତି। ବୈଠକରେ ଉପସଭାପତି ଅଳିଶା ତାଣ୍ଡି, ସିନାପାଲି ବ୍ଲକ ସଭାପତି ପଦ୍ମନାଭ ଜଗତ, ସମ୍ପାଦକ ଭୁଜବଳ ଜଗତ, କୋମନା ବ୍ଲକ ସଭାପତି ଅର୍ଜ୍ଜୁନ ଦୀପ, ଦିଲୀପ ଜଗତ, ଅଜିତ ବେହେରା, ରାଜେଶ ବେହେରା, ଲିଙ୍ଗରାଜ ଜାଲ, ଦୁଷ୍ମନ୍ତ ନିଆଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବଘିଆପଡା ମଣ୍ଡି ଘେରାଉ

**ବୌଦ୍ଧ,୧୯।୧(ସ୍ୱ.ପ୍ର.)**

ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବୌଦ୍ଧ ବ୍ଲକ ବଘିଆପଡା ମଣ୍ଡି ଘେରାଉ କରାଯାଇଥିଲା । ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ମଣ୍ଡିରେ ତାଲା ପକାଇ ପ୍ରାୟ ୪ ଘଣ୍ଟା ଘେରାଉ କରାଯାଇଥିଲା। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୃଷକ ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ବଘିଆପଡା ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା ଲାଗି ରହିଛି। ମଣ୍ଡି ସମ୍ମୁଖ ରାସ୍ତାରେ ଚାଷୀମାନେ ଧାନବସ୍ତା ୧୫ ଦିନ ହେଲା ରଖିଥିଲେ ମଧ୍ୟ ନେବାକୁ କୌଣସି ମିଲର ଆସୁନାହାନ୍ତି। ଏଫଏକ୍ୟୁ ଧାନକୁ ଖରାପ ଧାନ କହି କୁଇଣ୍ଟାଲ ପିଛା ୪ରୁ ୫ କିଲୋ କଟାଯାଉଛି । ଚାଷୀ ଧାନର ମାନ ପରୀକ୍ଷା ପାଇଁ କହିଲେ ଧାନ କିଣାଯିବ ନାହିଁ ବୋଲି ଧମକ ଦିଆଯାଉଥିବା ଅଭିଯୋଗ ହେଉଛି। ଏସବୁ ଅଭିଯୋଗ ପାଇବା ପରେ କୃଷକ ମୋର୍ଚ୍ଚା ସଦସ୍ୟମାନେ ମଣ୍ଡିକୁ ଘେରାଉ କରି ରଖିଥିଲେ। କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ, ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତାରାଣୀ ଦାଶ, ଚାଷୀନେତା ନରହରି ପ୍ରଦାନ,ସୁଶାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ୯ ଦଫା ଦାବିରେ ଗଣ୍ଡାବଜା କଳାକାରଙ୍କ ରାଲି

**ଝାରବନ୍ଧ, ୧୯।୧ (ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକର ଗଣ୍ଡାବଜା କଳାକାରମାନଙ୍କର ଏକ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳାକାରମାନେ ସ୍ଥାନୀୟ ଝାରବନ୍ଧ ବଜାରରୁ ପାରମ୍ପରିକ ଗଣ୍ଡାବାଦ୍ୟ ସହ ଦାବି ସମ୍ପର୍କିତ ପ୍ଲାକାର୍ଡ ଧରି ବ୍ଲକ ଅଫିସ୍‌ରେ ପହଞ୍ଚିଥିଲେ। ସେଠାରେ ବିଡିଓ ରୁନୁ ଲାକ୍ରାଙ୍କୁ ୯ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିଗୁଡିକ ମଧ୍ୟରେ ବ୍ଲକ ଓ ଜିଲାସ୍ତରରେ କଳାକାର ଚିହ୍ନଟ କରି କଳା, ସଂସ୍କୃତି ବିଭାଗ ତରଫରୁ ଆସୁଥିବା ସମସ୍ତ ସୁବିଧା ସୁଯୋଗ ଦେବା, ପୁରୁଷାନୁକ୍ରମେ ଚାଷ କରୁଥିବା ଜମି ରେକର୍ଡ ଭୁକ୍ତ କରି ପଟ୍ଟା ପ୍ରଦାନ, କଳାକାରମାନଙ୍କୁ ବସ୍, ରେଳ ସେବାରେ ଯାତାୟାତ ପାଇଁ ରିହାତି, କଳାକାର ନାମରେ ବେଆଇନ ଟଙ୍କା ଆଦାୟ ବନ୍ଦ, ୨୦୧୧ ଏସ୍‌ଇସିସି ଲିଷ୍ଟ ଅନୁସାରେ କଳାକାରମାନଙ୍କୁ ଆବାସ ଗୃହ ପ୍ରଦାନ ଆଦି ରହିଛି । ଗଣ୍ଡା ସମାଜ ସଭାପତି ଭୋଜରାଜ ବାଗ, ମଧୁମୟ କଳା ସଂସଦର ଅଧକ୍ଷ ମୋତିଲାଲ ବାଗ, ଯୁବ କଳାକାର ହର୍ଷବର୍ଦ୍ଧନ ଲୁହାର, ଅକ୍ଷୟ କୁମାର ବାଗ, ଦୌଲତ ତାଣ୍ଡିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ଅନ୍‌ଲାଇନ ଗୀତା ପାଠରେ ଛାତ୍ରୀଙ୍କ ସଫଳତା

**ଲୋଇସିଂହା,୧୯।୧(ଡି.ଏନ.ଏ)**

ଗୁଜୁରାଟ ରାଜ୍ୟର ସୁରତ ଜୟ ଜଗନ୍ନାଥ ଏଜୁକେଶନ ଟ୍ରଷ୍ଟ ଗୀତା ପ୍ରଚାର ମଣ୍ଡଳୀ ଆନୁକୂଲ୍ୟରେ ରାଷ୍ଟ୍ରୀୟସ୍ତରରେ ଅନଲାଇନ ଗୀତା ପାଠ ସ୍ୱର୍ଦ୍ଧା ଗତ ୨୭ ଡିସେମ୍ବରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୃତୀୟ ଶ୍ରେଣୀ ଛାତ୍ରୀ ତଥା କନ୍ଦାଜୁ ଗ୍ରାମର ମୁକୁନ୍ଦ ମୁରାରୀ ପଧାନଙ୍କ ଝିଅ ଶାଶ୍ୱତୀ ପଧାନ କନିଷ୍ଠ ବର୍ଗରେ ୨ୟ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି।

# ବାପାଙ୍କୁ ହତ୍ୟା କରି ପୁଅ ଧରାପଡ଼ିଲେ

**ଅମରପାଲି, ୧୯।୧(ଡି.ଏନ.ଏ.)**

**ପରିବାର ଲୋକେ ନାଳରେ ମୃତଦେହ ପୋତି ଦେଇଥିଲେ**

ସାମାନ୍ୟ ବଚସାରୁ ବାପାଙ୍କୁ ଶାବଳରେ ପିଟି ହତ୍ୟା କରିବା ଘଟଣାରେ ପୋଲିସ ମଙ୍ଗଳବାର ନାବାଳକ ପୁଅଙ୍କୁ ଧରିଛି। ବୀରମହାରାଜପୁର ଥାନା ପାଲିଗାଁରେ ଏହି ଘଟଣା ଘଟିଛି। ପାଲିଗାଁର ସମ୍ପୃକ୍ତ ବ୍ୟକ୍ତି ଜଣକ ଘର ଲୋକଙ୍କ ସହ ମିଶି ଇଟା ତିଆରି କରି ପରିବାର ଚଳାଉଥିଲେ। କୌଣସି କଥାକୁ ନେଇ ସୋମବାର ନାବାଳକ ପୁଅ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଉତ୍ୟକ୍ତ ହୋଇ ପୁଅ ଏକ ଶାବଳରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ପରିବାର ଲୋକେ କାହାକୁ କିଛି ନ ଜଣାଇ ଗାଁଠାରୁ ୩ କିମି ଦୂର ବାଞ୍ଜି ନାଳରେ ମୃତଦେହକୁ ପୋତି ଦେଇଥିଲେ। ବୀରମହାରାଜପୁର ପୋଲିସ ଖବର ପାଇ ମୃତକଙ୍କ ଘରକୁ ଯାଇ ପଚରାଉଚରା କରିଥିଲା। ପରିବାର ଲୋକେ ନାବାଳକ ପୁଅ ହତ୍ୟା କରିଥିବା କହିବା ସହିତ ମୃତଦେହକୁ ନାଳ ନିକଟରେ ପୋତି ଦେଇଥିବା କହିଥିଲେ। ପୋଲିସ ନାବାଳକଙ୍କୁ ଧରିବା ସହ ପୋତା ଯାଇଥିବା ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଥିବା ଏସ୍‌ଡିପିଓ ଧୀରୋଜ ଚୌପଦାର କହିଛନ୍ତି ।

## ଉର୍ସ ଉତ୍ସବ ପାଳନ ନେଇ ଶାନ୍ତି କମିଟି ବୈଠକ

**ତରଭା,୧୯।୧(ଡି.ଏନ.ଏ.):** ତରଭା ସୈୟଦ ଶାହା ଅବଦୁଲ ସକୁର ରେହମଦ ତୁଲ୍ଲା ଆଲେହେ ଓରଫ ଫକୀର ବାବାଙ୍କ ଶ୍ରାଦ୍ଧ ଉତ୍ସବ ପାଳନ ନେଇ ମସଜିଦ ମଜାର କମିଟି ଓ ଜିଲା ପ୍ରଶାସନ ତରଫରୁ ବ୍ଲକ ସଭାଗୃହରେ ଶାନ୍ତି କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ହେବାକୁ ଥିବା ଫକୀର ବାବାଙ୍କ ଉର୍ସ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଆଇଆଇସି ଡୋଳାମଣି ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ନିହାର ରଞ୍ଜନ କହଁର, ବିଡିଓ ଚିନ୍ମୟୀ କହଁର, ତହସିଲଦାର ତ୍ରିପୁରା ମହାନନ୍ଦ, ମସ୍‌ଜିଦ ମଜାର କମିଟି ସଭାପତି ସୁଲେମାନ ଖାନ୍, ଏନଏସି ଇଓ ଚିତ୍ତରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଟ୍ରାଫିକ ନିୟନ୍ତ୍ରଣ ପାଇଁ ତରଭା ହାଇସ୍କୁଲ ଖେଳପଡିଆରେ ପାର୍କିଂ କରିବାକୁ ନିଷ୍ପତ୍ତି ହୋଇଥିଲା ।

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper
Supervisors, Checkers, Loaders,
Drivers, Guards & Helpers
Quali : ୨୦ ପଢିନଥିବା + Graduate
Salary : 25000/- to 75000 + Bonus
+ Cab (ରହିବା + ଖାଇବା Free)
Call : 8743935882, 9990553472

**ଆବଶ୍ୟକ**
ହାର୍ଡୱାୟର/ସାନିଟାରି ଦୋକାନ, ଭୁବନେଶ୍ୱର ପାଇଁ ପିଲା ଦରକାର। ସର୍ବନିମ୍ନ ପାଠର ଯୋଗ୍ୟତା ୮ମ। ତୁରନ୍ତ ଯୋଗାଯୋଗ:
Ph.: 8093634404
9437287761

**ODISHA PUBLIC SERVICE COMMISSION**
**CUTTACK**
**NOTICE**
No. 430 / P.S.C., (1E-17-2020-21) (DR-II) Dt. 19.01.21
Website - http://www.opsc.gov.in

**No. D-148:-** It is for information of all concerned that the Commission have decided to conduct the written examination for recruitment to the post of Assistant Executive Engineer (Electrical), pursuant to Advertisement No. 10 of 2019-20 **on 07.02.2021 (Sunday)** as per the programme mentioned below. The detail programme of the written examination showing venue will be notified later in due course.

The date of the written examination on 07.02.2021 is tentative and likely to be changed considering the then instructions & guidelines issued by the Government for maintaining safety during conduct of examination in view of the Covid-19 pandemic situation. The candidates are advised to visit the website of OPSC regularly for the knowledge of conduct of the written examination.

**PROGRAMME OF WRITTEN EXAMINATION**

| Date | Session | Paper | Time |
|---|---|---|---|
| 07.02.2021 (Sunday) | 1st Session | Paper-I | 9.00 A.M. to 12.00 Noon (1.00 P.M. for PWD candidates) |
| | 2nd Session | Paper-II | 2.00 P.M. to 5.00 P.M. (6.00 P.M. for PWD candidates) |

OIPR-12002/11/0064/2021
Sd./- Secretary

**OFFICE OF THE DISTRICT PROJECT COORDINATOR, SAMAGRA SIKSHA, KANDHAMAL**
No.124/GE/21 Dated 18.01.2021
**NOTICE FOR UNAUTHORISED ABSENT IN DUTY**

Smt. Puspanjali Panda, D/o: Bipin Bihari Panda of village Ranapatuli under Khajuripada Block of Kandhamal district working as Part Time Teacher, KGBV, Khajuripada has been remaining on leave from 01.07.2019 to 01.02.2020 and remained unauthorised absent in duties from 02.02.2020 onwards for which 2 Nos. of show cause Notices i.e. Notice No.65 Dated 10.01.2020 & 2621 dated 23.11.2020 have been issued to her permanent address which were not received by Smt. Panda.

However, she is hereby once again given an opportunity to report before the District Project Coordinator, Samagrasiksha, Kandhamal within 15 days from the date of publication of this notice, failing which she shall be disengaged from the job.

Sd./- District Project Coordinator
Samagrasiksha, Kandhamal

**ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪**

**ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୯, ୨୦୨୦ ଓ ୨୦୨୧ ବର୍ଷ ପାଇଁ ପୁସ୍ତକ ଦାଖଲ**

୨୦୧୯ ମସିହା (୨୦୧୬, ୨୦୧୭ ଓ ୨୦୧୮ ମସିହାରେ ପ୍ରକାଶିତ ପୁସ୍ତକ), ୨୦୨୦ ମସିହା (୨୦୧୭,୨୦୧୮ ଓ ୨୦୧୯ ମସିହାରେ ପ୍ରକାଶିତ ପୁସ୍ତକ) ଓ ୨୦୨୧ ମସିହା (୨୦୧୮,୨୦୧୯ ଓ ୨୦୨୦ ମସିହାରେ ପ୍ରକାଶିତ ପୁସ୍ତକ) ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ନିମନ୍ତେ ପାଠକ, ଲେଖକ ଓ ପ୍ରକାଶକଙ୍କ ନିକଟରୁ ଓଡ଼ିଆ ଭାଷାର ନିମ୍ନ ବିଭାଗରେ ପ୍ରକାଶିତ ପୁରସ୍କାର ଉପଯୋଗୀ ପ୍ରଥମ ସଂସ୍କରଣ ପୁସ୍ତକ ଗୁଡ଼ିକର ନାମ ପ୍ରସ୍ତାବ ବିଚାର ପାଇଁ ଆହ୍ୱାନ କରାଯାଉଅଛି । ଏଥିପାଇଁ ପ୍ରସ୍ତାବକ ପ୍ରଦତ୍ତ ପ୍ରୋଫର୍ମାରେ ପ୍ରସ୍ତାବିତ ପୁସ୍ତକର ତିନିକିତା ସହିତ ଆବେଦନ କରିବାକୁ ଅନୁରୋଧ ।

**ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ** ୧. ଉପନ୍ୟାସ , ୨. ଗଳ୍ପ , ୩. କାବ୍ୟ-କବିତା , ୪. ନାଟକ ଓ ଏକାଙ୍କିକା , ୫. ପ୍ରବନ୍ଧ ଓ ସମାଲୋଚନା , ୬. ଜୀବନୀ ଓ ଭ୍ରମଣ ସାହିତ୍ୟ, ୭. ଅନୁବାଦ ସାହିତ୍ୟ (ଅନ୍ୟ କୌଣସି ଭାରତୀୟ ଭାଷାରୁ ଓଡ଼ିଆ ଭାଷାକୁ ଅନୂଦିତ ପୁସ୍ତକ), ୮. ଶିଶୁ-ସାହିତ୍ୟ, ୯. ଗୀତିକବିତା, ୧୦.ଐତିହାସିକ ଗବେଷଣା, ୧୧. ବିଜ୍ଞାନ ସାହିତ୍ୟ ।

**ଏହି ପୁରସ୍କାର ପାଇଁ ନିମ୍ନ ପର୍ଯ୍ୟାୟଭୁକ୍ତ ପୁସ୍ତକ ଗୁଡ଼ିକ ଯୋଗ୍ୟ ବିବେଚିତ ହେବ ନାହିଁ :**

● ବିଚାରକାଳ ମଧ୍ୟରେ ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ରହିଥିବା ଲେଖକଙ୍କର ପୁସ୍ତକ ● କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଜ୍ଞାନପୀଠ ପୁରସ୍କୃତ ପୁସ୍ତକ ● ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକଙ୍କ ପୁସ୍ତକ ● କୌଣସି ପୁସ୍ତକର ଛାୟାରେ ଲିଖିତ ପୁସ୍ତକ ● ଅସମ୍ପୂର୍ଣ୍ଣ ପୁସ୍ତକ ● ପୁରସ୍କାର କାଳ ପରିଧି ବହିର୍ଭୂତ ପୁସ୍ତକ ଏବଂ ତାହାର ପୁନର୍ମୁଦ୍ରିତ ସଂସ୍କରଣ କିମ୍ବା ସଂକଳନ। (ଯଦି କୌଣସି ପୁନର୍ମୁଦ୍ରିତ ପୁସ୍ତକର ଶତକଡ଼ା ୬୦ ଭାଗ ନୂତନ ସଂଯୋଜନ ହୋଇଥାଏ ତେବେ ଉକ୍ତ ପୁସ୍ତକ ବିଚାରଭୁକ୍ତ ହେବ) ● କୌଣସି ଡିଗ୍ରୀପ୍ରାପ୍ତି ପାଇଁ ରଚିତ ସଂଦର୍ଭ।

ଆଗ୍ରହୀ ପାଠକ, ଲେଖକ ଓ ପ୍ରକାଶକମାନେ ସେମାନଙ୍କ ପୁସ୍ତକ ଗୁଡ଼ିକର ନାମ ପ୍ରସ୍ତାବ ନିମ୍ନ ପ୍ରଦତ୍ତ ପ୍ରୋଫର୍ମାରେ ତିନିକିତା ପୁସ୍ତକ ସହିତ ବର୍ଷ ଅନୁଯାୟୀ ପୃଥକ ପୃଥକ ଭାବେ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ସରକାରୀ ଛୁଟିଦିନ ବ୍ୟତୀତ ତା. ୨୨.୦୧.୨୦୨୧ରିଖ ରୁ ତା ୨୦.୦୨.୨୦୨୧ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଯେଉଁ ପୁସ୍ତକଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନଥିବ ସେଗୁଡ଼ିକ ବିଚାର ପରିସରଭୁକ୍ତ ହେବ ନାହିଁ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବିଭାଗରେ ପୁସ୍ତକର ନାମ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ଏକାଧିକ ଫର୍ମରେ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବାକୁ ଅନୁରୋଧ। ଏହି ଶେଷ ତାରିଖ ପରେ ଏକାଡେମୀର ହସ୍ତଗତ ହୋଇଥିବା ପ୍ରସ୍ତାବଗୁଡ଼ିକ ବିଚାର ପରିସରଭୁକ୍ତ ହେବ ନାହିଁ। ଉକ୍ତ ବିଜ୍ଞାପନଟି ଏକାଡେମୀ ଓ୍ୱେବସାଇଟ www.odishasahityaakademi.org ରେ ଉପଲବ୍ଧ ।

ପ୍ରୋଫର୍ମା
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର -୨୦୧୯ (୨୦୧୬, ୨୦୧୭ ଓ ୨୦୧୮ ମସିହା ରେ ପ୍ରକାଶିତ)
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର -୨୦୨୦ (୨୦୧୭, ୨୦୧୮ ଓ ୨୦୧୯ ମସିହାରେ ପ୍ରକାଶିତ )
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର -୨୦୨୧ (୨୦୧୮, ୨୦୧୯ ଓ ୨୦୨୦ ମସିହାରେ ପ୍ରକାଶିତ )

୧. ପୁସ୍ତକର ନାମ , ୨. ଲେଖକ / ଲେଖିକାଙ୍କ ନାମ, ଠିକଣା ଓ ଫୋନ୍ ନଂ, ୩. ପ୍ରକାଶକଙ୍କ ନାମ ଠିକଣା ଓ ଫୋନ୍ ନଂ. ୪. କେଉଁ ବିଭାଗର ପୁସ୍ତକ, ୫. ପୁସ୍ତକର ଆକୃତି ଓ ପୃଷ୍ଠା ସଂଖ୍ୟା, ୬. ପୁସ୍ତକର ମୂଲ୍ୟ, ୭. ପୁସ୍ତକର ପ୍ରଥମ ପ୍ରକାଶନ ସମୟ : (ପୁନର୍ମୁଦ୍ରିତ ସଂସ୍କରଣ / ସଂକଳନ କ୍ଷେତ୍ରରେ ପ୍ରଥମ ମୁଦ୍ରଣ ପୁସ୍ତକର ଏକକିତା ନକଲ ସହ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକୁ ଅନୁରୋଧ ।), ୮. ପ୍ରସ୍ତାବିତ ପୁସ୍ତକ ସମ୍ବନ୍ଧରେ ଉଲ୍ଲିଖିତ ଉପରୋକ୍ତ ସମସ୍ତ ତଥ୍ୟ ଠିକ୍ ଅଟେ।

ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା ଓ ଫୋନ ନଂ.